# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୨୬/୨୦୨୧ (୨୦ ପୃଷ୍ଠା) | Bhubaneswar, Tuesday, January 26/2021 | ★★★★★★

୪୭ଶ ଭାଗ ୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-


**ଧରିତ୍ରୀର ଛୁଟି**

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୨୬ ତାରିଖ ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ୨୮ ତାରିଖ ସକାଳେ ପ୍ରକାଶ ପାଇବ।

**ଆଜିର ସମ୍ପାଦକୀୟ**

ଆଇନର ବ୍ୟାଖ୍ୟାନ

# ନାକୁ ଲା'ରେ ସଂଘର୍ଷ: ଭାରତ, ଚାଇନା ସୈନ୍ୟ ଆହତ

**ନୂଆଦିଲ୍ଲୀ, ୨୫।୧**

ପୂର୍ବ ଲଦାଖ ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍ଏସି) ଅଞ୍ଚଳରେ ଗତବର୍ଷ ମେ'ରୁ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ଦୁଇଥର ଏହା ସଂଘର୍ଷର ରୂପ ନେଲାଣି। ଉତ୍ତର ସିକିମ୍ର ନାକୁ ଲା ଠାରେ ଉଭୟ ସୈନ୍ୟଙ୍କ ମଧ୍ୟରେ ଗତ ସପ୍ତାହରେ ସଂଘର୍ଷ ହୋଇଥିଲା। ଏଥିରେ ଦୁଇ ପକ୍ଷର ଅନେକ ଯବାନ ଆହତ ହୋଇଥିଲେ। ଗତ ୨୦ ତାରିଖରେ ହୋଇଥିବା ଏହି ସଂଘର୍ଷକୁ ଛୋଟକାଟର ମୁହାଁମୁହିଁ ସ୍ଥିତି ବୋଲି ଭାରତୀୟ ସେନା କହିବା ସହ ସ୍ଥାନୀୟ କମାଣ୍ଡର ସ୍ତରରେ ଏହାର ସମାଧାନ ହୋଇଯାଇଥିବା ସୂଚନା ଦେଇଛି। ଗତବର୍ଷ ଜୁନ୍ରେ ଗଲୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ନିର୍ମାଣ ଉଦ୍ୟମକୁ ଭାରତୀୟ ଯବାନମାନେ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏହି ସଂଘର୍ଷରେ ଭାରତର ୨୦ ଯବାନ ଶହୀଦ ହେବା ସହ କେତେଜଣ ଆହତ ହୋଇଥିଲେ। ତେବେ ଚାଇନା ପକ୍ଷର କେତେ ସୈନ୍ୟ ମୃତାହତ ହୋଇଥିଲେ ତାହା ଜଣାପଡ଼ିନାହିଁ।

ମିଳିଥିବା ସୂଚନା ଅନୁଯାୟୀ ଗତ ୨୦ ତାରିଖରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମୀ (ପିଏଲ୍ଏ) ସୈନ୍ୟ ନାକୁ ଲା'ଠାରେ ଭାରତୀୟ ଅଞ୍ଚଳ ମଧ୍ୟରେ ଅନୁପ୍ରବେଶ ଉଦ୍ୟମ କଲାବେଳେ ଭାରତୀୟ ଯବାନମାନେ ଏହାକୁ ଚ୍ୟାଲେଞ୍ଜ କରିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ହାତାହାତି ହୋଇଥିଲା। ତେବେ କୌଣସି ପକ୍ଷ ଗୁଳି ଚଳାଇ ନ ଥିଲା। ସେଠାରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ସେନାବାହିନୀ ପକ୍ଷରୁ କୁହାଯାଇଛି। ବିବାଦୀୟ ସୀମାରେ ଶାନ୍ତି ବଜାୟ ରଖିବାକୁ ଚାଇନା ସେନା ପ୍ରତିଶ୍ରୁତିବଦ୍ଧ ବୋଲି ସୋମବାର ବେଜିଂ କହିଛି।


**ସାଧାରଣତନ୍ତ୍ର ଦିବସ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ସାଧାରଣତନ୍ତ୍ର ଦିବସ – ୨୦୨୧ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ ଏବଂ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-72 OIPR-15001/13/0117/2021

**ସାଧାରଣତନ୍ତ୍ର ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଏବଂ ସବୁ ବର୍ଗର କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଆପଣମାନଙ୍କର ସହଯୋଗ କାମନା କରୁଛି।

ଆସନ୍ତୁ, ଏକ ସଶକ୍ତ, ସମୃଦ୍ଧ ଓ ସ୍ୱାଭିମାନୀ ଓଡ଼ିଶା ଗଠନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ରହି କାମ କରିଚାଲିବା। ଦେଶର ସମୃଦ୍ଧିରେ ନିଜର ଯୋଗଦାନ ଦେଇ ଭାରତକୁ ଆହୁରି ଶକ୍ତିଶାଳୀ କରିବା।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-72 OIPR-15001/13/0117/2021

**ସାଧାରଣତନ୍ତ୍ର ଦିବସ ଅବସରରେ ବାର୍ତ୍ତା**

ପବିତ୍ର ୭୨ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମୁଁ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଭାରତର ଏକତା ଓ ସଂହତି ରକ୍ଷା ସହିତ ଆମ ରାଜ୍ୟକୁ ଦେଶର ଏକ ଅଗ୍ରଗଣ୍ୟ ରାଜ୍ୟ ଭାବେ ଗଢ଼ିତୋଳିବା ନିମନ୍ତେ ସମସ୍ତେ ଆନ୍ତରିକ ଉଦ୍ୟମ କରିବାକୁ ମୁଁ ବିନମ୍ର ନିବେଦନ କରୁଛି।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-72 OIPR-15001/13/0117/2021





GD Symbol of Trust
No.1 Retail Chain Stores
GREAT REPUBLIC DAY SALE
LAST DAY
No.1 Store in Eastern Zone
CASHBACK UPTO Rs. 20,000/-*
FINANCE ALSO AVAILABLE HERE
ALL CREDIT & DEBIT CARDS ACCEPTABLE
NOW ASK FOR Additional Warranty with Company Warranty
ମାତ୍ର 26/- ଟଙ୍କା ଦେଇ ଜିନିଷ କିଣନ୍ତୁ, 26 ମାସରେ ଶୁଝନ୍ତୁ
FLAT 45% OFF ON AC
WITH CASH BACK VOUCHER UPTO Rs. 6000/-
1.5 Ton 3 star Inverter
Carrier
VOLTAS
HITACHI Inspire the Next
DAIKIN
ଅପେକ୍ଷା କରନ୍ତୁ !
ଆମେ ଆସୁଅଛୁ ଆପଣଙ୍କ ସହର
ଅନୁଗୁଳ
NH-55, KANDASAR, NALCO NAGAR (NEAR KARGIL PETROL PUMP)
ପ୍ରତ୍ୟେକ କ୍ରୟ ଉପରେ ପାଇପାରିବେ ହୋଲସେଲ୍ ମୂଲ୍ୟ ଏବଂ ସହଜ କିସ୍ତି ସହ ଆକର୍ଷଣୀୟ ଉପହାର
ONLY FOR DIGITAL PRODUCT
FLEXI LONG TERM SCHEME*
ZERO DOWN PAYEMENT*
UPTO 50% CASH BACK*
BUY 01 GET 01 FREE*
ONE EMI FREE*
"NO" FOR ONLINE...
"YES" FOR OFFLINE
"TOUCH 'N' FEEL UNBELIEVABLE PRICE NEW ONE FOR YOU"
EMI NET WORK
THE WAY TO PAY
NO PHYSICAL DOCUMENTATION
PAPERLESS FINANCE
ZERO DOWN PAYMENT
DIGITAL EMI CARD
LOWEST EMI OPTIONS
GIFTS ON EVERY PURCHASE
1 EMI FREE
BIG DAY BIG SALE PRICE STARTS @ ₹10490/-
BIG DAY BIG SALE PRICE STARTS @ ₹3999/-
BIG DAY BIG SALE PRICE STARTS @ ₹7990/-
BIG DAY BIG SALE PRICE STARTS @ ₹4490/-
HOME APPLIANCES
MOBILE PHONE
LAPTOP
PRINTER
VISIT NOW AT OUR SAHEED NAGAR BRANCH FOR PROJECTOR LIVE DEMO
LCD PROJECTOR
CAMERA, HOME THEATER, HEAD PHONE
UPTO........... 60% OFF*
FURNITURE COMBO PRICE ₹55,990/-
This COMBO PRICE OFFERS can be BOOKED at ALL OVER OUR STORES
GUPTA FURNITURE Available at (CDA) CUTTACK, KALAPATHAR, JAGATSINGHPUR, NIMAPADA, NAYAGARH, BALUGAON & JAJPUR TOWN
Odisha's most trusted Electronics, Home Appliances & Digital Products Dealer Since 1972
GUPTA DISTRIBUTORS
No.1 Retail Chain Stores
LG SONY SAMSUNG Panasonic Kelvinator Godrej Whirlpool HITACHI VOLTAS BLUE STAR DAIKIN BAJAJ Carrier LLOYD IFB
ONEPLUS oppo vivo SAMSUNG mi realme hp DELL ASUS acer EPSON JBL Nikon Canon
KUTCHINA LUMINOUS CARE HAVELLS Haier BOSCH AO Smith MITSUBISHI ELECTRIC Butterfly EUREKA FORBES USHA STANDARD V-GUARD GLEN KENT
BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, DIGITAL STORE- Tinikonia Bagicha, Mob: 7008989313, CDA, Near Judicial Academy (Utkal Hyundai), Mob: 7008989312, PURI- VIP Road, Jhadeswari Chhack, Mob: 7008989310, JATNI- Near Axix bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, ODOGAON- Studio Chhack, Main Road, Mob: 9438076064, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, GUPTA FURNITURE PLAZA, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP– Dochaaki, Udaybata, Mob: 7008989316, BARIPADA – Near Roxy Cinema Hall, Mob: 7008989347
*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only/CASH BACK IS SUBJECT TO BANK T&C

# ଧରିତ୍ରୀ
DHARITRI

ମଙ୍ଗଳବାର, ଜାନୁୟାରୀ ୨୬/୨୦୨୧ | Tuesday, January 26/2021 | ପୃଷ୍ଠା-୧




**ମହମ୍ମଦ ସୋହେଲଙ୍କ ଶତକ**

କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଶତକ ହାସଲ କରିଛନ୍ତି ଯାଜପୁର ଦଳର ମହମ୍ମଦ ସୋହେଲ। ୧୫

୧୦ **କ୍ରିକେଟରଙ୍କ ପ୍ରେମରେ ଆଥିୟା**

ବଲିଉଡ ଅଭିନେତ୍ରୀ ଆଥିୟା ସେଟ୍ଟି ତାଙ୍କ ଲଭ ଆଫେୟାରକୁ ନେଇ ସବୁବେଳେ ଚର୍ଚ୍ଚାରେ। ତାଙ୍କ ନାଁ ଏବେ କ୍ରିକେଟର କେ. ଏଲ ରାହୁଲଙ୍କ ସହ ଯୋଡି ହୋଇରହିଛି।








# ୬ ଓଡ଼ିଆଙ୍କୁ ପଦ୍ମ

- ଦେଶରେ ୭ ଜଣଙ୍କୁ ପଦ୍ମବିଭୂଷଣ
- ୧୦ ପଦ୍ମଭୂଷଣ, ପଦ୍ମଶ୍ରୀ ୧୦୨

## ସୁଦର୍ଶନ ସାହୁ ପାଇବେ ପଦ୍ମବିଭୂଷଣ



ସୁଦର୍ଶନ ସାହୁ



ଶାନ୍ତି ଦେବୀ



ପୂର୍ଣ୍ଣମାସୀ ଜାନି



ନନ୍ଦ ପୃଷ୍ଟି



ରଜତ କୁମାର କର



କୃଷ୍ଣମୋହନ ପାଠୀ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

୨୦୨୧ ବର୍ଷ ପାଇଁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ପୁରସ୍କାର ଘୋଷଣା କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତାଲିକାରେ ଏଥର ୬ ଜଣ ଓଡ଼ିଆ ପଦ୍ମ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଚଳିତବର୍ଷ ପାଇଁ ଦେଶରେ ୭ ଜଣଙ୍କୁ ପଦ୍ମବିଭୂଷଣ ଦିଆଯିବାକୁ ଘୋଷଣା କରାଯାଇଥିବା ବେଳେ ସେଥିରେ ଅଛନ୍ତି ଓଡ଼ିଶାର ସ୍ଥପତି ସୁଦର୍ଶନ ସାହୁ। ସେହିଭଳି ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରୁ ରଜତ କୁମାର କର ଏବଂ ନନ୍ଦ ପୃଷ୍ଟି, ସମାଜସେବା କ୍ଷେତ୍ରରୁ ଶାନ୍ତି ଦେବୀ, ଲୋକକଳା କ୍ଷେତ୍ରରୁ ☞ପୃଷ୍ଠା-୨

# ମହାମାରୀ ବେଳେ ମାଲାମାଲ

## ୩୫% ବଢ଼ିଛି ଅତିଧନୀଙ୍କ ସମ୍ପତ୍ତି

**ନୂଆଦିଲ୍ଲୀ,୨୫।୧**

ଲକ୍‌ଡାଉନ ସମୟରେ ଭାରତୀୟଙ୍କ ମଧ୍ୟରେ ଆୟ ଅସମାନତା ଆହୁରି ବଢ଼ିଛି। ବିଶେଷ କରି ମାଲାମାଲ ହୋଇଛନ୍ତି ବିଲିୟନେୟାର ବା ଅତିଧନୀ। ସେମାନଙ୍କ ସମ୍ପତ୍ତି ୩୫% ବଢ଼ିଥିବା ସାମାଜିକ ଅନୁଷ୍ଠାନ ଅକ୍ସଫାମ୍ ପକ୍ଷରୁ ସୋମବାର ପ୍ରକାଶିତ ରିପୋର୍ଟରେ ପ୍ରକାଶ ପାଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ, ଅନେକ ଲୋକ ଚାକିରି ହରାଇଥିବା ବେଳେ ସ୍ୱାସ୍ଥ୍ୟ ଏବଂ ପରିମଳ ସୁବିଧା ପାଇବାରୁ ଭାରତର ଅନେକ ଲୋକ ବଞ୍ଚିତ ହୋଇଛନ୍ତି। ସମାଜର ନିମ୍ନ ସ୍ତର ଏବଂ ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଲୋକଙ୍କ ସମସ୍ୟା ମହାମାରୀ ଯୋଗୁ ବେଶି ବିଗିଡିଥିବା ରିପୋର୍ଟରେ ଦର୍ଶାଯାଇଛି।

'ଦ ଇନିକ୍ୱାଲିଟି ଭାଇରସ୍' ଶୀର୍ଷକ ଏହି ରିପୋର୍ଟରେ ଦେଶର ୮୪% ପରିବାରର ଆୟ ହ୍ରାସ ହୋଇଥିବା ଉଲ୍ଲେଖ ରହିଛି। ୨୦୨୦ ଏପ୍ରିଲରେ ଘଣ୍ଟା ପ୍ରତି ପ୍ରାୟ ୧.୭ ଲକ୍ଷ ଲୋକ ଚାକିରି ହରାଇଛନ୍ତି। ଲକ୍‌ଡାଉନ୍ ଘୋଷଣା ପରେ ମାର୍ଚ୍ଚ ୨୦୨୦ ପରଠାରୁ ଦେଶର ୧୦୦ ଅତିଧନୀଙ୍କ ସମ୍ପତ୍ତି ଦ୍ରୁତ ବୃଦ୍ଧି ଘଟିଛି। ଏହି ଧନୀଙ୍କ ପାଖରେ ଏତେ ଅର୍ଥ ରହିଛି ଯେ, ସାରା ଦେଶର ୧୩.୮ କୋଟି ଅତି ଗରିବଙ୍କୁ ଏମାନେ ବ୍ୟକ୍ତି ପିଛା ୯୪,୦୪୫ କୋଟି ଟଙ୍କା ଲେଖାଏ ପ୍ରଦାନ କରିପାରିବେ। ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"କୃଷକମାନଙ୍କ ଟ୍ରାକ୍ଟର ରାଲି ଯୋଗୁ ସରକାର ଚାପରେ ନାହାନ୍ତି। କେନ୍ଦ୍ର ସର୍ବଦା ଚାଷୀଙ୍କ ସହ ଅଛି।

– ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷିମନ୍ତ୍ରୀ







## ଗଲଓ୍ୱାନ ହିରୋ କଲୋନେଲ୍ ସନ୍ତୋଷଙ୍କୁ ମହାବୀର ଚକ୍ର

**ନୂଆଦିଲ୍ଲୀ, ୨୫।୧:** ଗତବର୍ଷ ଜୁନ୍‌ରେ ଚାଇନା ସୈନ୍ୟଙ୍କ ସହ ଗଲଓ୍ୱାନ ଉପତ୍ୟକାରେ ହୋଇଥିବା ସଂଘର୍ଷରେ ଭାରତୀୟ ସେନାର ନେତୃତ୍ୱ ନେଇ ଦୁଃସାହସିକତା ପ୍ରଦର୍ଶନ କରିଥିବା କଲୋନେଲ ବିକୁମାଲା ସନ୍ତୋଷ ବାବୁଙ୍କୁ ମରଣୋତ୍ତର ଭାବେ ଦ୍ୱିତୀୟ ସର୍ବୋଚ୍ଚ ସାମରିକ ପୁରସ୍କାର ମହାବୀର ଚକ୍ର ପ୍ରଦାନ ଲାଗି ମନୋନୀତ କରାଯାଇଛି। ଉକ୍ତ ସଂଘର୍ଷରେ ଶହୀଦ ହୋଇଥିବା ୪ ଜଣ ସୁବେଦାରଙ୍କୁ ମରଣୋତ୍ତର ଭାବେ ବୀର ଚକ୍ର ପ୍ରଦାନ କରାଯିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..................................



ଆରିୟମିତ୍ର
ପରିବାରବର୍ଗ



ଅରୋଜିତ୍
ପରିବାରବର୍ଗ



ପ୍ରୟାସ
ପରିବାରବର୍ଗ



ପୁଷ୍ପଲତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ସ୍ଥାୟୀ ଭାବେ ନିଷିଦ୍ଧ ହେଲା ଟିକ୍‌ଟକ୍ ସମେତ ୫୯ ଚାଇନା ଆପ୍

**ନୂଆଦିଲ୍ଲୀ, ୨୫।୧**

ଟିକ୍‌ଟକ୍, ବାଇଡୁ, ୱିଚାଟ୍, ଆଲିବାବାର ୟୁସି ବ୍ରାଉଜର, ଶପିଂ ଆପ୍ କ୍ଲବ୍ ଫ୍ୟାକ୍ଟ୍ରୀ, ଏମ୍‌ଆଇ ଭିଡିଓ କଲ୍ (ସାଓମି) ଏବଂ ବିଗୋ ଲାଇଭ୍ ସମେତ ୫୯ଟି ଚାଇନା ଆପ୍‌କୁ ଭାରତ ସରକାର ସ୍ଥାୟୀ ଭାବେ ନିଷିଦ୍ଧ କରିଦେଇଛନ୍ତି। ଗତବର୍ଷ ଜୁନ୍‌ରୁ ଡିସେମ୍ବର ମଧ୍ୟରେ ମୋଟ ୨୬୭ଟି ଆପ୍‌କୁ ବ୍ୟାନ୍ କରାଯାଇଥିଲା। ସ୍ଥାୟୀ ଭାବେ ବ୍ୟାନ୍ ହୋଇଥିବା ଆପ୍‌ଗୁଡ଼ିକୁ ଭାରତୀୟ ଇଣ୍ଟରନେଟ ସ୍ପେସ୍‌ରୁ ହଟାଇ ଦିଆଯାଇଛି। ଦେଶର ସାର୍ବଭୌମତ୍ୱ ଓ ସଂହତି ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୯କ ଅଧୀନରେ ଚାଇନା ଆପ୍ ବିରୋଧରେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ୬ ଓଡ଼ିଆଙ୍କୁ ପଦ୍ମ...

ପୂର୍ଣ୍ଣମାସୀ ଜାନି ଏବଂ ଭେଷଜ(ମେଡିସିନ୍)ରୁ କୃଷ୍ଣମୋହନ ପାଠୀ ପଦ୍ମଶ୍ରୀ ଉପାଧି ପାଇବାକୁ ମନୋନୀତ ହୋଇଛନ୍ତି। ୧୯୩୯ ମାର୍ଚ୍ଚ ୧୧ରେ ପୁରୀ ଜିଲାରେ ଜନ୍ମଗ୍ରହଣ କରିଥିବା ସୁଦର୍ଶନ ସାହୁ ସ୍ଥାପତ୍ୟ କଳା କ୍ଷେତ୍ରରେ ଦେଶ ଓ ବିଦେଶରେ ଖ୍ୟାତି ଅର୍ଜନ କରିଛନ୍ତି। ଓଡ଼ିଶାର ପାରମ୍ପରିକ ଭାସ୍କର୍ଯ୍ୟ କଳାର ପ୍ରଚାର ପ୍ରସାର ଦିଗରେ ତାଙ୍କର ପ୍ରମୁଖ ଅବଦାନ ରହିଛି। ରାଜ୍ୟ ଓ ଜାତୀୟ ପୁରସ୍କାର ସହ ଶିଳ୍ପୀଗୁରୁ ସମ୍ମାନ ଲାଭ କରିଥିବା ସାହୁ ନିକଟରେ ମୁମ୍ବାଇର ଏକ ପାର୍କରେ ୧୦୧ ଫୁଟ ଉଚ୍ଚତା ବିଶିଷ୍ଟ ବୁଦ୍ଧ ପ୍ରତିମୂର୍ତ୍ତି ନିର୍ମାଣ କରି ଚର୍ଚ୍ଚାକୁ ଆସିଥିଲେ। ଦୀର୍ଘ ୬ ଦଶନ୍ଧି ମଧ୍ୟରେ ସେ ୨୫୦ରୁ ଊର୍ଦ୍ଧ୍ୱ ସ୍ଥାପତି ସୃଷ୍ଟି କରିଥିବା ବେଳେ ତାଙ୍କ କଳାକୃତି ରାଜ୍ୟ ଏବଂ ଦେଶ ବାହାରେ ଶୋଭାପାଉଛି। ସ୍ଥାପତ୍ୟକଳା କ୍ଷେତ୍ରରେ ତାଙ୍କର ଅବଦାନ ଲାଗି ୧୯୮୮ ମସିହାରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ପଦ୍ମବିଭୂଷଣ ପାଇବାକୁ ମନୋନୀତ ହେବା ଅବସରରେ ସେ କହିଛନ୍ତି, ପୁରସ୍କାର ପାଇଁ କେବଳ ମୁଁ ନୁହେଁ, ସାରା ଦେଶ ଖୁସି। ଭାରତରେ ଅନେକ କଳାପ୍ରେମୀ ଅଛନ୍ତି, ଯେଉଁମାନେ କଳାକୁ ବଞ୍ଚାଇ ରଖିଛନ୍ତି। କଳା, କାରିଗରୀ ଶିଖିବା ବେଳେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲି। ଅନ୍ୟମାନେ ଯେପରି ଏପରି ଅସୁବିଧା ନ ଭୋଗନ୍ତୁ ତାହା ଚାହୁଁଛି। ମୋ କଳାକୃତିକୁ ସ୍ୱୀକୃତି ମିଳିଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଚିର ଋଣୀ ବୋଲି ସେ କହିଛନ୍ତି।

କନ୍ଧମାଳ ଜିଲାର ପୂର୍ଣ୍ଣମାସୀ ଜାନି ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଗୀତ ରଚନା କରିଛନ୍ତି। ୧୯୪୪ରେ ଜନ୍ମିତ ପୂର୍ଣ୍ଣମାସୀ ସମ୍ପୂର୍ଣ୍ଣ ନିରକ୍ଷର ଥିଲେ ମଧ୍ୟ ସମସ୍ତ ପୁରାଣ, ଶାସ୍ତ୍ର ଓ ପୋଥି ତାଙ୍କ ମୁହଁରେ ରହିଛି। ତାଙ୍କର ୬ ସନ୍ତାନ। ସମସ୍ତଙ୍କର ଦେହାନ୍ତ ହୋଇଯିବାରୁ ସେ ସନ୍ନ୍ୟାସିନୀ ଜୀବନକୁ ଆପଣାଇ ନେଇଥିଲେ। ଜଙ୍ଗଲର ଏକ ଗୁମ୍ଫାରେ ରହି ସନ୍ଥ ଜୀବନ ବିତାଇବା ସହ ଓଡ଼ିଶାର ଲୋକସଙ୍ଗୀତ ପରମ୍ପରାକୁ ଉଜ୍ଜୀବିତ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେହିଭଳି ୧୯୩୪ ଏପ୍ରିଲ ୧୮ରେ ଜନ୍ମିତ ଶାନ୍ତି ଦେବୀ ଗୁଣୁପୁରରେ ଏକ ଆଶ୍ରମ ପ୍ରତିଷ୍ଠା କରି ସେଠାରେ ଅନାଥ ଶିଶୁଙ୍କୁ ରଖିବା ସହ ସେମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ଜଣେ ସଂସ୍କୃତି ବିଶାରଦ ସହ ରଥଯାତ୍ରା ଉଦ୍‌ଘୋଷକଭାବେ ରଜତ କୁମାର କରଙ୍କର ବିଶେଷ ଖ୍ୟାତି ରହିଛି।

ଗଞ୍ଜାମ ଜିଲା ବ୍ରହ୍ମପୁରର ଭେଷଜ ବିଶେଷଜ୍ଞ ଡା. କୃଷ୍ଣମୋହନ ପାଠୀଙ୍କର ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଦୀର୍ଘ ୪୦ବର୍ଷର ଅଭିଜ୍ଞତା ରହିଛି। ଆର୍ଥିକ କ୍ଷେତ୍ରରେ ଅନଗ୍ରସର ରୋଗୀମାନଙ୍କୁ ବିନାମୂଲ୍ୟରେ ଚିକିତ୍ସା କରିବା ସହ ସେ ଔଷଧ ମଧ୍ୟ ଦେଇଥାନ୍ତି। ଅନୁରୂପ ଭାବେ 'ନନ୍ଦ ସାର୍' ଭାବେ ପରିଚିତ ଯାଜପୁର ଜିଲାର ୧୦୨ ବର୍ଷୀୟ ନନ୍ଦ ପୃଷ୍ଟି ଦୀର୍ଘ ୭ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ନିଜ ଗାଁର ଚାଟଶାଳୀ ପିଲାଙ୍କୁ ପାଠ ପଢାଉଛନ୍ତି। ମାତ୍ର ୭ମ ଶ୍ରେଣୀ ଯାଏଁ ପାଠ ପଢିଥିଲେ ମଧ୍ୟ ଶିକ୍ଷାଦାନ କ୍ଷେତ୍ରରେ ତାଙ୍କ ଅବଦାନ ଲାଗି ତାଙ୍କୁ ପଦ୍ମଶ୍ରୀ ଦିଆଯିବାକୁ ମନୋନୀତ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଦେଶ ବିଦେଶର ୧୧୯ ଜଣଙ୍କୁ ୨୦୨୧ମସିହା ଲାଗି ପଦ୍ମ ପୁରସ୍କାର ଦିଆଯିବାକୁ ଘୋଷଣା କରାଯାଇଛି। ୭ ଜଣଙ୍କୁ ପଦ୍ମବିଭୂଷଣ, ୧୦ ଜଣଙ୍କୁ ପଦ୍ମଭୂଷଣ ଏବଂ ୧୦୨ ଜଣଙ୍କୁ ପଦ୍ମଶ୍ରୀ ଉପାଧି ଲାଗି ମନୋନୀତ କରାଯାଇଛି। ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ, ତାମିଲନାଡୁର କଣ୍ଠଶିଳ୍ପୀ ଏସ୍.ପି. ବାଳସୁବ୍ରମଣ୍ୟମ୍(ମରଣୋତ୍ତର), କର୍ଣ୍ଣାଟକର ଚିକିତ୍ସା ବିଜ୍ଞାନୀ ଡା. ବେଲେ ମୋନାପ୍ପା ହେଗ୍‌ଡେ, ଯୁକ୍ତରାଷ୍ଟ୍ର ଆମେରିକାର ବିଜ୍ଞାନ ଓ ଇଞ୍ଜିନିୟରିଂ କ୍ଷେତ୍ରରୁ ନରିନ୍ଦର ସିଂ କାପାନୀ(ମରଣୋତ୍ତର), ଦିଲ୍ଲୀର ପ୍ରତ୍ନତତ୍ତ୍ୱବିତ୍ ଡ. ବି.ବି. ଲାଲ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରୁ ମୌଲାନା ୱାହିଦୁଦ୍ଦିନ ଖାଁ ପଦ୍ମବିଭୂଷଣ ପାଇବେ। ଚଳିତବର୍ଷ ପଦ୍ମ ପୁରସ୍କାର ତାଲିକାରେ ୨୯ ଜଣ ମହିଳା ଥିବା ବେଳେ ୧୦ ଜଣ ବିଦେଶରୁ ରହିଛନ୍ତି। ସେହିଭଳି ଏଥର ୧୬ ଜଣଙ୍କୁ ମରଣୋତ୍ତର ଭାବେ ପୁରସ୍କାର ଦିଆଯିବ। ଏହିବର୍ଷ ଲାଗି ଜଣେ କିନ୍ନରଙ୍କୁ ପଦ୍ମ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। କୋଭିଡ୍ ସଂକ୍ରମଣ ଲାଗି ୨୦୨୦ ମସିହା ସକାଶେ ଘୋଷଣା ହୋଇଥିବା ପଦ୍ମ ପୁରସ୍କାର ଏପର୍ଯ୍ୟନ୍ତ ଦିଆଯାଇ ନଥିବା ବେଳେ ଏକସଙ୍ଗେ ଦୁଇବର୍ଷର ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଦ୍ମବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ମହାମାରୀ ବେଳେ...

ଲକ୍‌ଡାଉନ୍ ସମୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଘଣ୍ଟାପ୍ରତି ଯେତେ ଆୟ କରୁଥିଲେ ଜଣେ ଅଣସଙ୍ଗଠିତ କ୍ଷେତ୍ର ଶ୍ରମିକ ତାହା ଆୟ କରିବାକୁ ୧୦ ହଜାର ବର୍ଷ ଲାଗିଯିବ। ସେହିଭଳି ଅମ୍ବାନୀଙ୍କ ସେକେଣ୍ଡ ପିଛା ଆୟ ହାସଲ କରିବାକୁ ସେହି ବ୍ୟକ୍ତିଙ୍କୁ ୩ ବର୍ଷ ସମୟ ଲାଗିବ। ମୁକେଶ ଅଗଷ୍ଟରେ ବିଶ୍ୱର ୪ର୍ଥ ଧନୀ ବ୍ୟକ୍ତି ହୋଇପାରିଥିଲେ। ଲକ୍‌ଡାଉନ୍ ସମୟରେ ପ୍ରବାସୀ ଶ୍ରମିକ ମାନେ ନାହିଁ ନ ଥିବା ସମସ୍ୟା ସାମ୍ନା କରି ହଜାର ହଜାର କି.ମି. ଚାଲିଚାଲି ଘରୁକୁ ଫେରିଥିବା ନଜରକୁ ଆସିଥିଲା। ରାସ୍ତାରେ ପଡ଼ି ଅନେକଙ୍କ ଜୀବନ ମଧ୍ୟ ଚାଲିଯାଇଛି। ବିରୋଧୀ ଦଳଗୁଡିକ ଏ ନେଇ ସରକାରଙ୍କୁ ସମାଲୋଚନା କରିଥିଲେ ମଧ୍ୟ କାହାର ମୃତ୍ୟୁ ହୋଇ ନ ଥିବା ସରକାର ପାର୍ଲାମେଣ୍ଟରେ କହିଥିଲେ। ଲକ୍‌ଡାଉନ୍ ପ୍ରଭାବ କମ୍ କରିବା ଲାଗି ସରକାର ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ଆତ୍ମନିର୍ଭର ପ୍ୟାକେଜ୍ ଘୋଷଣା କରିଛନ୍ତି। ମାତ୍ର ଏହାର ପ୍ରତ୍ୟକ୍ଷ ପ୍ରଭାବ ବଜାର ଉପରେ ଏତେଟା ପଡ଼ିବନି। କାରଣ ପ୍ରକୃତ ପ୍ୟାକେଜ ୨ ଲକ୍ଷ କୋଟି ଟଙ୍କା ହେବ, ଯାହା ମୋଟ ଜିଡିପିର ୧% ବୋଲି ଅକ୍ସଫାମ୍ ରିପୋର୍ଟରେ ପ୍ରକାଶ ପାଇଛି।

ରିପୋର୍ଟରେ ପୁଣି କୁହାଯାଇଛି ଯେ, ଭାରତର ୧୧ ଅତିଧନୀଙ୍କ ବଢ଼ିଥିବା ସମ୍ପତ୍ତି ଉପରେ ଯଦି ୧% ଟିକସ ଲାଗୁ କରାଯାଏ, ତେବେ ଏହା ସରକାରଙ୍କ ଜନଔଷଧୀ ଯୋଜନାର ବ୍ୟୟବରାଦକୁ ୧୪୦ଗୁଣ ବଢ଼ାଇ ପାରିବ। ବର୍ତ୍ତମାନ ଦେଶର ଗ୍ରାମାଞ୍ଚଳରେ ୩୨% ଏବଂ ୩୦% ପରିବାର ଗୋଟିଏ ଓ ୨ଟି ରୁମ୍‌ରେ ରହୁଛନ୍ତି। ଏଭଳିସ୍ଥିତିରେ ସାମାଜିକ ଦୂରତ୍ୱ ଏବଂ ହାତଧୋଇବା ଭଳି କୋଭିଡ୍ ନିୟମକୁ କେବଳ କିଛି ବର୍ଗର ଲୋକ ମାନିଛନ୍ତି ବୋଲି ରିପୋର୍ଟରେ ଯୁକ୍ତି କରାଯାଇଛି। ଅନୁଷ୍ଠାନ ପକ୍ଷରୁ ବିଶ୍ୱ ବଜାର ଲାଗି ମଧ୍ୟ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ଅତିଧନୀଙ୍କ ସମ୍ପତ୍ତି ୧୮ ମାର୍ଚ୍ଚରୁ ୩୧ ଡିସେମ୍ବର ୨୦୨୦ ମଧ୍ୟରେ ୩.୯ ଲକ୍ଷ କୋଟି ଡଲାର ମୂଲ୍ୟର ବଢ଼ିଛି। ଅନ୍ୟପକ୍ଷରେ ଏହି ସମୟରେ ପ୍ରାୟ ୨୦ରୁ ୫୦ କୋଟି ଲୋକ ଅତି ଗରିବୀ ମଧ୍ୟକୁ ଠେଲି ହୋଇଯାଇଛନ୍ତି।

ମହାମାରୀ ଆରମ୍ଭ ହେବା ପରେ ବିଶ୍ୱର ୧୦ ଅତିଧନୀଙ୍କ ସମ୍ପତ୍ତି ଯେତେ ବଢିଛି, ତାହା ଖର୍ଚ୍ଚ ହେଲେ ଆଗାମୀ ଦିନରେ କୌଣସି ବ୍ୟକ୍ତିଙ୍କ ମହାମାରୀ ଜନିତ ଦାରିଦ୍ର୍ୟତାକୁ ଦୂରେଇ ଦେଇହେବ। ସେହିଭଳି ସମସ୍ତଙ୍କୁ କୋଭିଡ୍ ଟିକା ମଧ୍ୟ ମାଗଣାରେ ମିଳିପାରିବ। ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ଭାରତ ସରକାରଙ୍କୁ ଅକ୍ସଫାମ୍ ପକ୍ଷରୁ କିଛିଟା ପରାମର୍ଶ ଦିଆଯାଇଛି। ଯେଉଁଥିରେ ନ୍ୟୂନତମ ମଜୁରୀ ସୀମାକୁ ବଢ଼ାଇବା ଭଳି ପ୍ରସ୍ତାବ ମଧ୍ୟ ସାମିଲ ରହିଛି। ଯେଉଁ ବ୍ୟକ୍ତିବିଶେଷ ବାର୍ଷିକ ୫୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆୟ କରୁଛନ୍ତି, ସେମାନଙ୍କ ଉପରେ ୨% ସେସ୍ ଲାଗୁ କରିବା ଏବଂ ମହାମାରୀ ସମୟରେ ଆଶାତୀତ ଲାଭ କରିଥିବା କମ୍ପାନୀଙ୍କ ଉପରେ ଟିକସ ଲାଗୁ କରିବାକୁ ମଧ୍ୟ ରିପୋର୍ଟରେ ପ୍ରସ୍ତାବ ରହିଛି। ଆଗାମୀ ଭବିଷ୍ୟତକୁ ନଜରରେ ରଖି ସରକାର କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଅନ୍ତୁ ବୋଲି ଅକ୍ସଫାମ୍ ପକ୍ଷରୁ ନିବେଦନ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମାନସିକ ସ୍ୱାସ୍ଥ୍ୟ ଭଲ ନ ରହିଲେ ମଧ୍ୟ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ଅତ୍ୟଧିକ ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ। ଆଲୋଚନା ପରିସରରେ ବନ୍ଧୁମାନଙ୍କ ସହ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ସ୍ଥଗିତ ରହିଯାଇଥିବା ଆନୁଷ୍ଠାନିକ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବ।

**ବୃଷ** ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। କିନ୍ତୁ ଅଫିସ୍‌ରେ ସହକର୍ମୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। କାର୍ଯ୍ୟବ୍ୟସ୍ତତା ହେତୁ ମାନସିକ ଚାପ ବୃଦ୍ଧି ପାଇବା ଯୋଗୁ ସାମୟିକ ଅଶ୍ୱସ୍ତି ଅନୁଭବ କରିପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା କଲେ କିଛି ଲାଭ ହେବନି।

**ମିଥୁନ** ସମସ୍ୟା ସମାଧାନ ହେବା ବଦଳରେ ଆଗାମୀ ସମୟ ସକାଶେ ଅପେକ୍ଷା କରିବାକୁ ପଡ଼ିବ। ଆନୁଷଙ୍ଗିକ ସାହାଯ୍ୟ ଲାଭ କରି ନିର୍ମାଣର ଅପୂର୍ଣ୍ଣ କାମକୁ ଆଜି ସନ୍ଧ୍ୟା ସୁଦ୍ଧା ସମ୍ପୂର୍ଣ୍ଣ କରିବେ। ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ଅଫିସରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ।

**କର୍କଟ** ଦୈହିକ ଦୁର୍ବଳତା ଯୋଗୁ ନିରୁତ୍ସାହିତ ହୋଇପାରନ୍ତି। ପରିବାରର ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ଆପଣ ପରିସ୍ଥିତିକୁ ସମ୍ଭାଳି ନେବେ। ଧାର କରଜ, ଭଡ଼ା ସୂତ୍ରରୁ କିମ୍ବା ପାଇବାକୁ ଥିବା ବକେୟା ଟଙ୍କା ପାଇ ସାମୟିକ ଖୁସି ହେବେ। ଆତ୍ମୀୟମାନେ ପରୋକ୍ଷ ଶତ୍ରୁଭାବ ପୋଷଣ କରୁଥିଲେ ମଧ୍ୟ ମୁହଁ ସାମନାରେ କିଛି କହି ନ ପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ମାନସିକ ଚାପଗ୍ରସ୍ତ ପୂର୍ବକ ପାରିବାରିକ ସମସ୍ୟାକୁ ଠିକ୍ ଭାବେ ବୁଝି ପାରିବେନି। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ନିକଟସ୍ଥ ବନ୍ଧୁ କିମ୍ବା ସହକର୍ମୀମାନେ ଅସହଯୋଗ ମନୋଭାବ ପୋଷଣ କରିବେ। ଏହା ସଙ୍ଗକୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**କନ୍ୟା** ଅଫିସ୍‌ରୁ ଫେରିବା ରାସ୍ତାରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡିବେ। ସଭାସମିତିରେ ସାଧାରଣ ଯୁକ୍ତିତର୍କରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟ ବିଷୟରେ ଚିନ୍ତିତ ରହିପାରନ୍ତି। ନିକଟ ସମ୍ପର୍କୀୟଙ୍କ ବ୍ୟବହାରରେ କ୍ଷୁବ୍ଧ ହେବେ।

**ତୁଳା** ଆଜି କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ପାଇବେ। ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ପରିସ୍ଥିତି ଏହିପରି ହେବ ଯେ- ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ଅପରାହ୍ନରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ପଡୋଶୀ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ।

**ବିଛା** ଅନ୍ୟମାନଙ୍କ ସହମତି ପ୍ରାପ୍ତ ହୋଇ ଇଚ୍ଛିତ କାମକୁ ସମ୍ପନ୍ନ କରିବେ। ଆର୍ଥିକ କ୍ଷେତ୍ର, ରାଜନୈତିକ ସ୍ଥିତି, ପ୍ରଶାସନିକ କ୍ଷେତ୍ରର ସମସ୍ୟା, ବ୍ୟବସାୟିକ ଅପକର୍ଷ ଦୂରେଇ ଯିବ। ଅପରାହ୍ନରେ ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ହୋଇପାରେ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ପିଲାଙ୍କ ବିଷୟ ନେଇ କିଛିମାତ୍ରାରେ ଚିନ୍ତିତ ହେବେ।

**ଧନୁ** ଅତୀତ ଘଟଣାକୁ ମନେପକାଇ ଶୋଇପାରିବେ ନାହିଁ। ପୂର୍ବ ରାଗ ଶୁଝାଇବାକୁ ଯାଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ସାବଧାନ ରହିବା ଭଲ। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବ ଏବଂ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସକାଶେ ଅସୁବିଧା ହେବନାହିଁ।

**ମକର** ବିଭିନ୍ନ ବିଶୃଙ୍ଖଳିତ ପରିସ୍ଥିତି ଆର୍ଥିକ, ପାରିବାରିକ ଓ ସାମାଜିକ କ୍ଷେତ୍ରକୁ କଳୁଷିତ କରିପାରନ୍ତି। ଧନିଷ୍ଠା ନକ୍ଷତ୍ର ନିଜର ଦୂରଦର୍ଶିତା ହେତୁ ନିଜକୁ ସଜାଡି ନେବାରେ ଅସୁବିଧା ହେବ ନାହିଁ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ବ୍ୟବସାୟ ଓ ଜମିଜମା କାରବାରରେ ଉପକୃତ ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ଅକ୍ଷୁଣ୍ଣ ରହିବା ଚିନ୍ତାଜନକ ହୋଇପାରେ। କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ପରିଶେଷରେ କାମଗୁଡିକ ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଆତ୍ମୀୟଙ୍କ ବ୍ୟବହାର, ଚାଲିଚଳନ ଏପରି କି ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**ମୀନ** ସାମାଜିକ ସ୍ତରରେ ଅଥବା ସଭାସମିତିରୁ ଅର୍ଥ ଓ ସମ୍ମାନ ପାଇବେ ଏବଂ ଅଟକି ରହିଥିବା କାମ ମଧ୍ୟ ହୋଇଯିବ। ନିଜର ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ବୁଝାମଣା, ଏକଜିଦିଆ ମନୋବୃତ୍ତିକୁ ଟିକିଏ ନିୟନ୍ତ୍ରଣ କରିପାରିଲେ ହେଲା। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ବ୍ୟବସାୟ ଓ ପରିବହନ ପାଇଁ ପ୍ରତିବନ୍ଧକ ଦୂରେଇ ଯିବ।

ଆଜି ସାଧାରଣତନ୍ତ୍ର ଦିବସ, ଜାନୁୟାରୀ ୨୬ ତାରିଖ, ପୌଷ ଶୁକ୍ଳ ତ୍ରୟୋଦଶୀ ମଙ୍ଗଳବାର, ଅନ୍ତର୍ଜାତୀୟ ସୀମା ଶୁଳ୍କ ଦିବସ। ରାଶି ନକ୍ଷତ୍ର- ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା.ଘ.୦୮.୪୦ମି. ଗତେ ଘ.୧୦.୫୨ମି. ମଧ୍ୟେ, ଘ.୦୧.୦୫ମି. ଗତେ ଘ.୦୨.୩୪ମି. ମଧ୍ୟେ, ଘ.୦୩.୧୮ମି. ଗତେ ଘ.୦୪.୪୭ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୨.୪୫ମି. ଗତେ ଘ.୦୪.୦୮ମି. ମଧ୍ୟେ ରାହୁ କାଳ।


# classifieds Everyday 0674-2580101, 2549302




## SALE

Software colony at Patia, Bhubaneswar book now a independent Duplex with amenities. Price: 93lakhs. Contact: 8260595320(only software's contact). D-70507

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70504

Flat for sale 2BHK, 1108sqft. at Hemkund Tower, 5floor 100meter of NH-16 near Highway Honda Show Room, Balianta. Interested person Contact: 6371793686, 7438889717. D-19706

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70164

**Earthquake proof 2BHK flat in Apartment Avantika near Gokul residency on Rasulgarh GGP Pandra road for immediate sale with special discount. Contact: 7656861995, 8763935874 during office hour.** D-69962

ପୁରୀସ୍ଥିତ ସିପସରୁବାଲି ମୌଜାରେ କଳିଙ୍ଗବିହାରରେ 2000sqft. ଜାଗା ବିକ୍ରିହେବ। Rs.-650/-sqft. ଯୋଗାଯୋଗ- 9937306968. D-70216

**ଭୁବନେଶ୍ୱର Airport ଠାରୁ ୬କି.ମି. ଦୂର ବୋଡଣ୍ଡାରେ 1406sqft. ଘରବାରି ପ୍ଲଟ୍ @ 24,50,000/-, 9040404420, 9777686666.** D-19669

Banker's colony at Tamando, Bhubaneswar book now a independent Duplex with amenities. Price: 60lakhs / 75lakhs / 85lakhs. Contact:8260595320 (only Bankers contact). D-70506

**2Bedroom + study-room flat for sale at Harapriya Apartment, Vivekananda Marg, Bhubaneswar measuring super built area 1360sqft @ 55LAKH, contact-9938303321.** D-19738

Developed ଘରବାରି ପ୍ଲଟ୍ କେସୁରା ଛକରୁ 3କି.ମି. ମଧ୍ୟରେ କିଣନ୍ତୁ। 7008492511. D-69365

ଭୁବନେଶ୍ୱର ପାହାଳ **NH side** ଘରବାରି **yellowzone fully developed demarcated** ବାସୋପଯୋଗୀ **plot road, electricity** ଥାଇ ତୁରନ୍ତ ଘର କରନ୍ତୁ। **PUJA- 6371970725.** D-70162

ଭୁବନେଶ୍ୱର New Rly Station ପାଖରେ 30ft road yellowzone plot sqft.-500/- first possession/ registration. 6371406921. D-69363

ଭୁବନେଶ୍ୱର **Sum Hospital**ରୁ **6K.M. distance NH**କୁ ଲାଗି **boundary, electricity, Patta, gharabari and Water connection** ସହ **30'** ରାସ୍ତା ଥାଇ **sqft. 1200/- plot** ମିଳୁଛି। **9090963952.** D-70154

Teacher's colony at Tamando, Bhubaneswar book now independent Duplex with amenities. Price: 60Lakhs/ 75Lakhs/ 85Lakhs. Contact: 8260595320 (only Teachers & Lecturers contact). D-70505

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ **800mtr 100ft** ପିଚୁରୋଡ୍‌କୁ ଲାଗି **30'**ରାସ୍ତା ଇଲେକ୍ଟ୍ରିସିଟି ଥାଇ ସୁନ୍ଦର ଆକର୍ଷଣୀୟ ବାସୋପଯୋଗୀ **boundary plot** ବିକ୍ରିହେବ। **9439116553.** D-70147

Developed ଘରବାରି ପ୍ଲଟ୍ ବାଲିଅନ୍ତାରେ 8,40,000/- near BJEM-II 6,60,000/- 9937166932. D-69364

କଟକ **Highcourt**ରୁ **8K.M.** ନନ୍ଦନକାନନ ପଛପଟେ ବାରଙ୍ଗଛକ ନିକଟରେ ମୁଖ୍ୟରାସ୍ତାରୁ **200mtr** ସ୍ଥିତିବାନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। **6372930002.** D-70148

ଭୁବନେଶ୍ୱର ତମାଣ୍ଡୋ yellowzone plot 30' ରାସ୍ତାଥାଇ କିଣନ୍ତୁ। 7894216209, 7064615305. D-70167

**ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। 9437287595, 7978747764.** D-19667

Brand new 1550sqft. north facing 3-BHK premium spacious flat in Multi Storied Apartment for sale in prime location, Sundarpada, BBSR, Vetrified Tile, Bastu Compliance. Price-2,600/-sqft. Swimming Pool, Temple with Children's Park in common area. Contact: 9439856583. D-70511

**Immediate Construction Plotting Nakhara @780000, Sundarpada @240000, Saivihar S-3000000. 9437522338** D-19563

ସାଲେପୁର ଶିଶୁ ମନ୍ଦିର ନିକଟରେ ଘରବାରି SC plot 85 ଡିସିମିଲ ବିକ୍ରିହେବ। 8260525897. D-19637

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? **9040744989, 6371364640.** D-70160

ମୋର ନିଜସ୍ୱ ପ୍ଲଟ୍ କଳିଙ୍ଗନଗର ଘାଟିକିଆରେ ୨୦୦ft. ରୋଡ୍‌କୁ ଲାଗିକରି ଅଛି ଏବଂ କୋଳଥିଆରେ **readymade plot** ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। **9438166196.** D-19733

**Bhubaneswar AIIMS Hospital and Sum Hospital, Times Gurukul** ନିକଟରେ **30'** ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ **plot** ବିକ୍ରିହେବ। **9937819395.** D-70166




**For construction only in your plot inside Bhubaneswar area, contact MRC-9937064680.** D-27287

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Ground floor:- 2Bedroom, 2Toilet, Drawing, Puja room, Kitchen, Dining-Cum-Hall at Jagannath Nagar, Road No- 11, GGP, Bhubaneswar. For small Family preferred. Rent @ 9000/- P.M. Contact: 9937475612, 9437291317. D-19724

1280sqft. 2nd floor Unit-4 Madhusudan Nagar, Bhubaneswar commercial @20,500/-, 7978805969. D-70165

3000sft./ 4000sft. Office space with parking 100mtr. from Lewis road, Hyundai showroom- 9437031324, 9810064588. D-69681

Two room house, IRC Village, Bhubaneswar. Small Family preferred. 9437011658. D-70503

2BHK house ground floor Rajarani Colony, Bhubaneswar. Contact: 9437516391. D-68993




Shivam logistic packers movers. Household/ car relocation countrywide. 9777044177, 9338461133. D-19726




Swarna SPA newly open positively health benefits with expert therapist. 9556978408. D-70508

Rejuvenate and Ayurvedic full body massage by smart therapist. 9348123330. D-70509

Ayurvedic full body massage by experienced (M/F) therapist. 7008773793, 8018656899. D-59976

Get refreshment Body Massage by Expert Therapist. Contact for: 6371537969. D-70099

Newly open full body massage ladies and gents. 9861141344, 8658994614. D-70416

Refreshing your mind & body with best therapy at Lotus SPA. 8018234866. D-70417

Revitalize your self with our ayurvedic massage and refreshment, Call: 7381239385. D-70100

Experience full body massage with expert therapists. Call: 7377048581. D-70501

## LOST

ଦସ୍ତାବିଜ ହଜିଛି:- ମୁଁ ମହେଶ୍ୱର ପାଣିଗ୍ରାହୀ, ମୃତ ପିତା- ଗୋବିନ୍ଦ ପାଣିଗ୍ରାହୀ, ସୁନାରିତୋଟାସାହି ପୁରୁଷୋତ୍ତମପୁର ଗତ ୨୫।୦୨।୨୦୨୦ରେ ଘରୁ କଲେଜ ଛକକୁ ଯିବା ସମୟରେ ରାସ୍ତାରେ ମୋର ପୁରୁଷୋତ୍ତମପୁର ମୌଜା ସୁନାରିତୋଟାସାହିରେ ଥିବା ଘରର ପାର୍ଟିସନ ଡିଡ୍ ନଂ. ୨୭୩/୨୦୦୬, ତାରିଖ ୧୪।୨।୨୦୦୬, ପ୍ରକାରେ ପୁରୁଷୋତ୍ତମପୁର ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରୁ ମିଳିଥିବା ଡିଡ୍ କେଉଁଠାରେ ହଜିଗଲା। ଏହାକୁ ନେଇ ମୁଁ ପୁରୁଷୋତ୍ତମପୁର ପୋଲିସରେ ଅଭିଯୋଗ କରିଛି। ଯଦି କେହି ଏହି ଡିଡ୍‌ଟିକୁ ପାଇଥାନ୍ତି ତେବେ ମୋର ଠିକଣା କିମ୍ବା ଥାନାରେ ପ୍ରଦାନ କରିବା ଲାଗି ଅନୁରୋଧ। ଧ-୧୯୭୩୨

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar on dt. 20.01.2021, I have changed my name from "Labangalata Nayak" to "Mamata Barik". Henceforth, I shall be known and identified as Mamata Barik for all purposes. D-19740

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Reliance
JioMart.com
Presents
ଶୀଘ୍ର କରନ୍ତୁ! ଆଜି ଶେଷ ଦିନ
ଭାରତର ସର୍ବବୃହତ୍ ଗ୍ରୋସରୀ ସେଲ୍
ଫୁଲ୍ ପଇସା ଅସୁଲ୍ ସେଲ୍
23rd - 26th Jan
ଡାଉନଲୋଡ୍ କରନ୍ତୁ ଜିଓମାର୍ଟ ଆପ୍ ବର୍ତ୍ତମାନ୍
ଅଫର୍ସ ଏଠାରେ ମଧ୍ୟ ଉପଲବ୍ଧ
SMART SUPERSTORE
Reliance fresh
ବିସ୍କୁଟ୍ ଲାର୍ଜ ପ୍ୟାକ୍ 300 g ଠେକିକି (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹120 ଠେକିକି ଆମ ମୂଲ୍ୟ ₹80 ଠେକିକି
33% Off
ୟିପି ମ୍ୟାଜିକ୍ ମସାଲା / ଟପ୍ ରାମେନ୍ ମସାଲା / ଚିଙ୍ଗସ୍ ସିକ୍ରେଟ୍ ନୁଡ଼ଲସ୍ 240 g ଠେକିକି
MRP ₹60 ଠେକିକି ଆମ ମୂଲ୍ୟ ₹40 ଠେକିକି
33% Off
ମ୍ୟାକେନ / ସଫଳ 250 g ଠେକିକି (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹85 ଠେକିକି ଆମ ମୂଲ୍ୟ ₹57 ଠେକିକି
33% Off
ମିଶ୍ରିତ/ପୂରା ମସଲା (ସମ୍ପୂର୍ଣ୍ଣ ରେଞ୍ଜ)
33%* Off
*ଏମ୍ଆରପି ଉପରେ
ଗୋଦରେଜ No.1 / ଲକ୍ସ ସାବୁନ 300 g ଠେକିକି ମଲ୍ଟି ପ୍ୟାକ୍ (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹108 ଠେକିକି ଆମ ମୂଲ୍ୟ ₹72 ଠେକିକି
33% Off
କ୍ଲୋଜଅପ୍/କୋଲଗେଟ୍ କମ୍ବୋ/ ମ୍ୟାକ୍ସଫ୍ରେସ୍/ପେପସୋଡେଣ୍ଟ/ମେସୱାକ ଟୁଥପେଷ୍ଟ 300 g ଠେକିକି (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹129 ଠେକିକି ଆମ ମୂଲ୍ୟ ₹86 ଠେକିକି
33% Off
ମାଜା / ସ୍ପ୍ରାଇଟ୍ / ଥମ୍ସ ଅପ୍ 600 ml / 750 ml ଠେକିକି
MRP ₹40 ଠେକିକି ଆମ ମୂଲ୍ୟ ₹30 ଠେକିକି
25% Off
ଟାକ୍ / ମାର୍ଗାରିନ୍ / କପ୍ କେକ୍ / ବ୍ରେଡ୍ / କେକ୍ ଓ ରସ୍କ୍ (ନିର୍ଦ୍ଦିଷ୍ଟ ରେଞ୍ଜ)
ସର୍ବନିମ୍ନ 26%* Off
*ଏମ୍ଆରପି ଉପରେ
ବେସନ / ମଇଦା / ରାଗୀ (500 g / 1 kg) / ଗୁଡ୍ ଲାଇଫ୍ ସୋୟା ଚଙ୍କସ୍ 200 g
MRP ₹40 ଠେକିକି ଆମ ମୂଲ୍ୟ ₹20 ଠେକିକି
50% Off
ମେନ୍ସ ଆଣ୍ଡ ଓମେନ୍ସ ଡିଓ 120 ml ଠେକିକି (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹200 ଠେକିକି ଆମ ମୂଲ୍ୟ ₹100 ଠେକିକି
50% Off
ଡୋଭ୍ / କ୍ଲିନିକ୍ ପ୍ଲସ୍ / ଲୋରିୟଲ ସାମ୍ପୁ 640 ml ଠେକିକି (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹445 ଠେକିକି ଆମ ମୂଲ୍ୟ ₹223 ଠେକିକି
50% Off
ହ୍ୱାଇଟ୍ ନାଇଟ୍ କକ୍‌ଟେଲ୍ ନାପକିନ୍ 100 s / ହୋମ୍ ଆଲୁମିନିୟମ୍ ଫୋଏଲ୍ 9 ମିଟର
MRP ₹36 ଠେକିକି ଆମ ମୂଲ୍ୟ ₹18 ଠେକିକି
50% Off
ସର୍ଫ ଏକ୍ସେଲ ଇଜି ୱାସ୍ / ଟାଇଡ୍ ପ୍ଲସ୍ ଡିଟରଜେଣ୍ଟ ପାଉଡର 4 kg
MRP ₹465 ଠେକିକି ଆମ ମୂଲ୍ୟ ₹326 ଠେକିକି
30% Off
ଇଣ୍ଡିଆ ଗେଟ୍ ବାସମତି ରୋଜାନା ରାଇସ୍ 5 kg + ଫର୍ଚ୍ୟୁନ୍ ରାଇସ୍ ବ୍ରାନ ଅଏଲ 5 ℓ
ମିଶ୍ରିତ MRP ₹1190 ସଞ୍ଚନ୍ତୁ ₹311
ଆମ ମୂଲ୍ୟ ₹879
ଚକ୍କି ଅଟା 5 kg
MRP ₹180 ସଞ୍ଚନ୍ତୁ ₹55
ଆମ ମୂଲ୍ୟ ₹125
ଏଲିନା ଲଙ୍ଗ୍ ଗ୍ରେନ୍ ରାଇସ୍ 1 kg
MRP ₹160 ସଞ୍ଚନ୍ତୁ ₹117
ଆମ ମୂଲ୍ୟ ₹43
ସୁପର ସର୍ବୋତ୍ତମ ରାଇସ୍ ବ୍ରାନ ଅଏଲ 1 ℓ
MRP ₹149 ସଞ୍ଚନ୍ତୁ ₹38
ଆମ ମୂଲ୍ୟ ₹111
ଗୁଡ୍ ଲାଇଫ୍ ଆଲମଣ୍ଡ / କ୍ୟାଶ୍ୟୁ (W320) 500 g
MRP ₹449 / ₹499 ସଞ୍ଚନ୍ତୁ ₹160 / ₹100
ଆମ ମୂଲ୍ୟ ₹289 / ₹399
ଓମ୍ଫେଡ୍ ଘିଅ 1 ℓ
MRP ₹605 ସଞ୍ଚନ୍ତୁ ₹40
ଆମ ମୂଲ୍ୟ ₹565
ଟାଟା ଟି ପ୍ରିମିଅମ୍ ଡଷ୍ଟ ଚା' 500 g
MRP ₹220 ଆମ ମୂଲ୍ୟ ₹170
ସଞ୍ଚନ୍ତୁ ₹50
ପ୍ରଭୁଜୀ ନମକୀନ୍ 1 kg (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹260 ଆମ ମୂଲ୍ୟ ₹169
ସଞ୍ଚନ୍ତୁ ₹91
ହର୍ଲିକ୍ସ 750 g
MRP ₹330 ଆମ ମୂଲ୍ୟ ₹270
ସଞ୍ଚନ୍ତୁ ₹60
କେଲଗସ୍ କର୍ଣ୍ଣ ଫ୍ଲେକ୍ସ 1.2 kg
MRP ₹425 ଆମ ମୂଲ୍ୟ ₹299
ସଞ୍ଚନ୍ତୁ ₹126
ହ୍ୱିସ୍‌ପର 44 s / ଷ୍ଟେଫ୍ରୀ ସାନିଟାରୀ ପ୍ୟାଡ୍ସ 42 (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹450 ଠେକିକି ଆମ ମୂଲ୍ୟ ₹300 ଠେକିକି
ସଞ୍ଚନ୍ତୁ ₹150
ଅଫର୍ସ ଏଠାରେ ମଧ୍ୟ ଉପଲବ୍ଧ SMART POINT
ICICI Bank Credit Cards 10% Cashback* Up to ₹500
RuPay 10% Cashback
Paytm Pay using Paytm Wallet & Get upto ₹200 CASHBACK* Minimum order ₹999
5% CASHBACK
Bank of Baroda
HDFC BANK 10% Cashback On Saving HDFC Bank Mastercard Credit Card details on Jiomart
ସର୍ତ୍ତ ଓ ନିୟମାବଳୀ ଲାଗୁ। ବ୍ୟାଙ୍କିଙ୍ଗ୍ ଏବଂ ୱାଲେଟ୍ ଅଫର୍ସ କେବଳ ଜିଓମାର୍ଟ ଉପରେ ବୈଧ। ଅଫରଗୁଡ଼ିକ ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ବୈଧ। ସମସ୍ତ ଅଫର୍ କୌଣସି ପ୍ରାକ୍ ସୂଚନା ବିନା ପରିବର୍ତ୍ତନଶୀଳ ଅଟେ। ପ୍ରଦର୍ଶିତ ଉତ୍ପାଦର ଚିତ୍ର / ଫଟୋଗ୍ରାଫ୍ସ କେବଳ ଚିତ୍ରଣ ନିମନ୍ତେ। ସମସ୍ତ ଉତ୍ପାଦର ଏମ୍ଆରପିରେ ସମସ୍ତ କର ସାମିଲ ଅଟେ। ସମସ୍ତ ଅଫର୍ 26 ଜାନୁଆରୀ 2021 ପର୍ଯ୍ୟନ୍ତ ବୈଧ ଅଟେ। ସମସ୍ତ ବିବାଦ କେବଳ ମୁମ୍ବଇ ସ୍ଥିତ ସ୍ୱତନ୍ତ୍ର ନ୍ୟାୟାଳୟର ବିଚାରାଧୀନ ଅଟେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୬ ଜାନୁୟାରୀ, ୨୦୨୧

ମା' ଭଗବତୀଙ୍କ କରୁଣା ଯଦି ତୁମକୁ ସ୍ପର୍ଶ କରେ, ତେବେ ତୁମର ସବୁ ସଂକଟ ସୁଯୋଗରେ – ବ୍ୟର୍ଥତା ସାର୍ଥକତାରେ ଓ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ। କାରଣ ଦିବ୍ୟ ଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି। ଏବେ ହେଉ ବା ପରେ ହେଉ– ତା'ର ଫଳ ସୁନିଶ୍ଚିତ, ପୂର୍ବ ନିର୍ଦ୍ଦିଷ୍ଟ ଓ ଅନିବାର୍ଯ୍ୟ। –ଶ୍ରୀଅରବିନ୍ଦ



# ଆଇନର ବ୍ୟାଖ୍ୟାନ

ବମ୍ବେ ହାଇକୋର୍ଟ ବିଚାରପତି ପୁଷ୍ପା ଗନେଡିୱାଲାଙ୍କ ଦ୍ୱାରା ଦିଆଯାଇଥିବା ରାୟ ଅନୁଯାୟୀ ଯଦି କୌଣସି ପୁରୁଷ ଜଣେ କିଶୋରୀର ପୋଷାକ ଉପରୁ ସ୍ତନକୁ ଛୁଅନ୍ତି, ତେବେ ତାହା ଯୌନ ଅପରାଧ ହେବ ନାହିଁ। ଯଦି ପୁରୁଷ ଏବଂ ସାନ ଝିଅ ମଧ୍ୟରେ ଚର୍ମରୁ ଚର୍ମ ସ୍ପର୍ଶ ହେଉନାହିଁ, ତେବେ ପ୍ରୋଟେକ୍ଶନ୍ ଅଫ୍ ଚିଲ୍ଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍ସ (ପୋକ୍ସୋ) ଆଇନ ଅନୁଯାୟୀ ଦଣ୍ଡନୀୟ ନୁହେଁ। କିନ୍ତୁ ବିଚାରପତି ପୁଷ୍ପା କହିଛନ୍ତି ଯେ, ଏହା ପୋକ୍ସୋରେ ଦଣ୍ଡନୀୟ ନ ହେଲେ ମଧ୍ୟ ଭାରତୀୟ ପିଙ୍ଗଳ କୋଡ୍‌ର ଦଫା ୩୫୪ ଅନୁଯାୟୀ ଅପରାଧ ବିବେଚିତ ହେବ। ଏହି ଧାରାରେ କୁହାଯାଇଛି ଯେ, ମହିଳାଙ୍କ ଯୌନାଙ୍ଗ ଛୁଇଁଲେ ତାହା ଯୌନ ଅତ୍ୟାଚାର ବିବେଚିତ ହେବ ଏବଂ ସେଥିପାଇଁ ୧ରୁ ୫ ବର୍ଷ ଯାଏ ଦଣ୍ଡିତ ହେବାର ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ପୋକ୍ସୋ ଆଇନର ଧାରା ୭ରେ ଯେଉଁଭଳି ଭାବେ ଜଣେ ଶିଶୁର ଗୁପ୍ତାଙ୍ଗକୁ ଛୁଇଁବା ନେଇ ବର୍ଣ୍ଣନା କରାଯାଇଛି, ସେଥିରୁ ବୁଝାପଡୁଛି ଯେ ପୋଷାକ ଉପରୁ ଛୁଇଁଲେ ତାହା ଯୌନ ନିର୍ଯାତନା ହେବନାହିଁ।

ଏହି ରାୟ ପରେ ଅନେକ ତର୍କବିତର୍କ ଓ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହା ବ୍ୟତୀତ ନ୍ୟାଶନାଲ୍ କମିଶନ ଫର୍ ପ୍ରୋଟେକ୍ଶନ୍ ଅଫ୍ ଚାଇଲ୍ଡ ରାଇଟ୍ସ (ଏନ୍‌ସିପିସିଆର୍) ୨୫ ଜାନୁୟାରୀ ୨୦୨୧ରେ ଚିଠି ଲେଖି ମହାରାଷ୍ଟ୍ର ରାଜ୍ୟ ସରକାରଙ୍କୁ ଏହି ରାୟ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପଦେଶ ଦେଇଛନ୍ତି। କମିଶନଙ୍କ କହିବା ଅନୁଯାୟୀ, ଫୌଜଦାରି ଆବେଦନ ୧୬୧/୨୦୨୦ ସତୀଶ ବନାମ ମହାରାଷ୍ଟ୍ର ସରକାର ମାମଲାରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ଓକିଲ ଦକ୍ଷତାର ସହିତ ଲଢ଼ିପାରି ନାହାନ୍ତି। ଏଥିରେ କୁହାଯାଇଛି, ପୋକ୍ସୋ ଆଇନର ମୂଳ ଉଦ୍ଦେଶ୍ୟକୁ ବୁଝାଯାଇ ପାରିଥିଲେ ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚ୍‌ର ମତ ଭିନ୍ନ ହୋଇଥାନ୍ତା। ହୁଏତ ମହାରାଷ୍ଟ୍ର ସରକାରଙ୍କ ଓକିଲ ମାମଲାକୁ ଦୃଢ଼ ଭାବେ ଲଢ଼ିବାରେ ବିଫଳ ହୋଇଛନ୍ତି। ଆଇନଜୀବୀ ହୋଇ ନ ଥିଲେ ମଧ୍ୟ ଏତିକି ବୁଝିହେଉଛି ଯେ ବିଚାରପତିଙ୍କ ଦ୍ୱାରା ପୋକ୍ସୋ ଆଇନର ଦୁର୍ବଳତା ପଦାକୁ ଆସିଛି। ଯଦି ସେହି ଆଇନରେ ଭାରତୀୟ ପିଙ୍ଗଳ କୋଡ୍‌ର ୩୫୪ ଧାରା ଭଳି ସ୍ପଷ୍ଟ ବ୍ୟବସ୍ଥା ରହିଥାନ୍ତା, ତେବେ ମୂଳ ତଦନ୍ତ ବେଳେ ତଦନ୍ତକାରୀମାନେ ଠିକ୍ ବାଟରେ ଯାଇଥାନ୍ତେ। କିନ୍ତୁ ଆଜିର ବ୍ୟବସ୍ଥାରେ ପିଲାଙ୍କ ସମ୍ପର୍କରେ କୌଣସି ମାମଲା ହେଲେ ପୋକ୍ସୋ ଆଇନଭୁକ୍ତ ହୋଇଯାଉଛି। ସେଥିପାଇଁ ଏନ୍‌ସିପିସିଆର୍ ତରଫରୁ ମହାରାଷ୍ଟ୍ର ସରକାରଙ୍କୁ ଚିଠି ଲେଖିବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କୁ ସଜାଗ କରାଇବା ଅଧିକ ମଙ୍ଗଳଦାୟକ ହୋଇଥାନ୍ତା। ପୋକ୍ସୋ ଭଳି ଗୋଟିଏ ଆଇନର ଦୁର୍ବଳତା ଜାଣିବା ପରେ ତା'ର ସଂଶୋଧନ କେବଳ କେନ୍ଦ୍ର ସରକାର କରିପାରିବେ। ଏହା ଭାରତରେ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି, କାରଣ ଆମ ଦେଶରେ ଶିଶୁ ନିର୍ଯାତନା ଉଦ୍‌ବେଗଜନକ ହୋଇପଡ଼ିଛି। ସେଥିପାଇଁ ପୋକ୍ସୋ ଆଇନର ସଂଶୋଧନ ଅତି ଶୀଘ୍ର ଆସିବା ଦରକାର।

ଏହା ସତ୍ୟ ଯେ, ବିଚାରାଳୟ ଓ ବିଚାରପତିମାନେ ଲିଖିତ ନ୍ୟାୟ ଅନୁଯାୟୀ ଯିବାକୁ ବାଧ୍ୟ। ମନଇଚ୍ଛାରେ ସେମାନଙ୍କର ନିଜସ୍ୱ ବିବେକ ଓ ବୁଦ୍ଧି ଲଗାଇ କାର୍ଯ୍ୟ କରିବା ସମ୍ଭବପର ହେବା କଥା ନୁହେଁ। ସେଥିପାଇଁ ଆମ ସମ୍ବିଧାନରେ ବିଚାରାଳୟକୁ ଯେଉଁ ପ୍ରକାରର ଗୁରୁତ୍ୱ ଦିଆଯାଇଛି, ସେଥିରେ ବିଚାରପତିମାନେ ଅନେକ ସ୍ୱାଧୀନତା ପାଇଥାନ୍ତି। ଆଜିର ପରିସ୍ଥିତିକୁ ଦେଖିଲେ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ଭାବେ ବିଚାରପତିମାନେ ନିଜର ମତକୁ ରାୟର ରୂପ ଦେଉଛନ୍ତି। ହୁଏତ ସେଥିପାଇଁ ହାସ୍ୟ କଳାକାର ମୁନାୱାର ଫାରୁକୀଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟ ତରଫରୁ ଜାମିନ ମିଳୁନାହିଁ। ତାଙ୍କର ଅପରାଧ ଅତ୍ୟନ୍ତ ଚିନ୍ତାର ବିଷୟ। ଚିନ୍ତା ଏଇଥିପାଇଁ ଯେ ଗୋଟିଏ କାର୍ଯ୍ୟକ୍ରମରେ ଫାରୁକୀ ଭାଗ ନେଇ ନ ଥିବା ସତ୍ତ୍ୱେ ମଧ୍ୟପ୍ରଦେଶ ପୋଲିସ ତାଙ୍କୁ ସେଠାରେ ହିନ୍ଦୁ ଧର୍ମବିରୋଧୀ ମନ୍ତବ୍ୟ ଦେବାର ଅଭିଯୋଗରେ ଗିରଫ କରିଛି। ଏପରି କି ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ମାନସିକତା ଅନୁଯାୟୀ କୁହାଯାଇଛି ଯେ, ଏଭଳି ଲୋକଙ୍କୁ କେବେ ହେଲେ ବରଦାସ୍ତ କରାଯିବା ଉଚିତ ନୁହେଁ। ଏଥିରୁ ବୁଝିବାକୁ ହେବ, ଯେଉଁଭଳି କୁହାଯାଇଛି ଯେ ଆଇନ ତା' ନିଜ ବାଟରେ ଯିବ, ସେଇ ଆପ୍ତବାକ୍ୟ ଏବେ ଅସତ୍ୟ ବୋଲି ପ୍ରମାଣିତ ହେଉଛି। ଆଇନ କେବେହେଲେ ତା' ନିଜ ବାଟରେ ଯାଇପାରେ ନାହିଁ। ଆଖିରେ ପୁଟୁଳି ବାନ୍ଧି ତରାଜୁ ଧରିଥିବା ଆଇନର ଚିତ୍ରଣ ଭାରତରେ ବାରମ୍ବାର ସତ୍ୟ ପ୍ରମାଣିତ ହେଉଛି। ମୁନାୱାର ଫାରୁକୀ ମୁସଲମାନ୍ ହୋଇଥାଇ ପାରନ୍ତି, କିନ୍ତୁ ତାଙ୍କ ଦ୍ୱାରା ଯଦି କୌଣସି ଆଇନ ଭଙ୍ଗ ହୋଇନାହିଁ, ତେବେ ଜଣେ ସ୍ୱାଧୀନ ଭାରତର ନାଗରିକ ଭାବେ ତାଙ୍କୁ ଜେଲ୍‌ରେ ରଖିବା ସମ୍ପୂର୍ଣ୍ଣ ବେଆଇନ। ଏହାବ୍ୟତୀତ ଜାମିନ ଆବେଦନକୁ ଶୁଣି ତାଙ୍କ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି କହିବା ପରେ ସେହି ଆବେଦନର ରାୟକୁ ସ୍ଥଗିତ ରଖିବା ନିଶ୍ଚିତ ଭାବେ ଭାରତର ଆଇନ ବ୍ୟବସ୍ଥା ପ୍ରତି ଏକ କୁଠାରାଘାତ। ଏହାର ଅର୍ଥ ହେଲା ଭାରତରେ ଆଇନର ବ୍ୟାଖ୍ୟାନକୁ ଯିଏ ଯେମିତି ବୁଝୁଛନ୍ତି ସେମିତି ମୋଡ଼ି ପାରୁଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | E | 0 | | | A | 6 | | | | | | | | |
| | | 7 | | | E | | 0 | C | | 8 | | 3 | 5 | D |
| | | 3 | | | | | 9 | | 2 | | | | | 0 |
| | | D | | | C | 5 | | | 6 | | | B | | 9 |
| | | 8 | | | | | 2 | 4 | | | | 1 | | |
| | 7 | 6 | | 5 | 9 | B | C | | | | 3 | | D | 1 |
| | 1 | | | B | | 0 | | | | | 2 | | | 5 |
| | | | | | | | E | | 9 | | | | | |
| | | C | | 3 | | 7 | 6 | | | 1 | | | A | |
| 2 | | | | 1 | | A | | D | | | B | 8 | 9 | |
| | | 9 | | | 0 | | | | | 7 | | | 4 | |
| | 8 | | | | | | | A | 5 | | | D | | |
| | | | | 9 | 7 | | | | D | | 6 | 5 | | 8 |
| 6 | | | 4 | C | | | B | | | | E | 7 | | A |
| E | | | 3 | | 1 | | 8 | | | 0 | C | | 2 | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 1 | 6 | 4 | 0 | 7 | 8 | 5 | A | B | D | 2 | 9 | E | 3 |
| D | A | E | 1 | 5 | 2 | 6 | 7 | 3 | 9 | C | 0 | B | 8 | 4 |
| 3 | 5 | 8 | 9 | E | D | 1 | B | 4 | 6 | A | 7 | 2 | C | 0 |
| B | 9 | 4 | 3 | 8 | C | 2 | D | 0 | 5 | E | 1 | A | 6 | 7 |
| 7 | 2 | 0 | A | B | 6 | C | 9 | E | 8 | 3 | 4 | 1 | D | 5 |
| 9 | 8 | 1 | 2 | 6 | A | 5 | C | 7 | 0 | 4 | D | 3 | B | E |
| 6 | 3 | B | E | 7 | 0 | D | 4 | 8 | 1 | 9 | C | 5 | 2 | A |
| 2 | 4 | 7 | C | 1 | B | E | 6 | 9 | A | 5 | 3 | D | 0 | 8 |
| 5 | C | A | 8 | D | 9 | 3 | 0 | 1 | E | 2 | B | 4 | 7 | 6 |
| 0 | E | D | 5 | 3 | 4 | A | 2 | B | 7 | 8 | 6 | C | 9 | 1 |
| A | 6 | 2 | 7 | 9 | 3 | 4 | 1 | D | C | 0 | E | 8 | 5 | B |
| 1 | 0 | 3 | D | A | 8 | 7 | E | C | 2 | B | 5 | 6 | 4 | 9 |
| 8 | 7 | C | 0 | 2 | 1 | B | A | 5 | 4 | 6 | 9 | E | 3 | D |
| 4 | D | 5 | B | C | E | 9 | 8 | 6 | 3 | 7 | A | 0 | 1 | 2 |
| E | B | 9 | 6 | 4 | 5 | 0 | 3 | 2 | D | 1 | 8 | 7 | A | C |

ଗତକାଲିର ଉତ୍ତର

# ଗଣତନ୍ତ୍ରର ମହାପର୍ବ



ଡ.ପ୍ରଫୁଲ୍ଲ କୁମାର ସାହୁ

ଆଜି ଜାନୁୟାରୀ ୨୬ ତାରିଖ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ମହାପର୍ବ। ସତୁରି ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଏହି ଦିବସ ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ସଚେତନ କରାଇ ଚାଲିଛି ସମ୍ବିଧାନ ପ୍ରଦତ୍ତ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ। ଗଣତନ୍ତ୍ର ହେଉଛି ଲୋକଙ୍କ ଇଚ୍ଛା ଉପରେ ପ୍ରତିଷ୍ଠିତ ଏକ ଶାସନବ୍ୟବସ୍ଥା ; ଯାହାର ଆତ୍ମା ହେଉଛି ସମ୍ବିଧାନ। ୧୯୪୭ ଅଗଷ୍ଟ୧୫ରେ ଦେଶ ସାଧୀନ ହେବା ବେଳକୁ ନିଜସ୍ୱ ସମ୍ବିଧାନ ନ ଥିବାରୁ ବ୍ରିଟିଶ ସରକାରଙ୍କ ଭାରତ ଶାସନ ଆଇନ ବଳବତ୍ତର ଥିଲା ୧୯୫୦ ପର୍ଯ୍ୟନ୍ତ। ସ୍ୱାଧୀନତା ପୂର୍ବରୁ ଦେଶ ଶାସନ ପାଇଁ ଏକ ସମ୍ବିଧାନର ଆବଶ୍ୟକତା ରହିଛି ବୋଲି ସର୍ବପ୍ରଥମେ ଅନୁଭବ କରିଥିଲେ ବିଶିଷ୍ଟ ବାମପନ୍ଥୀ ନେତା ଏମ.ଏନ. ରାୟ। ସମ୍ବିଧାନର ଉପାଦେୟତା ସମ୍ପର୍କରେ ସେ ସର୍ବସାଧାରଣରେ ପ୍ରକାଶ କରିବା ପରେ ୧୯୩୫ରେ ଇଂରେଜ ସରକାରଙ୍କ ପାଖରେ ନିଜସ୍ୱ ସମ୍ବିଧାନ ପାଇଁ ଦାବି ଉପସ୍ଥାପନ କଲା ଜାତୀୟ କଂଗ୍ରେସ। ଫଳରେ ବ୍ରିଟିଶ ସଂସଦ ଦ୍ୱାରା ନିଯୁକ୍ତ କ୍ୟାବିନେଟ ମିଶନର ସୁପାରିସ କ୍ରମେ ଆରମ୍ଭ ହେଲା ସ୍ୱତନ୍ତ୍ର ସମ୍ବିଧାନ ପ୍ରସ୍ତୁତି ପ୍ରକ୍ରିୟା। ୧୯୪୬ ଡିସେମ୍ବର ୧୩ ତାରିଖ ଅନୁଷ୍ଠିତ ସମ୍ବିଧାନ ସଭା ବୈଠକର ନିଷ୍ପତ୍ତି ଅନୁଯାୟୀ ଡ. ବି.ଆର. ଆମ୍ବେଡକରଙ୍କ ଅଧ୍ୟକ୍ଷତାରେ ଗଠନ ହେଲା ଏକ ସାତଜଣିଆ ଡ୍ରାଫ୍ଟିଙ୍ଗ କମିଟି। ସେହି କମିଟି ଦାରା ପ୍ରସ୍ତୁତ ୩୯୫ ଧାରା ବିଶିଷ୍ଟ ସମ୍ବିଧାନ କାର୍ଯ୍ୟକାରୀ ହେଲା ୧୯୫୦ ଜାନୁୟାରୀ ୨୬ ତାରିଖରେ। ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ଏହି ମୂଳଗ୍ରନ୍ଥରେ ସରକାରଙ୍କଠାରୁ ସାଧାରଣ ନାଗରିକ ଯାଏ ସମସ୍ତଙ୍କ ଅଧିକାର, କର୍ତ୍ତବ୍ୟ, ଦାୟିତ୍ୱ ତଥା ଦେଶର ଶାସନ ବ୍ୟବସ୍ଥା ସମ୍ପର୍କରେ ଲିପିବଦ୍ଧ ହୋଇ ରହିଲା ବିସ୍ତୃତ ଭାବରେ। ସେଥିପାଇଁ ଜାତୀୟ ଜୀବନର ଧର୍ମଗ୍ରନ୍ଥ ଭାବରେ ସମ୍ବିଧାନକୁ ଆମେ ମୁଣ୍ଡିଆ ମାରୁଛୁ, ତା'ର ଜନ୍ମତିଥିକୁ ଉତ୍ସବ ଭାବି ପାଳନ କରୁଛୁ ଏବଂ ବର୍ଷ ବର୍ଷ ଧରି ବଖାଣି ଚାଲିଛୁ ତା'ର ମହତ୍ତ୍ୱ ଓ ଗୁରୁତ୍ୱ ଗାଥା। ମାତ୍ର ଜାନୁୟାରୀ ୨୬ କେବଳ ଏକ ଦିବସ ନୁହେଁ,ଏକ ଉପଲବ୍ଧି। ଦେଶର ବିକାଶ ଓ ସ୍ଥିତିକୁ ନେଇ ଆତ୍ମସମୀକ୍ଷାର ଏକ ଅବସର। ଏହି ପରିପ୍ରେକ୍ଷୀରେ ଏଠାରେ ଉଲ୍ଲେଖନୀୟ ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଉକ୍ତି। ପ୍ରଥମ ଗଣତନ୍ତ୍ର ଦିବସ ପାଳନ ଅବସରରେ ସେ କହିଥିଲେ "ଗଣତନ୍ତ୍ର ଦିବସ ପାଳନ କେବଳ ଏକ ଉତ୍ସବ ପାଳନର ଅବସର ନୁହେଁ। ଆମ ସମସ୍ତଙ୍କୁ ମନେରଖିବାକୁ ହେବ ଯେ ଏହା ଦେଶ ପ୍ରତି ଆମର ଦାୟିତ୍ୱ ଓ କର୍ତ୍ତବ୍ୟବୋଧକୁ ସ୍ମରଣ କରିବାର ଦିନ। ତେଣୁ ଏହି ପବିତ୍ର ଦିବସଟିକୁ ଆନନ୍ଦର ଦିବସ ଭାବେ ପାଳନ ନ କରି ତ୍ୟାଗର ଦିବସ ଭାବେ ପାଳନ କରିବା ଉଚିତ।"

ପୃଥିବୀରେ ଭାରତ ହେଉଛି ସର୍ବବୃହତ୍ ଗଣତନ୍ତ୍ର। ଏହି କଥା କହି ବର୍ଷ ବର୍ଷ ଧରି ଆମେ ପିଟି ଚାଲିଛୁ ନିଜ ଢୋଲ। ମାତ୍ର ତା'ର ଶବ୍ଦ ଆଉ ମଧୁର ଶୁଭୁନାହିଁ ଆଗଭଳି। କାରଣ ଆମ ସମ୍ବିଧାନ ପ୍ରଣେତାମାନେ ଯେଉଁ ସ୍ୱଚ୍ଛ ଓ ଉତ୍ତରଦାୟୀ ବ୍ୟବସ୍ଥା କଥା କହିଥିଲେ, ତାହାଠାରୁ କ୍ରମଶଃ ଦୂରେଇ ଯାଉଛି ପ୍ରଚଳିତ ବ୍ୟବସ୍ଥା। ଲକ୍ଷ୍ୟ ଓ ବାସ୍ତବତା ମଧ୍ୟରେ ବଢୁଛି ଫରକ। ତେଣୁ ଆମ ଗଣତନ୍ତ୍ର ଯେତିକି ପରିପକ୍ୱ ହେଉଛି ସେତିକି ଦୁର୍ବଳ ହେବାରେ ଲାଗିଛି ତା'ର ଭିତ୍ତିଭୂମି। ଗଣତନ୍ତ୍ର କହିଲେ ସାଧାରଣତଃ ବୁଝାଯାଏ ସମାନତା, ସ୍ୱାଧୀନତା, ଆଇନର ଶାସନ, ମାନବିକ ଅଧିକାର ଏବଂ ଶାସନ ଓ ସରକାର ଲୋକଙ୍କ ପାଇଁ, ଲୋକଙ୍କ ଦାରା ଓ ଲୋକଙ୍କର। ମାତ୍ର ପ୍ରଚଳିତ ବ୍ୟବସ୍ଥାରେ ସମାନତା କଥାଟି ସମ୍ପୂର୍ଣ୍ଣ ଅନୁପସ୍ଥିତ। ତେଣୁ ଗଣତନ୍ତ୍ରର ମୂଳଭିତ୍ତିକୁ ଦୋହଲାଇ ଦେଇସାରିଲାଣି ଆର୍ଥିକ ବୈଷମ। ମୁଣ୍ଡ ପିଛା ଆୟ ଓ ଆଭ୍ୟନ୍ତରୀଣ ଉତ୍ପାଦନ ବୃଦ୍ଧି ପାଇବା ସତ୍ତ୍ୱେ ବଢ଼ି ଚାଲିଛି ଧନୀ ଦରିଦ୍ର ମଧ୍ୟରେ ବ୍ୟବଧାନ। ତଥ୍ୟ କହେ କେବଳ ୧୦ ପ୍ରତିଶତ ଲୋକଙ୍କ ପାଖରେ ଏଠି ଠୁଳ ହୋଇ ରହିଛି ଦେଶର ୯୦ ପ୍ରତିଶତ ସମ୍ପତ୍ତି । ୩୦ ପ୍ରତିଶତ ଲୋକ ଏଠି ମଧ୍ୟବିତ୍ତ । ଅବଶିଷ୍ଟ ଅଛନ୍ତି ଢୋକେ ପିଇ ଦଣ୍ଡେ ଜିଇବା ଅବସ୍ଥାରେ। ସ୍ୱଚ୍ଛଳ ବର୍ଗଙ୍କ ପାଇଁ ଅଲଗା ସ୍କୁଲ, ଅଲଗା ଡାକ୍ତରଖାନା ଓ ଅଲଗା କର୍ମକ୍ଷେତ୍ର। ଏସବୁ ସୁବିଧାରୁ ଏଠି ବଞ୍ଚିତ ହୁଏ ମଳିମୁଣ୍ଡିଆ। ଭାବିଲେ ଲାଗୁଛି ଧନୀ ଓ ଦରିଦ୍ର ମଧ୍ୟରେ ବଢିଚାଲିଥିବା ଏହି ଦୂରତା ହେଉଛି ଦେଶର ଅସଲ ବିଭାଜନ। ଆଉ ଯେଉଁମାନେ ଗଣତାନ୍ତ୍ରିକ ବ୍ୟବସ୍ଥା ଭେଳିକି ରଚନା କରି ଏ ବିଷମତାକୁ ବଢ଼ାଇ ଚାଲି ଭେଳିକି ରଚୁଛନ୍ତି, ସେମାନେ ହିଁ ହେଉଛନ୍ତି ଅସଲ ବିଚ୍ଛିନ୍ନତାବାଦୀ। କୁହାଯାଏ ଯେତେ ପ୍ରକାର ଶାସନ ବ୍ୟବସ୍ଥା ରହିଛି ତା' ଭିତରେ ଗଣତନ୍ତ୍ର ହେଉଛି ସର୍ବୋତ୍ତମ। କାରଣ ଗଣତନ୍ତ୍ର ହେଉଛି ଲୋକ ଶାସନ। ଲୋକେ ହେଉଛନ୍ତି ତା'ର ପ୍ରାଣ। ମାତ୍ର ଆମ ଦେଶରେ ପ୍ରଚଳିତ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକେ ନୁହନ୍ତି, ନେତା ଓ ରାଜନୈତିକ ଦଳଗୁଡ଼ିକ ହେଉଛନ୍ତି ଗଣତନ୍ତ୍ରର ପ୍ରାଣ। ସେମାନେ ଲୋକଙ୍କ କଥା ମନେପକାନ୍ତି ନିର୍ବାଚନ ଆସିଲେ। ସବୁ ଲୋକଙ୍କୁ ନୁହେଁ, କେବଳ ମନେପଡ଼ନ୍ତି ଭୋଟର ବା ମତଦାତା। ଗଣତାନ୍ତ୍ରିକ ବ୍ୟବସ୍ଥାରେ ମୁଖ୍ୟ ଉପାଦାନ ହେଉଛି ନିର୍ବାଚନ। ସ୍ୱାଧୀନ ଓ ସ୍ୱଚ୍ଛ ନିର୍ବାଚନ ଶାସନ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ନିତାନ୍ତ ପ୍ରୟୋଜନ। ମାତ୍ର ଆମ ଦେଶରେ ଲୋକଙ୍କୁ ଭଣ୍ଡେଇ, ତଣ୍ଡେଇ ଓ ଠକେଇ ଭୋଟ ହାତେଇବା ପାଇଁ ସବୁ ଦଳ ପ୍ରୟୋଗ କରନ୍ତି ନୂଆ ନୂଆ କୌଶଳ। ନିର୍ବାଚନ ବେଳେ ନଈବଢ଼ି ପାଣି ପରି ବହିଯାଏ ମଦ ଓ କଳାଟଙ୍କାର ସୁଅ। ରାଜନୈତିକ ଦଳଗୁଡ଼ିକର ଏହି ଅର୍ଥସର୍ବସ୍ୱ ରଣକୌଶଳ ଯୋଗୁ ବ୍ୟକ୍ତି ସ୍ୱାଧୀନତା ଓ ଗଣତାନ୍ତ୍ରିକ ଅଧିକାର ଏଠି କିଣାଯାଏ ପଣ୍ୟ ମୂଲ୍ୟରେ। ଫଳରେ ରାଜନୀତିଠାରୁ ଧୀରେ ଧୀରେ ଦୂରେଇ ଯାଉଛନ୍ତି ଯୋଗ୍ୟ, ଶିକ୍ଷିତ ଓ ନିଃସ୍ୱାର୍ଥପର ବ୍ୟକ୍ତି । ସାଧାରଣତଃ ଗଣତନ୍ତ୍ରକୁ କୁହାଯାଏ ଗୁଣତନ୍ତ୍ର। ମାତ୍ର ଭାରତରେ ପ୍ରଚଳିତ ଗଣତନ୍ତ୍ରର ସ୍ଥିତିକୁ ଦେଖିଲେ ଲାଗେ ଏହା ଗୁଣତନ୍ତ୍ର ନୁହେଁ, ବରଂ ଖୁଣତନ୍ତ୍ର । ସବୁଥିରେ ଖୁଣ ଭର୍ତ୍ତି ଏବଂ ଏହା ଖୁଣୀମାନଙ୍କର ଏକ ଆଡ୍ଡାସ୍ଥଳୀ। ଏଭଳି ଖୁଣୀମାନଙ୍କର ଅଜସ୍ର ଉଦାହରଣ ଦେଖିବାକୁ ମିଳୁଛି ରାଜ୍ୟ ଓ ଜାତୀୟ ରାଜନୀତିରେ। ପୂର୍ବରୁ ଧାରଣା ଥିଲା ବ୍ୟକ୍ତି ନୁହେଁ, ବସ୍ତୁ କେବଳ ବିକ୍ରିଯୋଗ୍ୟ। ମାତ୍ର ଏଠି ନିଜେ ନିଜ ସାମର୍ଥ୍ୟକୁ ନିକିତିରେ ରଖି ମୂଲ୍ୟ ନିର୍ଦ୍ଧାରଣ ପୂର୍ବକ ବିକ୍ରି ହୁଅନ୍ତି ନେତା।

ସ୍ୱାଧୀନତା ଆନ୍ଦୋଳନ ସମୟରେ ଭାରତକୁ ସ୍ୱାଧୀନତା ଦେବାକୁ ତତ୍କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଘୋର ବିରୋଧ କରି କହିଥିଲେ, ଭାରତୀୟମାନଙ୍କ ହାତକୁ କ୍ଷମତା ଟେକିଦେବା ଅର୍ଥ ଗୁଡ଼ାଏ ଅଯୋଗ୍ୟ ଓ ଦୁର୍ନୀତିଗ୍ରସ୍ତ ଲୋକଙ୍କ ହାତକୁ କ୍ଷମତା ଟେକି ଦେବା ସହ ସମାନ। ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କର ଏଭଳି ଟିପ୍ପଣୀ ଆମ ସ୍ୱାଭିମାନରେ ଆଞ୍ଚ ଆଣିଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇବା ସ୍ୱାଭାବିକ। ମାତ୍ର ଏବେ ଦର୍ପଣ ଦେଖିଲେ ତ ପ୍ରତିବିମ୍ବିତ ହେଉଛି ସେହି ଛବି । କବିବର ରାଧାନାଥଙ୍କ ଭାଷାରେ– 'ମଞ୍ଚ ପାଖେ କିଆଁ ଏତେ ଲୋକ ଠିଆ, ଲାଗିଅଛି ପରା ଆସନ କଜିଆ।' ସଂସଦ ହେଉଛି ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ; ଯାହା ରାଷ୍ଟ୍ର ପାଇଁ ପବିତ୍ରତାର ପ୍ରତୀକ। ଜନମତ ବଳରେ ସଂସଦକୁ ନିର୍ବାଚିତ ହେଉଥିବା ପ୍ରତିନିଧିମାନଙ୍କ ବୌଦ୍ଧିକତା ଉପରେ ନିର୍ଭର କରେ ଗଣତନ୍ତ୍ରର ସ୍ୱଚ୍ଛତା ଓ କ୍ରିୟାଶୀଳତା। ଅଥଚ ଆମର ଏଠି ବଢ଼ି ଚାଲିଛି କ୍ଷମତା କ୍ଷୁଧାରେ ଆତୁର ହୋଇ ରାଜନୀତିରେ ବାରମ୍ବାର ରଙ୍ଗ ବଦଳାଉଥିବା ଏଣ୍ଡୁଅମାନଙ୍କ ସଂଖ୍ୟା। ଦେଶରେ ଯେ ପର୍ଯ୍ୟନ୍ତ ଏହି ଗୋଖାଦ୍ୟଖିଆ ଓ ଚିଟ୍ ଫଣ୍ଡିଆଙ୍କୁ ଆମେ ନେତା ଭାବରେ ନିର୍ବାଚିତ କରୁଥିବା, ସେପର୍ଯ୍ୟନ୍ତ ସାଧାରଣ ଲୋକେ ଚାଖିପାରିବେନି ଗଣତନ୍ତ୍ରର ପ୍ରକୃତ ସ୍ୱାଦ। ୨୫ ନଭେମ୍ବର ୧୯୪୯ ସମ୍ବିଧାନ ସଭାରେ ଡ. ଆମ୍ବେଡକର କହିଥିଲେ– ମୋର ହୃଦ୍‌ବୋଧ ହେଉଛି ଯେ ସମ୍ବିଧାନ ଯେତେ ଭଲ ହେଉନା କାହିଁକି ତା'ର ଫଳାଫଳ ନିର୍ଭର କରେ ତାକୁ ପରିଚାଳନା କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ। ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ରାଷ୍ଟ୍ରର ଜାଗ୍ରତ ପ୍ରହରୀ। ଗଣମାଧ୍ୟମର ଗଣାଭିମୁଖୀ ଦୃଷ୍ଟିଭଙ୍ଗୀ ଯୋଗୁ ଗରୀୟାନ ହୁଏ ଗଣତନ୍ତ୍ର। ମାତ୍ର ଗଣର ସ୍ୱାର୍ଥ ପରିବର୍ତ୍ତେ ବ୍ୟବସାୟ ଯେଉଁଠି ଗଣମାଧ୍ୟମର ମୌଳିକ ସର୍ତ୍ତ, ସେଠାରେ ସେ ପାଲଟି ଯାଏ ରାଜନେତା ଓ ଅଭିଜାତ ବର୍ଗର ହସ୍ତମୁଦି ମାହାଳ। ଫଳରେ ଦିନକୁ ଦିନ ଦୁର୍ବଳ ହେଉଛି ଗଣତନ୍ତ୍ରର ଅଙ୍ଗ।

ଗଣତନ୍ତ୍ରର ସଫଳତା ପାଇଁ ସମାଲୋଚନା ଏକ ଅମୋଘ ଅସ୍ତ୍ର। ମାତ୍ର ବିରୋଧୀଙ୍କ ସ୍ୱରକୁ ଚାପିଦେବା ପାଇଁ ସରକାର ପ୍ରୟୋଗ କରୁଛନ୍ତି ନାନା କୌଶଳ। ସଂସଦ ଓ ବିଧାନସଭାରେ ବିତର୍କକୁ ଏଡ଼େଇ ଯିବା ପାଇଁ କେତେବେଳେ ପ୍ରଶ୍ନୋତ୍ତର କାଳ ବାତିଲ କରି ଦେଉଛନ୍ତି ତ କେତେବେଳେ ଅଚାନକ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରୁଛନ୍ତି। ସମ୍ବିଧାନ କେବଳ ଆମକୁ ଅଧିକାର ଦେଇନି, ଏଥିସହ କର୍ତ୍ତବ୍ୟ ପାଳନ ପାଇଁ ବି ରହିଛି ସ୍ପଷ୍ଟ ନିର୍ଦ୍ଦେଶ। ମାତ୍ର ସେ ନିର୍ଦ୍ଦେଶ ମାନୁଛି କିଏ ? ସମସ୍ତେ ତ ଅଧିକାର ସାବ୍ୟସ୍ତ କରିବାରେ ବ୍ୟସ୍ତ। ସତରେ ଆମେ ଆମ ମୌଳିକ ଅଧିକାର ସାବ୍ୟସ୍ତ କରିବାରେ ଯେତିକି ସକ୍ରିୟ, କର୍ତ୍ତବ୍ୟ ପାଳନ କ୍ଷେତ୍ରରେ ସେତିକି ବିମୁଖ। ଏଭଳି ସ୍ଥିତିରେ ଆମେ ଦୋଷ ଦେବା କାହାକୁ। ଗଣ ଚେତନାର ଅଭାବ ଥିବା ଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର ।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ, ପଡ଼ିଆବେଡ଼ା, ମୟୂରଭଞ୍ଜ, ମୋ–୯୪୩୮୮୫୫୦୮୮

# ଅମର ହେବ ମଣିଷ



ଡ. ନରେନ୍ଦ୍ର ସେଠୀ

ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ। ଭାଗବତର ଏହି ମର୍ମସ୍ପର୍ଶୀ ବାଣୀର ଅର୍ଥ ହେଲା ଯିଏ ଜନ୍ମ ନେବ ତା'ର ମୃତ୍ୟୁ ନିଶ୍ଚିତ। ସେ ଦେବତା ହେଲେ ମଧ୍ୟ ଏହି ନିୟମରେ ବନ୍ଧା। ସତ କହିବାକୁ ଗଲେ ଆମେ କେହି ମରିବାକୁ ଚାହୁଁନା। ମୃତ୍ୟୁ ଚରମ ସତ୍ୟ ହେଲେ ମଧ୍ୟ ହିଂସା, ଦ୍ୱେଷ, ଈର୍ଷା ଓ ଲୋଭ ଭିତରେ ଘାଣ୍ଟି ହୋଇ ରହୁ। ତେବେ ଖୁସିର କଥା ଏହି କି ଯେ ମଣିଷର ଦୀର୍ଘଦିନ ପର୍ଯ୍ୟନ୍ତ ବଞ୍ଚିବାର ଏହି ଲାଳସାକୁ ପୂର୍ଣ୍ଣ କରିବାକୁ ବିଜ୍ଞାନ ଚେଷ୍ଟା କରୁଛି। ଏଠାରେ ସୂଚନାଯୋଗ୍ୟ ଯେ, ବିଂଶ ଶତାବ୍ଦୀର ଆରମ୍ଭରେ ମଣିଷର ହାରାହାରି ପରମାୟୁ ମାତ୍ର ୩୧ ବର୍ଷ ଥିଲା ; ଯାହା ୧୯୫୦ ବେଳକୁ ୪୮ ଓ ୨୦୧୭ ବେଳକୁ ୭୨ ବର୍ଷରେ ପହଞ୍ଚିଲା। ଉନ୍ନତ ଚିକିତ୍ସା ପଦ୍ଧତି, ବୈଜ୍ଞାନିକ ଜ୍ଞାନ କୌଶଳ ଓ ଆର୍ଥିକ ଅଭିବୃଦ୍ଧି ଏଥିପାଇଁ କାରଣ। କିନ୍ତୁ ବିଜ୍ଞାନ ଏଇଠି ଅଟକି ଯାଇନି। ମଣିଷର ପରମାୟୁ ଆହୁରି ବଢ଼େଇ ଦୀର୍ଘଜୀବୀ କରିବା ପାଇଁ ବୈଜ୍ଞାନିକ ମାନେ ଅଣ୍ଟା ଭିଡ଼ିଛନ୍ତି। ସମୟ ସହିତ ବୟସ୍କ ହେବାର ବୈଜ୍ଞାନିକ କାରଣ ହେଲା ଶରୀର ଭିତରେ ଘଟୁଥିବା ଅନେକ ଜଟିଳ ଜୈବିକ ପରିବର୍ତ୍ତନ। ବୟସ ବଢ଼ିଲେ ଗୁଣସୂତ୍ର ଗୁଡ଼ିକ ଧୀରେ ଧୀରେ ଭାଙ୍ଗି ଅକାମୀ ହେଇପଡ଼ନ୍ତି ଓ ଅନେକ ପ୍ରୋଟିନଗୁଡ଼ିକ ଜରୁରୀ ଜୈବିକ ପ୍ରକ୍ରିୟାଗୁଡ଼ିକରେ ଭାଗ ନେଇପାରନ୍ତିନି। କୋଷଗୁଡ଼ିକ ଅନବରତ କାର୍ଯ୍ୟ କରିବା ସମୟରେ ଅନେକ ବର୍ଜ୍ୟବସ୍ତୁ ତିଆରି ହୁଏ ; ଯାହା ସେମିତି ଜମା ହୋଇ ରହେ ଓ ଶରୀରର ଶକ୍ତି ପ୍ରଦାନ କରିବା କ୍ଷମତା ହ୍ରାସ କରେ। ଏହାଛଡ଼ା ଖାଦ୍ୟ ପଦାର୍ଥର ହଜମ ଓ ଜାରଣ ସମୟରେ ନିର୍ଗତ ହେଉଥିବା ଅମ୍ଳଜାନ ଆୟନ ଅନେକ ଫ୍ରି ରାଡିକାଲ ବା ମୁକ୍ତ ମୂଳକମାନ ତିଆରି କରେ ; ଯାହା ଶରୀରର ଅନେକ ସୁସ୍ଥ କୋଷଗୁଡ଼ିକୁ ନଷ୍ଟ କରିଥାଏ। ଏହାଛଡ଼ା ବୟସ୍କ ହେବାର ଅନେକ ଅଜଣା କାରଣ ଅଛି। ମଣିଷ ଶରୀର ଅନେକ କୋଷକୁ ନେଇ ଗଠିତ। କୋଷଗୁଡ଼ିକ ଏକରୁ ଦୁଇ, ୨ରୁ ଚାରି ହୋଇ ବିଭାଜନ ପ୍ରକ୍ରିୟାରେ ବଢ଼ିଥାନ୍ତି। ଆମ ଶରୀରର ଗୋଟିଏ କୋଷ ଏହିପରି ୫୦ ଥର ବିଭାଜନ ହେଲା ପରେ ମୃତ୍ୟୁବରଣ କରିଥାଏ ବୋଲି ପରୀକ୍ଷା କରି ଜଣାପଡ଼ିଛି। ତିରିଶ ବର୍ଷ ପରେ ମଣିଷ ଶରୀରର ଧୀରେ ଧୀରେ ଶିଥିଳତା ଆସେ ଓ ବାର୍ଦ୍ଧକ୍ୟ ଆଡ଼କୁ ପାଦ ପକାଏ । କିନ୍ତୁ ସବୁଠୁ ରୋଚକ କଥା ହେଲା ମଣିଷ ଶରୀରରେ କିଛି ଏମିତି କୋଷ ଅଛି, ଯାହା ମରେ ନାହିଁ। ଉଦାହରଣ ସ୍ୱରୂପ କର୍କଟ ଆକ୍ରାନ୍ତ କୋଷଗୁଡ଼ିକ ମରିବାର ସବୁ ଗୁଣ ହରେଇ ବସିଥାନ୍ତି। ଷ୍ଟେମ ସେଲ ଓ ଜର୍ମ ସେଲର ମଧ୍ୟ ଏହି ଗୁଣ ଅଛି। ଯେହେତୁ ଗୁଣସୂତ୍ର ବା ଜିନ୍ ମଣିଷର ବାର୍ଦ୍ଧକ୍ୟ ପାଇଁ ମୋଟାମୋଟି ଦାୟୀ। ବୈଜ୍ଞାନିକମାନେ ଏବେ ଏପରି ଜିନ୍‌ର ସନ୍ଧାନରେ ଅଛନ୍ତି, ଯାହା ବୟସକୁ ଅଟକେଇ ପାରିବ।

ଆମେରିକାର ବକ ବୟସ ଗବେଷଣା କେନ୍ଦ୍ର ଓ ଚାଇନାର ନାଞ୍ଜିଙ୍ଗ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ମିଳିତ ଭାବରେ ଏପରି ଏକ ଜିନ୍‌ର ସନ୍ଧାନ କରିଛନ୍ତି, ଯାହା ମଣିଷର ପରମାୟୁ ୪୦୦ରୁ ୫୦୦ ବର୍ଷ ପର୍ଯ୍ୟନ୍ତ କରିପାରେ ବୋଲି ଏକ ଗବେଷଣା ପ୍ରବନ୍ଧରେ ପ୍ରକାଶ ପାଇଛି । ପ୍ରାରମ୍ଭିକ ଭାବରେ ଆମେରିକାର ନର୍ଥ ୱେଷ୍ଟର୍ନ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ବୟସ ବୃଦ୍ଧି କରୁଥିବା ଗୁଣସୂତ୍ରକୁ ପୋକଙ୍କଠାରେ ଠାବ କରିସାରିଛନ୍ତି। ଗୁଗଲ, ଓରାକେଲ ଭଳି ବିଶ୍ୱର ଅନେକ ବଡ଼ ବଡ଼ ଘରୋଇ ସଂସ୍ଥା ହଜାର ହଜାର କୋଟି ଟଙ୍କା ଏବେ ଏପରି ଗବେଷଣାରେ ଲଗେଇ ସାରିଲେଣି। ଅମରତ୍ୱ ପାଇବା ପାଇଁ ଆହୁରି ଅନେକ ଉପାୟ ଗୁଡ଼ିକ ଭିତରେ ହେଲା ବୟସ୍କ କରୁଥିବା ଗୁଣସୂତ୍ରକୁ ବାହାର କରି ଅମର ଗୁଣସୂତ୍ରରେ ବଦଳେଇ ଦେବା। ଯୋଉଦିନ ବୈଜ୍ଞାନିକମାନେ ଏକ ଅମର ଗୁଣସୂତ୍ରର ସନ୍ଧାନ ପାଇଯିବେ ମଣିଷ ଅମରତ୍ୱ ପ୍ରାପ୍ତ ନ କଲେ ମଧ୍ୟ ୫୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରିବ। ଆଉ ଗୋଟେ ଉପାୟ ହେଲା କ୍ଲୋନିଂ। ଏହାଦ୍ୱାରା ମଣିଷର ପୁରୁଣା ଅଙ୍ଗ ପ୍ରତ୍ୟଙ୍ଗକୁ ନୂଆ ସମ୍ପୂର୍ଣ୍ଣ ମଣିଷର ଶରୀର ଦ୍ୱାରା ବଦଳେଇ ଦେବା। କ୍ଲୋନିଙ୍ଗର ସଫଳ ପ୍ରଦର୍ଶନ ବୈଜ୍ଞାନିକ ମେଣ୍ଢା ଓ ମୂଷା ପରି ପ୍ରାଣୀଙ୍କ ଦେହରେ କରି ସଫଳତା ପାଇଁ ସାରିଲେଣି । ସେହିପରି କ୍ରାୟୋଜେନିକ ବା ନିମ୍ନତାପିକି କୌଶଳ ଦ୍ୱାରା ମଣିଷର ଶରୀରକୁ ବର୍ଷ ବର୍ଷ ଧରି ସୁପ୍ତ ଅବସ୍ଥାରେ ସଂରକ୍ଷଣ କରି ରଖା ଯାଇପାରିବ ଓ ଦରକାର ପଡ଼ିଲେ ନିଦରୁ ଉଠିଲା ପରି ଚେଇଁ ନୂଆ ଜୀବନ ବିତେଇବ। ଯା ଭିତରେ ରୁଷିଆର ଜଣେ ଧନୀ ଶିଳ୍ପପତିଙ୍କ ଆର୍ଥିକ ଅନୁଦାନରେ ପ୍ରୋଜେକ୍ଟ– ୨୦୪୫ ନାମକ ଗବେଷଣା ଅନୁଯାୟୀ ମଣିଷର ମସ୍ତିଷ୍କକୁ ପ୍ରୋଗ୍ରାମିଂ କରି ଏକ କମ୍ପ୍ୟୁଟର ହାର୍ଡ ଡ୍ରାଇଭରେ ଭର୍ତ୍ତି କରିଦିଆଯିବ ଓ ମଣିଷ ଅମରତ୍ୱ ଲାଭ କରିବ। ଏହି ସଂସ୍ଥାର ଦାବି ଅନୁଯାୟୀ ଆଗାମୀ ୧୭ ବର୍ଷ ଭିତରେ ମଣିଷ ଏହି ସାଇବର ବ୍ରେନ ଉପାୟରେ ଅମରତ୍ୱ ଲାଭ କରିବାରେ ସଫଳ ହେବ। ତେବେ ଭାରତୀୟ ବିଜ୍ଞାନ ଏକାଡେମୀର ଏକ ଜର୍ନାଲରେ ପ୍ରକାଶିତ ଏକ କୌତୂହଳପୂର୍ଣ୍ଣ ଗାଣିତିକ ସମ୍ମୀକରଣ ଅନୁସାରେ ମଣିଷ ଭଳି ବହୁ କୋଷିୟ ପ୍ରାଣୀର କୋଷିକାର ମୃତ୍ୟୁ ଗତିକୁ ଅଟକେଇଲେ ଏକା ସମୟରେ କର୍କଟ ଆକ୍ରାନ୍ତ କୋଷିକାଗୁଡ଼ିକର ଅନିୟନ୍ତ୍ରିତ ବୃଦ୍ଧି ହେବ। ତେଣୁ ଏହି ଗାଣିତିକ ସମ୍ମୀକରଣ ଅନୁସାରେ ମଣିଷ ପାଇଁ ଅମରତ୍ୱ ଲାଭ କରିବା ଅସମ୍ଭବ।

ଆମ ଆଖି ପାଖରେ ଏମିତି ଅନେକ ଜୀବଜନ୍ତୁ ଅଛନ୍ତି ଯିଏ ପାଞ୍ଚ ହଜାର ବର୍ଷ ପର୍ଯ୍ୟନ୍ତ ବଞ୍ଚି ପାରୁଛି। ଉଦାହରଣ ସ୍ୱରୂପ ଆମେରିକାରେ ମିଳୁଥିବା ବ୍ରିଷ୍ଟଲ ପାଇନ ଗଛ ୫୦୦୦ ପର୍ଯ୍ୟନ୍ତ ବଞ୍ଚି ପାରୁଛି। ସାଧରଣତଃ ବରଗଛ ହଜାରେ ବର୍ଷ ପର୍ଯ୍ୟନ୍ତ, ସମୁଦ୍ରି ଲବଷ୍ଟର ୧୪୦ ବର୍ଷ, ତିମି ମାଛ ୨୦୦ ବର୍ଷ, ବୃହଦାକାର କଇଁଛ ୨୫୬ ବର୍ଷ, ଗ୍ରୀନଲ୍ୟାଣ୍ଡ ସାର୍କ ୨୦୦ ବର୍ଷ ଓ ଆଇସଲ୍ୟାଣ୍ଡ ଶାମୁକା ୫୦୭ ବର୍ଷ ପର୍ଯ୍ୟନ୍ତ ବଞ୍ଚି ପାରୁଛି। ତେଣୁ ମଣିଷ ଯେ ଦିନେ ନିଜର ଜୀବନ ଧାରଣ ସମୟ ସୀମାକୁ ଇଚ୍ଛା ଅନୁସାରେ ବଢ଼େଇ ପାରିବ ଏହାର ଯଥେଷ୍ଟ ସମ୍ଭାବନା ଅଛି।

ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର, ପରିବେଶ ନିରୀକ୍ଷଣ ପରୀକ୍ଷାଗାର, ଯାଦୁଗୁଡା, ପୂର୍ବ ସିଂଭୂମି, ଝାରଖଣ୍ଡ
ମୋ:୭୦୦୪୦୬୮୧୧୦

## ଏଇ ଭାରତରେ

ବଣ ପାହାଡ଼ଘେରା ଦୁର୍ଗମ ଅଞ୍ଚଳର ଆଦିବାସୀ ଗ୍ରାମଗୁଡ଼ିକରେ ଶିକ୍ଷକ ଭାବେ କାର୍ଯ୍ୟ କରିବା ପାଇଁ ପ୍ରାୟ ଅନେକ ଅମଙ୍ଗ ହୋଇଥାନ୍ତି। କିନ୍ତୁ ମହାରାଷ୍ଟ୍ରର ଶିକ୍ଷକ ଦମ୍ପତି ପୋପାଟ୍ରାଓ ଫୁଣ୍ଡେ ଓ ତାଙ୍କ ସ୍ତ୍ରୀ ଅନୁରାଧାଙ୍କ ଚିନ୍ତାଧାରା ଭିନ୍ନ। ସେମାନେ ଆଦିବାସୀ ଗ୍ରାମରେ ଶିକ୍ଷାର ବିକାଶ କରିବା ସହିତ ସେଠାକାର ଗାଁଗୁଡ଼ିକରେ ଥିବା ଅସହାୟଙ୍କୁ ସାହାଯ୍ୟ କରୁଛନ୍ତି। ଉକ୍ତ ଶିକ୍ଷକ ଦମ୍ପତି ସେମାନଙ୍କ ମାସିକ ଦରମାରୁ ୧୦ ପ୍ରତିଶତ ଖର୍ଚ୍ଚ କରି ଲୋକମାନଙ୍କୁ ସ୍ୱାବଲମ୍ବୀ କରୁଛନ୍ତି। ଆଦିବାସୀ ପିଲାମାନଙ୍କର ସମସ୍ତ ଖର୍ଚ୍ଚ ବହନ କରି ସ୍କୁଲକୁ ଆଣୁଛନ୍ତି। କେବଳ ଏତିକି ନୁହେଁ ସେ ଅଞ୍ଚଳରେ ଥିବା ଅସହାୟ ମହିଳା, ବିଧବା, କୃଷକମାନଙ୍କୁ ବି ସହାୟତା ଯୋଗାଇ ଦେଉଛନ୍ତି। କୃଷକଙ୍କୁ ଛେଳି, ମହିଳାଙ୍କୁ ସିଲେଇ ମେସିନ ଦେଇ ସଶକ୍ତ କରୁଛନ୍ତି ଏହି ଦମ୍ପତି। ପୋପାଟ୍ରାଓ ଅହମଦନଗରର ଜିଲା ପାଥଡିର ୱିକାରସ୍ତି ଜିଲାପରିଷଦ ସ୍କୁଲ ଓ ତାଙ୍କ ସ୍ତ୍ରୀ ଅନୁରାଧା ଜିଲା ପରିଷଦ ସ୍କୁଲରେ କାର୍ଯ୍ୟରତ। ଏହି ଶିକ୍ଷକ ଦମ୍ପତି ସେମାନଙ୍କ ସେବା ୨୦୧୪ରୁ ଆରମ୍ଭ କରିଛନ୍ତି। ଦୁହେଁ ଗାଁ ଲୋକଙ୍କୁ ଏକାଠି କରି ସ୍ୱଚ୍ଛତା ଅଭିଯାନ ମଧ୍ୟ ଜାରି ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜାନୁୟାରୀ ୧୯୯୬

- ବାଂଲାଦେଶର ପ୍ରଧାନମନ୍ତ୍ରୀ ବେଗମ୍ ଖାଲେଦା ଜିଆଙ୍କ ସମେତ ବାଂଲାଦେଶ ଜାତୀୟବାଦୀ ପାର୍ଟିର ୪୧ ଜଣ ସଦସ୍ୟ ପାର୍ଲାମେଣ୍ଟକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ।
- ଜାପାନ ଭାରତକୁ ୧.୨୧୫ ବିଲିୟନ ଡଲାର ସରକାରୀ ସହାୟତା ପ୍ରଦାନ କରିବା ନେଇ ଦୁଇ ଦେଶ ମଧ୍ୟରେ ବୁଝାମଣା।
- ଭୁବନେଶ୍ୱର–ପଲାସା ଡିଏମ୍‌ୟୁ ରେଳସେବା ଚଳାଚଳକୁ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବିକାଶ ପାଇଁ ସଂସ୍କାର ଜରୁରୀ

ମହାଶୟ,

ଦେଶରେ ଚାଲିଥିବା କୃଷକ ଆନ୍ଦୋଳନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିକାଶ ପାଇଁ ସଂସ୍କାର ଜରୁରୀ । ଏହା ସମ୍ପୂର୍ଣ୍ଣ ଠିକ୍ । ପ୍ରତ୍ୟେକ କ୍ଷେତ୍ରରେ ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ସଂସ୍କାର ଜରୁରୀ । ତେବେ ସଂସ୍କାର ସର୍ବଦା ନିର୍ବିବାଦୀୟ ଓ ଦେଶବାସୀଙ୍କ ସ୍ୱାର୍ଥର ଅନୁକୂଳ ହେବା ଆବଶ୍ୟକ । ଗତ ୬ବର୍ଷ ମଧ୍ୟରେ କେନ୍ଦ୍ରର ଏନ୍‌ଡିଏ ସରକାର ଆର୍ଥିକ, ପ୍ରଶାସନିକ ଓ ସାମାଜିକ କ୍ଷେତ୍ରରେ ଅନେକଗୁଡ଼ିଏ ସଂସ୍କାରମୂଳକ ନିଷ୍ପତ୍ତି ନେଇଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ତେବେ ଏହି ସମୟ ମଧ୍ୟରେ ନିର୍ବାଚନ ସଂସ୍କାର କ୍ଷେତ୍ରରେ ଗୋଟିଏ ହେଲେ ଆଖିଦୃଶିଆ ପଦକ୍ଷେପ ନିଆ ନ ଯିବା ଦୁର୍ଭାଗ୍ୟଜନକ । ନିର୍ବାଚନ ସମସ୍ତ ପ୍ରକାର ଦୁର୍ନୀତି ଓ ଭ୍ରଷ୍ଟାଚାରର ମୂଳ ଉତ୍ସ । ଭାରତରେ ନିର୍ବାଚନ ସ୍ୱଚ୍ଛ, ନିରପେକ୍ଷ, ଅବାଧ ଏବଂ ଅର୍ଥବଳ ଓ ବାହୁବଳରୁ ସମ୍ପୂର୍ଣ୍ଣ ମୁକ୍ତ ନ ହେବା ପର୍ଯ୍ୟନ୍ତ ଦେଶରୁ ଦୁର୍ନୀତି ଓ ଦାରିଦ୍ର୍ୟ ଦୂର ହେବ ନାହିଁ । ଦୁର୍ନୀତି ଓ ଦାରିଦ୍ର୍ୟ ଦୂର ନ ହେବା ପର୍ଯ୍ୟନ୍ତ ବିକାଶ ଅସମ୍ଭବ । ନିର୍ବାଚନରେ କଳା ଧନର ପ୍ରୟୋଗ ବନ୍ଦ କରିବା, ଲାଞ୍ଚ କାରବାରକୁ ଧର୍ତ୍ତବ୍ୟ ଅପରାଧ ଭାବେ ବିବେଚନା କରିବା, ଅପରାଧ ପୃଷ୍ଠଭୂମି ଥିବା ଓ ଦାଗୀ ନେତାଙ୍କୁ ନିର୍ବାଚନ ଲଢିବାରେ ବାରଣ କରିବା । ପ୍ରାର୍ଥୀଙ୍କ ବୟସସୀମା ଧାର୍ଯ୍ୟ କରିବା, ମିଥ୍ୟା ସତ୍ୟପାଠ ଦେଲେ ଓ ଦଳବଦଳ କଲେ ସଭ୍ୟପଦ ଲୋପ କରିବା, ଆଚରଣବିଧି ଉଲ୍ଲଂଘନକାରୀଙ୍କୁ କଠୋର ଶାସ୍ତି ଦେବା କ୍ଷେତ୍ରରେ କେନ୍ଦ୍ର ସଂସ୍କାର ନିଆଯିବା ଆଦୌ ଗ୍ରହଣୀୟ ନୁହେଁ । ଏହା ବର୍ତ୍ତମାନର ଜରୁରୀ ଆବଶ୍ୟକତା ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁରରୋଡ,ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୂର୍ଚ୍ଛିତ ଏ ଧରଣୀ ପରେ
ସେ ଗତି କ୍ଷୀଣ ଚେତନା ଭରେ
ମୃତ୍ୟୁ ସମ ଜଡ଼ତା ରାଶି
ନିମିଷେ ଦିଏ ଢାଳି
ସହଜ ଗତି ଯା'ନ୍ତି ଚଳି ବାଳୀ।
–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୯୯,୨୪,୧୨୩ | ୨୧,୪୨,୧୯୮ | ୭,୧୮,୮୬,୯୭୧ |
| ଭାରତ | ୧,୦୬,୭୨,୦୩୫ | ୧,୫୩,୫୨୫ | ୧,୦୩,୩୪,୮୫୦ |
| ଓଡ଼ିଶା | ୩,୩୪,୪୩୦ | ୧୯୦୬(+୫୩) | ୩,୩୧,୨୮୪ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ବିଧାୟକ, ଏମ୍‌ପି, ବିଚାରପତି ବିଦ୍ୟାଳୟକୁ ପୋଷ୍ୟ ଭାବେ ନିଅନ୍ତୁ

- ‘ମୋ ସ୍କୁଲ’ କାର୍ଯ୍ୟକ୍ରମରେ ସାମିଲ ଆହ୍ୱାନ
- ‘ସ୍କୁଲ ଆମକୁ ବହୁତ ଦେଇଛି,ଏବେ ପ୍ରତିଦାନର ସୁଯୋଗ’

ଭୁବନେଶ୍ୱର,୨୫।୧(ବ୍ୟୁରୋ)

‘ମୋ ସ୍କୁଲ’ କାର୍ଯ୍ୟକ୍ରମରେ ସାମିଲ ହୋଇ ଅତି ବେଶିରେ ୩ଟି ସରକାରୀ ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ସମେତ ହାଇକୋର୍ଟର ବିଚାରପତି, ରାଜ୍ୟର ସବୁ ଏମ୍‌ପି, ବିଧାୟକଙ୍କୁ ଅନୁରୋଧ କରିଛନ୍ତି।

ସ୍କୁଲରେ ହିଁ ଆମର ବ୍ୟକ୍ତିତ୍ୱର ମୂଳଦୁଆ ପଡ଼ିଥାଏ। ଶିଶୁକୁ ସ୍କୁଲ ହିଁ ସମାଜ ସହ ଯୋଡ଼ିଥାଏ। ଆମ ସାମାଜିକ ଜୀବନର ଅୟମାରମ୍ଭ ବିଦ୍ୟାଳୟରୁ ହୋଇଥାଏ। ଘର ପରେ ବିଦ୍ୟାଳୟ ସହିତ ଆମ ସମସ୍ତଙ୍କର ଭାବଗତ ବନ୍ଧନ ସବୁଠାରୁ ଅଧିକ। ତେଣୁ ଆମ ଶିକ୍ଷା ଭିତ୍ତିଭୂମିରେ ଉନ୍ନତି ଆଣି ସରକାରୀ ସ୍କୁଲଗୁଡ଼ିକରେ ଏକ ଆଦର୍ଶ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ସ୍କୁଲ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜଣେ ବ୍ୟକ୍ତି ଚାହିଁଲେ ସେ ପଢୁଥିବା ସ୍କୁଲର ବିକାଶରେ ଭାଗୀଦାରି ହୋଇପାରିବ। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶର ବହୁ ଓଡ଼ିଆ ସାମିଲ ହୋଇ ସେମାନେ ପଢ଼ିଥିବା ସ୍କୁଲର କାୟାକଳ୍ପରେ ସାମିଲ ହୋଇଛନ୍ତି।

ଏହି ପରିପ୍ରେକ୍ଷୀରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ହାଇକୋର୍ଟର ବିଚାରପତି, ସମସ୍ତ ମନ୍ତ୍ରୀ, ସମସ୍ତ ଏମ୍‌ପି ଏବଂ ବିଧାୟକମାନଙ୍କୁ ସେମାନେ ପଢ଼ିଥିବା ସ୍କୁଲ ବା ପସନ୍ଦର ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ଚିଠି ଲେଖି ଅନୁରୋଧ କରିଛନ୍ତି। ଜଣେ ବ୍ୟକ୍ତି ଚାହିଁଲେ ସର୍ବାଧିକ ୩ଟି ସ୍କୁଲକୁ ପୋଷ୍ୟ ଭାବରେ ଗ୍ରହଣ କରିପାରିବେ।

ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଆପଣମାନେ ନିଜ ନିଜର ଦକ୍ଷତା ଓ ପ୍ରତିଭା ଦ୍ୱାରା ସମାଜରେ ପ୍ରତିଷ୍ଠା ଲାଭ କରିଛନ୍ତି। ଏଥିରେ ଆପଣ ପାଠ ପଢ଼ିଥିବା ସ୍କୁଲର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ବିଦ୍ୟାଳୟ ଆମକୁ ବହୁତ କିଛି ଦେଇଛି। ଆମକୁ ଗଢ଼ିଛି। ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଆମ ଭିତରେ ସାମର୍ଥ୍ୟ ସୃଷ୍ଟି କରିଛି। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି। ସମାଜ ପ୍ରତି ଉତ୍ତରଦାୟିତ୍ୱକୁ ଠିକ୍ ଭାବରେ ନିର୍ବାହ କରିବା ପାଇଁ ମାର୍ଗ ଦେଖାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ସରକାରଙ୍କ ମୋ ସ୍କୁଲ କାର୍ଯ୍ୟକ୍ରମ ଆପଣଙ୍କର ପ୍ରିୟ ସ୍କୁଲ ପାଇଁ କିଛି କରିବା ଲାଗି ସୁଯୋଗ ସୃଷ୍ଟି କରିଛି। ଉଦାର ହୃଦୟରେ ଆପଣଙ୍କ ପ୍ରିୟ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ସମାଜର ନେତୃବର୍ଗଙ୍କ ଏହି ସାଧୁ ଉଦ୍ୟମ ଅତ୍ୟନ୍ତ ପ୍ରଭାବଶାଳୀ ହେବା ସହିତ ଆପଣମାନଙ୍କ ପାଇଁ ଅନନ୍ୟ ପରିଚୟ ଓ ଅନ୍ୟମାନଙ୍କ ପାଇଁ ଏକ ଅନୁକରଣୀୟ ଉଦାହରଣ ସୃଷ୍ଟି କରିବ। ମୋ ସ୍କୁଲ କାର୍ଯ୍ୟକ୍ରମରେ ସାମିଲ ହୋଇ ରାଜ୍ୟର ଶୈକ୍ଷିକ ପରିବେଶରେ ଆରମ୍ଭ ହୋଇଥିବା ରୂପାନ୍ତରରେ ଯୋଗ ଦେବା ପାଇଁ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି।

## ଧାନକିଣା ଅନିୟମିତତାରେ ୨ଜଣ ନିଲମ୍ବିତ

**ଭୁବନେଶ୍ୱର,୨୫।୧(ବ୍ୟୁରୋ):** ଖରିଫ ବିପଣନ ଋତୁ ୨୦୧୯-୨୦ରେ କେନ୍ଦୁଝର ଜିଲାର ସାହାରପଡ଼ା ଲ୍ୟାମ୍ପସ୍‌ରେ ଧାନ କିଣାରେ ଅନିୟମିତତା ଅଭିଯୋଗ ଆସିବା ପରେ କେନ୍ଦୁଝରର ଡିଆର୍‌ସିଏସ୍ ପ୍ରମୋଦ କୁମାର ବରିହା ଏବଂ ଏଆର୍‌ସିଏସ୍ ପର୍ଶୁରାମ ପାତ୍ରଙ୍କୁ ନିଲମ୍ବନ କରାଯାଇଛି। ଧାନକିଣାରେ ଅନିୟମିତତା ଅଭିଯୋଗର ତଦନ୍ତ ରିପୋର୍ଟ କେନ୍ଦୁଝର ଜିଲାପାଳଙ୍କଠାରୁ ହସ୍ତଗତ ହେବାପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମବାୟ ବିଭାଗ ପକ୍ଷରୁ ସୋମବାର ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ନିଲମ୍ବନ ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇଛି। ଏଥିସହିତ ନିଲମ୍ବିତ ଅଧିକାରୀ ଦ୍ୱୟଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।




## ୬୨ ପଦବୀକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁର

**ଶିଶୁ ଓ ମହିଳାଙ୍କ ବିରୋଧରେ ଅପରାଧ ରୋକିବାକୁ ସ୍ୱତନ୍ତ୍ର ଶାଖା**

ଭୁବନେଶ୍ୱର,୨୫।୧(ବ୍ୟୁରୋ)

ମହିଳା ଓ ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯାତନା ତଥା ସେ ସଂକ୍ରାନ୍ତ ଅପରାଧକୁ ଯେପରି ଫଳପ୍ରଦ ଭାବରେ ରୋକାଯାଇ ପାରିବ, ଅଭିଯୋଗର ଉଚିତ ଭାବରେ ତଦନ୍ତ କରାଯାଇପାରିବ, ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ପୋଲିସରେ ଏକ ସ୍ୱତନ୍ତ୍ର ଶାଖା ଖୋଲିବା ପାଇଁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ସୋମବାର ଏହି ସ୍ୱତନ୍ତ୍ର ଶାଖା ପାଇଁ ୬୨ଟି ବିଭିନ୍ନ ପଦବୀ ମଞ୍ଜୁର କରିଛନ୍ତି। ଏଥିରେ ପୋଲିସ ବିଭାଗ ଲାଗି ୬୦ଟି ପଦବୀ ସହିତ ସାଇବର ଫରେନସିକ ଏବଂ ଆଇଟି ବିଶେଷଜ୍ଞ ପାଇଁ ୨ଟି ପଦବୀକୁ ମଞ୍ଜୁର ପ୍ରଦାନ କରାଯାଇଛି। ଜଣେ ଆଇଜି ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ ଏହି ଶାଖା ପରିଚାଳିତ ହେବ। ଏଥିରେ ଦୁଇ ଜଣ ଅତିରିକ୍ତ ଏସ୍‌ପି, ୧୦ ଜଣ ଡିଏସ୍‌ପି, ୯ ଜଣ ଇନ୍ସପେକ୍ଟର, ୧୦ ଜଣ ସବ୍‌ଇନ୍ସପେକ୍ଟର, ୮ ଜଣ ଏଏସ୍‌ଆଇ ଓ ୧୪ ଜଣ କନ୍‌ଷ୍ଟେବଲଙ୍କୁ ନିୟୋଜିତ କରାଯିବ।









ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୬ ଜାନୁୟାରୀ, ୨୦୨୧



**ପୁଣି ବଞ୍ଚିଉଠିବେ ବିଶ୍ୱାସରେ ୨ ଝିଅଙ୍କୁ ହତ୍ୟା**

**ହାଇଦ୍ରାବାଦ:** ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନିଜ ୨ ଝିଅଙ୍କୁ ରବିବାର ରାତିରେ ହତ୍ୟା କରିଛନ୍ତି ଆନ୍ଧ୍ରପ୍ରଦେଶର ଏକ ଦମ୍ପତି। ସକାଳ ହେଲେ କଳିଯୁଗ ସରି ସତ୍ୟଯୁଗ ଆରମ୍ଭ ହେବ ଏବଂ ସେମାନେ ପୁଣି ବଞ୍ଚିଉଠିବେ ବୋଲି ବିଶ୍ୱାସ କରି ଏହି ହତ୍ୟାକାଣ୍ଡ କରିଛନ୍ତି। ମୃତାଙ୍କ ବାପା ଭେଲୁରୁ ପୁରୁଷୋତ୍ତମ ନାଏଡୁ ଏକ ମହିଳା କଲେଜ ପ୍ରିନ୍ସିପାଲ ହୋଇଥିବାବେଳେ ମା' ପଦ୍ମଜା ଜଣେ ଶିକ୍ଷୟିତ୍ରୀ। ବଡ଼ ଝିଅ ଆଲେଖ୍ୟା(୨୭) ସ୍ନାତକୋତ୍ତର ଡିଗ୍ରୀ ଏବଂ ସାନ ଝିଅ ଦିବ୍ୟା(୨୨) ବିବିଏ କରିଥିଲେ। ଆଲେଖ୍ୟାଙ୍କୁ ଏକ ତ୍ରିଶୂଳରେ ଏବଂ ଦିବ୍ୟାଙ୍କ ମୁଣ୍ଡକୁ ଡମ୍ବରୁ ପିଟି ହତ୍ୟା କରିବା ପରେ ସେମାନେ ସେଠାରେ ପୂଜାପାଠ କରି ଜଗିରହିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ନୋଟ୍ ବିମୁଦ୍ରୀକରଣ ନେଇ ଆର୍‌ବିଆଇ ସ୍ପଷ୍ଟୀକରଣ

**ନୂଆଦିଲ୍ଲୀ,୨୫।୧:** ଆସନ୍ତା ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ୧୦୦, ୧୦ ଏବଂ ୫ ଟଙ୍କିଆ ନୋଟ୍ ବିମୁଦ୍ରୀକରଣ ଦ୍ୱାରା ଅଚଳ ହୋଇଯିବ ବୋଲି ନିକଟରେ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ସରକାରଙ୍କ ପକ୍ଷରୁ ସୋମବାର ସ୍ପଷ୍ଟୀକରଣ ଦିଆଯାଇଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏଭଳି କୌଣସି ଘୋଷଣା ବିଧିବଦ୍ଧ ଭାବେ କରାଯାଇନାହିଁ। ଏଣୁ ଏହି ରିପୋର୍ଟର ସତ୍ୟତା ନାହିଁ। ସରକାରଙ୍କ ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋ (ପିଆଇବି) ପକ୍ଷରୁ ଏହି ରିପୋର୍ଟକୁ ମିଥ୍ୟା ବୋଲି କୁହାଯାଇଛି। ମାର୍ଚ୍ଚ ୨୧ ପରଠାରୁ ୫, ୧୦ ଏବଂ ୧୦୦ ଟଙ୍କିଆ ନୋଟ୍ ବୈଧ ହୋଇରହିବ ନାହିଁ ବୋଲି ଆର୍‌ବିଆଇ କହିଥିବା ମିଡିଆ ରିପୋର୍ଟରେ ପ୍ରକାଶ ପାଇଥିଲା; ଯାହା ସତ୍ୟ ନୁହେଁ ବୋଲି ପିଆଇବି ଏକ ଟୁଇଟରେ କହିଛି। ସୂଚନାଯୋଗ୍ୟ, ନୂଆ ୧୦୦ ଟଙ୍କିଆ ନୋଟ୍‌କୁ ଆର୍‌ବିଆଇ ୨୦୧୯ରେ ଶୁଭାରମ୍ଭ କରିଛି।

### ୧୧ ଜିଲ୍ଲାରେ ଘନ କୁହୁଡ଼ି

**ଭୁବନେଶ୍ୱର,୨୫।୧(ବ୍ୟୁରୋ):** ରାଜ୍ୟରେ ତାତି ବଢ଼ିଲାଣି। ଦିନର ତାପମାତ୍ରା ୩୩ ଡିଗ୍ରୀ ସେଲସିୟସ ଟପିଥିବା ବେଳେ ରାତିର ସର୍ବନିମ୍ନ ତାପମାତ୍ରା ୨୨ ଡିଗ୍ରୀକୁ ଛୁଇଁଲାଣି। ସୋମବାର ଭବାନୀପାଟଣାରେ ସର୍ବାଧିକ ୩୩.୨ ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ଦୁଇଦିନ ଘନ କୁହୁଡି ହେବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଏବଂ ଭଦ୍ରକ ଜିଲାରେ ଘନ କୁହୁଡ଼ି ହେବ। ସେହିପରି ବୁଧବାର କନ୍ଧମାଳ, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, କଟକ, ଅନୁଗୋଳ, ଢେଙ୍କାନାଳ ଏବଂ ଜଗତ୍‌ସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡ଼ି ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ଟିଆର୍‌ପି ଦୁର୍ନୀତି: '୪୦ ଲକ୍ଷ ଦେଇଥିଲେ ଅର୍ଣ୍ଣବ'

**ମୁମ୍ବାଇ, ୨୫।୧:** ଟେଲିଭିଜନ ରେଟିଂ ପଏଣ୍ଟ(ଟିଆର୍‌ପି) ଦୁର୍ନୀତି ପାଇଁ ରିପବ୍ଲିକ ଟିଭି ଏଡିଟର-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀ ବ୍ରଡକାଷ୍ଟ ଅଡିଏନ୍ସ ରିସର୍ଚ୍ଚ କାଉନସିଲ(ବିଏଆର୍‌ସି)ର ପୂର୍ବତନ ସିଇଓ ପାର୍ଥୋ ଦାସଗୁପ୍ତାଙ୍କୁ ୪୦ ଲକ୍ଷ ଟଙ୍କା ଦେଇଥିଲେ। ଏ ବାବଦରେ ଦାସଗୁପ୍ତା ମୁମ୍ବାଇ ପୋଲିସକୁ ଲିଖିତ ଭାବେ ବିବୃତି ଦେଇଛନ୍ତି। ଦୁଇଟି ଛୁଟିଦିନ ପାଇଁ ୧୨ ହଜାର ଡଲାର ଏବଂ ୩ ବର୍ଷରେ ମୋଟ ୪୦ ଲକ୍ଷ ଟଙ୍କା ଅର୍ଣ୍ଣବ ତାଙ୍କୁ ଦେଇଥିବା ପୋଲିସ ଚାର୍ଜଶିଟ୍‌ରେ ଦର୍ଶାଇଛି। ଗତ ୧୧ ତାରିଖରେ ମୁମ୍ବାଇ ପୋଲିସ ଦାଖଲ କରିଥିବା ୩୬ ଶହ ପୃଷ୍ଠାର ଚାର୍ଜଶିଟ୍‌ରେ ବିଏଆର୍‌ସିର ଫରେନ୍ସିକ ଅଡିଓ ରିପୋର୍ଟ, ଦାସଗୁପ୍ତାଙ୍କ ସମେତ ୫୯ ଜଣଙ୍କ ମଧ୍ୟରେ ଅର୍ଣ୍ଣବ କରିଥିବା ହ୍ୱାଟ୍ସ ଆପ ଚାଟ୍ ଆଦିକୁ ସାମିଲ କରିଛି।

# ୧୩ ପ୍ରସଙ୍ଗ ଉଠାଇବ ବିଜେଡି

ଭୁବନେଶ୍ୱର,୨୫।୧(ବ୍ୟୁରୋ)

**ସଂସଦୀୟ ଦଳ ବୈଠକ**
- ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, ରେଳ ପ୍ରକଳ୍ପ, କୋଇଲା ରୟାଲଟି ହେବ ମୁଖ୍ୟ ପ୍ରସଙ୍ଗ

ଆସନ୍ତା ୨୯ ତାରିଖରୁ ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନରେ ବିଜୁ ଜନତା ଦଳ(ବିଜେଡି) ରାଜ୍ୟ ସ୍ୱାର୍ଥ ସମ୍ବଳିତ ୧୩ ପ୍ରସଙ୍ଗ ଉଠାଇବ। ସୋମବାର ଭିଡିଓ କନ୍‌ଫରେନ୍ସ ଜରିଆରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ସଂସଦୀୟ ଦଳ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ନବୀନ ନିବାସରୁ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସରେ ନୂଆଦିଲ୍ଲୀରେ ଥିବା ୯ଜଣ ଏମ୍‌ପିଙ୍କ ସହ ଆଲୋଚନା କରିଥିଲେ।

ପୁରୀଠାରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ସ୍ଥାପନ କରିବାକୁ ନିକଟରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଆସନ୍ତା ଅଧିବେଶନରେ ଏହି ପ୍ରସଙ୍ଗକୁ ଦଳ ଉଠାଇବ। ସେହିପରି ରାଜ୍ୟରେ ରେଲୱେ ୩୦୦ରୁ ଊର୍ଦ୍ଧ୍ୱ ଷ୍ଟପେଜ୍‌କୁ ଉଠାଇ ଦେଇଛି। ରାଜ୍ୟ ସରକାର ଖୋର୍ଦ୍ଧା-ବଲାଙ୍ଗୀର ଏବଂ ଅନ୍ୟାନ୍ୟ ରେଳ ପ୍ରକଳ୍ପ ପାଇଁ ମାଗଣାରେ ଜମି ଯୋଗାଇ ଦେବା ସହ ପ୍ରକଳ୍ପ ଖର୍ଚ୍ଚର ୫୦ ପ୍ରତିଶତ ଯୋଗାଇ ଦେଇଛନ୍ତି। ଏହା ସତ୍ତ୍ୱେ ପ୍ରକଳ୍ପ କାର୍ଯ୍ୟ ଆଶାନୁରୂପ ଭାବେ ଅଗ୍ରଗତି କରୁନାହିଁ। କେନ୍ଦ୍ରାପଡ଼ା ଓ ଅନୁଗୋଳ-ସୁକିନ୍ଦା ରେଳ ପ୍ରକଳ୍ପରେ ଯାତ୍ରୀବାହୀ ଟ୍ରେନ୍ ଚଳାଇବା, କଳାହାଣ୍ଡି ଜିଲାର ସୀତାପଲ୍ଲୀଠାରେ ୱାଗନ ଫ୍ୟାକ୍ଟ୍ରି ଓ ଇଲେକ୍ଟ୍ରିକ୍ ଲୋକୋମୋଟିଭ ମେଣ୍ଟେନାନ୍ସ ୱାର୍କଶପ୍ କାର୍ଯ୍ୟରେ ବିଳମ୍ବ ଆଦି ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଉଠାଇବାକୁ ମୁଖ୍ୟମନ୍ତ୍ରୀ ଦଳୀୟ ଏମ୍‌ପିମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ସମ୍ବିଧାନର ଅଷ୍ଟମ ପରିଚ୍ଛଦରେ ହୋ, କୋଶଳୀ ଓ ସମ୍ବଲପୁରୀ ଭାଷାକୁ ସାମିଲ କରିବା, ପାର୍ଲାମେଣ୍ଟରେ ୩୩ ପ୍ରତିଶତ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିବା, ସ୍ୱାମୀନାଥନ କମିଟି ରିପୋର୍ଟ ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ପ୍ରଦାନ କରିବା ବିଷୟକୁ ବିଜେଡି ଜୋରଦାର ଉଠାଇବାକୁ ନିଷ୍ପତ୍ତି ନେଇଛି। ସେହିପରି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା ପ୍ରସଙ୍ଗ ବିଜେଡି ପୁଣି ଥରେ ପାର୍ଲାମେଣ୍ଟରେ ଉତ୍‌ଥାପନ କରିବ। ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ ହୋଇଥିବାରୁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା ସହ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଦେବାକୁ ଦଳ ପକ୍ଷରୁ ଦାବି କରାଯିବ। ସମ୍ବିଧାନରେ ଅହିଂସାକୁ ସାମିଲ କରିବା, ରେଳ, ବ୍ୟାଙ୍କିଂ, ଟେଲି ଯୋଗାଯୋଗ, କୋଇଲା ରୟାଲଟି, କ୍ଲିନ୍ ଏନର୍ଜୀ ସେସ୍, ଉପକୂଳ ରାଜପଥ ନିର୍ମାଣ ଆଦି ପ୍ରସଙ୍ଗ ମଧ୍ୟ ଅଧିବେଶନରେ ବିଜେଡି ଉଠାଇବ। ଏହାଛଡ଼ା ବିଧାନ ପରିଷଦ ଗଠନ ଏବଂ କେନ୍ଦୁପତ୍ର ଉପରୁ ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି) ୧୦ରୁ ୫ ପ୍ରତିଶତକୁ ହ୍ରାସ କରିବାକୁ ଦଳ ପକ୍ଷରୁ ଦାବି କରାଯିବ ବୋଲି ସୂଚନା ଦିଆଯାଇଛି।


ଭିଡିଓ କନ୍‌ଫରେନ୍ସରେ ଦଳୀୟ ଏମ୍‌ପିମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଲୋଚନା।


କବି ତଥା ସମଷ୍ଟି ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ନିଶୀଥ ରଞ୍ଜନ ନନ୍ଦ ତାଙ୍କ କବିତା ପୁସ୍ତକ 'ଟିକେ ଟିକେ'କୁ ସୋମବାର ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟରେ ସମ୍ପାଦକ ତଥାଗତ ସତପଥୀଙ୍କୁ ପ୍ରଦାନ କରୁଛନ୍ତି।

## ବଦଳିବ ଯୁକ୍ତ୨ ପରୀକ୍ଷା ଢାଞ୍ଚା

- ୫୦ ନମ୍ବରର ମଲ୍ଟିପୁଲ୍ ଚଏସ୍ ପ୍ରଶ୍ନ
- ପୁରୁଣା ସିଲାବସ୍ ଅଧୀନ ପିଲାଙ୍କ ପାଇଁ ପ୍ରଶ୍ନପତ୍ର ଅପରିବର୍ତ୍ତିତ

**ଭୁବନେଶ୍ୱର, ୨୫।୧(ବ୍ୟୁରୋ):** ଯୁକ୍ତ୨ ପରୀକ୍ଷା ଢାଞ୍ଚା ବଦଳିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ନୂଆ ସିଲାବସ୍ ଅଧୀନ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଅର୍ଥାତ୍ ଯେଉଁମାନେ ୨୦୧୬ କିମ୍ବା ପରେ ପଞ୍ଜୀକରଣଭୁକ୍ତ ହୋଇଛନ୍ତି, ସେହି ପିଲାଙ୍କ ପାଇଁ ସଂକ୍ଷିପ୍ତ ସିଲାବସ୍‌ରୁ ପ୍ରଶ୍ନ ପଡ଼ିବ। ୫୦ ନମ୍ବରର ମଲ୍ଟିପୁଲ୍ ଚଏସ୍ ପ୍ରଶ୍ନ ରହିବ ଏବଂ ପ୍ରତ୍ୟେକ ପ୍ରଶ୍ନ ପାଇଁ ୧ ନମ୍ବର ରହିବ। ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ହାରାହାରି ୩୦% ରହିବ। ପିଲାଙ୍କ ପାଇଁ ଅଧିକ ଅପ୍‌ଶନ ରହିବ। ପ୍ରତି ପ୍ରଶ୍ନର ମୂଲ୍ୟ ୨ କିମ୍ବା ୩ ମାର୍କ ରହିବ। ସେହିପରି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ହାରାହାରି ୨୦% ଆସିବ। ଏଥିରେ ମଧ୍ୟ ପିଲାଙ୍କ ପାଇଁ ଅଧିକ ଅପ୍‌ଶନ ରହିବ। ଦୀର୍ଘ ଉତ୍ତରମୂଳକର ପ୍ରତି ପ୍ରଶ୍ନ ୫ ମାର୍କ ଲେଖାଏ ରହିବ। ପୁରୁଣା ସିଲାବସ୍ ଅଧୀନ ପରୀକ୍ଷାର୍ଥୀ ଅର୍ଥାତ୍ ଯେଉଁମାନେ ୨୦୧୫ ପୂର୍ବରୁ ପଞ୍ଜୀକରଣଭୁକ୍ତ ହୋଇଛନ୍ତି, ସେମାନଙ୍କ ସିଲାବସ୍ ଏବଂ ପ୍ରଶ୍ନପତ୍ର ପୂର୍ବପରି ଅପରିବର୍ତ୍ତିତ ରହିବ। ଛାତ୍ରୀଛାତ୍ରମାନେ ନିଜ ସ୍କୁଲରେ ପରୀକ୍ଷା ଦେବେ। ତେବେ ପରୀକ୍ଷା ଫି' ନେଇ କିଛି ନିଷ୍ପତ୍ତି ହୋଇ ନ ଥିବା ମନ୍ତ୍ରୀ କହିଛନ୍ତି।



ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ସୋମବାର ବନ୍ଦେ ମାତରମ୍ ଅନୁଷ୍ଠାନର ସଦସ୍ୟମାନେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଦେଶାତ୍ମବୋଧକ ରୋଡ୍ ଶୋ' କରୁଛନ୍ତି।

## ଟଙ୍କା ଯୋଗୁ ମିଳି ନ ଥିଲା ସାର୍ଟିଫିକେଟ, ହସ୍ତକ୍ଷେପ କଲା ଓଡିଶା-ମୋ ପରିବାର

**ଭୁବନେଶ୍ୱର,୨୫।୧(ବ୍ୟୁରୋ):** ଡିପ୍ଲୋମା ଇଞ୍ଜିନିୟରିଂ ପାସ୍ କରିଥିବା ଜଣେ ଝିଅ ମନରେଗା ଯୋଜନାରେ କାମ କରୁଥିବା ଖବର ଜାଣିବାପରେ ଓଡିଶା- ମୋ ପରିବାର ଏହି ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରିବା ସହ ସହଯୋଗର ହାତ ବଢାଇଛି। ଡେଲାଙ୍ଗ ଚାଇଁପୁରର ଲୋଜି ବେହେରା ପାଖରେ ଓଡିଶା-ମୋ ପରିବାର ସଦସ୍ୟମାନେ ପହଞ୍ଚି ଜାଣିବାକୁ ପାଇଛନ୍ତି ଯେ, ଖୋର୍ଦ୍ଧା ସ୍ଥିତ ବରୁଣେଇ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂରେ କଲେଜ ଫିସ ବାକି ଥିଲା। ଫଳରେ ଉକ୍ତ ଛାତ୍ରୀ ତାଙ୍କ କଲେଜ ସାର୍ଟିଫିକେଟ ଆଣିପାରି ନ ଥିଲେ। ଫଳରେ ସେ କେବଳ ଡିଗ୍ରୀ ଇଞ୍ଜିନିୟରିଂ ପଢିବାକୁ ବଞ୍ଚିତ ହୋଇଛନ୍ତି ତାହା ନୁହେଁ ସାର୍ଟିଫିକେଟ ନ ପାଇ ପରିବାର ପୋଷଣ ଲାଗି କୌଣସିଠାରେ ଚାକିରୀ କରିପାରିନାହାନ୍ତି। ଏ ସମ୍ପର୍କରେ ଓଡିଶା- ମୋ ପରିବାର ଆବାହକ ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କୁ ଜଣାଇଛନ୍ତି। ସେହିପରି ଏ ବପିଷୟରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରେନ୍ଦ୍ର ମିତ୍ରଙ୍କୁ ମଧ୍ୟ ଜଣାଯାଇଛି। ବିଧାୟକ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଛାତ୍ରୀଙ୍କ ସାର୍ଟିଫିକେଟ ଫେରାଇ ଆଣିଛନ୍ତି। ଏହାସହ ଉକ୍ତ ଛାତ୍ରୀଙ୍କ ଭବିଷ୍ୟତର ଆକାଂକ୍ଷା ପୂରଣ ଲାଗି ଓଡିଶା-ମୋ ପରିବାର ଆବାହକ ବିସ୍ତୃତ ପରିଯୋଜନା ହାତକୁ ନେଇଛନ୍ତି।

## ପିପିଲି ଉପନିର୍ବାଚନ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର,୨୫।୧(ବ୍ୟୁରୋ)

**ପ୍ରତି ୧ ହଜାର ମତଦାତାଙ୍କ ପାଇଁ ଗୋଟିଏ ବୁଥ୍**

ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଦୀପ ମହାରଥୀଙ୍କ ବିୟୋଗରେ ପିପିଲି ବିଧାନସଭା ଆସନ ଖାଲି ପଡ଼ିଛି। ଏଠାରେ ଉପନିର୍ବାଚନ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଯଦିଓ ଏହି ଉପନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନ ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି, ତେବେ ଏ ନେଇ ରାଜ୍ୟ ସରକାର ପ୍ରସ୍ତୁତ ଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି।

ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ଲୋହାନୀ କହିଛନ୍ତି ଯେ କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ୍ ସଂଖ୍ୟା ବୃଦ୍ଧି କରାଯାଇଛି। ଯେପରି ଗୋଟିଏ ବୁଥ୍‌ରେ ଅଧିକ ଲୋକ ଜମା ନ ହେବେ ତାହାକୁ ଦୃଷ୍ଟିରେ ରଖି ପ୍ରତି ୧ ହଜାର ଲୋକଙ୍କ ପାଇଁ ଗୋଟିଏ ଲେଖାଏ ବୁଥ୍ କରାଯିବ। ଉକ୍ତ ନିର୍ବାଚନ ପରିଚାଳନା ପାଇଁ ନିୟୋଜିତ ହେବାକୁ ଥିବା କର୍ମଚାରୀମାନଙ୍କୁ ଖୁବ୍‌ଶୀଘ୍ର ତାଲିମ ଦେବା କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି। ୧୧୦ ପିପିଲି ବିଧାନସଭା ଆସନ ପାଇଁ ସମୁଦାୟ ୨୭୩ ବୁଥ୍ ରହିଥିବା ବେଳେ କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ଆହୁରି ୭୫ ବୁଥ୍ ବୃଦ୍ଧି କରାଯିବ। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୨୯ ହଜାର ୯୦୩ ଜଣ ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ମତଦାତାଙ୍କ ସଂଖ୍ୟା ୧ ଲକ୍ଷ ୯୦ ହଜାର ୨୦, ମହିଳା ମତଦାତା ୧ ଲକ୍ଷ ୧୦ ହଜାର ୫୬୧, ସର୍ଭିସ ଭୋଟର ୩୨୦ ଏବଂ କିନ୍ନର ମତଦାତା ସଂଖ୍ୟା ୨ ରହିଛି।

ଏଠାରେ ସୂଚନାଯୋଗ୍ୟ, କୋଭିଡ୍-୧୯ ସଂକ୍ରମିତ ହୋଇ ୨୦୨୦ ଅକ୍ଟୋବର ୪ ତାରିଖରେ ବିଜେଡି ବିଧାୟକ ପ୍ରଦୀପ ମହାରଥୀଙ୍କ ମୃତ୍ୟୁ ହୋଇଥିଲା।

## ବଢ଼ିଲା ସ୍କୁଲ ପୋଷ୍ୟ ଗ୍ରହଣ ତାଲିକା

ଭୁବନେଶ୍ୱର, ୨୫।୧(ବ୍ୟୁରୋ)

**ସାମିଲ ହେଲେ ମନ୍ତ୍ରୀ, ବିଧାୟକ, ବିଚାରପତି, ପ୍ରଶାସକ**

ରାଜ୍ୟରେ ଥିବା ସରକାରୀ ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଚିଠି ଲେଖିଛନ୍ତି। ଏହାପରଠୁ ପୋଷ୍ୟ ଗ୍ରହଣ ତାଲିକା ଲମ୍ବିବାରେ ଲାଗିଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପୁରୀ ଜିଲା ନିମାପଡ଼ା ବ୍ଲକ୍‌ର ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ଜେବିଆର୍ ବାଳିକା ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର କଳାହାଣ୍ଡି ଜିଲା ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ମହାଲିଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ୩ଟି ସ୍କୁଲକୁ ପୋଷ୍ୟ କରିଛନ୍ତି। ସେଗୁଡ଼ିକ ହେଲା କୋରାପୁଟ ଜିଲା ଜୟପୁର ହାଇସ୍କୁଲ, ମୟୂରଭଞ୍ଜ ଜିଲା ଏମ୍‌କେସି ହାଇସ୍କୁଲ ଓ ଖୋର୍ଦ୍ଧା ଜିଲା ଭୁବନେଶ୍ୱରର ଆଇଆର୍‌ସି ଭିଲେଜ ହାଇସ୍କୁଲ। ସେହିପରି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ୍ ପଶାୟତ କଟକ ଜିଲାର ରେଭେନ୍‌ଶା କଲିଜିଏଟ୍ ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି।

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଭୁବନେଶ୍ୱର ବାଣୀବିହାରସ୍ଥିତ ୟୁନିଭର୍ସିଟି ହାଇସ୍କୁଲ, ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପରାମର୍ଶଦାତା ବିଜୟ ସାହୁ ଖୋର୍ଦ୍ଧା ଜିଲା ପଟିଆସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚବିଦ୍ୟାଳୟ ଓ ପଟିଆ ପ୍ରାଇମେରି ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ନିଜ ବାପା ପଢୁଥିବା ଢେଙ୍କାନାଳ କାମାକ୍ଷାନଗରସ୍ଥିତ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ସେହିପରି ସିଏମ୍‌ଓ ମୁଖ୍ୟ ପରାମର୍ଶଦାତା ଆର୍ ବାଲକ୍ରିଷ୍ଣନ ଯାଜପୁରର ୨ଟି ଓ ଗଞ୍ଜାମର ଗୋଟିଏ, କେନ୍ଦ୍ର ସରକାରଙ୍କ ପୂର୍ବତନ ଏଡିଜି ଅନୁପ ନାୟକ ଯାଜପୁରର ଗୋଟିଏ, ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗ କମିଶନର ତଥା ନିର୍ଦ୍ଦେଶିକା ସୁଜାତା ଆର୍ କାର୍ତ୍ତିକେୟନ କେନ୍ଦ୍ରାପଡ଼ା ଓ ନବରଙ୍ଗପୁର ଜିଲାର ଗୋଟିଏ ଲେଖାଏ ସ୍କୁଲ ଏବଂ ବିଭାଗୀୟ ସୋସିଆଲ ୱେଲ୍‌ଫେୟାର ନିର୍ଦ୍ଦେଶକ ବଲାଙ୍ଗୀର ଜିଲାର ଦୁଇଟି, ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ରସିଦ ଖାନ୍ ଢେଙ୍କାନାଳର ଗୋଟିଏ, ଏସ୍‌ଟିଏସ୍‌ସିଆଣ୍ଡ୍ ଏସ୍‌ସି ବିକାଶ ବିଭାଗ ନିର୍ଦ୍ଦେଶିକା ଗୁହା ପୁନମ ତାପସ କୁମାର ରାୟଗଡ଼ା ଓ ଦେବଗଡ଼ ଜିଲାର ଗୋଟିଏ ଲେଖାଏ ସ୍କୁଲ, ଓଡ଼ିଶା ରାଜ୍ୟ ଔଷଧ ନିଗମ ଏମ୍‌ଡି ଯାମିନୀ ଷଡ଼ଙ୍ଗୀ ଗଞ୍ଜାମର ଗୋଟିଏ, ପୁରୀ ଜିଲାପାଳ ପୁରୀର ଦୁଇଟି, କଟକ ଡିଆର୍‌ଡିଏ ପିଡି ମହମ୍ମଦ ଅବଦାଲ ଅଖ୍ତାର ଯାଜପୁରର ଗୋଟିଏ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଷ୍ଟେଟ୍ ପ୍ରୋଜେକ୍ଟ ଡାଇରେକ୍ଟର ଲିଙ୍ଗରାଜ ପଣ୍ଡା କେନ୍ଦ୍ରାପଡ଼ାର ଗୋଟିଏ, ଅନୁଗୋଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀ ଗଞ୍ଜାମ ଜିଲାର ଗୋଟିଏ ସ୍କୁଲ ଓ ଆଇପିଏସ୍ ଅଫିସର ଅନୁପ ସାହୁ ଢେଙ୍କାନାଳର ଏକ ସ୍କୁଲକୁ ପୋଷ୍ୟ ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ, ଇତିମଧ୍ୟରେ ୩୬ଜଣ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଓ ଓଏଏସ୍ ଅଫିସର ରାଜ୍ୟର ବିଭିନ୍ନ ସ୍କୁଲକୁ ପୋଷ୍ୟ ଗ୍ରହଣ କରିସାରିଛନ୍ତି। ଏହି ଅଭିଯାନରେ ଆଗକୁ ଆହୁରି ଅନେକ ପଦାଧିକାରୀ ସାମିଲ ହେବାର ଆଶା କରାଯାଉଛି।

## ୨୯ରୁ ଆବେଦନ, ୩ରେ ମେରିଟ୍ ଲିଷ୍ଟ

**ଯୁକ୍ତ୩ ତୃତୀୟ ପର୍ଯ୍ୟାୟ ନାମଲେଖା**

**ଭୁବନେଶ୍ୱର, ୨୫।୧(ବ୍ୟୁରୋ):** ରାଜ୍ୟର ସବୁ ଡିଗ୍ରୀ କଲେଜରେ ଯୁକ୍ତ୩ ପ୍ରଥମ ବର୍ଷ ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୯ ତାରିଖରୁ ଛାତ୍ରୀଛାତ୍ରମାନେ ଆବେଦନ କରିବେ। ୨୯ ତାରିଖ ପୂର୍ବାହ୍ନ ୧୧ଟାରୁ ସାମ୍ସ ୱେବ୍‌ସାଇଟ୍ www.SAMSODISHA.GOV.INରେ ଅନ୍‌ଲାଇନ୍ କମନ ଆପ୍ଲିକେଶନ ଫର୍ମ(ସିଏଏଫ୍) ଉପଲବ୍ଧ ହେବ। ଆବେଦନର ଶେଷ ତାରିଖ ଫେବୃୟାରୀ ୨ ରହିଛି। ଉକ୍ତଦିନ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଫେବୃୟାରୀ ୩ ଅପରାହ୍ନ ୨ଟାରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ୪ ତାରିଖରୁ ନାମଲେଖା ଆରମ୍ଭ ହେବ। ୯ ତାରିଖ ଅପରାହ୍ନ ୫ଟା ମଧ୍ୟରେ ଛାତ୍ରୀଛାତ୍ରମାନେ ନାମ ଲେଖାଇପାରିବେ। ତେବେ ନାମଲେଖା ପାଇଁ ଛାତ୍ରୀଛାତ୍ରଙ୍କୁ ୩ ତାରିଖ ଅପରାହ୍ନ ୨ଟାରୁ ୮ତାରିଖ ସନ୍ଧ୍ୟା ଭିତରେ ଫି' ଦାଖଲ କରିବାକୁ ପଡ଼ିବ।

**ସିକିମ୍‌ର ନାକୁ ଲା'ରେ ଚାଇନା ସେନାର ଅନୁପ୍ରବେଶ ଉଦ୍ୟମ।**




## ପୂର୍ବ ଶତ୍ରୁତାରୁ ହତ୍ୟା, ୫ ଅଭିଯୁକ୍ତ ଗିରଫ

ଛତ୍ରପୁର,୨୫।୧(ଡି.ଏନ୍.ଏ.)

- ବେଗୁନିଆପଡ଼ା ପୂର୍ବତନ ବ୍ଲକ ଅଧ୍ୟକ୍ଷ ହତ୍ୟା ମାମଲା
- ୩ ପିସ୍ତଲ, ୬୨ ଗୁଳି ଜବତ
- ରିମାଣ୍ଡରେ ଆସିବେ ଅଭିଯୁକ୍ତ

ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବିଜେଡି ନେତା ଦେବରାଜ ସାହୁ ହତ୍ୟା ମାମଲାର ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ କୋଦଳା ଥାନା ଅଧୀନ ସୁମଣ୍ଡଳ ଗାଁର ଅଜୟ ବାରିକ, ଗଗନ ବିଶ୍ୱାଳ, ଖୋଜାପଲ୍ଲୀର ବଳରାମ ପରିଡା ଓରଫ ବଳିଆ, ପବନା ପାହନ ଓ କନ୍ହେଇପୁରର ପ୍ରଶାନ୍ତ ସ୍ୱାଇଁ। ପୂର୍ବଶତ୍ରୁତା, ବ୍ୟବସାୟ ଆଦି କାରଣରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାହୁଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଏଥିରେ କୌଣସି ରାଜନୈତିକ ଶତ୍ରୁତା ଥିବା ଜଣାପଡୁନାହିଁ। ହତ୍ୟା ମାମଲାର ମାଷ୍ଟରମାଇଣ୍ଡ ହେଉଛନ୍ତି ଅଜୟ। ପ୍ରାୟ ୨ରୁ ୩ ବର୍ଷ ହେବ ଦେବରାଜଙ୍କ ସହ ତାଙ୍କର ଶତ୍ରୁତା ଥିଲା ବୋଲି ସୋମବାର ଛତ୍ରପୁରସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ ଜାରି ରହିଛି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚୁରା କରାଯିବ ବୋଲି ଡିଆଇଜି କହିଛନ୍ତି।

ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ସୂଚନା ଦେଇଛନ୍ତି ଯେ, ଦେବରାଜଙ୍କୁ ହତ୍ୟା କରିବା ନିମନ୍ତେ ଅଭିଯୁକ୍ତମାନେ ପୂର୍ବରୁ ୨ ଥର ଉଦ୍ୟମ କରି ଅସଫଳ ହୋଇଥିଲେ। ୨୦୨୦ ସେପ୍ଟେମ୍ବରରେ ଦେବରାଜ ଓ ତାଙ୍କ ଗୋଷ୍ଠୀ ଅଜୟ ଓ ଅନ୍ୟ କେତେଜଣଙ୍କୁ ଆକ୍ରମଣ କରିଥିଲେ। ଏହାପରେ ଅଜୟ ଗାଁରୁ ଚାଲିଯାଇଥିଲେ। ଏହାର ପ୍ରତିଶୋଧ ନେବାକୁ ସେ ସୁଯୋଗ ଖୋଜୁଥିଲେ। ପରେ ଅଜୟ ଓ ଅନ୍ୟମାନେ ୩ଟି ପିସ୍ତଲ ଓ ୧୧୬ ରାଉଣ୍ଡ ଗୁଳି କିଣି ଦେବରାଜଙ୍କୁ ହତ୍ୟା ଯୋଜନା କରିଥିଲେ। ଗତ ୨୦ ତାରିଖ ସକାଳେ ଚା'ଦୋକାନ ନିକଟରେ ଦେବରାଜ ଠିଆ ହୋଇଥିବା ସ୍ଥାନୀୟ ଅଞ୍ଚଳର କେହିଜଣେ ଅଭିଯୁକ୍ତମାନଙ୍କୁ ଖବର ଦେଇଥିଲେ। ଏହା ଜାଣିବା ପରେ ସେମାନେ ତୁରନ୍ତ ଭଡା କାର୍‌ରେ ସେଠାକୁ ଆସି ଦେବରାଜଙ୍କୁ ଆଖିବୁଜା ଗୁଳିମାଡ଼ କରି ପଳାଇଥିଲେ। ଦେବରାଜଙ୍କ ସମ୍ପର୍କରେ ସୂଚନା ଦେଇଥିବା ବ୍ୟକ୍ତିଙ୍କ ତଥ୍ୟ ସଂଗ୍ରହ କରାଯାଉଛି। କିଏ ପିସ୍ତଲ ଓ ଗୁଳି ଯୋଗାଇଥିଲା ତାହାର ତଦନ୍ତ ଚାଲିଥିବା ଏସ୍‌ପି କହିଛନ୍ତି। ହତ୍ୟା ପରେ ଅଭିଯୁକ୍ତମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଲୁଚି ରହିଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଖୋଜା ଚାଲିଥିଲା। ଅତିରିକ୍ତ ଏସ୍‌ପି ଏହାର ମନିଟରିଂ କରୁଥିଲେ। ଅଭିଯୁକ୍ତମାନଙ୍କ ନାଁରେ ପୂର୍ବରୁ କେତେକ ମାମଲା ରହିଥିବା ଜଣାପଡିଛି। ସେମାନଙ୍କଠାରୁ ୩ଟି ୭.୬୨ ଏମଏମ୍‌ର ପିସ୍ତଲ, ୫ଟି ମାଗାଜିନ୍, ୬୨ଟି ଗୁଳି, ୩ ମୋବାଇଲ ଫୋନ୍, ଇଣ୍ଡିଗୋ କାର (ଓଡି ୦୭ କେ ୩୪୮୪) ଜବତ କରାଯାଇଥିବା ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ୨୦ ତାରିଖ ସକାଳେ ସୁମଣ୍ଡଳ ବଜାରରେ ଏକ ଚା' ଦୋକାନ ଆଗରେ ଦେବରାଜ କେତେଜଣଙ୍କ ସହ କଥା ହେଉଥିବା ବେଳେ ଅଭିଯୁକ୍ତମାନେ ଆସି ତାଙ୍କୁ ଅତର୍କିତ ଗୁଳିମାଡ କରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଗଣତନ୍ତ୍ର, ଲୋକମତ

## ସମ୍ବିଧାନ ପ୍ରସ୍ତୁତିକୁ ଲାଗିଥିଲା ୨ବର୍ଷ ୧୧ମାସ ୧୮ଦିନ




୧୯୪୭ ଅଗଷ୍ଟ ୧୫ ରେ ବ୍ରିଟିଶ ଶାସନ କବଳରୁ ଭାରତ ରାଜନୈତିକ ସ୍ୱାଧୀନତା ହାସଲ କଲାବେଳେ ଦେଶରେ ଏକ ସ୍ଥାୟୀ ସମ୍ବିଧାନ ନ ଥିଲା। ବ୍ରିଟିଶ୍ ଉପନିବେଶ ଆଇନ ଦେଶରେ ପ୍ରଚଳିତ ଥିଲା। ବ୍ରିଟିଶ ସରକାର ୧୯୩୫ରେ ଭାରତ ପାଇଁ ଏକ ସାମ୍ବିଧାନିକ ଢାଞ୍ଚା 'ଗଭର୍ନମେଣ୍ଟ ଅଫ ଇଣ୍ଡିଆ ଆକ୍ଟ-୧୯୩୫' ପ୍ରସ୍ତୁତ କରିଥିଲେ। ୧୯୪୬ ଡିସେମ୍ବର ୯ରେ ପ୍ରଥମଥର ଭାରତର ସମ୍ବିଧାନ ପ୍ରଣୟନ ସଭା ଅର୍ଥାତ୍ କନ୍ଷ୍ଟିଚୁଏଣ୍ଟ ଆସେମ୍ବ୍ଲି ଅଫ ଇଣ୍ଡିଆ ଗଠିତ ହୋଇଥିଲା। ଏହି ସଭାରେ ଜବାହରଲାଲ ନେହେରୁ, ଚକ୍ରବର୍ତ୍ତୀ ରାଜ ଗୋପାଳଚାରୀ, ଡ. ରାଜେନ୍ଦ୍ର ପ୍ରସାଦ ମୁଖାର୍ଜୀ, ବଳବନ୍ତ ରାଏ ମେହେଟ୍ଟା, କେ.ଏମ୍. ମୁନ୍ସୀ, ସରୋଜିନୀ ନାଇଡୁ ଓ ରାଜକୁମାରୀ ଅମୃତ କାଉରଙ୍କ ଭଳି ବରିଷ୍ଠ ନେତାଙ୍କୁ ସାମିଲ କରାଯାଇଥିଲା। ୧୯୪୭ ଅଗଷ୍ଟ ୨୯ରେ ସ୍ଥାୟୀ ସମ୍ବିଧାନ ପ୍ରସ୍ତୁତ ଲାଗି ଏକ ଚିଠା କମିଟି ଗଠନ ହୋଇଥିଲା। ଡ. ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଗଠିତ ସାତଜଣିଆ କମିଟି ୧୯୪୭ ନଭେମ୍ବର ୪ ଦିନ ସମ୍ବିଧାନ ଚିଠା ପ୍ରସ୍ତୁତ କରି ସମ୍ବିଧାନ ସଭାରେ ଉପସ୍ଥାପନ କରିଥିଲେ। ସମ୍ବିଧାନ ସଭାର ବୈଠକ ୧୬୬ଥର ଅନୁଷ୍ଠିତ ହୋଇଥିଲା ଏବଂ ୩୦୮ ସଦସ୍ୟ ଏହା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ୧୯୪୯ ନଭେମ୍ବର ୨୬ରେ ସମ୍ବିଧାନ ଚିଠା ଗୃହୀତ ହୋଇଥିଲା। ଭାରତର ସମ୍ବିଧାନ ପ୍ରସ୍ତୁତି ଲାଗି ୨ବର୍ଷ ୧୧ମାସ ୧୮ଦିନ ବ୍ୟାପୀ ବିଭିନ୍ନ ଅଧିବେଶନ ଅନୁଷ୍ଠିତ ହୋଇ ଶେଷରେ ସମ୍ବିଧାନ ସଭାର ୩୦୮ଜଣ ସଦସ୍ୟ ଏହାର ହିନ୍ଦୀ ଓ ଇଂଲିଶ ସଂସ୍କରଣରେ ୧୯୫୦ ଜାନୁୟାରୀ ୨୪ରେ ହସ୍ତାକ୍ଷର କରିଥିଲେ। ଦସ୍ତଖତର ଦୁଇ ଦିନ ପରେ ଅର୍ଥାତ ୧୯୫୦ ଜାନୁୟାରୀ ୨୬ରେ ବ୍ରିଟିଶ ସାମ୍ବିଧାନିକ ବ୍ୟବସ୍ଥାକୁ ହଟାଇ ଦିଆଯାଇ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହେବା ସହ ଦେଶରେ ଏକ ବୃହତ୍ ଲିଖିତ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା।

ଲୋକଙ୍କୁ ନେଇ ହିଁ ଗଣତନ୍ତ୍ର ପ୍ରତିଷ୍ଠା ହୁଏ। ଆମର ନାଗରିକ କେବଳ ଗଣତନ୍ତ୍ରର ନିର୍ମାତା ଏବଂ ସଂରକ୍ଷକ ନୁହନ୍ତି। ବରଂ ସେମାନେ ଏହାର ଆଧାର ସ୍ତମ୍ଭ। ପ୍ରତିଟି ନାଗରିକ ଗଣତନ୍ତ୍ରକୁ ଶକ୍ତି ଦେଇଥାନ୍ତି। ପ୍ରତ୍ୟେକ ସୈନିକ ଯିଏ ଆମର ଦେଶର ରକ୍ଷା କରିଥାଏ, ପ୍ରତ୍ୟେକ କୃଷକ ଯିଏ ଆମ ଦେଶବାସୀଙ୍କ କ୍ଷୁଧା ଦୂର କରିଥାଏ, ପ୍ରତ୍ୟେକ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀ ଯିଏ ଆମ ଦେଶକୁ ସୁରକ୍ଷିତ ରଖିଥାଏ, ସମସ୍ତେ ଗଣତନ୍ତ୍ରର ଗୋଟିଏ ଗୋଟିଏ ଜୀବନତନ୍ତ୍ର।

କୁହାଯାଏ ଗଣତନ୍ତ୍ର ଲୋକଙ୍କ ଶାସନ, କିନ୍ତୁ ଜନତାର ଦାୟିତ୍ୱ ଓ କର୍ତ୍ତବ୍ୟ କେବଳ ନିର୍ବାଚନରେ ଭାଗନେବା ନୁହେଁ। ନିର୍ବାଚନରେ ଜନମତ ସଂଗ୍ରହ ଲୋକତନ୍ତ୍ର ପାଇଁ ଜରୁରୀ, କିନ୍ତୁ ନିରପେକ୍ଷ ନିର୍ବାଚନ ଗଣତନ୍ତ୍ରର ଏକମାତ୍ର ନିୟାମକ ନୁହେଁ। ଥରେ ନିର୍ବାଚନ ଜିତିଯିବା ପରେ ଜନ-ପ୍ରତିନିଧିମାନେ ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଲୋକଙ୍କ ମତକୁ ବେଖାତିର କରିବାର ଏକ ଅପସଂସ୍କୃତି କ୍ରମଶଃ ଆମ ଗଣତନ୍ତ୍ରକୁ ଦୁର୍ବଳ କରିବାରେ ଲାଗିଛି, ଏହା ଏବେ ଚିନ୍ତାର ବିଷୟ। ୧୯୫୦ ଜାନୁୟାରୀ ୨୬ରେ ଭାରତ ଗଣତନ୍ତ୍ରର ମାନ୍ୟତା ପାଇଥିଲା। ରାଷ୍ଟ୍ର ନିର୍ମାଣ ଯାତ୍ରାରେ ଏହା ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା। ସମସ୍ତ ନାଗରିକଙ୍କ ମଧ୍ୟରେ ସମାନତାର ଆଦର୍ଶ ପ୍ରତିଷ୍ଠା କରାଗଲା। ଆମେ ଯେ କୌଣସି ଧର୍ମ, ଅଞ୍ଚଳ କିମ୍ବା ସମ୍ପ୍ରଦାୟ ହେଉ ପଛେ ସମତା ଏହି ସ୍ୱାଧୀନତା ସହ ପ୍ରାପ୍ତ ହୋଇଥିବା ସ୍ୱତନ୍ତ୍ରତାର ଆଦର୍ଶକୁ ପୂର୍ଣ୍ଣତା ପ୍ରଦାନ କରିଥିଲା। କଠିନ ସଂଘର୍ଷ ପରେ ସ୍ୱାଧୀନତା ମିଳିଥିଲା। ଏଥିରେ ବହୁ ଲୋକ ଭାଗ ନେଇଥିଲେ ଓ ଅନେକେ ପ୍ରାଣବଳି ଦେଇଥିଲେ। ସେମାନଙ୍କ ଦୃଷ୍ଟିରେ ଆମ ସମ୍ବିଧାନ ଆମର ନୂଆ ଦେଶ ଲାଗି କେବଳ ଏକ ମୌଳିକ ଆଇନ ନ ଥିଲା, ବରଂ ଆମ ସାମାଜିକ ପରିବର୍ତ୍ତନର ଏକ ଦସ୍ତାବିଜ୍ ଥିଲା। ହେଲେ ଦୀର୍ଘ ସତୁରି ବର୍ଷ ପରେ ଏହି ଗଣତାନ୍ତ୍ରିକ ପ୍ରକ୍ରିୟା କେତେ ସଫଳ ହୋଇଛି ତାହାର ସମୀକ୍ଷା ହେବା ବି ଜରୁରୀ। ଗଣତନ୍ତ୍ରରେ ଲୋକମତ ସବୁବେଳେ ଗୁରୁତ୍ୱପୂର୍ଣ୍ଣ। ନିର୍ବାଚନ ଲୋକମତର ପ୍ରତିଫଳନ, କିନ୍ତୁ ଗଣତନ୍ତ୍ରର ସାରମର୍ମ ସେତିକିରେ ସୀମିତ ନୁହେଁ। ଲୋକଙ୍କ ବିଚାର ଓ ମତାମତ ଶାସନକୁ ନିୟନ୍ତ୍ରିତ କରିବା ଏକ ଦୈନନ୍ଦିନ ପ୍ରକ୍ରିୟା। ଯଦି ସମସ୍ତେ ସରକାରଙ୍କ ସହ ସବୁକଥାରେ ଏକମତ ହୋଇଯିବେ ବା ହେବାକୁ ବାଧ ହେବେ ତେବେ ତାକୁ ଗଣତନ୍ତ୍ରର ଅପମୃତ୍ୟୁ ବୋଲି କୁହାଯିବ। ସେଥିଲାଗି ଭିନ୍ନମତ ଗଣତନ୍ତ୍ରର ଏକ ବିଭବ ବୋଲି କୁହାଯାଏ। ଯେତେବେଳେ ଭିନ୍ନମତକୁ ଶୁଣିବା ଅବା ସ୍ୱୀକାର ପାଇଁ ଶାସନତନ୍ତ୍ର ନିଷ୍ଠାପର ହୁଏ ନାହିଁ, ସେତେବେଳେ ଶାସକ ଓ ସାଧାରଣ ଜନତା ଭିତରେ ଦୂରତା ବଢ଼େ। ଏହାଦ୍ୱାରା କେବଳ ଯେ ଲୋକଙ୍କର କ୍ଷତି ହୁଏ ତାହା ନୁହେଁ, ଇତିହାସ ପୃଷ୍ଠାରେ ଅନେକ ଶକ୍ତିଶାଳୀ ଶାସନତନ୍ତ୍ର ଧୂଳିସାତ ହୋଇଯିବାର ନଜିର ରହିଛି। ଲୋକଙ୍କୁ ବାଦ୍ ଦେଇ କୌଣସି ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ କେବେ ମଜଭୁତ କରାଯାଇପାରିବ ନାହିଁ। ଏଇଠି ପ୍ରଶ୍ନ ହେଉଛି ଲୋକମତ କିପରି ତିଆରି ହେବ। ଏଥିପାଇଁ ଦାୟିତ୍ୱ କାହାର? ଖବରକାଗଜ, ସିଭିଲ ସୋସାଇଟି, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସ୍ୱାଧୀନ ମତ ନିର୍ମାଣ ପାଇଁ ଏକାନ୍ତ ଆବଶ୍ୟକ। ଶାସନ ଉପରେ ଲୋକଙ୍କ କର୍ତ୍ତୃତ୍ୱ ଯେତେ ସୁଦୃଢ଼ ଓ ପ୍ରତ୍ୟକ୍ଷ ହେବ, ଗଣତନ୍ତ୍ର ସେତେ ବ୍ୟାପକ ଓ ଗଭୀର ହେବ। ଗଣତାନ୍ତ୍ରିକ ବ୍ୟବସ୍ଥା ଯେତେ ଉତ୍ତରଦାୟୀ, ନିରପେକ୍ଷ ଓ ସ୍ୱଚ୍ଛ ହେବ, ଦେଶର ସାଧାରଣ ନାଗରିକର ସ୍ୱାର୍ଥ ସେତେ ସୁରକ୍ଷିତ ହେବ। ସମ୍ବିଧାନ ପ୍ରଦତ୍ତ ଅଧିକାର ଓ କର୍ତ୍ତବ୍ୟର ପରିସୀମା ଭିତରେ, ଆଇନ-ସମ୍ମତ ଉପାୟରେ ହିଁ ଗଣତାନ୍ତ୍ରିକ ଦେଶର ସମସ୍ତ ଅଙ୍ଗ କାମ କରିବା ଦରକାର। ଅଗଣତାନ୍ତ୍ରିକ ଉପାୟରେ କୌଣସି ଗଣତନ୍ତ୍ର ସୁରକ୍ଷିତ ହୁଏ ନାହିଁ।

'ଲୋକଙ୍କ ବିଚାର ଓ ମତାମତ ଶାସନକୁ ନିୟନ୍ତ୍ରିତ କରିବା ଏକ ଦୈନନ୍ଦିନ ପ୍ରକ୍ରିୟା। ଯଦି ସମସ୍ତେ ସରକାରଙ୍କ ସହ ସବୁକଥାରେ ଏକମତ ହୋଇଯିବେ ବା ହେବାକୁ ବାଧ ହେବେ ତେବେ ତାକୁ ଗଣତନ୍ତ୍ରର ଅପମୃତ୍ୟୁ ବୋଲି କୁହାଯିବ। ସେଥିଲାଗି ଭିନ୍ନମତ ଗଣତନ୍ତ୍ରର ଏକ ବିଭବ ବୋଲି କୁହାଯାଏ। ଯେତେବେଳେ ଭିନ୍ନମତକୁ ଶୁଣିବା ଅବା ସ୍ୱୀକାର ପାଇଁ ଶାସନତନ୍ତ୍ର ନିଷ୍ଠାପର ହୁଏ ନାହିଁ, ସେତେବେଳେ ଶାସକ ଓ ସାଧାରଣ ଜନତା ଭିତରେ ଦୂରତା ବଢ଼େ।'



ଆମ ସମ୍ବିଧାନ ନିର୍ମାତା ଅତ୍ୟନ୍ତ ଦୂରଦୃଷ୍ଟିସମ୍ପନ୍ନ ଥିଲେ। ସେମାନେ ଆଇନର ଶାସନ ଏବଂ ଆଇନ ଦ୍ୱାରା ଶାସନର ମହତ୍ତ୍ୱ ଓ ଗରିମାକୁ ଭଲଭାବେ ବୁଝିଥିଲେ। ଆମ ସମ୍ବିଧାନର ସ୍ୱରୂପ ଯେଉଁ ପ୍ରାରମ୍ଭିକ ସମୟରେ ନିର୍ଦ୍ଧାରଣ କରାଗଲା, ସେହି ସମୟରୁ ମିଳିଥିବା ଶିକ୍ଷା ଆମ ପାଇଁ ଆଜି ମଧ୍ୟ ପ୍ରାସଙ୍ଗିକ ରହିଛି। ରାଷ୍ଟ୍ର ନିର୍ମାଣ ଏକ ଭବ୍ୟ ଓ ବିଶାଳ ଅଭିଯାନ। ଏଥିସହ ଲକ୍ଷ ଲକ୍ଷ ନୁହେଁ, ବରଂ କୋଟି କୋଟି ଛୋଟବଡ ଅଭିଯାନକୁ ଯୋଡି ନିର୍ମିତ ହୋଇଥିବା ଏକ ସମ୍ପୂର୍ଣ୍ଣ କ୍ରାନ୍ତି କହିଲେ ଭୁଲ୍ ହେବନି। ଭବିଷ୍ୟତ ଚିନ୍ତା କରୁଥିବା ଯୁବକମାନେ ହିଁ ଏକ ଆତ୍ମବିଶ୍ୱାସପୂର୍ଣ୍ଣ ଓ ପ୍ରଗତିଶୀଳ ରାଷ୍ଟ୍ର ନିର୍ମାଣ କରିଥାନ୍ତି। ଆମର ୬୦%ରୁ ଅଧିକ ଦେଶବାସୀ ୩୫ ବର୍ଷରୁ କମ୍। ଏମାନଙ୍କ ଉପରେ ହିଁ ଦେଶ ଗଠନର ଗୁରୁଦାୟିତ୍ୱ ରହିଛି। ହେଲେ ଏହି ଯୁବସମାଜକୁ କିଏ ବାଟ ଦେଖାଇବ, ସେମାନଙ୍କ ମାର୍ଗଦର୍ଶକ ସାଜିବ ତାହା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ପାଇଁ ଶିକ୍ଷା ଓ ଜ୍ଞାନର ପରିସର ବଢାଇବାକୁ ହେବ। ଶିକ୍ଷା ବ୍ୟବସ୍ଥାରେ ବିଶେଷକରି ସ୍କୁଲରେ ମୁଖସ୍ତ କରି ମନେପକାଇବା ଏବଂ ଶୁଣିବା ବଦଳରେ ପିଲାମାନଙ୍କୁ ଚିନ୍ତା କରିବା ଏବଂ ଭିନ୍ନ ଭିନ୍ନ ପ୍ରୟୋଗ କରି ପ୍ରୋତ୍ସାହିତ କରୁଥିବା ଶିକ୍ଷାନୀତି ବର୍ତ୍ତମାନ ସମୟର ଆବଶ୍ୟକତା। ପ୍ରତ୍ୟେକ ଶିଶୁ ଭୋଜନ ଥାଳିରେ ଜରୁରୀ ପୋଷକତତ୍ତ୍ୱ ଆଧାରିତ ଖାଦ୍ୟ ଉପଲବ୍ଧ କରାଇବା ବର୍ତ୍ତମାନ ସମୟର ଅନ୍ୟତମ ଆହ୍ୱାନ। ଆମ ଗଣତନ୍ତ୍ରକୁ ୭୦ ବର୍ଷ ପୂରି ସାରିଛି। ଏପରି ଏକ ଆଧୁନିକ ଭାରତର ଆବଶ୍ୟକତା ରହିଛି, ଯେଉଁଠି ପ୍ରତିଭାସମ୍ପନ୍ନ ଲୋକଙ୍କର ଏବଂ ସେମାନଙ୍କର ପ୍ରତିଭାର ଉପଯୋଗ ଲାଗି ଅସୀମ ସୁଯୋଗ ରହିବ। ସମସ୍ତଙ୍କ ସ୍ୱପ୍ନ ଭାରତ ଏକ ବିକଶିତ ରାଷ୍ଟ୍ର ହେଉ।

**-ସବ୍ୟସାଚୀ ଅମିତାଭ**
ଭୁବନେଶ୍ୱର,
ମୋ-୯୪୩୮୨୯୬୫୧୯

## ଏଭଳି ସମୟ ଆସିବ ବୋଲି ଭାବି ନ ଥିଲି



ଏଭଳି ଯେ ସମୟ ଆସିବ ଆଉ ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରିବ ସେ ନେଇ ଆଦୌ ଚିନ୍ତା କରିନଥିଲି। ସରକାରଙ୍କ ଏକତରଫା ନିଷ୍ପତି ଯୋଗୁଁ ବଢୁଥିବା ଜନ ଅସନ୍ତୋଷ ଏବଂ ସ୍ୱାଧୀନତା ଅଧିକାର ଆଳରେ ସରକାରୀ ନିଷ୍ପତି ବା ଆଇନବ୍ୟବସ୍ଥାକୁ ବିରୋଧ କରି କଥା କଥା ରେ ଜନତାଙ୍କ ଆନ୍ଦୋଳନ ଯୋଗୁଁ ଦେଶରେ ଶାନ୍ତିଶୃଙ୍ଖଳା ଭଙ୍ଗ ହେଉଛି, ଯାହା ଦ୍ୱାରା ଦେଶର ଅଶେଷ କ୍ଷତିହେବା ସହ ଅର୍ଥନୈତିକ ସ୍ଥିତି ଦୁର୍ବଳ ହେଉଛି। ତେଣୁ ଗଣତନ୍ତ୍ରର ସୁରକ୍ଷା ପାଇଁ ଉଭୟ ସରକାର, ବିରୋଧୀ ଦଳ ଓ ସାଧାରଣ ଲୋକ ସମସ୍ତଙ୍କୁ ଏକଜୁଟ ହୋଇ କାମ କରିବା ଆବଶ୍ୟକ।

- **ଅଲେଖ ଚନ୍ଦ୍ର ପାତ୍ର,**
ଅବସରପ୍ରାପ୍ତ କ୍ଷେତ୍ର ପ୍ରଚାର ଅଧିକାରୀ, କେନ୍ଦୁଝର

## ରାସ୍ତାଘାଟରେ ଜାତୀୟ ପତାକା ନ ପଡୁ



ସାଧାରଣତନ୍ତ୍ର ଦିବସର ସକାଳୁ ସକାଳୁ କୁନି ପିଲାଙ୍କ ହାତରେ ଜାତୀୟ ପତାକା ଓ ମୁହଁରେ ସମ୍ବିଧାନ ରଚୟିତାଙ୍କର ଜୟଗାନ ଶୁଣିଲେ ହୃଦୟରେ ଦେଶପ୍ରେମ ଜାଗିଉଠେ। କିନ୍ତୁ ଅପରାହ୍ନରେ ରାସ୍ତାକଡରେ ସେହି ପତାକା ଏଣେ ତେଣେ ପଡିଥିବାର ଦୃଶ୍ୟ ହୃଦୟକୁ କଷ୍ଟ ଦିଏ। ଦେଶକୁ ଶୃଙ୍ଖଳିତ କରିବା ପାଇଁ ସମ୍ବିଧାନର ସୃଷ୍ଟି। କିନ୍ତୁ ଜାତୀୟ ପତାକାର ଅସମ୍ମାନ ଆମର ବିଶୃଙ୍ଖଳତାର ପରିଚୟ ଦିଏ। ଯେମିତି ଜାତୀୟ ପତାକା ଧରିବା ଆମର ଅଧିକାର, ସେମିତି ପତାକାର ସମ୍ମାନ ରଖିବା ମଧ ଆମର କର୍ତ୍ତବ୍ୟ।

- **କମଳାକାନ୍ତ ଜେନା**
ସହକାରୀ ପ୍ରଫେସର (ଫିଜିକ୍ସ),
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ

## ୧୯ ବର୍ଷ ...

୧୯ ବର୍ଷ ଅର୍ଥାତ୍ ୨୬ ଜାନୁୟାରୀ ୨୦୦୨ରେ ଜାତୀୟ ପତାକା କୋଡ୍‌ରେ କେତେକ ସଂଶୋଧନ କରାଯାଇଥିଲା। ଏହି କୋଡ୍‌ରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ଚାହୁଁଥିବା ନାଗରିକ ଅବା ଯେକୌଣସି ସରକାରୀ ଓ ବେସରକାରୀ ଅନୁଷ୍ଠାନ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଥିଲା। ସେଗୁଡ଼ିକ ହେଲା-

- ଖଦି କିମ୍ବା ହସ୍ତତନ୍ତରେ ଜାତୀୟ ପତାକା ତିଆରି ହେବା ଆବଶ୍ୟକ। ଅନ୍ୟ କୌଣସି ସାମଗ୍ରୀରେ ପତାକା ପ୍ରସ୍ତୁତ କରିବା ବେଆଇନ। ଏହାର ଉଲ୍ଲଂଘନ କଲେ ଜରିମାନା ସହ ୩ ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି।
- ପତାକାକୁ ଭୂମିରେ ପକାଇବା କିମ୍ବା ପାଣିରେ ବୁଡ଼ାଇବା ଆଇନ ଅନୁସାରେ ଦଣ୍ଡନୀୟ।
- ସେହିପରି ଜାତୀୟ ପତାକାଠାରୁ ଉଚ୍ଚରେ ଅନ୍ୟ କୌଣସି ଜିନିଷ ରଖାଯିବା ଅନୁଚିତ।
- ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଯେକୌଣସି ଦିନ ଭାରତୀୟ ଜାତୀୟ ପତାକା ଉତ୍ତୋଳନ କରାଯାଇ ପାରିବ। ତେବେ ପତାକାର ଗରିମା କ୍ଷୁଣ୍ଣ ନ ହେବା ପ୍ରତି ଧ୍ୟାନଦେବା ଉପରେ କୋଡ୍‌ରେ ଗୁରୁତ୍ୱାରୋପ କରାଯାଇଥିଲା।
- ବିଦେଶୀ ନାଗରିକମାନେ ମଧ୍ୟ ଭାରତରେ ବାସଘର ଅବା କାର୍ଯ୍ୟାଳୟ ଉପରେ ଜାତୀୟ ପତାକା ଉତ୍ତୋଳନ କରିପାରିବେ।
- କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପୃଥକ ପୃଥକ ଭାବେ ଜାତୀୟ ପତାକା ବ୍ୟବହାର କରିପାରିବେ ନାହିଁ।
- ଏହା ବ୍ୟତୀତ ଜାତୀୟ ପତାକାରେ କୌଣସି ପୋଷାକ କିମ୍ବା ଅନ୍ୟ ବ୍ୟବହୃତ ପରିଧାନ କରାଯାଇପାରିବ ନାହିଁ।





adventz

Individually, we nurtured crops.
Together, we'll transform the future of Indian agriculture.



Zuari Agro Chemicals, Paradeep Phosphates and Mangalore Chemicals & Fertilizers come together to usher in prosperity for Indian farmers.

When three amongst the biggest names in the Indian agricultural sector come together, it ushers in an exciting phase for the Indian agricultural economy. The complimentary strength of their three brands - Jai Kisaan, Navratna and Mangala will assure an enriched product offering with an enhanced range of nitrogenous and phosphatic fertilisers, speciality plant nutrients, micro-nutrients, soil conditioners, crop care products and seeds. Plus, our innovative initiatives and agri services will create a whole new relationship with the Indian farmers.

ZUARI AGRO CHEMICALS LTD. | PARADEEP PHOSPHATES LIMITED | MANGALORE CHEMICALS & FERTILIZERS LIMITED

Corporate Office: Tower A, 5th Floor, Global Business Park, M. G. Road, Sector 26, Gurgaon-122002. | www.adventz.com



Spreading Smiles

VISA GROUP
Shaping the future with Minerals & Metals

ADITYA BIRLA
HINDALCO

Aditya Aluminium
(A Unit of Hindalco Industries Ltd.)

The Flagship Unit of Hindalco Industries Ltd., having its Smelter and Captive Power Plants in Odisha, the Land of the Sun Temple.



Aditya means Sun, the Primal source of Light and Energy

Registered Office
Ahura Centre, 1st Floor, B Wing,
Mahakali Caves Road
Andheri (East), Mumbai- 400093
Tel: (91-22) 66917000, Fax: (91-22) 66917001

Aditya Aluminium
At/ Po.- Lapanga
Dist- Sambalpur
Odisha -768212
Tel.: 0663-2536247, Fax : 0663-2536499

## ଜଙ୍ଗଲ ସୁରକ୍ଷା ପାଇଁ ଦାବିପତ୍ର

**କଟକ ଅଫିସ୍:** ଜଙ୍ଗଲ ସୁରକ୍ଷା ପାଇଁ ବାଙ୍କୀ ବ୍ଲକ ଅନ୍ତର୍ଗତ କୁମୁସୁର ମୌଜାର ଗ୍ରାମବାସୀ ସୋମବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି, ଗ୍ରାମ ନିକଟରେ ୧୦୦ ଏକରରୁ ଊର୍ଦ୍ଧ୍ୱ ଶାଳ ଜଙ୍ଗଲ ରହିଛି। ବହୁ ବର୍ଷ ଧରି ସେମାନେ ଏହି ଜଙ୍ଗଲର ରକ୍ଷଣାବେକ୍ଷଣ କରିବା ସହ ନୂତନ ବୃକ୍ଷରୋପଣ କରୁଛନ୍ତି। ହେଲେ କେତେଜଣ ଦୁର୍ବୃତ୍ତ ଏହି ଜଙ୍ଗଲରୁ ଶାଳଗଛ କାଟି ନେଉଛନ୍ତି। ଏଣୁ ଜଙ୍ଗଲର ସୁରକ୍ଷା ପଦକ୍ଷେପ ନିଆଯାଉ। ଜିଲାପାଳ ଭବାନୀ ଶଙ୍କର ଚୟନୀ ଗ୍ରାମବାସୀଙ୍କର ଦାବିପତ୍ରକୁ ଗ୍ରହଣ କରି ଏହି ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### କରୋନା ସର୍ଭେ ରିପୋର୍ଟ ଉନ୍ମୋଚିତ

**କଟକ ଅଫିସ, ୨୫।୧:** ଆଞ୍ଚଳିକ ବିକାଶ ପରିଷଦ ଓଡ଼ିଶା ପକ୍ଷରୁ କରୋନା ମହାମାରୀ ଜନସଚେତନତା ଓ ପ୍ରଭାବର ସର୍ଭେ ରିପୋର୍ଟ କଟକ ଟାଉନ ହଲ୍‌ଠାରେ ସୋମବାର ଉନ୍ମୋଚିତ ହୋଇଯାଇଛି। ପରିଷଦ ସଭାପତି ସୁଜିତ୍ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ଭାଜପା ରାଜ୍ୟ ସମ୍ପାଦକ ଦିଲୀପ ମଲ୍ଲିକ, ବିଜୁ ପଟ୍ଟନାୟକ କଲେଜ ଅଫ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ ସୋସିଆଲ ୱାର୍କର ଅଧକ୍ଷ ଶେଷଦେବ ବଳିୟାରସିଂ, ସାମାଜିକ କର୍ମୀ ସତ୍ୟାନନ୍ଦ ରାଉତ ଯୋଗଦେଇ ଏହି ସର୍ଭେ ରିପୋର୍ଟକୁ ଉନ୍ମୋଚନ କରିଥିଲେ। ୧୫ହଜାର ଲୋକଙ୍କୁ ନେଇ କରାଯାଇଥିବା ସର୍ଭେରୁ ଜଣାପଡିଛି ଜିଲାରେ ୯୭ ପ୍ରତିଶତ ଲୋକଙ୍କ ପାଖରେ ମାସ୍କ ଅଛି। ହେଲେ ୪୭ ପ୍ରତିଶତ ଲୋକ ଏହାକୁ ବ୍ୟବହାର କରୁଛନ୍ତି। ୩ ପ୍ରତିଶତ ଲୋକ ସାମାଜିକ ଦୂରତା କେତେ ରହିବା ଦରକାର ତାହା କହିପାରୁନାହାନ୍ତି। କରୋନା ସମୟରେ ୩୧ ପ୍ରତିଶତ ଲୋକ ଚାକିରି ହରାଇଥିବାବେଳେ ୨୭ ପ୍ରତିଶତ ଲୋକ ବେକାର ଅଛନ୍ତି। ୧୭ ପ୍ରତିଶତ ଲୋକ ଡାକ୍ତରଙ୍କ ବିନା ପରାମର୍ଶରେ ଦୋକାନରୁ ଔଷଧ ଆଣୁଛନ୍ତି। ୪୪ ପ୍ରତିଶତ ଲୋକ ଆରୋଗ୍ୟ ସେତୁ ଆପ୍ସ ସମ୍ବନ୍ଧରେ ଅବଗତ ଏବଂ ୨୩ ପ୍ରତିଶତ ଲୋକ ପଞ୍ଜୀକୃତ କରିଛନ୍ତି। ୧୫ରୁ ୪୦ବର୍ଷ ବୟସ ବ୍ୟକ୍ତି ଅଧିକ ସଚେତନ ଥିବାବେଳେ ଛୋଟ ପିଲା ଏବଂ ୪୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କଠାରେ ସଚେତନତା କମ୍ ରହୁଛି। ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସମ୍ପାଦକ ନଳିନୀ ସେନାପତି, ବରଦା ପ୍ରସାଦ ମହାନ୍ତି, ଅମିୟ ରଞ୍ଜନ ସାହୁ, ମନୋଜ ବେହେରା, ଅରବିନ୍ଦ ଶତପଥି, ବସନ୍ତ ଜେନା, ଅବିନାଶ ମହାନ୍ତି ଓ ଦୀପକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଈପ୍‌ସିତା ଜେନା ଧନ୍ୟବାଦ ଦେଇଥିଲେ।

# ବିପିୟୁଟି କର୍ତ୍ତୃପକ୍ଷଙ୍କ ଉପରେ ହାଇକୋର୍ଟ ଅସନ୍ତୁଷ୍ଟ

### ପରୀକ୍ଷାରୁ ବଞ୍ଚିତ ଇଞ୍ଜିନିୟରିଂ ଛାତ୍ର

**କଟକ ଅଫିସ, ୨୫।୧**

୨୦୧୬ ପରୀକ୍ଷାରେ ବିଭିନ୍ନ ପେପରରେ ବ୍ୟାକ୍ ଲାଗିବା ପରେ ଇଞ୍ଜିନିୟରିଂ କଲେଜ ଛାତ୍ରୀଛାତ୍ରମାନେ ପୁନଃ ପରୀକ୍ଷା ଦେବାରୁ ବଞ୍ଚିତ ହୋଇ ଆସୁଛନ୍ତି। ସେମାନଙ୍କୁ ଆଉଥରେ ପରୀକ୍ଷା ଦେବା ପାଇଁ ସୁଯୋଗ ପ୍ରଦାନ କରିବାକୁ ବିଜୁ ପଟ୍ଟନାୟକ ୟୁନିଭର୍ସିଟ୍ ଅଫ ଟେକ୍ନୋଲୋଜି(ବିପିୟୁଟି)କୁ ହାଇକୋର୍ଟ ଆଦେଶ ଦେଇଥିଲେ। ଏଥିପାଇଁ ତାରିଖ ଘୋଷଣା କରିବାକୁ ଆଦେଶରେ ସ୍ପଷ୍ଟ କରିଥିଲେ। ହେଲେ ବିପିୟୁଟି କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ ପରୀକ୍ଷା ତାରିଖ ଘୋଷଣା କରି ନ ଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବିଚାରପତି ସଞ୍ଜୁ ପଣ୍ଡା ଓ ବିଚାରପତି ଜଷ୍ଟିସ ଏସ୍. କେ. ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ୫୩୯ ଜଣ ଛାତ୍ରୀଛାତ୍ର ବ୍ୟାକ୍ ପେପର ପରୀକ୍ଷା ଦେବା ପାଇଁ ତୁରନ୍ତ ଦିନ ଧାର୍ଯ୍ୟ କରିବାକୁ ବିପିୟୁଟିକୁ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ବି-ଟେକ୍ ଡିଗ୍ରୀ ଶେଷ ପାଇଁ ୪ ବର୍ଷ ରହିଛି। ଏହି ସମୟ ମଧ୍ୟରେ ଯେଉଁ ଛାତ୍ରୀଛାତ୍ରୀମାନେ କୌଣସି କାରଣରୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରୁ ନାହାନ୍ତି ସେମାନଙ୍କ ପାଇଁ ବିପିୟୁଟି ପକ୍ଷରୁ ଅଧିକ ୩ବର୍ଷ ସମୟ ଦିଆଯାଇଛି। ହେଲେ ବିଭିନ୍ନ କାରଣରୁ ଛାତ୍ରୀଛାତ୍ରମାନେ ସେମାନଙ୍କ ଡିଗ୍ରୀ ଶେଷ କରିପାରି ନ ଥିଲେ। ଏ ନେଇ କେତେଜଣ ଛାତ୍ର ବିପିୟୁଟି କୁଳପତିଙ୍କୁ ଭେଟି ସ୍ୱତନ୍ତ୍ର ଭାବେ ପରୀକ୍ଷା କରିବା ଲାଗି ଅନୁମତି ଦେବାକୁ ଅନୁରୋଧ କରିଥିଲେ। ଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିପିୟୁଟି କୁଳପତି ବୋର୍ଡ ବୈଠକର ନିଷ୍ପତ୍ତି ଅନୁଯାୟୀ ୨୦୧୬ ମାର୍ଚ୍ଚ ୫ରେ ସ୍ୱତନ୍ତ୍ର ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବିଜ୍ଞପ୍ତି ମୁତାବକ ଡିଗ୍ରୀ ଶେଷ କରି ନ ଥିବା ଛାତ୍ରୀଛାତ୍ରଙ୍କ ତାଲିକା ସେମାନଙ୍କ କଲେଜ ଜରିଆରେ ୨୦୧୬ ଏପ୍ରିଲ ୨୦ ସୁଦ୍ଧା ପରୀକ୍ଷା ପରିଚାଳନା ଉପନିର୍ଦ୍ଦେଶକଙ୍କ ନିକଟରେ ପହଞ୍ଚିବାକୁ କୁହାଯାଇଥିଲା। ବିଭିନ୍ନ କଲେଜର ୭୩ ଜଣ ଛାତ୍ରୀଛାତ୍ର ସେମାନଙ୍କ ତାଲିକା ପରୀକ୍ଷା ପରିଚାଳନା ଉପନିର୍ଦ୍ଦେଶକଙ୍କ ନିକଟରେ ପହଞ୍ଚାଇଥିଲେ। ପରେ ଏହି ଛାତ୍ରୀଛାତ୍ରଙ୍କ ତାଲିକା ବିପିୟୁଟି ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଥିଲା। ହେଲେ ପରବର୍ତ୍ତୀ ସମୟରେ ବିଭିନ୍ନ ଆଳ ଦେଖାଇ ବିପିୟୁଟି କର୍ତ୍ତୃପକ୍ଷ ପରୀକ୍ଷା ତାରିଖ ଘୁଞ୍ଚାଇ ଚାଲିଥିଲେ। ଫଳରେ ବିପିୟୁଟିର ଏଭଳି କାର୍ଯ୍ୟକୁ ନେଇ ଶୁଭ୍ରାଂଶୁ ମିଶ୍ର ନାମକ ଜଣେ ଛାତ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

# କମ୍ପ୍ଲେନ ଅଫିସରଙ୍କୁ ନିଯୁକ୍ତି ଦେଲେ ହାଇକୋର୍ଟ

### କିନ୍ନରଙ୍କ ଦୁଃଖ ଶୁଣିଲେ

**କଟକ ଅଫିସ,୨୫।୧**

ତୃତୀୟ ଲିଙ୍ଗର ମାନ୍ୟତା ପାଇଥିବା କିନ୍ନରଙ୍କ ଦୁଃଖ ଶୁଣିଲେ ହାଇକୋର୍ଟ। ଏଥିଲାଗି ହାଇକୋର୍ଟ ଜଣେ ସ୍ୱତନ୍ତ୍ର ଅଧିକାରୀ ବା କମ୍ପ୍ଲେନ ଅଫିସରଙ୍କୁ ନିଯୁକ୍ତି ଦେଇଛନ୍ତି। ହାଇକୋର୍ଟର ଜୁଭେନାଇଲ୍ ଜଷ୍ଟିସ୍ କମିଟିର ସେକ୍ରେଟାରୀଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଛି। ଟ୍ରାନ୍ସଜେଣ୍ଡର ପର୍ସନ୍ସ (ପ୍ରୋଟେକ୍ସନ ଅଫ ରାଇଟ୍ସ) ଆଇନ-୨୦୧୯ ଆଧାରରେ ଏହି ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଆଇନ କିନ୍ନରଙ୍କ ଅଧିକାର ଏବଂ ସେମାନଙ୍କର ମଙ୍ଗଳ ପାଇଁ ୨୦୨୦ ଜାନୁୟାରୀ ୧୦ରେ କାର୍ଯ୍ୟକାରୀ ହୋଇଥିଲା। କିନ୍ନରଙ୍କୁ ପରିଚୟ ପ୍ରଦାନ, ସମାଜରେ ସେମାନଙ୍କୁ ନେଇ ହେଉଥିବା ବାଛବିଚାରରେ ରୋକ୍ ଲଗାଇବା, ସରକାରଙ୍କ ଦ୍ୱାରା ସେମାନଙ୍କ ଲାଗି ବିକାଶମୂଳକ କାର୍ଯ୍ୟ କରାଯିବା, ଶିକ୍ଷା, ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଆଦି ଯୋଗାଇ ଦେବାଲାଗି ଏହି ଆଇନରେ ବ୍ୟବସ୍ଥା ହୋଇଛି। କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ କିନ୍ନରଙ୍କ କିପରି ବିକାଶ ହୋଇପାରିବ ତାହା ଉପରେ ଅନୁସନ୍ଧାନ କରିବା ଲାଗି ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା। ସମାଜରେ କିନ୍ନରମାନେ ସମ୍ମୁଖୀନ ହେଉଥିବା ସମସ୍ୟାରୁ ମୁକୁଳିବା ପାଇଁ ଏହି କମିଟି ପରାମର୍ଶ ଦେଇଥିଲା। ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ କିନ୍ନରମାନଙ୍କ ସ୍ଥାନ ବହୁ ତଳେ। ତେଣୁ ଏହି ଆଇନ ଅନୁଯାୟୀ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କିନ୍ନରଙ୍କ ଅଭିଯୋଗକୁ ଗ୍ରହଣ କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବା ଲାଗି ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଡ. ତୀର୍ଥାନନ୍ଦ ମିଶ୍ରଙ୍କ ଜୟନ୍ତୀ ପାଳନ ଅବସରରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ହରେକୃଷ୍ଣ ଶତପଥୀଙ୍କୁ ଡ. ତୀର୍ଥାନନ୍ଦ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

### ଡାକଘରୁ ୨.୪୩ ଲକ୍ଷ ଟଙ୍କା ଚୋରି

**ବାଲିପାଟଣା,୨୫।୧(ଡି.ଏନ.ଏ.):** ବନମାଳିପୁର ଫାଣ୍ଡିଅଧୀନ ବନମାଳିପୁର ଉପ-ଡାକଘରୁ ୨ଲକ୍ଷ ୪୩ ହଜାର ଟଙ୍କା ଚୋରି ହୋଇଥିବା ସୋମବାର ଅଭିଯୋଗ ହୋଇଛି। ଏନେଇ ବାଲିପାଟଣା ପୋଲିସ ମାମଲା (ନଂ.୧୮/୨୧)ରୁଜୁ କରିଛି। ରବିବାର ରାତିରେ କେହି ଦୁର୍ବୃତ୍ତ ଡାକଘର ଝରକା ଭାଙ୍ଗି ଟଙ୍କା ଚୋରି କରି ନେଇଯାଇଛନ୍ତି। ସୋମବାର ସକାଳେ ଡାକଘର ଖୋଲିବା ବେଳକୁ ଝରକା ଭଙ୍ଗା ଯାଇଥିବାବେଳେ ବାକ୍ସ ଭାଙ୍ଗି କେହି ଟଙ୍କା ନେଇଯାଇଥିବା କର୍ମଚାରୀ ଦେଖିବାକୁ ପାଇଥିଲେ। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ୪ ପ୍ରକଳ୍ପ ଉଦ୍‌ଘାଟିତ

**କଟକ ଅଫିସ, ୨୫।୧**

ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟରେ ସୋମବାର ଭର୍ଚୁଆଲ ମାଧ୍ୟମରେ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ନିର୍ଦ୍ଦେଶକ ଡ. ଦେବାଶିଷ ପାଣିଗ୍ରାହୀ ଯୋଗଦେଇ ଗଞ୍ଜାମ ଛତ୍ରପୁରରେ ଭିଜିଲାନ୍ସ ସ୍କ୍ୱାର୍ଡ୍ କାର୍ଯ୍ୟାଳୟ, ଭିଜିଲାନ୍ସ କଲୋନୀ ପରିସରରେ ନିର୍ମିତ କ୍ୱାର୍ଟର୍ସ ଉଦ୍‌ଘାଟନ କରିଥିବାବେଳେ ବାଲେଶ୍ୱର ଭିଜିଲାନ୍ସ ଡିଭିଜନ ନୂତନ କାର୍ଯ୍ୟାଳୟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ଭିଜିଲାନ୍ସ ନିର୍ଦ୍ଦେଶାଳୟ ପରିସରରେ ସରକାରୀ ମୋଟରଯାନ ମରାମତି ନିମନ୍ତେ ମିନି ୱାର୍କଶପ୍ ଓ ଭିଜିଲାନ୍ସ ଜିମ୍ନାସିୟମକୁ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଘନଶ୍ୟାମ ଉପାଧ୍ୟାୟ, ସଞ୍ଜୟ କୌଶଲ, ଦିଲୀପ ମିଶ୍ର, ଶିଶିର ପଟ୍ଟନାୟକ, ଅଶୋକ ମହାନ୍ତି ଓ ସହକାରୀ ଆଇଜି (ଭିଜିଲାନ୍ସ) ଶଶିଭୂଷଣ ମିଶ୍ର ଉପସ୍ଥିତ ଥିଲେ।

### 'ଭୋଟ୍ ଦେବା ନାଗରିକଙ୍କ ମୌଳିକ ଅଧିକାର'

**କଟକ ଅଫିସ, ୨୫।୧**

କଟକ ଜିଲାପାଳଙ୍କ କନ୍‌ଫରେନ୍ସ ହଲ୍‌ରେ ଏକାଦଶ ଜାତୀୟ ମତଦାତା ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧକ୍ଷତା କରି କହିଥିଲେ, ଭୋଟ୍ ଦେବା ପ୍ରତ୍ୟେକ ନାଗରିକଙ୍କର ମୌଳିକ ଅଧିକାର। ଭୋଟରମାନେ ନିଜର କର୍ତ୍ତବ୍ୟ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ କିପରି ରକ୍ଷା କରିପାରିବେ ସେଥିପ୍ରତି ସଚେତନ ରହିବା ଆବଶ୍ୟକ। ଏଣୁ ପ୍ରତ୍ୟେକ ଭୋଟର ନିଜର ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିବା ଉଚିତ୍ ବୋଲି ଜିଲାପାଳ କହିଥିଲେ। ଏଥିସହ ଜିଲାପାଳ ଉପସ୍ଥିତ କର୍ମଚାରୀଙ୍କୁ ମତଦାତାଙ୍କ ସଂକଳ୍ପ ପାଠ କରାଇଥିଲେ।

୨୦୧୧ ମସିହାରୁ ଜାନୁୟାରୀ ୨୫ ତାରିଖକୁ ଜାତୀୟ ମତଦାତା ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ କଟକ ଜିଲାରେ ଉକ୍ତ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ୨୦୨୧ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ କଟକ ଜିଲାରେ ମୋଟ୍ ୨୦,୮୬,୨୯୨ ଜଣ ମହିଳା, ପୁରୁଷ ଓ ତୃତୀୟ ଲିଙ୍ଗ ମତଦାତାଙ୍କ ନାମ ପଞ୍ଜୀକରଣ କରାଯାଇଛି। ଏହି ଅବସରରେ ନୂତନ ପଞ୍ଜୀକୃତ ହୋଇଥିବା ଭୋଟରମାନଙ୍କୁ ଭୋଟର ପରିଚୟପତ୍ର ଦିଆଯାଇଥିଲା। ଏଥିସହ ବିଭିନ୍ନ କାର୍ଯ୍ୟରେ ଶ୍ରେଷ୍ଠ ବିବେଚିତ ହୋଇଥିବା ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଥ୍‌ସ୍ତରୀୟ ଅଧିକାରୀ, ସୁପରଭାଇଜର, ଜିଲା ଓ ଉପଖଣ୍ଡସ୍ତରୀୟ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଡେପୁଟି କଲେକ୍ଟର ରଞ୍ଜିତା ସାହୁ ଧନ୍ୟବାଦ ଦେଇଥିଲେ।

DADLS-75

## ଓଡ଼ିଶା : ବିକାଶର ନୂଆ ପରିଭାଷା

ଓଡ଼ିଶା ସରକାର

- ରାଜ୍ୟରେ କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମ ପାଇଁ ରାଜ୍ୟସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ପ୍ରସ୍ତୁତି । ଟିକାକରଣରେ ଅପାର ସଫଳତା ।
- ସମସ୍ତ ରାଜ୍ୟବାସୀଙ୍କୁ ସାମଗ୍ରିକ, ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ "ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା" ମିଶନ ।
- ଲୋକାଭିମୁଖୀ ଲୋକସେବା ପାଇଁ ୧୦ଟି ବିଭାଗରେ ୧୦୦ଟି ଅନ୍‌ଲାଇନ୍ ଜନସେବା ଆରମ୍ଭ । ସରକାରୀ କାର୍ଯ୍ୟାଳୟକୁ ନଯାଇ ଘରେ ବସି ଜନସାଧାରଣ ବିଭିନ୍ନ ସରକାରୀ ସେବା ପାଇବା ପାଇଁ ସୁଯୋଗ ।
- ସଂପ୍ରତି ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ଏକ ନମ୍ବର ରାଜ୍ୟ । କୋଭିଡ୍ ସମୟରେ ମଧ୍ୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ । ରପ୍ତାନି କ୍ଷେତ୍ରରେ ମଧ୍ୟ ୫୫ ପ୍ରତିଶତ ଅଭିବୃଦ୍ଧି ।
- ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଦେଶର ୧୦ଟି ରାଜ୍ୟ ଯେତିକି ଚାଉଳ ଯୋଗାଉଛନ୍ତି, ଆଜି ଆମ କଳାହାଣ୍ଡି ଜିଲ୍ଲା ଏକୁଟିଆ ସେତିକି ଚାଉଳ ଯୋଗାଇ ଦେଉଛି ।
- ମିଶନ ଶକ୍ତିରେ ସାମିଲ ରାଜ୍ୟର ୮୦ ଲକ୍ଷ ମହିଳା ଆଜି ବିଭିନ୍ନ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରୁଛନ୍ତି । ଆମେରିକା, ୟୁରୋପର ଡିପାର୍ଟମେଣ୍ଟାଲ ଷ୍ଟୋରରେ ଏଣିକି ବିକ୍ରି ହେବ ଓଡ଼ିଶା ସ୍ୱୟଂ ସହାୟକ ଗୋଷ୍ଠି ଉତ୍ପାଦିତ ସାମଗ୍ରୀ ।
- ପୁରୀକୁ ବିଶ୍ୱ ଐତିହ୍ୟ ନଗରୀରେ ପରିବର୍ତ୍ତିତ କରିବା ପାଇଁ 'ଶ୍ରୀଜଗନ୍ନାଥ ଐତିହ୍ୟ କରିଡର' ଓ 'ଅବଢ଼ା' ଯୋଜନା ।
- ୫'ଟି' କାର୍ଯ୍ୟକ୍ରମ ଅଧୀନରେ ଶ୍ରୀ ଲିଙ୍ଗରାଜ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ପାଇଁ ଏକାମ୍ର ଯୋଜନା । ଖୁବ୍ ଶୀଘ୍ର ସମ୍ବଲପୁରର ପ୍ରସିଦ୍ଧ ମା' ସମଲେଶ୍ୱରୀ ପୀଠର ବିକାଶ କାର୍ଯ୍ୟ ଆରମ୍ଭ ।
- ରାଜ୍ୟରେ ଅଧିକ ସଂଖ୍ୟକ ମେଡିକାଲ କଲେଜ ସ୍ଥାପନ ସହ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହେବ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ।
- ହକିର ଏନ୍ତୁଡ଼ିଶାଳ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାଠାରେ ନିର୍ମାଣ ହେବ ଦେଶର ସର୍ବବୃହତ୍ ହକି ଷ୍ଟାଡ଼ିୟମ୍ । ସୁନ୍ଦରଗଡ଼ ଜିଲ୍ଲାର ପ୍ରତି ବ୍ଲକ୍‌ରେ ଆଷ୍ଟ୍ରୋଟର୍ଫ୍ ହକି ଖେଳ ପଡ଼ିଆ ।
- କେନ୍ଦୁପତ୍ର ତୋଳାଳୀ ଓ ଏଥିରେ ନିୟୋଜିତ ଅନ୍ୟାନ୍ୟ କର୍ମଚାରୀଙ୍କ କଲ୍ୟାଣାର୍ଥେ ୯୨.୩୭ କୋଟି ଟଙ୍କାର ବୋନସ୍ ଓ ଅନ୍ୟାନ୍ୟ ସହାୟତା ଘୋଷଣା ।
- 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ଭାବେ ଘୋଷଣା । ସ୍କୁଲ ପାଠ୍ୟକ୍ରମରେ ସ୍ଥାନିତ ହେବ 'ବନ୍ଦେ ଉତ୍କଳ ଜନନୀ' ।
- ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷା ନିମନ୍ତେ ପରୀକ୍ଷା ଫି' ଛାଡ । ଉପକୃତ ହେବେ ୬ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ।





କରୋନା କଟକଣା ମାନି ଚଳୁଥିବା, ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ରଖୁଥିବା, ତେବେ ଆମେ ନିଜେ ସୁରକ୍ଷିତ ରହିବା ସହ ଆମ ରାଜ୍ୟ ତଥା ଦେଶକୁ କରୋନାମୁକ୍ତ ରଖିପାରିବା ।

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0120/2021

## ଭିତ୍ତିପ୍ରସ୍ତର, ଉଦ୍‌ଘାଟନ ଉତ୍ସବ

ବାଲିଅନ୍ତା,(ଡି.ଏନ୍.ଏ.): ବାଲିଅନ୍ତା ବ୍ଳକ ଅଧୀନ ଜୟଦେବ ପଞ୍ଚାୟତ ଅଞ୍ଚଳରେ ସୋମବାର ଜୟଦେବ ବିଧାୟକଙ୍କ ଦ୍ୱାରା ଗୋଟିଏ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ୫ଟି ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ମହୁଖିଣ୍ଡା ଗ୍ରାମର ପୁରାତନ କୁଣ୍ଡ ପୋଖରୀର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିପାଇଁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିପରି ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ରଗୃହ ଓ ୪ଟି ହାଇମାଷ୍ଟ ଲାଇଟ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ସରପଞ୍ଚ ପ୍ରଜ୍ଞାପାରମିତା ଜେନାମଣି, ବିଧାୟକଙ୍କ ପ୍ରତିନିଧି କୁଶ ପାତ୍ର, ଅର୍ଜ୍ଜୁନ ଜେନାମଣିଙ୍କ ସମେତ ବହୁ ୱାର୍ଡ ସଭ୍ୟା ସଭ୍ୟ ଯୋଗଦେଇଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସିପିଆଇ ପକ୍ଷରୁ ସମ୍ବିଧାନ ସୁରକ୍ଷା ଦିବସ, ଅଶୋକ ନଗର ଓମଫେଡ ଛକ, ପୂର୍ବାହ୍ନ ୧୦ଟା।
- ଖବରକାଗଜ ସମୀକ୍ଷାର ବାର୍ଷିକ ଉତ୍ସବ, ଉତ୍କଳ କାର୍ଲେଟ ସ୍କୁଲ ପରିସର, ୟୁନିଟ-୯, ପୂର୍ବାହ୍ନ ୧୦ଟା ୩୦।
- ବୁଦ୍ଧିଷ୍ଟ ସୋସାଇଟି ଅଫ ଇଣ୍ଡିଆର ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଆଲୋଚନାଚକ୍ର, କଳିଙ୍ଗ ବୁଦ୍ଧ ମନ୍ଦିର, ୟୁନିଟ-୯, ପୂର୍ବାହ୍ନ ୧୧ଟା ୩୦ରୁ ଆରମ୍ଭ।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭାରତୀୟ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ଓଡ଼ିଶାର ୧୩ଜଣଙ୍କୁ ପୋଲିସ ପଦକ

- ଆର.କେ. ଶର୍ମା, ବାହାଦୁର ଥାପାଙ୍କୁ ରାଷ୍ଟ୍ରପତି ପଦକ
- ୧୧ ଜଣଙ୍କୁ ଉଲ୍ଲେଖନୀୟ ସେବା ପଦକ
- ଅଭିନନ୍ଦନ ଜଣାଇଲେ ପୋଲିସ ଡିଜି

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ସାଧାରଣତନ୍ତ୍ର ଦିବସ ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ଓ ଉଲ୍ଲେଖନୀୟ ସେବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ବିଭିନ୍ନ ବର୍ଗରେ ୯୪୬ ଜଣଙ୍କୁ ପୋଲିସ ପଦକ ଘୋଷଣା କରାଯାଇଛି। ଚଳିତବର୍ଷ ଓଡ଼ିଶାରୁ ମୋଟ ୧୩ ଜଣଙ୍କୁ ପୋଲିସ ପଦକ ମିଳିବ। ୨ଜଣଙ୍କୁ ରାଷ୍ଟ୍ରପତି ପୋଲିସ ପଦକ ଓ ୧୧ ପୋଲିସ କର୍ମଚାରୀଙ୍କୁ ଉଲ୍ଲେଖନୀୟ ସେବା ନିମନ୍ତେ ପଦକ ପ୍ରଦାନ କରାଯିବ। ଗୋଇନ୍ଦା ନିର୍ଦ୍ଦେଶକ ଆର.କେ. ଶର୍ମା ଓ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ (ବିପିଏସ୍‌ପିଏ)ର ଡେପୁଟି ସୁବେଦାର ବୁଦ୍ଧି ବାହାଦୁର ଥାପାଙ୍କୁ ରାଷ୍ଟ୍ରପତି ପୋଲିସ ପଦକରେ ସମ୍ମାନିତ କରାଯିବ। ଏହାସହ ଆଇଜି (ଆଇନ ଶୃଙ୍ଖଳା) ପ୍ରବୀଣ କୁମାର, ଏଏସ୍‌ପି ରବୀନ୍ଦ୍ର ଦାସ, ଏଏସ୍‌ପି ଭବାନୀ ଶଙ୍କର ମିଶ୍ର, ବିପିଏସ୍‌ପିଏ ଡେପୁଟି କମାଣ୍ଡାଣ୍ଟ ଅଶୋକ ଦେହୁରୀ, ଏସ୍‌ଓଜିର ଡେପୁଟି କମାଣ୍ଡାଣ୍ଟ ବୁଦ୍ଧ ତମାଙ୍ଗ, ଏସିପି ପ୍ରକାଶ ପାଲ, ଏଏସ୍‌ଆଇ ମନୋରଞ୍ଜନ ଶତପଥୀ, ହାବିଲଦାର ସରୋଜ ଭୋଇ, ହାବିଲଦାର ସେକ୍ ନାଶିରୁଦ୍ଦିନ, କନ୍‌ଷ୍ଟେବଲ ଗୌତମ ପାତ୍ର ଓ ସୁବେଦାର ହେମନ୍ତ ବାହାଦୁର ଖାଡ୍ରାଛେତ୍ରୀଙ୍କୁ ପୋଲିସ ସେବା ପଦକ ପ୍ରଦାନ କରାଯିବ। ଏନେଇ ସୋମବାର ଡିଜିପି ଅଭୟ ଟୁଇଟ୍ ଜରିଆରେ ପୋଲିସ ପଦକୁ ପାଇବାକୁ ମନୋନୀତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଓଡ଼ିଶା ପାଇଁ ଏହା ଗର୍ବର ବିଷୟ ବୋଲି କହିଛନ୍ତି। ସ୍ୱାଧୀନତା ଦିବସରେ ଏହି ପଦକ ପ୍ରଦାନ କରାଯିବ।

## ଅଗ୍ନିଶମ, ହୋମଗାର୍ଡ ଓ ଜେଲ ବିଭାଗରୁ ୧୮ଜଣ ପାଇବେ ପଦକ

**୬ ଜଣଙ୍କୁ ରାଷ୍ଟ୍ରପତି ପଦକ**

ଅଗ୍ନିଶମ, ହୋମଗାର୍ଡ ଓ ଜେଲ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ରାଜ୍ୟର ୧୮ ଅଧିକାରୀ ଓ କର୍ମଚାରୀଙ୍କୁ ମିଳିବ ପଦକ। ସାଧାରଣତନ୍ତ୍ର ଦିବସ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ଏନେଇ ଘୋଷଣା କରାଯାଇଛି। ଅଗ୍ନିଶମ ବିଭାଗରେ ୬ ଜଣ ପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଫାୟାରମ୍ୟାନ୍ କମଳାକାନ୍ତ ପୁହାଣ ପ୍ରଶଂସନୀୟ କାର୍ଯ୍ୟ ପାଇଁ ରାଷ୍ଟ୍ରପତି ପଦକ ପାଇବେ। ସାହସିକତା ପାଇଁ ଫାୟାରମ୍ୟାନ କଣ୍ଡପ କୁମାର ପଟ୍ଟନାୟକ ଓ ଉଲ୍ଲେଖନୀୟ ସେବା ପାଇଁ ଆସିଷ୍ଟାଣ୍ଟ ଫାୟାର ଅଫିସର ଶରତ ଚନ୍ଦ୍ର ମଲ୍ଲିକ, ଷ୍ଟେସନ ଅଫିସର ପ୍ରଦୀପ କୁମାର ପଟ୍ଟନାୟକ, ଫାୟାରମ୍ୟାନ୍ ପ୍ରକାଶ କୁମାର ବେହେରା ଓ ହାବିଲଦାର ବଳଭଦ୍ର ଦେହୁରି ପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି। ସେହିଭଳି ହୋମଗାର୍ଡ ଓ ସାଧାରଣ ସୁରକ୍ଷା କ୍ଷେତ୍ରରେ ୭ଜଣ ପଦକ ପାଇବାକୁ ଘୋଷଣା କରାଯାଇଛି। ହୋମଗାର୍ଡ ସ୍ୱର୍ଗତ ବନବାସୀ ମହାରଣାଙ୍କୁ ମରଣୋତ୍ତର ଭାବେ ରାଷ୍ଟ୍ରପତି ସାହସିକତା ପଦକ ମିଳିବ। ଏହାସହ ରାଷ୍ଟ୍ରପତି ପ୍ରଶଂସନୀୟ ପଦକ ପାଇବା ଲାଗି ପୁରୀ ଜିଲାର ହୋମଗାର୍ଡ କମ୍ପାନୀ କମାଣ୍ଡର ପ୍ରଦୀପ କୁମାର ପଟ୍ଟନାୟକ ଓ ହୋମଗାର୍ଡ ପ୍ଲାଟୁନ୍ କମାଣ୍ଡର ସୁଦାମ ଚରଣ ପଟ୍ଟନାୟକ ମନୋନୀତ ହୋଇଛନ୍ତି। ଅନ୍ୟପକ୍ଷରେ ଉଲ୍ଲେଖନୀୟ ସେବା ପାଇଁ ଭଦ୍ରକ ଜିଲା ପ୍ଲାଟୁନ୍ କମାଣ୍ଡର ରାଜ କୁମାର ପାଲ୍, କନ୍ଧମାଳ ଜିଲାର ହୋମଗାର୍ଡ ଭବାନୀ ଶଙ୍କର କର୍ଣ୍ଣ, ହୋମଗାର୍ଡ ଶିଶିରକାନ୍ତ ସାହୁ ଓ କଟକ ଜିଲାର ହୋମଗାର୍ଡ ଅକ୍ଷୟ କୁମାର ନାୟକ ପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି। ସେହିପରି ରାଜ୍ୟ କାରାଗାର ଓ ସୁଧାରଗୃହ ବିଭାଗରୁ ୫ଜଣ ପଦକ ପାଇବା ଲାଗି ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଶଂସନୀୟ କାର୍ଯ୍ୟ ପାଇଁ ରାଷ୍ଟ୍ରପତି ପଦକ ପାଇବା ଲାଗି ୩ଜଣ ମନୋନୀତ ହୋଇଛନ୍ତି। ସେମାନେ ହେଲେ ପ୍ରୋବେଶନ ଅଫିସର ସୁଜାତା ଦାସ, ଚିଫ୍ ୱାର୍ଡର ଦେବରାଜ ପ୍ରଧାନ ଏବଂ ୱାର୍ଡର ମହେଶ୍ୱର ବେହେରା। ଏହାସହ ଉଲ୍ଲେଖନୀୟ ସେବା ପାଇଁ ୱାର୍ଡର ଡି.ରମେଶ ଏବଂ ୱାର୍ଡର ଭଗବାନ ପ୍ରଧାନ ପଦକ ପାଇବେ।

## ସଲାମ ତ୍ରିରଙ୍ଗା


ଭୁବନେଶ୍ୱରର କଳ୍ପନା ଛକରେ ଜଣେ ପିଲା ଜାତୀୟ ପତାକା ଧରି ଖୁସି ହେଉଛି ।

# ୨୦ ପୋଲିସଙ୍କୁ ରାଜ୍ୟପାଳ ପଦକ

**ଭୁବନେଶ୍ୱର,୨୫।୧(ବ୍ୟୁରୋ):**

ସାଧାରଣତନ୍ତ୍ର ଦିବସ ଅବସରରେ ସୋମବାର ରାଜ୍ୟ ଗୃହ ବିଭାଗ ପକ୍ଷରୁ ୨୦୨୦ ବର୍ଷ ପାଇଁ ରାଜ୍ୟପାଳ ପଦକ ଘୋଷଣା କରାଯାଇଛି। ରାଜ୍ୟ ପୋଲିସ ବିଭାଗର ୭ଟି ବର୍ଗର ୨୦ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ପଦକ ପ୍ରଦାନ କରାଯିବାକୁ ଘୋଷଣା ହୋଇଛି। ସେମାନେ ହେଲେ ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜ, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଅନିରୁଦ୍ଧ କୁମାର ସିଂ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ, କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର, ଭିଜିଲାନ୍ସ ନିର୍ଦ୍ଦେଶାଳୟର ଅତିରିକ୍ତ ଏସ୍‌ପି ଅଶ୍ୱିନୀ କୁମାର ପଟ୍ଟନାୟକ, ଭିଜିଲାନ୍ସ ସମ୍ବଲପୁର ଡିଭିଜନର ଇନ୍ସପେକ୍ଟର ସଦାନନ୍ଦ ପାଣି, ଭିଜିଲାନ୍ସ କଟକ ଡିଭିଜନର ଏଏସ୍‌ଆଇ ଭାରତ ଭୂଷଣ ପଟ୍ଟନାୟକ, ଅନୁଗୋଳ ଏସ୍‌ଡିପିଓ(ଇନ୍‌ଚାର୍ଜ) ଅଶ୍ୱିନୀ କୁମାର ସାହୁ, ଏସ୍‌ଆଇଡବ୍ଲ୍ୟୁ ଇନ୍ସପେକ୍ଟର ସନ୍ତୋଷ କୁମାର ସାହୁ। ସେହିପରି ଝାରସୁଗୁଡ଼ା ବାଟାଲିଅନ-୨ର ସୁବେଦାର ଦିଲ୍ ବାହାଦୁର ଛେତ୍ରି, ରାଉରକେଲା ବାଟାଲିଅନ-୪ର ଡେପୁଟି ସୁବେଦାର ତୀର୍ଥରାଜ ସାହୁ, କଟକର ଡ୍ରିଲ୍ ସବ୍‌ଇନ୍ସପେକ୍ଟର ଏମ୍.ଡି. ସବିର୍, ନୂଆପଡ଼ା ଏସ୍‌ଆଇ ବିନୋଦ ବିହାରୀ ସେଠୀ, ମାଲକାନଗିରି ହାବିଲଦାର ପବିତ୍ର ମୋହନ ନାୟକ, ହାବିଲଦାର ଶିବଶଙ୍କର ନାୟକ, ଏସ୍‌ଟିଏଫ୍ ସିପାହୀ ପୀତବାସ ମିଶ୍ର, ଏସ୍‌ଆଇଡବ୍ଲ୍ୟୁ କନ୍‌ଷ୍ଟେବଲ ମନ୍ମଥନାଥ ବରଦା, କନ୍‌ଷ୍ଟେବଲ ସୁନୀଲ ତ୍ରିପାଠୀ, ମାଲକାନଗିରି କନ୍‌ଷ୍ଟେବଲ ଦୁକା ଦେବୀ କୁମାର, ଭିଜିଲାନ୍ସ ନିର୍ଦ୍ଦେଶାଳୟର କନ୍‌ଷ୍ଟେବଲ ମଞ୍ଜୁଲତା ମିଶ୍ର ରାଜ୍ୟପାଳ ପଦକ ପାଇବାକୁ ମନୋନୀତ ହୋଇଛନ୍ତି।

# ଗାନ୍ଧୀ ମାର୍ଗରେ ଅଢ଼େଇ ଘଣ୍ଟା କଟକଣା

**ଭୁବନେଶ୍ୱର,୨୫।୧(ବ୍ୟୁରୋ):**

୭୨ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ମଙ୍ଗଳବାର ମହାତ୍ମା ଗାନ୍ଧୀ ମାର୍ଗରେ ଯାତାୟାତ ଉପରେ କଟକଣା ଲଗାଯାଇଛି। ସକାଳ ସାଢ଼େ ୬ଟାରୁ ୯ଟା ଯାଏ ସର୍ବସାଧାରଣଙ୍କ ଲାଗି ଗାନ୍ଧୀ ମାର୍ଗ ବନ୍ଦ ରହିବ। ଚଳିତଥର କରୋନା ପାଇଁ ଛାତ୍ରୀଛାତ୍ର ଓ ଏନସିସି କ୍ୟାଡେଟ୍ ମଧ୍ୟ ପରେଡରେ ଭାଗ ନେବେ ନାହିଁ। ପରେଡରେ ଯୋଗଦେବାକୁ କେବଳ ପୋଲିସ, ନିମନ୍ତ୍ରିତ ଅତିଥି ଓ କୋଭିଡ୍ ଯୋଦ୍ଧାଙ୍କୁ ଆମନ୍ତ୍ରଣ କରାଯାଇଛି। ସମାରୋହ ସ୍ଥଳରେ ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା ପ୍ରତି ଗୁରୁତ୍ୱ ଦିଆଯାଇଛି। ପ୍ରତି ପ୍ରବେଶ ସ୍ଥାନରେ ହ୍ୟାଣ୍ଡ୍ ସାନିଟାଇଜର ରଖାଯାଇଛି। ସେହିପରି ଟ୍ରାଫିକ୍ କଟକଣା ମଧ୍ୟ କଡ଼ାକଡ଼ି କରାଯାଇଛି। କମିଶନରେଟ୍ ପୋଲିସ ଏଥିପାଇଁ ଟ୍ରାଫିକ୍ ରୁଟ୍ ଧାର୍ଯ୍ୟ କରିଛି। ମଙ୍ଗଳବାର ସକାଳ ସାଢ଼େ ୬ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ଗାନ୍ଧୀ ମାର୍ଗ ଦେଇ ଗାଡ଼ି ଯିବାଆସିବା ବନ୍ଦ ଥିବାବେଳେ କେବଳ ସ୍ୱତନ୍ତ୍ର ଅନୁମତି ଥିବା ଗାଡ଼ିକୁ ଛଡ଼ାଯିବ। ଏହାସହ ଯେଉଁ ଗାଡ଼ିଗୁଡ଼ିକ ହାଉସିଂ ବୋର୍ଡ ଛକରୁ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଯାଉଥିବ ସେଗୁଡ଼ିକ କେଶରୀ ହଲରୁ ବାମପଟ ଦେଇଯିବେ। ସେହିପରି ଏଜି ଛକରୁ ପିଏମଜି ଛକ ଆଡ଼େ ଯାଉଥିବା ଗାଡ଼ି ଜୟଦେବ ଭବନରୁ ଇଡକଲ୍ ଅଡିଟୋରିୟମ ରାସ୍ତା ଦେଇ ଯିବେ । ୧୨୦ ବାଟାଲିୟନରୁ ରବୀନ୍ଦ୍ର ମଣ୍ଡପ ଆଡକୁ ଆସୁଥିବା ଗାଡ଼ିଗୁଡ଼ିକ ଏମ୍‌ଏଲ୍‌ଏ କଲୋନୀ ଦେଇ ଯିବେ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ କୁହାଯାଇଛି। ଜନପଥରୁ ଗାନ୍ଧୀ ମାର୍ଗକୁ କୌଣସି ଗାଡ଼ିକୁ ଯିବାକୁ ଦିଆଯିବ ନାହିଁ।

## ସଂକ୍ଷେପରେ

### ପୁଣି ୫୦୦ଲିଟର ଦେଶୀ ମଦ ଜବତ, ୯ ଗିରଫ

ଭୁବନେଶ୍ୱର,୨୫।୧(ବ୍ୟୁରୋ): ରାଜଧାନୀ ଭୁବନେଶ୍ୱର ପାଲଟିଛି ଦେଶୀ ମଦର ପେଣ୍ଠସ୍ଥଳୀ। ସହରରେ ଥିବା ବସ୍ତିଗୁଡ଼ିକରେ ବେଆଇନ ଦେଶୀ ମଦ କାରବାର ବଢ଼ିବାରେ ଲାଗିଛି। ସୋମବାର ଭୁବନେଶ୍ୱର ଅବକାରୀ ବିଭାଗ ଓ କଟକ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ମିଳିତ ଭାବେ ସାଲିଆ ସାହିରେ ଚଢ଼ାଉ କରି ୫୦୦ ଲିଟର ଦେଶୀ ମଦ ଜବତ କରିବା ସହ ୫ହଜାର ଲିଟର ପୋଚ୍ ନଷ୍ଟ କରିଛନ୍ତି। ଏଥିରେ ସମ୍ପୃକ୍ତ ୯ଜଣ ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସୂଚନା ଯୋଗ୍ୟ, ଗତ ୧୯ ତାରିଖରେ ଅବକାରୀ ବିଭାଗ ପକ୍ଷରୁ ରାଜଧାନୀର ବିଭିନ୍ନ ବସ୍ତିରେ ଚଢ଼ାଉ କରାଯାଇ ୫୦୦ଲିଟର ଦେଶୀ ମଦ ଜବତ କରାଯାଇଥିବାବେଳେ ୧୩ ଜଣଙ୍କୁ ଗିରଫ କରିଥିଲା।

### 'କେବେ ନା କେବେ' କବିତା ସଂକଳନ ଉନ୍ମୋଚିତ

ଭୁବନେଶ୍ୱର,୨୫।୧ - ଧଉଳି ଶାନ୍ତିସ୍ତୂପଠାରେ କବି ଅଭିରାମ ଦାସଙ୍କ ୬ଷ୍ଠ କବିତା ସଂକଳନ 'କେବେ ନା କେବେ' ଉନ୍ମୋଚିତ ହୋଇଯାଇଛି। ଏଥିରେ କବି ଡ. ପ୍ରସନ୍ନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ କବିତାଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। କବି ଡକ୍ଟର ଅଭିରାମ ଦାସ କହିଲେ, କବିତା ହେଉଛି ଭାବ ଓ ରସର କଥା। ରସିକପଣିଆ ନ ଥିଲେ ଜଣେ କବି ହୋଇପାରିବ ନାହିଁ। ଏଥିରେ ସଭାପତିତ୍ୱ କରିଥିଲେ ଗାଳ୍ପିକ ଅଜୟ ସ୍ୱାଇଁ। କବି ଭିକାରୀ ଧଳ କହିଲେ, ଏହା କବିଙ୍କର ଷଷ୍ଠ ନୁହେଁ, ବରଂ ଶ୍ରେଷ୍ଠ କବିତା ସଂକଳନ ବୋଲି କହିଥିଲେ। ପକ୍ଷୀଘର ପ୍ରକାଶନୀ ସମ୍ପାଦକ ବନୋଜ ତ୍ରିପାଠୀ, କବି କେଦାର ମିଶ୍ର, ଅମରେଶ ବିଶ୍ୱାଳ, ରମାକାନ୍ତ ଗୋଚ୍ଛାୟତ ଓ ଅଧାପିକା ଶର୍ମିଷ୍ଠା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଚଳଚ୍ଚିତ୍ର ଅଭିନେତା ଦୁଷ୍ମନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

### ବସନ୍ତ ଉତ୍ସବ ପାଳିତ

ଭୁବନେଶ୍ୱର,୨୫।୧(ବୁରୋ) ଭାରତୀୟ ଯୋଗ ସଂସ୍ଥାନ, ମଞ୍ଚେଶ୍ୱର ଓ ବୀର ସୁରେନ୍ଦ୍ର ସାଏ ଯୋଗ ଜିଲାର ମିଳିତ ଆନୁକୂଲ୍ୟରେ ବସନ୍ତ ଉତ୍ସବ ପାଳିତ ହୋଇଯାଇଛି। ମଞ୍ଚେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଯୋଗ ଜିଲା ପ୍ରଧାନ ପ୍ରତାପ, ଭିଏସ୍‌ଏସ୍ ନଗର ଯୋଗ ଜିଲା ପ୍ରଧାନ ବୁଦ୍ଧ ଦେବ ଓ ପ୍ରାନ୍ତ ଅଧିକାରୀ ରାମାମ୍ୟା, ପ୍ରାନ୍ତ ପ୍ରଧାନ ସୁରେଶ, ପ୍ରାନ୍ତ ସଂଗଠନ ମନ୍ତ୍ରୀ ଅକ୍ଷୟ, ସଦସ୍ୟା ଶକୁନ୍ତଳା, କୋଷାଧକ୍ଷ ପରମାନନ୍ଦ ଓ ଯୋଗ ପ୍ରେମୀମାନେ ଉପସ୍ଥିତ ଥିଲେ । ପ୍ରବାସିନୀ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ । ଉଭୟ ଜିଲାରୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ସାଧକ ସାଧିକା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସୌଭାଗ୍ୟ ଜେନା ଧନ୍ୟବାଦ ଦେଇଥିଲେ ।

# ୭ଦିନରେ ୧ କୋଟି ଟପିଲା ବ୍ୟବସାୟ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

**ଜାତୀୟ ହସ୍ତତନ୍ତ ମେଳା**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ୟୁନିଟ୍-୩ସ୍ଥିତ ଇଉ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା ଜାତୀୟ ହସ୍ତତନ୍ତ ମେଳାରେ ମାତ୍ର ୭ଦିନ ମଧ୍ୟରେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଛି। ମେଳାର ଷଷ୍ଠ ଓ ସପ୍ତମ ଦିବସ ଶନିବାର ଓ ରବିବାରରେ ରେକର୍ଡ ପରିମାଣର ବ୍ୟବସାୟ ହୋଇଛି। କେବଳ 'ବୟନିକା' ପ୍ରଥମ ୬ ଦିନରେ ୩୦ ଲକ୍ଷ ଟଙ୍କାର ବ୍ୟବସାୟ କରିଛି। ଓଡ଼ିଶା ସମେତ ଏହି ମେଳାରେ ୧୬ ରାଜ୍ୟର ହସ୍ତତନ୍ତ ସମିତି ଓ ଅନୁଷ୍ଠାନ ଯୋଗଦେଇଛନ୍ତି। ଓଡ଼ିଶାର ବାନ୍ଧବସ୍ତ୍ର, ବମ୍‌କାଇ, କୋଟପାଡ୍ ଓ ଟସର ବସ୍ତ୍ର ଗ୍ରାହକଙ୍କ ଦ୍ୱାରା ସର୍ବାଧିକ ଆଦୃତ ହୋଇଛି। ସେହିଭଳି ତାମିଲନାଡୁର କାଞ୍ଜିବରମ୍ ସିଲ୍‌କ ଶାଢ଼ି, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ପୁଚମ ପଲ୍ଲୀ ବାନ୍ଧ, ମଧ୍ୟ ପ୍ରଦେଶର ଚନ୍ଦେରୀ ଓ ମାହେଶ୍ୱରୀ, ରାଜସ୍ଥାନର ବନ୍ଧନି ଶାଢ଼ି, ପଶ୍ଚିମବଙ୍ଗର ଟାଙ୍ଗାଇଲ୍ ଓ ଜାମ୍‌ଦାନୀ, ଦିଲ୍ଲୀ, ହରିୟାଣା ଓ ପଞ୍ଜାବର ବିଛଣା ଚାଦର, କଞ୍ଚଳ ଓ କୁସନ୍‌କଭର, କର୍ନାଟକର ସୂକ୍ଷ୍ମ ସିଲକ୍ ଶାଢ଼ି, ବନାରସ୍‌ର ବ୍ରୋକେଡ଼୍ ଶାଢ଼ିର ମଧ୍ୟ ଭଲ ଚାହିଦା ରହିଛି। ମେଳା ପରିସର 'ଥିମ୍ ପାଭିଲିଅନ୍' ଭିତରେ ହସ୍ତତନ୍ତ ବୁଣାକାର୍ଯ୍ୟ ଓ ପ୍ରିଣ୍ଟିଂ କଳା, ବୁଣାକାର ସେବା କେନ୍ଦ୍ର ଦ୍ୱାରା ପ୍ରଦର୍ଶନ କରାଯାଉଛି, ଯାହାକି ମେଳାର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଏଥିରେ ଓଡ଼ିଶାର ପଞ୍ଜୀକୃତ ୯ 'ଭୌଗୋଳିକ ସୂଚକ(ଜିଆଇ)' ଉତ୍ପାଦକୁ ପ୍ରଦର୍ଶିତ କରାଯାଇଛି।


ହସ୍ତତନ୍ତ ମେଳାର ଏକ ଷ୍ଟଲରେ ଗ୍ରାହକମାନେ କିଣାକିଣି କରୁଛନ୍ତି ।

## ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

### 'ଯୁବଶକ୍ତି ହିଁ ଶ୍ରେଷ୍ଠ ଶକ୍ତି'

**ସାଲେପୁର,୨୫।୧(ଡି.ଏନ୍.ଏ)–**

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ତରଫରୁ ସୋମବାର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡ଼. ଉମେଶ ଚନ୍ଦ୍ର ପତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗ ଦେଇ 'ଯୁବଶକ୍ତି ହିଁ ଶ୍ରେଷ୍ଠଶକ୍ତି' ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ କଟକ ଉପଜିଲାପାଳ ବିଜୟ କୁମାର ଖଣ୍ଡାୟତରାଏ ଯୋଗ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ତରଫରୁ ବିଭିନ୍ନ ବିଷୟରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସ୍ୱର୍ଣ୍ଣପଦକ ଓ ପ୍ରତିଭା ସମ୍ମାନ ପତ୍ର ଦେଇ ସମ୍ମାନିତ କରିଥିଲେ । ଶେଷରେ ପ୍ରାଧ୍ୟାପିକା ସ୍ନେହଲତା ମହାନ୍ତି ଧନ୍ୟବାଦ ଦେଇଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।



ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ ।

# ୱେବ୍ ପୋର୍ଟାଲ 'ଦୁର୍ନୀତି ଲାଇଭ୍' ମାଲିକ ଗିରଫ

**ଭୁବନେଶ୍ୱର,୨୫।୧(ବ୍ୟୁରୋ):**

ୱେବ୍ ପୋର୍ଟାଲ ମାଲିକ ଫୋନ୍ କରି ବ୍ଲାକ୍ ମେଲିଂ କରିବା ସହ ଟଙ୍କା ମାଗୁଥିଲେ। ଟଙ୍କା ନ ମିଳିଲେ ତାଙ୍କ ବିରୋଧରେ ଖରାପ ଖବର ପରିବେଷଣ କରି ବଦନାମ କରୁଥିଲେ। ବିଲ୍ଡର, ରାଜନେତା ଓ ବସ୍ ମାଲିକଙ୍କୁ ଟାର୍ଗେଟ କରୁଥିଲେ। ଏଭଳି ଅଭିଯୋଗକ୍ରମେ ଖଣ୍ଡଗିରି ଥାନା ପୋଲିସ ସୋମବାର ୱେବ୍ ପୋର୍ଟାଲ 'ଦୁର୍ନୀତି ଲାଇଭ୍'ର ମାଲିକଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ହରିପୁରର ସୌମ୍ୟରଞ୍ଜନ ସାମନ୍ତରାୟ। ସୌମ୍ୟରଞ୍ଜନ ପୁରୀ ତାଳବଣିଆ ଅଞ୍ଚଳରେ ଥିବା ଏକ ଆଶ୍ରମରେ ଆତ୍ମଗୋପନ କରିଥିବାବେଳେ ଖଣ୍ଡଗିରି ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା । ତାଙ୍କ ନାମରେ ରାଜ୍ୟର ୫ରୁ ଉର୍ଦ୍ଧ୍ୱ ଥାନାରେ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।



ସେ ଖୋର୍ଦ୍ଧା ଜିଲାର ୩ଜଣ ସାମ୍ବାଦିକଙ୍କୁ ଠକିଥିବାବେଳେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ୱେବ୍ ପୋର୍ଟାଲ କରାଇଦେବାକୁ କହି ୨.୫ ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ତେବେ ବରମୁଣ୍ଡାର ଜଣେ ବସ୍ ମାଲିକଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ତାଙ୍କୁ ଗିରଫ କରିଛି। ଗିରଫ ପରେ ସୌମ୍ୟରଞ୍ଜନଙ୍କ ଏସବୁ କେଲେଙ୍କାରୀ ସାମ୍ନାକୁ ଆସିଛି। ତାଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି। ଅଭିଯୋଗ ଅନୁଯାୟୀ, ସୌମ୍ୟରଞ୍ଜନ ଉକ୍ତ ବସ୍ ମାଲିକଙ୍କୁ ଚାନ୍ଦା ବାବଦରେ ଟଙ୍କା ମାଗିଥିଲେ। ଚାନ୍ଦା ନ ଦେବାରୁ ତାଙ୍କ ନାଁରେ ମିଥ୍ୟା ଖବର ପରିବେଷଣ କରିଥିଲେ। କେବଳ ସେତିକି ନୁହେଁ, ବସ୍ ମାଲିକଙ୍କ ସ୍ତ୍ରୀଙ୍କ ଫଟୋକୁ ଅନ୍ୟ ଜଣଙ୍କ ଫଟୋ ସହ ମିଶାଇ ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରି ବ୍ଲାକ୍‌ମେଲିଂ କରିଥିଲେ। ଲକ୍ଷେ ଟଙ୍କା ନ ଦେଲେ ଭିଡିଓ ଭାଇରାଲ ଧମକ ଦେଉଥିଲେ। ଶେଷରେ ନିଜ ପୋର୍ଟାଲରେ ଉକ୍ତ ଭିଡିଓ ପରିବେଷଣ କରି ବଦନାମ କରିବାକୁ ଚେଷ୍ଟା କରିଥିଲେ। ଏନେଇ ମହିଳା ଜଣକ ଗତ ଡିସେମ୍ବର ୧୨ରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୮୬୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଭାଜପାର ବିକ୍ଷୋଭ

**ପୁରୁଣା ଭୁବନେଶ୍ୱର,୨୫।୧(ଡି.ଏନ୍.ଏ.):**

ଭିନ୍ନକ୍ଷମ ତାଲିମକେନ୍ଦ୍ରରେ ଯୌନ ଶୋଷଣ ମାମଲାରେ ସୋମବାର ଭୁବନେଶ୍ୱର ଜିଲା ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ଭାଜପା କାର୍ଯ୍ୟାଳୟରୁ ନେତା ଓ କର୍ମୀ ଶୋଭାଯାତ୍ରାରେ ବାହାରି ମାଷ୍ଟରକ୍ୟାଣ୍ଟିନ ଛକରେ ପହଞ୍ଚିଥିଲା। ଦିବ୍ୟାଙ୍ଗଙ୍କୁ ନ୍ୟାୟ ଦେବାରେ ସରକାର ବିଫଳ ହୋଇଛନ୍ତି। ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ସେମାନଙ୍କୁ ଘଣ୍ଟ ଘୋଡାଉଥିବା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଇସ୍ତଫା ଦାବି କରିଥିଲେ । ଭୁବନେଶ୍ୱର ଭାଜପା ଜିଲା ସଭାପତି ବାବୁ ସିଂ, ଦଳର ମୁଖପାତ୍ର ଦିଲ୍ଲୀପ ମହାନ୍ତି, କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ହରେକୃଷ୍ଣ ଖୁଣ୍ଟିଆଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।




## ମୁହଁ ଖୋଲିଲେ ମନ୍ତ୍ରୀ

ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଥିବା ନେଇ ଅଭିଯୋଗ ଆସିବା ପରେ ଏନେଇ ମୁହଁ ଖୋଲିଛନ୍ତି ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା। ସେ କହିଛନ୍ତି, ଉକ୍ତ ଅନୁଷ୍ଠାନ ବିରୋଧରେ ପୀଡ଼ିତା ଜଣକ ଥାନାରେ ଅଭିଯୋଗ କରିଥିଲେ। ଗତ ୫ ତାରିଖରେ ମୁଁ ଜାଣିବା ପରେ ୨୪ ଘଣ୍ଟା ଭିତରେ ଡିଏସ୍‌ଏସ୍‌ଓଙ୍କୁ ତଦନ୍ତ ପାଇଁ କହିଥିଲି। ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ। ଭିନ୍ନକ୍ଷମ ଆୟୁକ୍ତଙ୍କ ପାଖରେ ମଧ୍ୟ ଅଭିଯୋଗ ହୋଇ ନ ଥିଲା। ସେ ମଧ୍ୟ ନିଜଆଡୁ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ପୋଲିସ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ। ଅଭିଯୁକ୍ତଙ୍କ ସହ ମୋର କୌଣସି ସମ୍ପର୍କ ନାହିଁ କିମ୍ବା ସେ ସରକାରୀ କର୍ମଚାରୀ ନୁହେଁ। ଏଭଳି ଘଟଣାରେ ମନ୍ତ୍ରୀଙ୍କୁ ଟାଣିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

# ତାଲିମ କେନ୍ଦ୍ରରେ ଭିନ୍ନକ୍ଷମ କମିଶନଙ୍କ ତଦନ୍ତ

**ଭୁବନେଶ୍ୱର,୨୫।୧(ବ୍ୟୁରୋ):**

**ଯୌନ ଶୋଷଣ ମାମଲା**

- ଅଭିଯୁକ୍ତଙ୍କୁ ଗିରଫ ପାଇଁ ସ୍ପେଶାଲ ପୋଲିସ ଟିମ୍ ଗଠନ
- ଖାକିରୁ ଦାଗ ଲିଭାଇବାକୁ ଚଢ଼ାଉ ଭେଲିକି

ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ନିଖିଳ ଉତ୍କଳ ଶାରୀରିକ ଭିନ୍ନକ୍ଷମ ତାଲିମକେନ୍ଦ୍ରରେ ଯୌନ ଶୋଷଣ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ଭିନ୍ନକ୍ଷମ କମିଶନ। ରବିବାର ନିଜ ଆଡୁ ମାମଲା ରୁଜୁ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସୋମବାର କମିଶନ ଅଧକ୍ଷା ସୁଲୋଚନା ଦାସ ଉକ୍ତ ତାଲିମ କେନ୍ଦ୍ରକୁ ଯାଇ ତଦନ୍ତ କରିଛନ୍ତି। କେତେଜଣ କର୍ମଚାରୀ ଓ ଅନ୍ୟ କେତେଜଣଙ୍କୁ ରୁଦ୍ଧଦ୍ୱାର ପଚରାଉଚରା କରିଥିବା ନେଇ ସୂଚନା ମିଳିଛି। ତେବେ ତଦନ୍ତ ଚାଲୁଥିବାରୁ ଏନେଇ କମିଶନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ପ୍ରଦାନ କରାଯାଇନାହିଁ।

ଅନ୍ୟପକ୍ଷେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ତଥା ଉକ୍ତ ତାଲିମକେନ୍ଦ୍ରର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ବେହେରାଙ୍କୁ ଗିରଫ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇଛି। ଏଥିରେ ଏସିପି ଓ ଆଇଆଇସି ର୍‍ୟାଙ୍କର ଅଧିକାରୀ ରହିଥିବାବେଳେ ଉକ୍ତ ଟିମ୍ ରାଜ୍ୟ ଓ ବାହାରେ ଚଢାଉ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବା ସହ ଅନ୍ୟକେହି ସମ୍ପୃକ୍ତ ଥିବା ଜଣାପଡିଲେ ସମସ୍ତଙ୍କୁ ଗିରଫ କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି। ତେବେ ପୂର୍ବରୁ ପୋଲିସ ଚୁପ୍ ବସିଥିବାବେଳେ ଏବେ ଖାକିରୁ ଦାଗ ଛଡ଼ାଇବାକୁ ତତ୍ପରତା ପ୍ରକାଶ ପାଇଥିବା ତାଲିମ କେନ୍ଦ୍ରର କର୍ମଚାରୀ କହିଛନ୍ତି।

ସୂଚନା ଅନୁଯାୟୀ, ସୁରେଶଙ୍କ ନାଁରେ ଆସିଛି ଯୌନ ଶୋଷଣ ଓ ଅର୍ଥ ହଡପ ଅଭିଯୋଗ। ଏପରିକି ସେ ସେକ୍ସ ର୍‍ୟାକେଟ୍ ଚଳାଉଥିବା ନେଇ ତାଲିମ୍ କେନ୍ଦ୍ରର କର୍ମଚାରୀ ଓ ତାଲିମ୍ ନେଉଥିବା ଯୁବତୀମାନେ ମୁହଁ ଖୋଲିଛନ୍ତି। ତାଲିମ କେନ୍ଦ୍ରକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆସୁଥିବା ଅର୍ଥକୁ ସୁରେଶ ହଡପ କରୁଥିଲେ। କାର୍ଯ୍ୟ ତଦାରଖ କରିବାକୁ ଆସୁଥିବା ବାବୁଙ୍କୁ ଖୁସି କରିବାକୁ ବାହାରୁ କଲ୍‌ଗାର୍ଲ ଯୋଗାଇ ଦେଉଥିଲେ। କଲ୍‌ଗାର୍ଲ ନ ମିଳିଲେ ତାଲିମ ନେଉଥିବା ଭିନ୍ନକ୍ଷମ ଯୁବତୀ ଓ ଅଫିସ୍‌ର ମହିଳା କର୍ମଚାରୀଙ୍କୁ ରାତି କାଟିବାକୁ ବାଧ୍ୟ କରାଯାଉଥିଲା। ଭିନ୍ନକ୍ଷମ ଯୁବତୀଙ୍କୁ ନିଯୁକ୍ତି ଦେବା ନାଁରେ ଏଠାରେ ଯୌନ ଶୋଷଣ କରାଯାଉଥିଲା। ଏନେଇ ପୂର୍ବରୁ ଏୟାରପୋର୍ଟ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ଗତ ସପ୍ତାହରେ ଏ ସଂକ୍ରାନ୍ତ ଭିଡିଓ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଥିଲା।

## ଅଭିନେତ୍ରୀ ଜୟଶ୍ରୀ ରାମାୟାଙ୍କ ଆତ୍ମହତ୍ୟା



ଅଭିନେତ୍ରୀ ତଥା ବିଗ୍‌ବସ୍ କାନ୍ନାଡାର ପୂର୍ବତନ ପ୍ରତିଯୋଗୀ ଜୟଶ୍ରୀ ରାମାୟଙ୍କ ମୃତଦେହ ସୋମବାର ଅପରାହ୍ନରେ ବେଙ୍ଗାଲୁରର ଏକ ବୃଦ୍ଧାଶ୍ରମ ଓ ପୁନର୍ବାସ କେନ୍ଦ୍ରରୁ ଜବତ କରାଯାଇଛି। ମାନସିକ ଅବସାଦ ଯୋଗୁ ସେ ଆତ୍ମହତ୍ୟା କରିଥିବା ଜଣାଯାଇଛି। କିଛି ମାସ ହେଲା ଜୟଶ୍ରୀ ଡିପ୍ରେସନରେ ଥିବା ଖବର ସାମ୍ନାକୁ ଆସିଥିଲା। ଏ ନେଇ ସେ ସୋସିଆଲ ମିଡିଆରେ ମଧ ପୋଷ୍ଟ କରିଥିଲେ।

### ସଂକ୍ଷେପରେ

## ଦଣ୍ଡିତ ହେବେ ଟିକା ଗୁଜବକାରୀ

**ନୂଆଦିଲ୍ଲୀ, ୨୫।୧ :** କୋଭିଡ୍ ଟିକାର ନିରାପତ୍ତା ଓ କାର୍ଯ୍ୟଦକ୍ଷତାକୁ ନେଇ ନିରାଧାର ଓ ବିଭ୍ରାନ୍ତିକର ଗୁଜବ ପ୍ରଚାର କରାଯାଉଥିବାରୁ କେନ୍ଦ୍ର ସରକାର ଏହାକୁ ଗୁରୁତର ସହ ନେଇଛନ୍ତି। ଏଭଳି ଗୁଜବ ସୃଷ୍ଟି କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଭାରତରେ ବ୍ୟବହୃତ ହେଉଥିବା କୋଭିଡ୍ ଟିକା ସୁରକ୍ଷିତ ଓ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟିକାରୀ ହୋଇଥିବାବେଳେ କେତେଜଣ ନ୍ୟସ୍ତସ୍ୱାର୍ଥକୁ ଚରିତାର୍ଥ କରିବା ଲାଗି ଗୁଜବ ପ୍ରଚାର ଚଳାଇଛନ୍ତି।

## ସେନା ହେଲିକପ୍ଟର ଦୁର୍ଘଟଣା

**କଠୁଆ, ୨୫।୧:** ଜମ୍ମୁ-କଶ୍ମୀରର କଠୁଆ ଜିଲାରେ ଭାରତୀୟ ସେନାର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ପାଇଲଟ ଗୁରୁତର ହୋଇଛନ୍ତି। ସୋମବାର ସନ୍ଧ୍ୟାରେ ଏଚ୍‌ଏଏଲ୍ ଧ୍ରୁବ ହେଲିକପ୍ଟରକୁ ନେଇ ୨ ପାଇଲଟ ଉଡ଼ାଣ ଭରିଥିଲେ। କଠୁଆରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇ ତଳକୁ ଖସିପଡିଥିଲା।

## ଚାଇନା ନାଁ ଧରୁନାହାନ୍ତି 'ମିଷ୍ଟର ୫୬ ଇଞ୍ଚ'



**ନୂଆଦିଲ୍ଲୀ, ୨୫।୧:** କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀ ୩ ଦିନିଆ ରାଜ୍ୟଗସ୍ତରେ ଆସି କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରି ସେ କହିଛନ୍ତି, ଚାଇନା ଭାରତୀୟ ଅଞ୍ଚଳକୁ ନିଜ ଦଖଲକୁ ନେବାରେ ଲାଗିଛି। କିନ୍ତୁ 'ମିଷ୍ଟର ୫୬ ଇଞ୍ଚ' ଦୀର୍ଘ ମାସ ମଧ୍ୟରେ ଚାଇନା ନାଁ ବି ଧରିନାହାନ୍ତି। ଚାଇନା ଶବ୍ଦରୁ ସେ ଏଣିକି କହିବା ଦରକାର। ପ୍ରଥମ ଥର ପାଇଁ ଭାରତର ଲୋକମାନେ ଦେଖୁଛନ୍ତି ଯେ ଚାଇନା ସେନା ଭାରତୀୟ ଅଞ୍ଚଳ ଦଖଲ କରୁଛି। କେନ୍ଦ୍ର ସରକାରର କୁଟନୀତି ଦେଶକୁ ଦୁର୍ବଳ କରିଚାଲିଛି। ସେହିପରି କୃଷକ, ଶ୍ରମିକ, ମଧ୍ୟମ ବର୍ଗର ଉଦ୍ୟୋଗୀଙ୍କ କଥା ଚିନ୍ତା କରୁନାହାନ୍ତି। ଶକ୍ତିଶାଳୀ ଅର୍ଥନୀତି, ରୋଜଗାରକ୍ଷମ ଯୁବଗୋଷ୍ଠୀ ଏବଂ ସାମାଜିକ ବିକାଶ ହେଉଛି ଭାରତର ଶକ୍ତି। କିନ୍ତୁ ମୋଦି ସରକାର ତାଙ୍କ ଧନୀ ବନ୍ଧୁଙ୍କୁ ଛାଡ଼ି ଆଉ କାହା କଥା ଚିନ୍ତା କରୁ ନ ଥିବା ରାହୁଲ ଟୁଇଟ ମଧ କରିଛନ୍ତି।

## ୯୪୬ ଜଣଙ୍କୁ ପୋଲିସ ମେଡାଲ

**ନୂଆଦିଲ୍ଲୀ, ୨୫।୧ (ଆଇଏଏନ୍‌ଏସ୍):** ସାଧାରଣତନ୍ତ୍ର ଦିବସ ଅବସରରେ ଦେଶର ୯୪୬ ଜଣ ସୁରକ୍ଷା କର୍ମୀଙ୍କୁ ପୋଲିସ ମେଡାଲ ପ୍ରଦାନ ଲାଗି ମନୋନୀତ କରାଯାଇଛି। ଓଡ଼ିଶାରୁ ୨ ଜଣଙ୍କୁ ରାଷ୍ଟ୍ରପତି ପୋଲିସ ମେଡାଲ (ପିପିଏମ୍) ଏବଂ ୧୧ ଜଣଙ୍କୁ ପୋଲିସ ମେଡାଲ (ପିଏମ୍) ପ୍ରଦାନ କରାଯିବ। ସିଆର୍‌ପିଏଫ୍‌ର ଏଏସ୍‌ଆଇ ମୋହନ ଲାଲ୍ ଏବଂ ଝାଡ଼ଖଣ୍ଡ ପୋଲିସ୍‌ର ଏଏସ୍‌ଆଇ ବନୁଆ ଓରାଓଁଙ୍କୁ ମରଣୋତ୍ତର ଭାବେ ରାଷ୍ଟ୍ରପତି ପୋଲିସ୍ ବୀରତା ମେଡାଲ (ପିପିଏମ୍‌ଜି) ପ୍ରଦାନ କରାଯିବ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ୭୨ତମ ସାଧାରଣତନ୍ତ୍ର ଦିବସ ଅବସରରେ ଏହି ମେଡାଲ ପ୍ରଦାନ ଲାଗି ଅନୁମୋଦନ କରିଛନ୍ତି। ୨୦୫ ଜଣଙ୍କୁ ବୀରତା ପାଇଁ ପୋଲିସ ମେଡାଲ ମିଳିବାକୁ ଥିବାବେଳେ ୮୯ ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ ମେଡାଲ ଏବଂ ୬୫୦ ଜଣଙ୍କୁ ପ୍ରଶଂସନୀୟ ସେବା ଲାଗି ପୋଲିସ ମେଡାଲ ପ୍ରଦାନ କରାଯିବ। ଜମ୍ମୁ-କଶ୍ମୀରରେ ବୀରତ୍ୱ ପ୍ରଦର୍ଶନ କରିଥିବା ୧୩୭ ଜଣ ଏବଂ ମାଓବାଦୀ ପ୍ରବଣ ଅଞ୍ଚଳର ୨୪ ଏବଂ ଉତ୍ତରପୂର୍ବାଞ୍ଚଳର ଜଣଙ୍କୁ ବୀରତା ପୁରସ୍କାର ପାଇଁ ମନୋନୀତ କରାଯାଇଛି। ବୀରତା ପୁରସ୍କାର ପାଇଁ ସିଆର୍‌ପିଏଫ୍‌ରୁ ୬୮, ଜମ୍ମୁ-କଶ୍ମୀର ପୋଲିସରୁ ୫୨, ବିଏସ୍‌ଏଫ୍‌ରୁ ୨୦, ଦିଲ୍ଲୀ ପୋଲିସରୁ ୧୭, ମହାରାଷ୍ଟ୍ରରୁ ୧୩, ଛତିଶଗଡ଼ ଓ ଉତ୍ତରପ୍ରଦେଶରୁ ୮ ଜଣ ଲେଖାଏଁ ମନୋନୀତ ହୋଇଛନ୍ତି।

## ହିନ୍ଦୁ ଦେବତାଙ୍କୁ ଥଟ୍ଟା ଅଭିଯୋଗ: ଅଭିନେତା ଗିରଫ



**ମୁମ୍ବାଇ, ୨୫।୧:** ହିନ୍ଦୁ ଦେବଦେବୀଙ୍କୁ ଥଟ୍ଟା କରିବା ଅଭିଯୋଗରେ ଭାରତୀୟ ହାସ୍ୟ ଅଭିନେତା ମୁନାୱର ଫାରୁକିଙ୍କୁ ଗିରଫ କରାଯାଇଛି। ତେବେ ଯେଉଁ ଶୋ'ରେ ସେ ଏପରି କରିଥିବା ଅଭିଯୋଗ ହୋଇଛି ସେଠାରେ ସେ ଆଦୌ ପ୍ରଦର୍ଶନ କରି ନ ଥିଲେ। ୩ ସପ୍ତାହରୁ ଅଧିକ ଦିନ ଧରି ତାଙ୍କୁ ଗିରଫ କରି ରଖାଯାଇଥିବାରୁ ତାଙ୍କ ସାଥୀ ଅଭିନେତା, ଓକିଲ ଏବଂ ବିରୋଧୀ ରାଜନୈତିକ ଗୋଷ୍ଠୀ ଗିରଫଦାରିକୁ ବିରୋଧ କରିଛନ୍ତି। ପୋଲିସ ନିକଟରେ କୌଣସି ପ୍ରମାଣ ନ ଥିବା ସତ୍ତ୍ୱେ ତାଙ୍କୁ କାହିଁକି ଗିରଫ କରାଯାଇଛି ସେ ନେଇ ପ୍ରଶ୍ନ ଉଠିଛି। ନୂଆ ବର୍ଷ ଅବସରରେ ମୁନାୱର ଇନ୍ଦୋରର ଏକ କାଫେରେ ଷ୍ଟାଣ୍ଡଅପ୍ କମେଡି କରିବାକୁ ସ୍ଥିର ହୋଇଥିଲା। ତେବେ ସେ ଶୋ ଆରମ୍ଭ କରିବା ପୂର୍ବରୁ ସ୍ଥାନୀୟ ଭାଜପା ରାଜନେତାଙ୍କ ଏକ ଗୋଷ୍ଠୀ ତାଙ୍କୁ ବିରୋଧ କରିଥିଲେ। ବିନା କୌଣସି ତଦନ୍ତରେ ପୋଲିସ ଗିରଫ କରିଥିବାବେଳେ ଇନ୍ଦୋର ହାଇକୋର୍ଟରେ ତାଙ୍କୁ ଜାମିନ ମଧ ମିଳି ପାରି ନାହିଁ।

## କ୍ରିକେଟରଙ୍କ ପ୍ରେମରେ ଆଥିୟା



**ମୁମ୍ବାଇ:** ବଲିଉଡ ଅଭିନେତା ସୁନିଲ ସେଟ୍ଟିଙ୍କ ଝିଅ ଆଥିୟା ତାଙ୍କ ଲଭ ଆଫେୟାରକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। ତାଙ୍କ ନାଁ କ୍ରିକେଟର କେ. ଏଲ ରାହୁଲଙ୍କ ସହ ଯୋଡି ହୋଇରହିଛି। ନିକଟରେ ସୋସିଆଲ ମିଡିଆରେ ଅପଲୋଡ ହୋଇଥିବା ତାଙ୍କର ଏକ ଫଟୋ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ କ୍ରିକେଟର କେ. ଏଲ ରାହୁଲଙ୍କ ସହ ନଜର ଆସିଛନ୍ତି। ଏହି ଫଟୋକୁ ରବିନ ଉଥପ୍ପାଙ୍କ ସ୍ତ୍ରୀ ଶୀତଳ ଶେୟାର କରିଛନ୍ତି। ସେହି ଫଟୋରେ ଶୀତଲ, କ୍ରିକେଟର କେ. ଏଲ ରାହୁଲ ଓ ତାଙ୍କ ଭଉଣୀ ଭାବନା, ଆଥିୟା ନଜର ଆସୁଛନ୍ତି। ସମସ୍ତେ ଏକ ଲମ୍ବା ଡାଇନିଂ ଟେବୁଲରେ ବସିଥିବା ଦେଖାଯାଉଛି। ଶୀତଲ ଏହି ଫଟୋ ଶେୟାର କରି କ୍ୟାପଶନରେ ଲେଖିଛନ୍ତି ମୁଁ ଏମାନଙ୍କର ଭଲ ବନ୍ଧୁ ହୋଇଯାଇଛି, ଯେଉଁମାନେ ଆରମ୍ଭରୁ ମୋର ପରିବାର ଥିଲେ। ଆଉ ଜୀବନର ପ୍ରତିଟି ମୁହୂର୍ତ୍ତରେ ମୋତେ ଆଗକୁ ଯିବାକୁ ସାହାଯ୍ୟ କରିଛନ୍ତି।

# ବିସ୍ତାରବାଦୀ ଉଦ୍ୟମ ପଣ୍ଡ କରିଛି ସେନା

**ନୂଆଦିଲ୍ଲୀ, ୨୫।୧(ପି.ଟି.)**

### ସାଧାରଣତନ୍ତ୍ର ଦିବସ ଅବସରରେ ରାଷ୍ଟ୍ରପତିଙ୍କ ବାର୍ତ୍ତା



ଭାରତ ସବୁବେଳେ ଶାନ୍ତି ପାଇଁ ପ୍ରତିଶ୍ରୁତିବଦ୍ଧ ରହିଆସିଛି। ଏହା ସତ୍ତ୍ୱେ ବିସ୍ତାରବାଦୀ ଶକ୍ତି ସୀମାନ୍ତ ଅଞ୍ଚଳ କବ୍‌ଜା କରିବା ଲାଗି ଉଦ୍ୟମ ଚଳାଇଛନ୍ତି। ସେମାନଙ୍କର ଏହି ଉଦ୍ୟମକୁ ଆମ ବୀର ଯବାନମାନେ ପଣ୍ଡ କରିଦେଇଛନ୍ତି। ଗତବର୍ଷ ଲଦାଖରେ ଚାଇନାର ବିସ୍ତାରବାଦୀ ଆଭିମୁଖ୍ୟ ଯୋଗୁ ଜାତୀୟ ସୁରକ୍ଷା ପ୍ରତି ସୃଷ୍ଟ ବିପଦ ଟାଳିବାରେ ଭାରତୀୟ ଯବାନମାନଙ୍କ ସୁସମନ୍ୱିତ ଉଦ୍ୟମ ସଫଳ ହୋଇଥିଲା। ଯେକୌଣସି ମୂଲ୍ୟ ଦେଇ ଜାତୀୟ ସ୍ୱାର୍ଥର ସୁରକ୍ଷା କରାଯିବ ବୋଲି ୭୨ତମ ସାଧାରଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରକୁ ସମ୍ବୋଧିତ କରି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ୩ କୃଷି ଆଇନକୁ ନେଇ ଚାଷୀମାନେ ଆଶଙ୍କା ଦୂର କରିବାକୁ ଏହି ଅବସରରେ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି।

କରୋନା ମହାମାରୀ ବିରୋଧରେ ଭାରତର ଲଢ଼େଇ ଫଳପ୍ରଦ ହୋଇଛି। ଦେଶବାସୀଙ୍କ ମଧ୍ୟରେ ସାମ୍ବିଧାନିକ ମୂଲ୍ୟବୋଧ 'ଭ୍ରାତୃତ୍ୱ' ବିନା ଏହା ସମ୍ଭବ ହୋଇ ନ ଥାନ୍ତା। ମହାମାରୀ ମୁକାବିଲାରେ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଉତ୍ସର୍ଗୀକୃତ ଉଦ୍ୟମକୁ ରାଷ୍ଟ୍ରପତି ପ୍ରଶଂସା କରିବା ସହ ସମସ୍ତେ କୋଭିଡ୍ ଟିକା ନେବା ପାଇଁ ଅନୁରୋଧ କରିଥିଲେ। ବିଶ୍ୱରୁ ରୋଗ ଯନ୍ତ୍ରଣା ଦୂର କରିବା ଲାଗି ବିଭିନ୍ନ ଦେଶକୁ ଔଷଧ ଓ ଟିକା ଯୋଗାଇ ଭାରତ 'ବିଶ୍ୱ ଫାର୍ମାସୀ'ର ପରିଚୟ ହାସଲ କରିବା ବାସ୍ତବରେ ଗର୍ବର ବିଷୟ ବୋଲି ରାଷ୍ଟ୍ରପତି କହିଥିଲେ। ଗୋଟିଏ ବର୍ଷର ଅପ୍ରତ୍ୟାଶିତ କଠିନ ପରୀକ୍ଷା ସତ୍ତ୍ୱେ ଭାରତ ନିରାଶ ନ ହୋଇ ଆଜି ଦୃଢ଼ ଆତ୍ମବିଶ୍ୱାସର ସହ ଛିଡ଼ା ହୋଇଛି।

ଗତବର୍ଷ ଜୁନ୍‌ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ସହ ସଂଘର୍ଷରେ ଶହୀଦ ହୋଇଥିବା ୨୦ ଭାରତୀୟ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ଗତବର୍ଷ ବିପତ୍ତିର ସମୟ ଥିଲା ବୋଲି ରାଷ୍ଟ୍ରପତି କହିଥିଲେ। ବିସ୍ତାରବାଦୀଙ୍କ ଉଦ୍ୟମକୁ ବିଫଳ କରିବାରେ ୨୦ ଯବାନଙ୍କୁ ପ୍ରାଣବଳି ଦେବାକୁ ପଡ଼ିଥିଲା। ଦୁଃସାହସୀ ଯବାନମାନଙ୍କ ପାଖରେ ରାଷ୍ଟ୍ର କୃତଜ୍ଞ ରହିବ।

ବିପତ୍ତି ବେଳେବେଳେ ମହାନ୍ ଶିକ୍ଷକର ଭୂମିକା ନେଇଥାଏ ଓ ଲୋକଙ୍କୁ ଅଧିକ ଦୃଢ଼ ଓ ଆତ୍ମବିଶ୍ୱାସୀ କରିଥାଏ। ସେହି ଆତ୍ମବିଶ୍ୱାସ ବଳରେ ଭାରତ ବିଭିନ୍ନ କ୍ଷେତ୍ରରେ ବଡ଼ ପ୍ରଗତି ହାସଲ କରିପାରିଛି। ଅର୍ଥନୈତିକ ସଂସ୍କାର ଜାରି ରହିଛି। ଏଥିସହିତ ଆଇନ ମାଧ୍ୟମରେ କୃଷି ଓ ଶ୍ରମ କ୍ଷେତ୍ରରେ ସଂସ୍କାର ଅଣାଯାଉଛି। ତେବେ ସଂସ୍କାରର ପ୍ରାରମ୍ଭିକ ପର୍ଯ୍ୟାୟରେ ଭୁଲ୍ ବୁଝାମଣା ହୋଇପାରେ। ତେବେ ଏହା ନିଃସନ୍ଦେହ ଯେ, ଚାଷୀମାନଙ୍କ କଲ୍ୟାଣ ପାଇଁ ସରକାର ଉତ୍ସର୍ଗୀକୃତ ବୋଲି ରାଷ୍ଟ୍ରପତି କହିଛନ୍ତି।

ବିଶ୍ୱରେ ଭାରତର ପ୍ରଭାବ ବୃଦ୍ଧି ପାଇଛି। ଫଳରେ ଜାତିସଂଘ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ହେବାରେ ଏହାକୁ ଅନ୍ତର୍ଜାତୀୟ ସମୁଦାୟର ଜବରଦସ୍ତ ସମର୍ଥନ ମିଳିଥିଲା। ବିଭିନ୍ନ ପ୍ରସଙ୍ଗରେ ବିଶ୍ୱ ନେତାମାନଙ୍କ ସହ ଭାରତର ଯୋଗାଯୋଗ ବୃଦ୍ଧି ପାଇଛି। ଏକ ଉଜ୍ଜ୍ୱଳ ଗଣତନ୍ତ୍ର ଭାବେ ଏହା ଦାୟିତ୍ୱସମ୍ପନ୍ନ ଓ ବିଶ୍ୱସନୀୟ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଆସିଛି ବୋଲି ରାଷ୍ଟ୍ରପତି କହିଥିଲେ। ଖାଦ୍ୟଶସ୍ୟ ଓ ଦୁଗ୍ଧଜାତ ସାମଗ୍ରୀରେ ଜନବହୁଳ ଭାରତକୁ ଆତ୍ମନିର୍ଭରଶୀଳ କରାଇଥିବା ଚାଷୀମାନଙ୍କୁ ପ୍ରତ୍ୟେକ ଭାରତୀୟ ସାଲ୍ୟୁଟ କରନ୍ତି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଓ କରୋନା ମହାମାରୀ ସତ୍ତ୍ୱେ କୃଷକ ଉତ୍ପାଦନ ଜାରି ରଖିଛି। କୃତଜ୍ଞ ରାଷ୍ଟ୍ର ସେମାନଙ୍କ କଲ୍ୟାଣ ପାଇଁ ପୂର୍ଣ୍ଣ ରୂପରେ ପ୍ରତିଶ୍ରୁତିବଦ୍ଧ ବୋଲି ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି।

## 'ଉନ୍ମୋଚିତ ଫଟୋ ନେତାଜୀଙ୍କର ନୁହେଁ'



ଅନାବରଣ କରିଥିଲେ ରାଷ୍ଟ୍ରପତି

**କୋଲକାତା, ୨୫।୧**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରପତି ଭବନରେ ଅନାବରଣ କରିଥିବା ଫଟୋଚିତ୍ର ନେତାଜୀଙ୍କର ନୁହେଁ ବୋଲି ଚର୍ଚ୍ଚା ହୋଇଛି। ଏହା ୨୦୧୯ରେ ନେତାଜୀଙ୍କ ବାୟୋପିକ୍ 'ଗୁମ୍‌ନାମୀ'ରେ ଅଭିନୟ କରିଥିବା ପ୍ରସନ୍ନଜିତ୍ ଚାଟାର୍ଜୀଙ୍କର ବୋଲି ସୋସିଆଲ ମିଡିଆରେ ଲୋକେ ଦାବି କରିଛନ୍ତି। ତେବେ ଭାଜପା ପକ୍ଷରୁ ଏଭଳି ଦାବିକୁ ଖଣ୍ଡନ କରାଯାଇଛି। ନେତାଜୀଙ୍କ ପରିବାର ପକ୍ଷରୁ ଏହି ଫଟୋଚିତ୍ର ପଦ୍ମଶ୍ରୀ ପ୍ରାପ୍ତ କଳାକାର ପରେଶ ମୈତିଙ୍କୁ ପ୍ରଦାନ କରାଯାଇଥିବା କୁହାଯାଇଛି।

## କ୍ଷମତାସୀନ ବ୍ୟକ୍ତି ଚାଷୀଙ୍କୁ ଅଣଦେଖା କରୁଛନ୍ତି: ପାୱାର

**ମୁମ୍ବାଇ, ୨୫।୧**

ଦିଲ୍ଲୀ ସୀମାରେ ଚାଷୀମାନେ ଦୀର୍ଘ ଦୁଇମାସ ହେଲା କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବାବେଳେ କେନ୍ଦ୍ର ସରକାର ସେମାନଙ୍କ କଥା ଶୁଣୁ ନ ଥିବାରୁ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ସମାଲୋଚନା କରିଛନ୍ତି। କ୍ଷମତାରେ ଥିବା ଲୋକେ ଚାଷୀଙ୍କୁ ଅଣଦେଖା କରିବା ଦୁର୍ଭାଗ୍ୟଜନକ ବୋଲି ଏନ୍‌ସିପି ଅଧ୍ୟକ୍ଷ ସୋମବାର ମୁମ୍ବାଇର ଆଜାଦ ମଇଦାନରେ ବିଶାଳ କୃଷକ ସମାବେଶକୁ ଉଦ୍‌ବୋଧନ ଦେଇ କହିଛନ୍ତି। ଉକ୍ତ ସମାବେଶରେ ହଜାର ହଜାର ଚାଷୀ ଯୋଗ ଦେଇଥିଲେ। ନୂଆ ୩ କୃଷି ଆଇନକୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ବିରୋଧୀ ଦାବି କରିଥିଲେ ହେଁ ସରକାର ତାହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏହା ସମ୍ବିଧାନର ଉଲ୍ଲଂଘନ ବୋଲି ପାୱାର କହିଥିଲେ।




କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରିବା ପାଇଁ ବେଙ୍ଗାଲୁରୁରେ ଜାତୀୟ ପତାକା ସହ ଟିକା ଓ ସିରିଞ୍ଜର ମଡେଲ ପ୍ରଦର୍ଶନ କରାଯାଉଛି।

## ବଜେଟ ଦିନ ଚାଷୀଙ୍କ ସଂସଦ ଭବନ ପଦଯାତ୍ରା

**ନୂଆଦିଲ୍ଲୀ, ୨୫।୧ (ପି.ଟି.)**



### ଆଜି ଟ୍ରାକ୍ଟର ରାଲି

### ଦିଲ୍ଲୀରେ ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ସାଧାରଣତନ୍ତ୍ର ଦିବସରେ ଆନ୍ଦୋଳନରତ ହଜାର ହଜାର ଚାଷୀ ଦିଲ୍ଲୀରେ ଟ୍ରାକ୍ଟର ରାଲି କରିବାକୁ ଯାଉଥିବାବେଳେ ଫେବୃୟାରୀ ୧ ବଜେଟ ଉପସ୍ଥାପନ ଦିନ ସେମାନେ ପାର୍ଲାମେଣ୍ଟ ଭବନ ଅଭିମୁଖେ ପଦଯାତ୍ରାରେ ବାହାରିବେ ବୋଲି ସୋମବାର ଘୋଷଣା କରିଛନ୍ତି। ୩ ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ କୃଷକ ସଂଗଠନଗୁଡ଼ିକ ଅଟଳ ରହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କ୍ରାନ୍ତିକାରୀ କିଷାନ ସଂଘର ନେତା ଦର୍ଶନ ପାଲ୍ କହିଛନ୍ତି।

ଫେବୃୟାରୀ ୧ରେ ବିଭିନ୍ନ ଅଞ୍ଚଳରୁ ଚାଷୀଙ୍କ ପଦଯାତ୍ରା ସଂସଦ ଭବନ ଅଭିମୁଖେ ବାହାରିବ। ମଙ୍ଗଳବାର ଟ୍ରାକ୍ଟର ରାଲିରୁ କୃଷକମାନଙ୍କ ଶକ୍ତି ସମ୍ପର୍କରେ ସରକାର ଅବଗତ ହୋଇପାରିବେ। ଆନ୍ଦୋଳନ କେବଳ ପଞ୍ଜାବ କିମ୍ବା ହରିୟାଣାରେ ସୀମିତ ନାହିଁ, ଏହା ସାରା ଦେଶକୁ ବ୍ୟାପିଥିବା ସରକାର ଜାଣିପାରିବେ। ତେବେ ସମସ୍ତ ଆନ୍ଦୋଳନ ଓ ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ହେବ। ଯେଉଁ ଚାଷୀମାନେ ଟ୍ରାକ୍ଟର ରାଲିକୁ ଆସିବେ ସେମାନେ ଫେରି ନ ଯାଇ ଆନ୍ଦୋଳନରେ ଯୋଗଦେବେ ବୋଲି କୃଷକ ନେତା ପାଲ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସାଧାରଣତନ୍ତ୍ର ଦିବସ ପରେଡ୍ ସହ କୃଷକଙ୍କ ଟ୍ରାକ୍ଟର ରାଲି ପାଇଁ ଦିଲ୍ଲୀରେ ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ତେବେ ଟ୍ରାକ୍ଟର ରାଲି କେନ୍ଦ୍ରୀୟ ଦିଲ୍ଲୀରେ ପ୍ରବେଶ କରିବ ନାହିଁ ଏବଂ ସାଧାରଣତନ୍ତ୍ର ଦିବସ ପରେଡ୍ ପରେ ଆରମ୍ଭ ହେବ ବୋଲି କୃଷକ ସଂଗଠନ ପକ୍ଷରୁ କୁହାଯାଇଛି। ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରୁ ଟ୍ରାକ୍ଟର ରାଲି ବାହାରିବାକୁ ଥିବାବେଳେ ଏଥିରେ ପ୍ରାୟ ୨ ଲକ୍ଷ ଟ୍ରାକ୍ଟର ସାମିଲ ହେବେ ବୋଲି ସଂଗଠନ କହିଛି।

## 'ପରୋକ୍ଷ ସ୍ପର୍ଶ ଯୌନ ନିର୍ଯାତନା ନୁହେଁ'

**ନୂଆଦିଲ୍ଲୀ, ୨୫।୧**

ପ୍ରତ୍ୟକ୍ଷ ଭାବେ ଚର୍ମରୁ ଚର୍ମ ସ୍ପର୍ଶ ନ ହେଲେ ଏହାକୁ ଶିଶୁ ଯୌନ ଅପରାଧ ଆଇନ(ପୋକ୍ସୋ) ଅଧୀନରେ ଯୌନ ନିର୍ଯାତନା ବୋଲି ବିବେଚନା କରାଯିବନାହିଁ। ଅଭିଯୁକ୍ତ ଓ ପୀଡ଼ିତାଙ୍କ ମଧ୍ୟରେ ଶାରୀରିକ ସ୍ପର୍ଶ ରହିଥିଲେ ହିଁ ଏହାକୁ ଅପରାଧ କୁହାଯିବ ବୋଲି ନିକଟରେ ଏକ ମାମଲାର ଶୁଣାଣିବେଳେ ରାୟ ଦେଇଛନ୍ତି ମୁମ୍ବାଇ ହାଇକୋର୍ଟ। ଅଭିଯୁକ୍ତ କୌଣସି ଶିଶୁଙ୍କ ପୋଷାକ ବାହାର କରି ତାଙ୍କୁ ସ୍ପର୍ଶ ନ କରିଥିଲେ ତାହା ଯୌନ ନିର୍ଯାତନାରେ ଗଣାଯିବ ନାହିଁ। ଜଣେ ୧୨ ବର୍ଷୀୟା ନାବାଳିକାଙ୍କ ପକ୍ଷରୁ ପୋକ୍ସୋ ଆଇନ ଅଧୀନରେ ମାମଲା ରୁଜୁ ହୋଇଥିଲା। ନାବାଳିକାଙ୍କୁ ଅସାଧାରଣ ଭାବେ ସ୍ପର୍ଶ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତଙ୍କ ପକ୍ଷରୁ କୋର୍ଟରେ ଅପିଲ କରାଯାଇଥିଲା। ଏହାର ବିଚାର କରି ଜଷ୍ଟିସ୍ ପୁଷ୍ପା ଗନେଦିୱାଲା ଉପରୋକ୍ତ ରାୟ ଦେଇଛନ୍ତି। ଏଥିସହ ଭାରତୀୟ ପେନାଲ କୋଡ୍ ଧାରା ୩୫୪ ଓ ୩୪୨ ଅଧୀନରେ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି।

## ଇ-ଭୋଟର ପରିଚୟପତ୍ର ଜାରି

**ନୂଆଦିଲ୍ଲୀ, ୨୫।୧ (ପି.ଟି.)**

ଭାରତର ନିର୍ବାଚନ କମିଶନ ସୋମବାର ଭୋଟର ଫଟୋ ପରିଚୟପତ୍ରର ଇଲେକ୍ଟ୍ରୋନିକ୍ ଭର୍ସନ (ଇ-ଭୋଟର କାର୍ଡ) ଜାରି କରିଛନ୍ତି। ଏହି ଡିଜିଟାଲ ପରିଚୟପତ୍ରକୁ ଭୋଟର ନିଜ ମୋବାଇଲ ଫୋନ୍‌ରେ ଷ୍ଟୋର କରିବା ସହ ବ୍ୟକ୍ତିଗତ କମ୍ପ୍ୟୁଟରରେ ଡାଉନ୍‌ଲୋଡ୍ କରିହେବ। ଏହା ପିଡିଏଫ୍ ଫର୍ମାଟରେ ଉପଲବ୍ଧ ହେଉଥିବାରୁ କାର୍ଡରେ କୌଣସି ସଂଶୋଧନ କରାଯାଇପାରିବ ନାହିଁ। ଭୋଟର ଆବଶ୍ୟକ ସମୟରେ ଏହାର ପ୍ରିଣ୍ଟ ବାହାର କରି ଲାମିନେଟ୍ କରିପାରିବେ। ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ, କେରଳ ଓ ପୁଡୁଚେରୀର ଭୋଟରମାନେ ଭୋଟ ଦିନ ଉକ୍ତ ଇ-ଭୋଟର କାର୍ଡ ବ୍ୟବହାର କରିପାରିବେ। ଇ-ଭୋଟର କାର୍ଡ ଆସିବା ସତ୍ତ୍ୱେ ପାରମ୍ପରିକ ପିଭି ଭୋଟର ପରିଚୟ ପତ୍ର ବ୍ୟବହାର ଜାରି ରହିବ। ସୋମବାର ଜାତୀୟ ଭୋଟର ଦିବସ ଅବସରରେ ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଇ-ଓପିଆଇସି କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ୫ ନୂଆ ଭୋଟରଙ୍କୁ ଇ-ଭୋଟର ପରିଚୟପତ୍ର ପ୍ରଦାନ କରିଥିଲେ। ପାରମ୍ପରିକ କାର୍ଡ ଛାପିବା ଓ ଭୋଟରଙ୍କ ପାଖରେ ପହଞ୍ଚାଇବାରେ ସମୟ ଲାଗୁଥିଲା। ଇ-ଭୋଟର କାର୍ଡ ସହଜରେ ଓ ଶୀଘ୍ର ଲୋକଙ୍କ ପାଖରେ ଉପଲବ୍ଧ ହୋଇପାରିବ। ଗତବର୍ଷ ନଭେମ୍ବର-ଡିସେମ୍ବରରେ ଭୋଟର ତାଲିକାରେ ସାମିଲ ହେବା ଲାଗି ଆବେଦନ କରିଥିବା ନୂଆ ଭୋଟରମାନଙ୍କ ମୋବାଇଲ ଫୋନ୍‌କୁ ଏସ୍‌ଏମ୍‌ଏସ୍ ଯିବ ଏବଂ ସେମାନେ ଜାନୁୟାରୀ ୨୫ରୁ ୩୧ ମଧ୍ୟରେ ଇ-ଭୋଟର କାର୍ଡ ଡାଉନଲୋଡ୍ କରିପାରିବେ। ଅନ୍ୟ ଭୋଟରମାନେ ଫେବୃୟାରୀ ୧ରୁ ଏହାକୁ ଡାଉନଲୋଡ୍ କରିପାରିବେ ବୋଲି କୁହାଯାଇଛି।

# ସୈନ୍ୟ ପ୍ରତ୍ୟାହାର ଲାଗି ସହମତି

**ନୂଆଦିଲ୍ଲୀ, ୨୫।୧ (ପି.ଟି.)**



### ଭାରତ-ଚାଇନା ନବମ ପର୍ଯ୍ୟାୟ ଆଲୋଚନା

ପୂର୍ବ ଲଦାଖର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଅନ୍ତର୍ଗତ ଅଞ୍ଚଳରେ ଦୀର୍ଘ ୯ ମାସ ହେଲା ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିବାବେଳେ ଅଚଳାବସ୍ଥା ଦୂର ପାଇଁ ଉଭୟ ପକ୍ଷର ସେନା କମାଣ୍ଡର ସ୍ତରୀୟ ନବମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆଲୋଚନା ସକାରାତ୍ମକ ତଥା ଗଠନମୂଳକ ହୋଇଥିବା ସରକାର କହିଛନ୍ତି। ସୀମାରେ ମୁତୟନ ଥିବା ଫ୍ରଣ୍ଟଲାଇନ ସୈନ୍ୟ ତୁରନ୍ତ ପ୍ରତ୍ୟାହାର କରିନେବାକୁ ଉଭୟ ପକ୍ଷର କମାଣ୍ଡରମାନେ ରାଜି ହୋଇଛନ୍ତି। ରବିବାର ଚାଇନା ପାର୍ଶ୍ୱର ମୋଲ୍‌ଡୋ-ଚୁଶୁଲ ସୀମାରେ ଦୀର୍ଘ ୧୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା ଚାଲିଥିଲା। ଫଳରେ ଉଭୟ ପକ୍ଷରେ ମଧ୍ୟରେ ପାରସ୍ପରିକ ବିଶ୍ୱାସ ଓ ବୁଝାମଣା ବୃଦ୍ଧି ପାଇଛି। ଏଲ୍‌ଏସିରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ଦୁଇପକ୍ଷ ଫଳପ୍ରଦ ଉଦ୍ୟମ ଜାରି ରଖିବା ଲାଗି ସହମତ ହୋଇଛନ୍ତି। ଖୁବ୍‌ଶୀଘ୍ର ଦଶମ ପର୍ଯ୍ୟାୟ ଆଲୋଚନା କରିବାକୁ ସ୍ଥିର ହୋଇଛି। ଗତ ନଭେମ୍ବରରେ ଅନୁଷ୍ଠିତ ଅଷ୍ଟମ ପର୍ଯ୍ୟାୟ ଆଲୋଚନା ବେଳେ ସେନା ପ୍ରତ୍ୟାହାର ସମ୍ପର୍କରେ ଉଭୟ ପକ୍ଷ ମତ ରଖିଥିଲେ। ସୂଚନାଯୋଗ୍ୟ ଗତବର୍ଷ ମେ'ରୁ ଭାରତ ଓ ଚାଇନା ସେନା ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଥିବାବେଳେ ପୂର୍ବ ଲଦାଖ ପାର୍ବତ୍ୟାଞ୍ଚଳରେ ୫୦ ହଜାର ଭାରତୀୟ ଯବାନ ମୁତୟନ ଅଛନ୍ତି। ଚାଇନା ମଧ ନିଜ ପାର୍ଶ୍ୱରେ ସମାନ ସଂଖ୍ୟକ ସୈନ୍ୟ ସୀମାରେ ଠୁଳ କରିଛି।



ସୌନ୍ଦର୍ଯ୍ୟ

# ଫଳ ଚୋପାରୁ ସୌନ୍ଦର୍ଯ୍ୟ

**ମହିଳାମାନେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାରର ରାସାୟନିକ ପ୍ରସାଧନ ସାମଗ୍ରୀ ବ୍ୟବହାର କରିଥାନ୍ତି। କିନ୍ତୁ ପ୍ରାକୃତିକ ଉପାୟରେ କିଭଳି ବିଭିନ୍ନ ପ୍ରକାରର ଫଳ ଚୋପାରୁ ବି ସୌନ୍ଦର୍ଯ୍ୟ ବୃଦ୍ଧି କରିହେବ ଜାଣି ରଖନ୍ତୁ।**

**ଡାଳିମ୍ବ ଚୋପା–**
କେଶକୁ ମୁଲାୟମ ତଥା ଉଜ୍ଜ୍ୱଳ କରିବା ପାଇଁ ଡାଳିମ୍ବ ଚୋପା ଲଗାନ୍ତୁ। ଡାଳିମ୍ବ ଚୋପାକୁ ଖରାରେ ଶୁଖାଇ ଗୁଣ୍ଡ କରି ସେଥିରେ ଦହି ମିଶାଇ ଲଗାନ୍ତୁ। ଅଧଘଣ୍ଟା ପରେ ଧୋଇ ଦିଅନ୍ତୁ।

**କଦଳୀ ଚୋପା–**
ମୁହଁରେ ପାଚିଲା କଦଳୀ ଚୋପାକୁ ଘଷିବା ଫଳରେ ତ୍ୱଚାରେ ଥିବା ବ୍ରଣଦାଗ ଦୂର ହେବା ସହିତ ଉଜ୍ଜ୍ୱଳତା ବୃଦ୍ଧି ହୋଇଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ସୂର୍ଯ୍ୟକିରଣ ପ୍ରଭାବରେ କଳା ପଡ଼ି ଯାଇଥିବା ତ୍ୱଚାକୁ ମଧ୍ୟ ସୁନ୍ଦର କରିଥାଏ।

**ଅମୃତଭଣ୍ଡା ଚୋପା–**
ଅମୃତଭଣ୍ଡା ଚୋପାରେ ଆଲ୍‌ଫା ହାଇଡ୍ରୋକ୍ସି ଏସିଡ୍ ରହିଛି। ତେଣୁ ଏହାକୁ ମୁହଁରେ ଲଗାଇବା ଫଳରେ ତ୍ୱଚା କୋମଳ ରହିଥାଏ। ଅମୃତଭଣ୍ଡା ଚୋପାକୁ ଶୁଖାଇ ତାକୁ ଗୁଣ୍ଡ କରି ସେଥିରେ ଲେମ୍ବୁ ରସ ମିଶାନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖିବା ପରେ ମୁହଁ ଧୋଇ ଦିଅନ୍ତୁ।

**କମଳା ଚୋପା–**
କମଳା ଚୋପାକୁ ଖରାରେ ଶୁଖାଇ ଗୁଣ୍ଡ କରି ସେଥିରେ ଗୋଲାପ ଜଳ ମିଶାଇ ମୁହଁରେ ଲଗାନ୍ତୁ। ମୁହଁରେ ଥିବା ସମସ୍ତ ପ୍ରକାରର ଦାଗ ଦୂର ହୋଇଯିବ। କେଶର ଶୁଷ୍କତା ଦୂର ପାଇଁ ବି ଏହାକୁ ଲଗାଇ ପାରିବେ। କେଶରେ ଏହି ଚୋପା ଗୁଣ୍ଡକୁ ପାଣିରେ ମିଶାଇ ଲଗାଇ ଶୁଖିବା ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏହାପରେ ଧୋଇ ଦିଅନ୍ତୁ। କେଶ ମୁଲାୟମ ଓ ଉଜ୍ଜ୍ୱଳ ଦେଖାଯିବ।



# ବଦଳିଗଲା ପେସା

**ପାଠ ପଢ଼ା ସମୟରେ ସମସ୍ତେ କିଛି ନା କିଛି ଲକ୍ଷ୍ୟ ରଖି ସେହି ଅନୁଯାୟୀ ନିଜକୁ ପ୍ରସ୍ତୁତ କରିଥାନ୍ତି। କେତେଜଣ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିଥାନ୍ତି ତ ଆଉ କେତେଜଣଙ୍କ ଭାଗ୍ୟରେ ବିଡମ୍ବନା ଘଟେ, ପ୍ରତିକୂଳ ପରିସ୍ଥିତି ଓ ନୂଆ କିଛି କରିବାର ଆଗ୍ରହ ଯୋଗୁଁ ସେମାନଙ୍କର କର୍ମପନ୍ଥା ସମ୍ପୂର୍ଣ୍ଣ ଭିନ୍ନ ହୋଇଯାଏ ଏବଂ ସେମାନେ ସେହି କର୍ମପନ୍ଥାକୁ ଆପଣାଇ ବଢ଼ିଚାଲନ୍ତି ଆଗକୁ ...**







ରେଣୁବାଳା ସାମନ୍ତରାୟ



ମାମିନା ଅକତାର



ସୋନମ ବିଶ୍ୱାଳ



ରଚନା ରାଉତ



ବବିନା ନାୟକ

**ସମାଜସେବାରେ ମତେ ଆନନ୍ଦ ମିଳୁଛି :** କଥାରେ ଅଛି ଯେତେବେଳେ ସବୁରାସ୍ତା ବନ୍ଦ ହୋଇଯାଏ, ଭଗବାନ ଅନ୍ୟ ଏକ ରାସ୍ତା ଖୋଲିଦିଅନ୍ତି। ଏମିତି କିଛି ଘଟିଥିଲା ୟୁନିଟ୍‌–୩ ଖାରବେଳ ନଗରରେ ରହୁଥିବା ବବିନା ନାୟକଙ୍କ ଜୀବନରେ। ବାପା ଗୁଣ୍ଡିଚା ନାୟକ ଓ ମା’ ମିନା ନାୟକଙ୍କର ସେ ହେଉଛନ୍ତି ଦ୍ୱିତୀୟ ସନ୍ତାନ। ବଡ ଭଉଣୀଙ୍କର ବିବାହ ପରେ ଘର ସମ୍ଭାଳିବାର ଦାୟିତ୍ୱ ତାଙ୍କ ଉପରେ। ଘର ଖର୍ଚ୍ଚ ପାଇଁ ବାପାଙ୍କର ରୋଜଗାର ଅଣ୍ଟୁ ନ ଥିଲା। ସେଥିପାଇଁ ସେ କଲେଜ ଜୀବନରୁ ହିଁ ଭଲ ଚାକିରି କରିବା ପାଇଁ ପରିଶ୍ରମ ଆରମ୍ଭ କରି ଦେଇଥିଲେ। ଲକ୍ଷ୍ୟ ଥିଲା ପୋଲିସ୍ ଇନ୍ସପେକ୍ଟର ହେବା ପାଇଁ। ସେ କଲେଜରୁ ହିଁ ଏନ୍.ସି.ସି.ରେ ଯୋଗ ଦେଇଥିଲେ। ଏହା ସହିତ ଫାଏରିଙ୍ଗ୍‌ରେ ସେ ଥିଲେ ସ୍ୱର୍ଣ୍ଣ ପଦକଧାରୀ। ନିଜ ଲକ୍ଷ୍ୟ ହାସଲ କରିବା ପାଇଁ ସବୁ ପ୍ରକାର ପ୍ରସ୍ତୁତି କରିଥିଲେ ମଧ୍ୟ ଦୁଇଥର ଲିଖିତ ପରୀକ୍ଷାରେ ପାସ୍ ହୋଇ ଫିଜିକାଲ୍ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇପାରିଲେ ନାହିଁ। ଦୁଇ ଦୁଇ ଥର ବିଫଳ ଓ ଘରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଅନ୍ୟ ଚାକିରି ସନ୍ଧାନରେ ଲାଗି ପଡିଲେ। ଏହି ସମୟରେ ତାଙ୍କୁ ନହରକଣ୍ଟାରେ ପଲ୍ଲୀ ଉନ୍ନୟନ ସେବା ସମିତିରେ ସମାଜସେବୀ ହେବାର ସୁଯୋଗ ମିଳିଲା। ଏଠାରେ ସେ ନିଜର ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ୧୮ ବର୍ଷରୁ କମ୍ ବୟସ ପିଲା, ଯେଉଁମାନେ ବିଭିନ୍ନ ଅପ୍ରାକୃତିକ ପରିବେଶର ସମ୍ମୁଖୀନ ପିଲାଙ୍କୁ ଉଦ୍ଧାର କରି ସେମାନଙ୍କୁ ପାଠ ପଢିବାର ସୁଯୋଗ ଦେବା ସହିତ ପୁରୁଷଙ୍କ ଅପବ୍ୟବହାରର ଶିକାର ହୋଇଥିବା ମହିଳାମାନଙ୍କୁ ସାହାଯ୍ୟ, ଲକ୍‌ଡାଉନ୍ ସମୟରେ ଭିକାରିମାନଙ୍କୁ ଖାଦ୍ୟ ଯୋଗେଇବା ପରି ଲୋକହିତ କାମ ଆଦି କରିବାରେ ବହୁତ ଆନନ୍ଦ ମିଳୁଛି ବୋଲି ସେ କୁହନ୍ତି।

**ପରିସ୍ଥିତି ଯୋଗୁ ଭିନ୍ନ ମୋଡ଼ :** ମଣିଷ ପରିସ୍ଥିତିର ଦାସ। ପରିସ୍ଥିତି ବେଳେବେଳେ ଜୀବନର ମୋଡ ବଦଳାଇ ଦେଇଥାଏ। ଏପରି ଏକ ବିଷାଦ ପରିସ୍ଥିତି ରଚନା ରାଉତଙ୍କ ଜୀବନର ମୋଡ ବଦଳାଇ ଦେଇଛି। ଟଙ୍କପାଣି ରୋଡ ନିକଟସ୍ଥ ବାଙ୍କୁଆଳରେ ତାଙ୍କ ଘର। ବୟସ ମାତ୍ର ୨୫। ନିକଟ ଅତୀତରେ କରୋନାରେ ତାଙ୍କ ପିତା ସ୍ୱର୍ଗତ ରମେଶ ଚନ୍ଦ୍ର ରାଉତଙ୍କ ଅକାଳ ବିୟୋଗ ଘଟିଲା, ଏହା ସାରା ପରିବାରକୁ ସ୍ତମ୍ଭୀଭୂତ କରିଥିଲା ଏବଂ ପରିବାରରେ ଶୋକର ଛାୟା ଖେଳି ଯାଇଥିଲା। ଏବେ ତାଙ୍କ ପରିବାର କହିଲେ ମାଆ ସଂଯୁକ୍ତା ରାଉତ ଓ ବଡଭାଇ ରାଜକୁମାର ରାଉତ। ସେ ଏବେ ଉତ୍କଳ ବିଶ୍ୱବିଦ୍ୟାଳୟରେ ମନୋବିଜ୍ଞାନରେ ସ୍ନାତକ କରିବା ସହିତ ତିନିମାସ ହେବ ପଟିଆସ୍ଥିତ ରିଲାନ୍ସ କମ୍ପାନୀର ଟେଲିକମ୍ ବିଭାଗରେ କାମ କରୁଛନ୍ତି। ଏକ ମନସ୍ତତ୍ତ୍ୱ ବିଶେଷଜ୍ଞ ହେବାପାଇଁ ଆଶା ରଖିଥିବା ରଚନା ଏବେ ପରିସ୍ଥିତିରେ ପଡି ଏକ ଭିନ୍ନଧରଣର ପେସାକୁ ଆପଣାଇଛନ୍ତି। ମୁରବିଙ୍କ ପରେ ଘରର ଦାୟିତ୍ୱ ସହ ନିଜ ପାଠ ପଢାକୁ ହେଳା ନ କରି ଘରର ମେରୁଦଣ୍ଡ ହୋଇ ଛିଡାହେବାକୁ ଚେଷ୍ଟା କରି ଚାଲିଛନ୍ତି।

**ଶିକ୍ଷକତାରୁ ଆତ୍ମସନ୍ତୋଷ ମିଳେ :** ପିଲାଦିନରୁ ସଙ୍ଗୀତ ପ୍ରତି ଥିଲା ତାଙ୍କର ସ୍ୱତନ୍ତ୍ର ରୁଚି। ଇଚ୍ଛାଥିଲା ଏକ ପ୍ରସିଦ୍ଧ କଣ୍ଠଶିଳ୍ପୀ ହେବା ପାଇଁ। କିନ୍ତୁ ପରିବେଶ ଓ ପରିସ୍ଥିତି ଏକ ସମ୍ପୂର୍ଣ୍ଣ ଭିନ୍ନ ଦିଗକୁ ନେଇଆସିଲା ଭୁବନେଶ୍ୱରର ରସୁଲଗଡରେ ରହୁଥିବା ରେଣୁବାଳା ସାମନ୍ତରାୟଙ୍କୁ। ସେ ସଙ୍ଗୀତ ଓ ଶିକ୍ଷକତା ମଧ୍ୟରୁ ଶିକ୍ଷକତାକୁ ପ୍ରାଧାନ୍ୟତା ଦେଲେ ଏବଂ ସେଥିରେ ସଫଳତା ହାସଲ କରିଛନ୍ତି। ପ୍ରଥମେ ଏକ ଘରୋଇ ସ୍କୁଲରେ ଶିକ୍ଷକତା ଆରମ୍ଭ କରିବା ପରେ ନିଜେ ଏକ ସ୍କୁଲ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ ସେ ରସୁଲଗଡସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପ୍ରଧାନ ଶିକ୍ଷୟିତ୍ରୀ। ଜଣେ ଶିକ୍ଷୟିତ୍ରୀରୁ ଏକ ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହେବା ପଛରେ ତାଙ୍କୁ ବହୁତ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିଥିଲା। ଅବଶ୍ୟ ଏବେ ସଙ୍ଗୀତକୁ ସେ ସମ୍ପୂର୍ଣ୍ଣରୂପେ ଛାଡି ନାହାନ୍ତି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରି ଆତ୍ମସନ୍ତୋଷ ପାଉଛନ୍ତି।

**ନିଜ ପାଇଁ ନେଲି ଭିନ୍ନ ନିଷ୍ପତ୍ତି :** ଲକ୍ଷ୍ୟସ୍ଥଳର ଖୁବ୍ ନିକଟତର ହୋଇ ହଠାତ୍ ଓହରିଯିବା ବହୁତ କଷ୍ଟ। ଏମିତି ଏକ କାହାଣୀ ହେଉଛି ନୟାଗଡ, ଶରଣକୂଳ ଗାଁର ମହାଦେବ ବିଶ୍ୱାଳ ଓ ଶାନ୍ତିଲତା ବିଶ୍ୱାଳଙ୍କ ଝିଅ ସୋନମ ବିଶ୍ୱାଳଙ୍କର। ପିଲାଦିନୁ ମାମୁଙ୍କ ପରି ଆୟୁର୍ବେଦ ଡାକ୍ତର ହେବାର ସ୍ୱପ୍ନ ଦେଖିଥିଲେ ସୋନମ୍। ସେଥିପାଇଁ +୨ ବିଜ୍ଞାନ ପଢ଼ିବା ସହିତ ସେ ମେଡିକାଲ ସାଇନ୍ସ କୋଚିଙ୍ଗ ନେଇଥିଲେ ଏବଂ ପୁରୀ ଆୟୁର୍ବେଦିକ କଲେଜରେ ନାମଲେଖା ପାଇଁ ମନୋନୀତ ହୋଇସାରିଥିଲେ। କିନ୍ତୁ ଆଡ୍‌ମିଶନ ହେବା ଦିନ ହୋଇଥିଲା ତାଙ୍କର ଏକ ବଡ ଧରଣର ସଡ଼କ ଦୁର୍ଘଟଣା। ଏହା ପରେ ଡାକ୍ତରୀ ପଢିବା ବୋଧେ ତାଙ୍କ ପାଇଁ ଠିକ୍ ନୁହେଁ ଭାବି ସେ ଇଞ୍ଜିନିୟରିଂ କରିବା ଲାଗି ସ୍ଥିର କଲେ। ଏହାପରେ ଭୁବନେଶ୍ୱରର ପଟିଆସ୍ଥିତ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇଲେ। ହଠାତ୍ ମତ ପରିବର୍ତ୍ତନ କରିଥିବାରୁ ତାଙ୍କ ପରିବାର ଲୋକ ପ୍ରଥମେ ଅସନ୍ତୁଷ୍ଟ ହୋଇଥିଲେ। ଏହାସତ୍ତ୍ୱେ ସେ ତାଙ୍କ ମନୋବଳ ଦୃଢ ରଖି ଆଗକୁ ମାଡିଚାଲିଲେ। ପଢା ସରିବା ପରେ ସେ ୨ ବର୍ଷ ହେବ ବାଙ୍ଗାଲୋରର ଲୁମ୍ବିନ୍ ଏଲିଟ୍ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରୁଛନ୍ତି।

**ମୋ କାମକୁ ସୂଚାରୁ ରୂପେ କରିପାରୁଛି :** ଯେତେବେଳେ ପରିବାରରେ ଆର୍ଥିକ ପରିସ୍ଥିତି ବଢିବାରେ ଲାଗେ, ସେତେବେଳେ ପରିବାର ପିଲାଙ୍କ ଉପରେ ଏହାର ପ୍ରଭାବ ପଡେ। ଏମିତି ଏକ ପରିସ୍ଥିତିରେ ପାଠଛାଡି ଚାକିରି କରିବାକୁ ପଡିଲା ଭୁବନେଶ୍ୱରର ୟୁନିଟ୍ –୪ରେ ରହୁଥିବା ମାମିନା ଅକତାରଙ୍କୁ। ତାଙ୍କର ଆଶା ଥିଲା ଇଞ୍ଜିନିୟର ହେବା ପାଇଁ। ଏଥିପାଇଁ ସେ ଇଞ୍ଜିନିୟରିଂରେ ଡିପ୍ଲୋମା ମଧ୍ୟ କରିଥିଲେ। କିନ୍ତୁ ପରିବାରରେ ଆର୍ଥିକ ଅସୁବିଧା ଯୋଗୁ ନିଜ ଇଚ୍ଛାକୁ ଭୁଲି ଚାକିରି ସନ୍ଧାନରେ ଲାଗି ପଡିଲେ। ସେ ପ୍ରଥମେ ଟେକ୍ ଅଫ୍ ମହିନ୍ଦ୍ରା କମ୍ପାନୀରେ କାମ କରୁଥିଲେ। ବର୍ତ୍ତମାନ ସେ ଫିନ୍‌ମେଟ୍ରିକ୍ ଫାଇନାନ୍ସ କମ୍ପାନୀରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାମ କରୁଛନ୍ତି। ଏହି ଧରଣର କାମ ଶିଖିବା ପାଇଁ ତାଙ୍କୁ ବହୁତ କଷ୍ଟ କରିବାକୁ ପଡିଥିଲା। ନିଜ ପରିଶ୍ରମ ଦ୍ୱାରା ସେ ଧୀରେ ଧୀରେ ପଦୋନ୍ନତି ପାଇ ସଫଳତା ହାସଲ କରିଛନ୍ତି।

## ଖାଦ୍ୟ ରୁଚି

# ଅଟା କେକ୍

ଆବଶ୍ୟକ ସାମଗ୍ରୀ–
ଅଟା– ଏକ କପ୍,
ଚିନି – ଏକ କପ୍,
ରିଫାଇନ୍ ତେଲ କିମ୍ବା ବଟର– ୧/୪ କପ୍,
ଦହି– ୩ ରୁ ୪ ଛୋଟ ଚାମଚ,
ଗୁଜୁରାତି(୪ରୁ ୫ଟି)– ଗୁଣ୍ଡ,
ଅମୁଲ ବା ମିଲ୍କ ପାଉଡର– ୧/୪ କପ୍,
କାଜୁ, ଆଲମଣ୍ଡ– ଅଳ୍ପ,
ବେକିଂ ପାଉଡର–
ବେକିଂ ସୋଡା–
କ୍ଷୀର– ୧ କପ୍

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ କେକ୍ ଟିନ୍ ଆଣି ସେଥିରେ ସବୁଆଡେ ଭଲରେ ତେଲ ଲଗାଇ ଦିଅନ୍ତୁ। ଏହାପରେ ଏକ ବଡ଼ ପାତ୍ର ଆଣି ସେଥିରେ ରିଫାଇନ୍ ତେଲ ପରେ ଦହି ପକାନ୍ତୁ। ତା’ପରେ ଗୁଜୁରାତି ଗୁଣ୍ଡକୁ ପକାନ୍ତୁ। ଗୁଜୁରାତି ବଦଳରେ ବିଭିନ୍ନ ଏସେନ୍ସ ମଧ୍ୟ ପକାଇପାରିବେ। ଏହାପରେ ଚିନିକୁ ଗ୍ରାଇଣ୍ଡିଂ କରି ଏଥିରେ ମିଶାଇ ଭଲଭାବେ ଗୋଳାନ୍ତୁ। ଏବେ ସେଥିରେ ଏକ ଚଲାରେ ଅଟାକୁ ଚଲାଇ ଅଟା ପକାନ୍ତୁ। ଏହାପରେ ସେଥିରେ ଅମୁଲ ବା ମିଲ୍କ ପାଉଡର ପକାଇ କ୍ଷୀର ଦେଇ ଭଲଭାବେ ଗୋଳାନ୍ତୁ। ଏବେ ସେଥିରେ ଏକ ଚାମଚ ବେକିଂ ପାଉଡର ଏବଂ ଅଧା ଚାମଚର ବେକିଂ ସୋଡା ପକାଇ ମିଶାନ୍ତୁ। ଏହାପରେ ସେଥିରେ କାଜୁ ଏବଂ ଆଲମଣ୍ଡକୁ ଛୋଟ ଛୋଟ ଖଣ୍ଡ କରି ଏଥିରେ ମିଶାନ୍ତୁ। ପରେ କଡେଇକୁ ଚୁଲିରେ କଭର ଦେଇ ୫ ମିନିଟ୍ ଗରମ କରନ୍ତୁ। କେକ୍ ଟିନ୍‌ରେ କେକ୍ ମିଶ୍ରଣକୁ ଢାଳି ତା’ ଉପରେ କିଛି ଆଲମଣ୍ଡ ସଜାଇ ଏହାକୁ ନେଇ କଡେଇ ଭିତରେ ରଖି ଘୋଡାଇ ଦିଅନ୍ତୁ। ଗ୍ୟାସର ଆଞ୍ଚକୁ ପୂରା କମ୍ କରି ଏହାକୁ ୪୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହାପରେ ଏକ କାଠି ଭିତରକୁ ପୂରାଇ କେକ୍ ହୋଇଛି କି ନାହିଁ ଦେଖି ଓହ୍ଲାଇ ଦିଅନ୍ତୁ।



# ମହିଳାଙ୍କ ପାଇଁ ସୁପରଫୁଡ

**ମହିଳାଙ୍କ ଶରୀରରେ ବିଭିନ୍ନ ପ୍ରକାରର ହର୍ମୋନରେ ପରିବର୍ତ୍ତନ ହୋଇଥାଏ। ତେଣୁ ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ଅଧିକ ପୋଷଣର ଆବଶ୍ୟକ ପଡ଼ିଥାଏ। ଏହି ଦୃଷ୍ଟିରୁ ମହିଳାଙ୍କ ପାଇଁ କିଛି ଖାଦ୍ୟ ସୁପରଫୁଡ୍ ଭଳି ହୋଇଥାଏ। ସେସବୁକୁ ଡାଏଟରେ ନିଶ୍ଚୟ ସାମିଲ କରନ୍ତୁ...**





**ଲୋ ଫ୍ୟାଟ ଦହି–** ନ୍ୟୁଟ୍ରିସିଆନଙ୍କ ମତରେ ଦହି ପେଟର ଅନେକଗୁଡ଼ିଏ ସମସ୍ୟାର ସମାଧାନ କରିଥାଏ। ଏହା ସହିତ ଲୋ ଫ୍ୟାଟ ଦହି ଖାଇବା ଫଳରେ ବ୍ରେଷ୍ଟ କ୍ୟାନ୍ସର ହେବାର ସମ୍ଭାବନା ମଧ୍ୟ କମ୍ ହୋଇଥାଏ। ଦହିରେ କ୍ୟାଲସିୟମ୍ ପ୍ରଚୁର ପରିମାଣରେ ଥିବାରୁ ଏହା ହାଡ ମଜଭୁତ କରିଥାଏ। ତେଣୁ ମହିଳାମାନେ ପ୍ରତିଦିନ ଦହି ଖାଆନ୍ତୁ।

**ମାଛ–** ମହିଳାମାନେ ସେଲମନ୍, ସାର୍ଡିନ ଏବଂ ମକରଲୀ ଟାଇପ୍ ମାଛ ନିହାତି ଖାଆନ୍ତୁ। କାରଣ ଏହି ପ୍ରକାରର ମାଛରେ ଓମେଗା–୩, ଫ୍ୟାଟି ଏସିଡ୍ ପ୍ରଚୁର ରହିଥାଏ। ତେଣୁ ଏହା ହୃଦୟ ସମ୍ବନ୍ଧୀୟ ରୋଗ, ଷ୍ଟ୍ରୋକ, ହାଇପରଟେନସନ୍, ଡିପ୍ରେସନ୍, ଜଏଣ୍ଟ ପେନ୍ ଭଳି ବିଭିନ୍ନ ରୋଗର ନିରାକରଣ କରିଥାଏ। ତେଣୁ ସପ୍ତାହକୁ ଥରେ ଦୁଇଥର ଏହି ମାଛ ଖାଆନ୍ତୁ।

**ବିନ୍ସ–** ଏହି ପରିବାରେ ପ୍ରୋଟିନ ଏବଂ ଫାଇବର ପ୍ରଚୁର ପରିମାଣରେ ରହିଛି। ହୃଦୟ ସମ୍ବନ୍ଧୀୟ ରୋଗ ଏବଂ ବ୍ରେଷ୍ଟ କ୍ୟାନ୍ସରର ସମ୍ଭାବନାକୁ ଏହା କମ୍ କରିଥାଏ। ବିଶେଷଜ୍ଞଙ୍କ ମତରେ ଏହା ହରମୋନକୁ ସ୍ଥିର ରଖିଥାଏ। ତେଣୁ ମହିଳାମାନେ ଏହାକୁ ନିଶ୍ଚୟ ଖାଆନ୍ତୁ।

**ଲୋ ଫ୍ୟାଟ କ୍ଷୀର ଏବଂ ଅରେଞ୍ଜ ଜୁସ୍–** ଏଥିରେ ଭିଟାମିନ୍–ଡି ଏବଂ କ୍ୟାଲସିୟମ୍ ପ୍ରଚୁର ପରିମାଣରେ ରହିଛି। ତେଣୁ ମହିଳାମାନେ ଏହାକୁ ଖାଇବା ଫଳରେ ଡାଏବେଟିସ୍, ମଲ୍‌ଟିପଲ ସ୍କେଲେରୋସିସ୍ ଏବଂ ବ୍ରେଷ୍ଟ ଓ ଓଭାରି ଟ୍ୟୁମର ସମ୍ଭାବନାକୁ କମ୍ କରିଥାଏ।

**ଟମାଟୋ–** ଟମାଟୋରେ ପ୍ରଚୁର ପରିମାଣରେ ଲାଇକୋପିନ୍ ରହିଛି। ଏହା ବ୍ରେଷ୍ଟ କ୍ୟାନ୍ସର ସମ୍ଭାବନାକୁ କମ୍ କରିବା ସହିତ ଆଣ୍ଟିଅକ୍ସିଡାଣ୍ଟ ମହିଳାଙ୍କ ହୃଦୟ ସମସ୍ୟା କମ୍ କରିଥାଏ। ଏଥିରେ ମଧ୍ୟ ଆଣ୍ଟି ଏଜିଂ ଗୁଣ ରହିଛି।

**ବେରିଜ୍–** ଷ୍ଟ୍ରବେରୀ, ବ୍ଲୁବେରୀ, କ୍ରାନବେରୀ ଆଦି ବିଭିନ୍ନ ପ୍ରକାରର ଫଳରେ ଆଣ୍ଟି କ୍ୟାନ୍ସର ତତ୍ତ୍ୱ ରହିଛି। ଭିଟାମିନ୍ ସି ଏବଂ ଫଲିକ୍ ଏସିଡ୍ ପ୍ରଚୁର ପରିମାଣରେ ରହିଛି। ତେଣୁ ଏହାକୁ ମହିଳାମାନେ ନିଶ୍ଚୟ ଖାଆନ୍ତୁ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ‘ଆକାଶ’ର ସଫଳ ପରୀକ୍ଷଣ

**ବାଲେଶ୍ୱର,୨୫।୧**

ବାଲେଶ୍ୱର ଜିଲା ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରୁ ଭୂପୃଷ୍ଠରୁ ଆକାଶକୁ ଲକ୍ଷ୍ୟଭେଦ କରିପାରୁଥିବା ‘ଆକାଶ’ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି। ସୋମବାର ଅପରାହ୍ନ ୨ଟା ୨୫ ମିନିଟରେ ଏହି ପରୀକ୍ଷଣ ହୋଇଥିଲା। ୫.୭୮ମିଟର ଲମ୍ବ ଓ ୭୨୦ କିଲୋଗ୍ରାମ ଓଜନ ବିଶିଷ୍ଟ ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ରହିଛି ୩୦ କି.ମି.। ଶବ୍ଦର ବେଗଠାରୁ ଅଢ଼େଇଗୁଣ ଅଧିକ ବେଗରେ ‘ଆକାଶ’ ସ୍ଥିରୀକୃତ ଟାର୍ଗେଟକୁ ଲକ୍ଷ୍ୟଭେଦ କରିଥିଲା। ଏଥିରେ ୬୦ କିଲୋ ପର୍ଯ୍ୟନ୍ତ ଆଣବିକ ଓ ପାରମ୍ପରିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇପାରିବ ବୋଲି ବିଭାଗ ପକ୍ଷରୁ ସୂଚିତ କରାଯାଇଛି।



ଆକାଶ କ୍ଷେପଣାସ୍ତ୍ର।


**ଜନ୍ମଦିନ ଶୁଭେଚ୍ଛା**



ପ୍ରୟାସ କୁମାର ବନ୍ଛୁର
ବାପା:କୃଷ୍ଣଚନ୍ଦ୍ର ବନ୍ଛୁର
ମାଆ:ଦୀପିକା ସୁନାନୀ
ସୁନ୍ଦରଗଡ଼
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ। -:ଶୁଭେଚ୍ଛା ସହ:-
ଅଜା, ଆଈ, ମାଆ, ବାପା, ବଡ଼ବାପା, ବଡ଼ମାଆ, ଦାଦା, ଦାଦୀ, ଲେଖିକା, ନୀହାରିକା, ପ୍ରଜ୍ଞା ପରିମୀତା, ସମୀର, ଅମୀର, ଉମାକାନ୍ତ, ବଦ୍ରିନାଥ ଓ ମାମା, ମାମୀ, ବନ୍ଛୁର ପରିବାରବର୍ଗ
ଧ-୧୯୭୨୮

**BIRTHDAY WISH**



AARAV
Wish you Happy Birthday my dear little Hiro. May God bless you.
-:From:-
Maa, Sona Didi, Bada Bhaiya, Soni Didi, Guddi Didi, Guddu Bhaiya, Chachu, Chachi, Papa, Mama, Bade Papa, Bade Mama.
D-19730

**Birthday Wish**



Sujata (Ruby)
Wish you Happy Birthday. May God fulfil your all dream comes true. Always be happy
-:from:-
Maa, Arav, Sona, Aayansh, Soni, Guddu, Shiba, Dada-Bhabi, Bhauja.
D-19729


# ଅନ୍ୱେଷଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର

**ଖୋର୍ଦ୍ଧା ଅଫିସ,୨୫।୧**

- ୫୭୦ରୁ ଊର୍ଦ୍ଧ୍ୱ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମିଳିଛି ସମ୍ମାନ
- ନିରନ୍ତର ପ୍ରୟାସ ଜାରି ରହିବ
- ମୋଦିଙ୍କ ଉଦ୍‌ବୋଧନ ଉତ୍ସାହ ଦେଇଛି

ଚଳିତ ବର୍ଷ ଦେଶର ୩୨ଜଣଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ ସ୍କୁଲର ୯ମ ଶ୍ରେଣୀ ଛାତ୍ର ଅନ୍ୱେଷ ଶୁଭମ ପ୍ରଧାନ ଅଛନ୍ତି। ସୋମବାର କେନ୍ଦ୍ରୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଭର୍ଚୁଆଲରେ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଏନ୍‌ଆଇସିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସିଧାସଳଖ ଅନ୍ୱେଷ କଥା ହୋଇଛନ୍ତି। ଏହି ସମୟରେ ଜିଲାପାଳ ସନତ୍ ମହନ୍ତି, ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଅନ୍ୱେଷଙ୍କ ବାପା ମାନସ ଓ ମା’ ଝରଣା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୱେଷଙ୍କ ଏହି ସଫଳତାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ ମାଧ୍ୟମରେ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ ମାଧ୍ୟମରେ ସମସ୍ତ ୩୨ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ଅନ୍ୱେଷଙ୍କୁ ପ୍ରଶଂସା କରିଛନ୍ତି।



ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ସହ ବିଜେତା ଅନ୍ୱେଷ କଥା ହେଉଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ସହ କଥା ହେବା ପରେ ଅନ୍ୱେଷ ବହୁତ ଖୁସି ଥିଲେ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ମୋତେ ଆଗକୁ ବଢ଼ିବାରେ ସହାୟକ ହେବ। ଜୀବନରେ ସଫଳତା ଓ ବିଫଳତା ଅଛି। ସଫଳତା ମିଳିବା ପର୍ଯ୍ୟନ୍ତ ନିରନ୍ତର ପ୍ରୟାସ ଜାରି ରଖ। ପ୍ରଧାନମନ୍ତ୍ରୀଙ୍କ ସହ ସ୍ୱଳ୍ପ ସମୟର ଉଦ୍‌ବୋଧନ ମୋ ମନରେ ଉତ୍ସାହ ଭରିଛି। ଏହି ପୁରସ୍କାର ମୋ ଭଳି ଅନେକ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଇବ। ସେମାନେ ମଧ୍ୟ ଦେଶର ଗୌରବ ହାସଲ କରିପାରିବେ। ଏହି ସଫଳତା ପଛରେ ମୋର ମା’,ବାପା ଏବଂ ସମସ୍ତ ଗୁରୁଜନ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଆର୍ଶୀବାଦ ରହିଛି। ନିଜ ମାଟି ଏବଂ ଦେଶ ପାଇଁ କିଛି କରିପାରିଲେ, ମୁଁ ନିଜକୁ ଗୌରବାନ୍ୱିତ ମନେ କରିବି ବୋଲି ଅନ୍ୱେଷ କହିଛନ୍ତି। ଢେଙ୍କାନାଳ ଜିଲା ହିନ୍ଦୋଳ ଆମ୍ବିଠିର ଅନ୍ୱେଷଙ୍କ ଘର ହୋଇଥିବା ବେଳେ ସେ ଉଚ୍ଚଶିକ୍ଷା ଲାଗି ଭୁବନେଶ୍ୱରରେ ସପରିବାର ସହ ରହୁଛନ୍ତି। ବାପା ମାନସ ପ୍ରଧାନ ସମ୍ବଲପୁର ଏସ୍‌ବିଆଇରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ଛାତ୍ରଜୀବନରୁ ଅନ୍ୱେଷ ୫୭୦ଟି ଜାତୀୟ ଓ ଅନ୍ତର୍ଜାତୀୟ ଅଲିମ୍ପିଆଡ ସ୍କଲାଷ୍ଟିକରେ ଅଂଶଗ୍ରହଣ କରି ଗୌରବ ଅର୍ଜନ କରିଛନ୍ତି। ଅନ୍ୱେଷଙ୍କ ସଫଳତାର ତାଙ୍କ ମା’ ବାପା ଖୁସି ବ୍ୟକ୍ତ କରିବା ସହ ଭର୍ଚୁଆଲରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବାର ସୁଯୋଗ ମିଳିଲା ବୋଲି କହିଛନ୍ତି। ପ୍ରକାଶ ଯେ, କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ପ୍ରଦାନ କରାଯାଇଥାଏ। ସମସ୍ତ ବିଷୟକୁ ତର୍ଜମା କରାଯିବା ପରେ ଏହି ପୁରସ୍କାର ଲାଗି ମନୋନୀତ କରାଯାଇଥାଏ।

# ୨୦% ଅଧିକ ଧାନ ସଂଗ୍ରହ ହୋଇଛି ମନ୍ତ୍ରୀ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ଚଳିତ ଖରିଫ ଧାନ ସଂଗ୍ରହ କାର୍ଯ୍ୟରେ ଆଶାନୁରୂପ ଅଗ୍ରଗତି ଘଟିଥିବାବେଳେ ଅଦ୍ୟାବଧି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ମୋଟ ୪୦ ଲକ୍ଷ ୬୬ ହଜାର ୫୭୧ ମେଟ୍ରିକ ଟନ ଧାନ ସଂଗୃହୀତ ହୋଇଛି। ଏହା ଗତବର୍ଷର ଏହି ତାରିଖ ତୁଳନାରେ ୨୦ ପ୍ରତିଶତ ଅଧିକ । ଗତବର୍ଷ ୩୩ ଲକ୍ଷ ୭୭ ହଜାର ୩୧ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିଲା । ଅଧିକାଂଶ ଜିଲାରେ ଧାନ ସଂଗ୍ରହ ଏଥର ଭଲ ହୋଇଛି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ପି-ପାସ୍ ଜରିଆରେ ଓ ପଞ୍ଜୀକୃତ ଚାଷୀଙ୍କୁ ଆଗୁଆ ଟୋକେନ ପ୍ରଦାନ ମାଧ୍ୟମରେ ଧାନ ସଂଗ୍ରହ କାର୍ଯ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। ଅଧିକ ଧାନ ସଂଗ୍ରହ ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ବରଗଡ଼ରେ ସର୍ବାଧିକ ୬ ଲକ୍ଷ ୯୩ ହଜାର ୬୦୬ ମେଟ୍ରିକ ଟନ, ବଲାଙ୍ଗୀରରେ ୩ ଲକ୍ଷ ୧୪ ହଜାର ୫୮୧ ମେଟ୍ରିକ ଟନ, ଗଞ୍ଜାମରେ ୧ ଲକ୍ଷ ୮୨ ହଜାର ୫୯୩ ମେଟ୍ରିକ ଟନ, କଳାହାଣ୍ଡିରେ ୪ ଲକ୍ଷ ୪୩ ହଜାର ୨୫୨ ମେଟ୍ରିକ ଟନ, କୋରାପୁଟରେ ୨ ଲକ୍ଷ ୪୩ ହଜାର ୮୧୭ ମେଟ୍ରିକ ଟନ ଧାନ ସଂଗୃହୀତ ହୋଇଛି। ସେହିପରି ଅନ୍ୟ ଜିଲାଗୁଡ଼ିକ ମଧ୍ୟରେ ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଓ ବୌଦ୍ଧରେ ଖରିଫ ଧାନ ଅଦ୍ୟାବଧି ସଂଗ୍ରହ ହୋଇଛି। ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ଗତବର୍ଷ ଏହିଦିନ ତୁଳନାରେ ବରଗଡ଼ରେ ୧୫ ପ୍ରତିଶତ, ବଲାଙ୍ଗୀରରେ ୩୩ ପ୍ରତିଶତ, ବୌଦ୍ଧରେ ୪୧ ପ୍ରତିଶତ, ଗଞ୍ଜାମରେ ୧୦ ପ୍ରତିଶତ, କଳାହାଣ୍ଡିରେ ୧୧ ପ୍ରତିଶତ, କୋରାପୁଟରେ ୨୭ ପ୍ରତିଶତ, ମାଲକାନଗିରିରେ ୬ ପ୍ରତିଶତ, ନବରଙ୍ଗପୁରରେ ୪୧ ପ୍ରତିଶତ, ନୂଆପଡ଼ାରେ ୨୪ ପ୍ରତିଶତ, ସମ୍ବଲପୁରରେ ୨୫ ପ୍ରତିଶତ, ସୁବର୍ଣ୍ଣପୁରରେ ୧୪ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୨୭ ପ୍ରତିଶତ ଅଧିକ ହୋଇଛି। ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ସଂଗ୍ରହ ଅର୍ଥ ବାବଦକୁ ବର୍ତ୍ତମାନ ସୁଦ୍ଧା ମୋଟ ୭ ହଜାର ୨୨୪ କୋଟି ଟଙ୍କା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ହସ୍ତାନ୍ତର ହୋଇଥିବା ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

## ଭାଜପା କହିଲା ମିଛ

ଅନ୍ୟପଟେ ଭାଜପା ମନ୍ତ୍ରୀଙ୍କ ଉତ୍ତର ଉପରେ ପ୍ରତିକ୍ରିୟା ରଖି ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି, ଓଡ଼ିଶାର ଲକ୍ଷାଧିକ ଚାଷୀ ଧାନ ଧରି ରାଜରାସ୍ତାରେ ବସିଛନ୍ତି । ଏହାସତ୍ତ୍ୱେ ରାଜ୍ୟ ସରକାର ସେମାନଙ୍କ ଧାନକୁ କିଣୁନାହାନ୍ତି। ଏ ବର୍ଷ ଧାନକିଣା ପାଇଁ କେନ୍ଦ୍ର ସରକାର ୧୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିଲେ ମଧ୍ୟ ଅଦ୍ୟାବଧି ଅର୍ଦ୍ଧାଧିକ ଜିଲାରେ ଧାନମଣ୍ଡି ଖୋଲିନାହିଁ। ରାଜ୍ୟରେ ୫୦ ପ୍ରତିଶତ ଚାଷୀଙ୍କ ଠାରୁ ଧାନ ଏଯାବତ୍ କିଣାହୋଇ ନ ଥିବାବେଳେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅଧିକ ଧାନ କିଣିଛନ୍ତି କହି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି ବୋଲି ଗୋଲକ ଅଭିଯୋଗ କରିଛନ୍ତି। ମନ୍ତ୍ରୀ ନିଜ ଜିଲା ଚାଷୀଙ୍କଠାରୁ ପ୍ରଥମେ ଧାନ ଉଠାନ୍ତୁ। ସରକାର ମିଲରମାନଙ୍କ ଦଲାଲ ସାଜିଛନ୍ତି । ରାଜ୍ୟରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ସରକାରଙ୍କ ଆଦୌ ପ୍ରଚେଷ୍ଟା ନାହିଁ । ସରକାରଙ୍କ ଅସହଯୋଗ ପାଇଁ ଲକ୍ଷାଧିକ ଚାଷୀ କୃଷକ ସମ୍ମାନ ନିଧି ଯୋଜନାରୁ ବଞ୍ଚିତ ରହିଛନ୍ତି ବୋଲି ଗୋଲକ କହିଛନ୍ତି।

# ଟ୍ରକ୍ ପଛକୁ ଧକ୍କା ଦେଲା ବିଧାୟକଙ୍କ ଗାଡ଼ି

**ରସୁଲପୁର,୨୫।୧(ଡି.ଏନ.ଏ.)**

## ବର୍ତ୍ତିଲେ ବିଷ୍ଣୁବ୍ରତ ରାଉତରାୟ

ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ । ସୋମବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସେ ଭୁବନେଶ୍ୱରରୁ ଭଦ୍ରକ ଯାଉଥିବା ବେଳେ ତାଙ୍କ ଗାଡି ଆଗରେ ଯାଉଥିବା ଏକ ଆନ୍ଧ୍ରା ଟ୍ରକ ପଛକୁ ଧକ୍କା ଦେଇଥିଲା । ଫଳରେ ତାଙ୍କ ଗାଡ଼ି (ଫର୍ଚୁନର/ନଂ. ଓଆର-୦୨ବିଇ-୨୩୦୦) ର ସମ୍ମୁଖ ଅଂଶ ଭାଙ୍ଗିରୁଜି ଯାଇଛି । ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ୧୬ନଂ. ଜାତୀୟ ରାଜପଥର ଗୋପାଳପୁର ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି । ଗାଡିର ଆଗ ସିଟ୍‌ରେ ବସି ଥିବା ବିଧାୟକ ରାଉତରାୟ ଓ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଗାଡିର ବେଲୁନ୍ ସେମାନଙ୍କୁ ଏକ ନିଶ୍ଚିତ ବିପଦରୁ ରକ୍ଷା କରିଛି । ସୂଚନା ଅନୁଯାୟୀ, ବିଧାୟକ ରାଉତରାୟ ଭୁବନେଶ୍ୱରରୁ ଭଦ୍ରକକୁ କାରରେ ଯାଉଥିବା ସମୟରେ ସମ୍ମୁଖରେ ଯାଉଥିବା ଟ୍ରକ ଆଗକୁ ହଠାତ୍ ଏକ ବାଇକ ଚାଳକ ପଶି ଆସିଥିଲେ। ବାଇକ୍ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଟ୍ରକ ଚାଳକ ଜୋରରେ ବ୍ରେକ୍ କଷି ଦେଇଥିଲେ। ଏହି ସମୟରେ ପଛରେ ଆସୁଥିବା ବିଧାୟକଙ୍କ ଗାଡି ଭାରସାମ୍ୟ ହରାଇ ଟ୍ରକ ପଛକୁ ଧକ୍କା ଦେଇଥିଲା । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ କେତେଜଣ ଜନପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ଥିଲେ । କିଛି ସମୟ ଅପେକ୍ଷା କରିବା ପରେ ବିଧାୟକ ରାଉତରାୟ ଆଉ ଏକ କାରରେ ଘରକୁ ଫେରି ଯାଇଥିଲେ ।

# କୃଷି ଆଇନ ପ୍ରତ୍ୟାହାର ନ ହେଲେ ଜିଲା, ବ୍ଲକସ୍ତରରେ ବିକ୍ଷୋଭ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ପ୍ରଣୀତ ୩ଟି କଳା କୃଷି ଆଇନର ତୁରନ୍ତ ପ୍ରତ୍ୟାହାର ସହ ଏମ୍‌ଏସ୍‌ପିରେ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ କରାଯାଉ। ଚାଷୀଙ୍କ ସମସ୍ତ ବଳକା ଧାନ ଯୁଦ୍ଧକାଳୀନ ଭିତ୍ତିରେ କ୍ରୟ କରିବା ଦାବି ନେଇ ଗତ ୧୯ରୁ ୨୨ ତାରିଖ ମଧ୍ୟରେ ସୁବର୍ଣ୍ଣପୁର, ବଲାଙ୍ଗୀର, ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କିଷାନ କଂଗ୍ରେସ ତରଫରୁ ପ୍ରତିବାଦ ଓ ବିକ୍ଷୋଭ କରାଯାଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି ଚାଷୀମାରଣ ନୀତି ବିରୋଧରେ କଂଗ୍ରେସ ଏଭଳି ପ୍ରଦର୍ଶନ କରିଛି। ଏହି ବିକ୍ଷୋଭ ପ୍ରଦର୍ଶନ ସଭାରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଯୋଗଦେଇ କେନ୍ଦ୍ର ସରକାର ଅବିଳମ୍ବେ ନିଃସର୍ତ୍ତରେ ଦେଶର ଚାଷ ଓ ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କଳା କୃଷି ଆଇନ ପ୍ରତ୍ୟାହାର କରିବା ସହ ସ୍ୱାମୀନାଥନ କମିଟି ସୁପାରିସ ଆଧାରରେ କୃଷି ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ବୃଦ୍ଧି କରିବା, ଏମ୍‌ଏସ୍‌ପିରେ ଆଇନଗତ ଗ୍ୟାରେଣ୍ଟି ନ ଦେବା ପର୍ଯ୍ୟନ୍ତ କୃଷକମାନଙ୍କ ଆନ୍ଦୋଳନକୁ କଂଗ୍ରେସ ପୂର୍ଣ୍ଣ ସମର୍ଥନ ଜଣାଇ ପ୍ରତି ପଞ୍ଚାୟତ ଓ ଗ୍ରାମସ୍ତରରୁ ଚାଷୀ ଆନ୍ଦୋଳନ ଦୁର୍ବାର ହେବ ବୋଲି ଅମିୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସରକାର କାଳବିଳମ୍ବ ନ କରି ଯୁଦ୍ଧକାଳୀନ ଭିତ୍ତିରେ ତୁରନ୍ତ ଚାଷୀଙ୍କଠାରୁ ଧାନ ନ ଉଠାଇଲେ କିଷାନ କଂଗ୍ରେସ ପକ୍ଷରୁ ସବୁ ବ୍ଲକ ଓ ପଞ୍ଚାୟତସ୍ତରରେ ଚାଷୀ ଆନ୍ଦୋଳନ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

# ଜାତୀୟ ମତଦାତା ଦିବସରେ ସବୁ ବିଭାଗରେ ହେଲା ସଂକଳ୍ପ ସଭା

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**– ଜାତୀୟ ମତଦାତା ଦିବସ ଉପଲକ୍ଷେ ଲୋକସେବା ଭବନର ବିଭିନ୍ନ ବିଭାଗରେ ସଂକଳ୍ପ ଗ୍ରହଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବିଭାଗର ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଶାସନ ସଚିବ, ଅତିରିକ୍ତ ଶାସନ ସଚିବଙ୍କ ସମେତ ବିଭିନ୍ନ ବର୍ଗର ଅଧିକାରୀ ଓ କର୍ମଚାରୀମାନେ କୋଭିଡ୍ ନିୟମ ପାଳନ ପୂର୍ବକ ସମ୍ପୃକ୍ତ ବିଭାଗରେ ସମବେତ ହୋଇ ସଂକଳ୍ପ ନେଇଛନ୍ତି। ସେହିପରି ଶିଳ୍ପ ବିଭାଗ ପକ୍ଷରୁ ସୋମବାର ଜାତୀୟ ମତଦାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଭାଗୀୟ ପ୍ରମୁଖ ସଚିବ ହେମନ୍ତ ଶର୍ମା ବିଭାଗର କର୍ମଚାରୀଙ୍କୁ ଶପଥ ପାଠ କରାଇଛନ୍ତି। ଏହାସହ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ତଥା ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ ଶର୍ମା ଜଣାଇଛନ୍ତି।

# ନିଶ୍ଚିନ୍ତକୋଇଲିକୁ କରୋନା ଫେରିଲା

**ନିଶ୍ଚିନ୍ତକୋଇଲି, ୨୫।୧(ସ୍ୱ.ପ୍ର./ଡି.ଏନ୍.ଏ.)**- କଟକ ଜିଲା ନିଶ୍ଚିନ୍ତ କୋଇଲି ବ୍ଲକରୁ ପୁଣି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସୋମବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୧୨ ଜଣ ପଜିଟିଭ ଚିହ୍ନଟ ହେବା ପରେ ବ୍ଲକରେ ଭୟର ବାତାବରଣ ଖେଳିଯାଇଛି। ସେମାନଙ୍କ ମଧ୍ୟରୁ ୯ ଜଣ ନିଶ୍ଚିନ୍ତକୋଇଲି ଓ ୩ ଜଣ ସାଲେପୁର ବ୍ଲକର ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ଅମ୍ରିତା ଜେନା ପ୍ରକାଶ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨୮ ଜଣଙ୍କ ଆଣ୍ଟିଜେନ୍ ଟେଷ୍ଟ ହୋଇଥିଲା।


**CLASSIFIED DISPLAY**

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋଣା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

ଋଣ ପାଆନ୍ତୁ
ଉମ୍ମୀଦ ଫାଇନାନ୍ସ
ଦ୍ୱାରା ଋଣ ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, କୃଷି, ଶିକ୍ଷା, ବ୍ୟବସାୟ, ଗ୍ରୁପ୍ ଋଣ, ମହିଳାଙ୍କ ପାଇଁ 24 ଘଣ୍ଟାରେ ବିନା ଫାଇଲ୍ ଚାର୍ଜରେ ।
2% ସୁଧ, 40% ସବ୍‌ସିଡି
New Ashok Nagar, East Delhi, Delhi
9821043617

BUSINESS
କୋରୋନା ଲକ୍‌ଡାଉନ ପରେ ଲକ୍ଷପତି ହେବାର ସୁବର୍ଣ୍ଣ ସୁଯୋଗ । ଫୋନ୍ ଉଠାନ୍ତୁ ଏବଂ କଲ୍ କରନ୍ତୁ, ଜବାବ ଦିଅନ୍ତୁ ଭାଗ୍ୟଶାଳି ହେବାର ସୁଯୋଗ ଆପଣାନ୍ତୁ ।
8226999000

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

NEW YEAR DHAMAKA
DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

NAB (REGD.)
NAB (Regd.) ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ସମସ୍ତ ସମସ୍ୟାର ଉପାୟ
ମାର୍କସିଟ | ଆଧାରକାର୍ଡ | କୃଷି | ପଶୁପାଳନ | ସମ୍ପତି | ଲଘୁ ଉଦ୍ୟୋଗ | ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396011863

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**ମନେ ପଡ଼ନ୍ତି**

**ଦଶାହ ଉପଲକ୍ଷେ**



ସ୍ୱର୍ଗତା ସବିତା ମିଶ୍ର
ସ୍ୱାମୀ- କୃଷ୍ଣଚନ୍ଦ୍ର ମିଶ୍ର
ଧାନକୋଠୀ ସାହି, ପୁରୀ
ଆବିର୍ଭାବ: ୦୩।୧୦।୧୯୫୫
ତିରୋଧାନ: ୧୭।୦୧।୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ହତଭାଗ୍ୟ: ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି- ନାତୁଣୀ: ଗୁଗୁଲି, ଚଗଲି, ଓମ୍, ସୋମ୍, ବନ୍ଧୁ ଓ ପରିବାର ।
ଧ-୧୯୭୨୭

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଂମଞ୍ଜୁଳା ଭୂୟାଁ
ସ୍ୱାମୀ- ସନ୍ତୋଷ କୁମାର ଭୂୟାଁ
ଆବିର୍ଭାବ- ୧୯୫୧
ତିରୋଧାନ- ୧୬.୦୧.୨୦୨୧
ପ୍ଲଟ୍ ନଂ-୭୨୪, ନୟାପଲ୍ଲୀ, ଭୁବନେଶ୍ୱର
ତୁମେ ଥିଲ ସ୍ନେହ, ଶ୍ରଦ୍ଧାର ମୂର୍ତ୍ତିମନ୍ତ ପ୍ରତୀକ । ତୁମର କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ତ୍ୟାଗ ଓ ଆଦର୍ଶକୁ ପାସୋରି ହେବନାହିଁ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
-: ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର- ଶ୍ୟାମା ପ୍ରସାଦ ଭୂୟାଁ
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୭୦୫୧୦

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରମାମଣି ରଥ
ପ୍ଲଟ୍ ନଂ. ୪୭, ଶାସ୍ତ୍ରୀ ନଗର, ୟୁନିଟ୍-୪
ଭୁବନେଶ୍ୱର
ଆବିର୍ଭାବ ୧୯୪୭
ତିରୋଧାନ: ୨୦୧୯ ଜାନୁୟାରୀ ୧୯ ତ୍ରୟୋଦଶୀ
ବୋଉ, ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ, ପରିବାରବର୍ଗ ।
ଧ-୧୯୭୨୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଆର୍ତ୍ତତ୍ରାଣ ମହାକୁଡ
ଅବସରପ୍ରାପ୍ତ ବରିଷ୍ଠ ପରିସଂଖ୍ୟାନ ନିରୀକ୍ଷକ
କଣ୍ଟାପାଳ, ଢେଙ୍କାନାଳ
ଆବିର୍ଭାବ: ୦୭।୦୧।୧୯୩୬
ତିରୋଧାନ: ୦୮।୦୧।୨୦୨୦
(ପ୍ରଥମ ଶ୍ରାଦ୍ଧବାର୍ଷିକ- ୨୬।୦୧।୨୦୨୧ ତ୍ରୟୋଦଶୀ)
ଚାହୁଁ ଚାହୁଁ ବର୍ଷେ ଆମକୁ ଛାଡ଼ି ଆପଣ କେଉଁ ଅଫେରା ରାଇଜକୁ ଚାଲିଗଲ। ଆପଣ ଯେଉଁଠି ଥାଆନ୍ତୁ ନା କାହିଁକି ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।
-:ଶୋକସନ୍ତପ୍ତ:-
ପତ୍ନୀ: ସୁକାନ୍ତି, ପୁଅ: ବୁଲୁ, ଟୁଲୁ, ସିଲୁ, ଲୁଲୁ, ବୋହୂ: ମମତା, ରାଜଶ୍ରୀ, ସସ୍ମିତା, ମୀନାକ୍ଷୀ, ଝିଅ: ପ୍ରଭାସିନୀ, ଜ୍ୱାଇଁ: ନରେଶ, ଶ୍ରୀକାନ୍ତ, ନାତି-ନାତୁଣୀ: ଲକି, ବିକି, ଶକ୍ତି, ମୁକ୍ତି, ସ୍ନେହା, ଖୁସବୁ, ପୂର୍ବାଶା, ଲିଜା, ଲିମା, ଲିସା, ପିନୁ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୭୦୩୧୦

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଯୋଗୀନାଥ ମହାନ୍ତି
ଆବିର୍ଭାବ: ୦୨,ନଭେମ୍ବର,୧୯୪୬
ତିରୋଧାନ: ୧୬, ଜାନୁୟାରୀ,୨୦୨୧
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶ୍ରଦ୍ଧାଞ୍ଜଳି ସହିତ:-
ପତ୍ନୀ: କୃଷ୍ଣପ୍ରିୟା ମହାନ୍ତି, ଝିଅ: ମୌସୁମୀ ରାୟ, ମୋନାଲିସା ମିଶ୍ର, ଲୋପାମୁଦ୍ରା ତ୍ରିପାଠୀ, ଜ୍ୱାଇଁ: ସୌମ୍ୟକାନ୍ତ, ସତ୍ୟବ୍ରତ, ସନ୍ଦୀପ, ପୁତ୍ର: ଦେବାଶିଷ ମହାନ୍ତି, ପୁତ୍ରବଧୂ: ସୁନୀତା ମହାନ୍ତି, ନାତି-ନାତୁଣୀ: ମେଘା, ମେଧା, ରୁଦ୍ର, ସାନ୍ୱି ।
ଧ-୧୯୭୩୪

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଇଂଲଣ୍ଡ ସିରିଜ ବିଜୟୀ

**ଗାଲେ, ୨୫।୧**

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟକୁ ଇଂଲଣ୍ଡ ୬ ଉଇକେଟରେ ଜିତି ନେଇଛି। ଏହା ଦ୍ୱାରା ଦଳ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୦ରେ କ୍ଲିନ୍ ସୁଇପ୍ କରି ବିଜୟ ହାସଲ କରିଛି। ସୋମବାର ଚତୁର୍ଥ ଦିବସ ଖେଳରେ ୧୬୪ ରନର ବିଜୟ ଲକ୍ଷ୍ୟକୁ ପିଛା କରିବା ବେଳେ ଇଂଲଣ୍ଡ ଏକଦା ୮୯ ରନରେ ଏହାର ୪ ବ୍ୟାଟ୍ସମ୍ୟାନଙ୍କୁ ହରାଇଥିଲା। ମାତ୍ର ୫ମ ଉଇକେଟରେ ଜୋସ୍ ବଟଲର (୪୬*) ଓ ଡମ୍ ସିବ୍‌ଲି (୫୬*)ଙ୍କ ମଧ୍ୟରେ ଅପରାଜିତ ୭୫ରନ ପାର୍ଟନରଶିପ୍ ଯୋଗୁ ଦଳ ବିଜୟ ଲକ୍ଷ୍ୟ ହାସଲ କରିପାରିଥିଲା। ଗତ ୩ଟି ଇନିଂସରେ ମାତ୍ର ୬ ରନ କରିଥିବା ସିବ୍‌ଲି ଠିକଣା ସମୟରେ ଫର୍ମକୁ ଫେରିଥିଲେ। ଫାଇନାଲ ଇନିଂସରେ ସେ ଉପଯୋଗୀ ଅର୍ଦ୍ଧଶତକ ହାସଲ କରିଥିଲେ। ସୋମବାର ପୂର୍ବଦିନର ଅସମାପ୍ତ ସ୍କୋର ୩୩୯/୯ରୁ ଖେଳ ଆରମ୍ଭ କରିବା ପରେ ଇଂଲଣ୍ଡ ୩୪୪ରେ ଅଲ୍‌ଆଉଟ ହୋଇଯାଇଥିଲା। ପ୍ରଥମ ଇନିଂସରେ ୩୭ ରନ ଅଗ୍ରଣୀ ଲାଭ କରିଥିବା ଶ୍ରୀଲଙ୍କା କିନ୍ତୁ ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୨୬ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଇଂଲଣ୍ଡର ଦୁଇ ସ୍ପିନର ଜ୍ୟାକ୍ ଲିଚ୍ ଓ ଡୋମିନିକ୍ ବେସ୍ ମିଳିତ ଭାବେ ୮ ଉଇକେଟ ନେଇ ଘରୋଇ ଦଳର ପତନ ଘଟାଇଥିଲେ। ଫଳରେ ଇଂଲଣ୍ଡ ପାଇଁ ଦ୍ୱିତୀୟ ଇନିଂସରେ ମାତ୍ର ୧୬୪ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଇଂଲଣ୍ଡ ବର୍ତ୍ତମାନ ୪ ଟେଷ୍ଟ, ୫ ଅନ୍ତର୍ଜାତୀୟ ଟି୨୦ ଏବଂ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବା ଲାଗି ଭାରତ ଗସ୍ତ କରିବ।


ଟ୍ରଫି ସହ ଜୋ ରୁଟ୍।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ: ୩୮୧
ଇଂଲଣ୍ଡ ପ୍ରଥମ ଇନିଂସ: ୩୪୪
ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୩୫.୫ ଓଭରରେ ୧୨୬/ ଅଲଆଉଟ (ଲସିଥ ଏମ୍ବୁଲଡେନିୟା-୪୦, ବେସ୍-୪/୪୯, ଜ୍ୟାକ୍ ଲିଚ୍-୪/୫୯)।
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୬୪/୪ ( ଡୋମିନ୍ ସିବ୍‌ଲି-୫୬*, ଜୋସ୍ ବଟଲର-୪୬*, ଲସିଥ ଏମ୍ବୁଲଡେନିୟା-୩/୭୩)।

## ସିନିୟର ମହିଳା ଦଳର ଦ୍ୱିତୀୟ ପରାଜୟ

**ବୁଏନସ ଏୟାର୍ସ, ୨୫।୧ (ପି.ଟି.):** ଆର୍ଜେଣ୍ଟିନା ଟୁର୍‌ରେ ଥିବା ଭାରତର ସିନିୟର ମହିଳା ହକି ଦଳ ଏକ ରୋମାଞ୍ଚକ ମ୍ୟାଚ୍‌ରେ ଆୟୋଜକ ଦେଶର ବି' ଦଳଠାରୁ ୨-୩ ଗୋଲରେ ପରାସ୍ତ ହୋଇଛି। ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଭାରତ ପକ୍ଷରୁ ସାଲିମା ଟେଟେ (୬ଷ୍ଠ) ଏବଂ ଗୁର୍ଜିତ୍ କୌର (୪୨ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବାବେଳେ ଘରୋଇ ଦଳ ତରଫରୁ ସୋଲ ପାଗେଲା (୨୫ତମ) କନଷ୍ଟାଞ୍ଜା ସେରୁଣ୍ଡୋଲୋ (୩୮ତମ) ଓ ଅଗଷ୍ଟିନା ଗୋର୍ଜେଲାନି (୩୯ତମ) ଗୋଲ ଦେଇଥିଲେ। ଚଳିତ ସପ୍ତାହରେ ଭାରତୀୟ ଦଳ ବିଶ୍ୱର ୨ନମ୍ବର ର୍‌ୟାଙ୍କିଂପ୍ରାପ୍ତ ତଥା ଆର୍ଜେଣ୍ଟିନାର ସିନିୟର ଦଳ ସହ ମୁକାବିଲା କରିବ। ଏହି ଦଳ ବିପକ୍ଷରେ ଖେଳାଯିବାକୁଥିବା ୪ଟି ମ୍ୟାଚରେ ଭାରତ ଏହାର ଶ୍ରେଷ୍ଠ ଦଳ ପଡ଼ିଆକୁ ଓହ୍ଲାଇବ ବୋଲି ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ପ୍ରକାଶ କରିଛନ୍ତି।

## କ୍ରୀଡ଼ା ଛାତ୍ରାବାସ ଖୋଲିବା ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୨୫।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଅତିରିକ୍ତ ଗାଇଡ୍‌ଲାଇନ୍ ସହ ରାଜ୍ୟର କ୍ରୀଡ଼ା ଛାତ୍ରାବାସଗୁଡ଼ିକ ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଜଣେ ଅଫିସର ନୋଡାଲ ଅଫିସର ଭାବେ ଦାୟିତ୍ୱ ତୁଲାଇବେ, ଯିଏକି ଦୈନିକ ହଷ୍ଟେଲ ପରିଦର୍ଶନରେ ଯିବା ସହ ରିପୋର୍ଟ ଉପସ୍ଥାପନ କରିବେ। କୋଭିଡ୍ ପ୍ରୋଟୋକଲକୁ ଠିକଣା ରୂପେ ଅନୁପାଳନ କରାଯାଉଛି କି ନା ତାହା ନିୟମିତ ବ୍ୟବଧାନରେ ଯାଞ୍ଚ କରି ଦେଖିବା ଲାଗି ଜିଲାର ଜଣେ ସିନିୟର ପଦାଧିକାରୀଙ୍କୁ ନିଯୁକ୍ତି ଦିଆଯାଇପାରେ। ନିୟମିତ ଭାବେ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଜଣେ ମେଡିକାଲ ଅଫିସରଙ୍କ ସହାୟତା ନିଆଯିବ। ଅନ୍ତେବାସୀମାନେ ହଷ୍ଟେଲରେ ପହଞ୍ଚିବା ପୂର୍ବରୁ ହଷ୍ଟେଲଗୁଡ଼ିକର ସମ୍ପୂର୍ଣ୍ଣ ସାନିଟାଇଜ୍ କରାଯିବ। ହଷ୍ଟେଲରେ ରିପୋର୍ଟିଂ ପୂର୍ବରୁ ସମସ୍ତ ଅନ୍ତେବାସୀ, ସପୋର୍ଟ ଷ୍ଟାଫ୍/ଅଫିସିଆଲଙ୍କୁ ସାଥୀରେ କୋଭିଡ୍ ଟେଷ୍ଟ ନେଗେଟିଭ୍ ସାର୍ଟିଫିକେଟ ଆଣିବାକୁ ପଡ଼ିବ। ହଷ୍ଟେଲରେ ପ୍ରବେଶ ସ୍ଥଳରେ ସମସ୍ତ ଅନ୍ତେବାସୀ ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ଆଣ୍ଟିଜେନ୍ କୋଭିଡ୍ ଟେଷ୍ଟ ବ୍ୟବସ୍ଥା କରାଯାଇପାରେ। ପଜିଟିଭ୍ ନଜରକୁ ଆସିଲେ ସମ୍ପୃକ୍ତଙ୍କୁ ହଷ୍ଟେଲରେ ରହିବାକୁ ଅନୁମତି ପରିବର୍ତ୍ତେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଯିବା ବ୍ୟବସ୍ଥା କରାଯିବ। ଅନ୍ତେବାସୀଙ୍କ ପିତାମାତା ଅବା ଅଭିଭାବକଙ୍କୁ ହଷ୍ଟେଲ ମନା ରହିଛି। ଅନ୍ତେବାସୀଙ୍କୁ କୌଣସି ପରିସ୍ଥିତିରେ ହଷ୍ଟେଲ ବାହାରକୁ ଯିବା ଅନୁମତି ମିଳିବ ନାହିଁ। ସ୍ପୋର୍ଟ୍ସ ହଷ୍ଟେଲ ଇନ୍‌ଚାର୍ଜ ଅବା ସମ୍ପୃକ୍ତ କୋଚ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନେ ଅଭ୍ୟାସ ସ୍ଥଳକୁ ଯାଇ ପାରିବେ। ସ୍ପୋର୍ଟ୍ସ ହଷ୍ଟେଲ ଇନଚାର୍ଜ ପ୍ରତ୍ୟହ ଅପରାହ୍ନ ୫ଟା ସୁଦ୍ଧା ତାଙ୍କ ଦୈନିକ ରିପୋର୍ଟ ଉପସ୍ଥାପନ କରିବେ। ଜାନୁୟାରୀ ୨୭ରେ ସ୍ପୋର୍ଟ୍ସ ହଷ୍ଟେଲଗୁଡ଼ିକ ଖୋଲିବ। ଜାନୁୟାରୀ ୧ ତାରିଖ ୨୦୨୧ ସୁଦ୍ଧା ଯେଉଁମାନଙ୍କ ବୟସ ୧୪ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ ସେମାନେ ହଷ୍ଟେଲରେ ରହିପାରିବେ। ହଷ୍ଟେଲର କେବଳ ୫୦ ପ୍ରତିଶତ ଆସନ ପୂରଣ କରାଯିବ।

## ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୨୫।୧(କ୍ରୀଡ଼ା ପ୍ରତିନିଧି)**


ସବ୍‌ଜୁନିୟର ବାଳିକା ବିଭାଗରେ ଅନୁଷ୍ଠିତ ମ୍ୟାଚ୍।

ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ (ଓଏସ୍‌ଟିଟିଏ) ଆନୁକୂଲ୍ୟରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୨୬ତମ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଗ୍ରୁପ୍ ଲିଗ୍ ମ୍ୟାଚ ପରେ ସବ୍‌ଜୁନିୟର ବାଳିକା ସିଙ୍ଗଲ୍ସରେ ସାକ୍ଷୀ ଭଗତ, ସ୍ୱସ୍ତିକା ଅଦାବାର, ସାନିଆ ମିଶ୍ର, ଉର୍ଜା ବର୍ମା, ଶ୍ୱେତା ପି. ଦଳାଇ ଓ ଏମ୍.ବି.ବି. ପଣ୍ଡା ସୁପରଲିଗ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ସବ୍‌ଜୁନିୟର ବାଳକ ସିଙ୍ଗଲ୍ସରେ ଅନିନ୍ଦ୍ୟ ଦାସ ଓ ଏସ.ଏସ. ଆନନ୍ଦ ଏବଂ ଜିଜ୍ଞାସୁ ସାହୁ ଓ ଅର୍ଚ୍ଚିତ ବେହେରାଙ୍କ ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ସୋମବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଅନିନ୍ଦ୍ୟ ୩-୨ରେ ଫରଜ ରାଜାଙ୍କୁ, ଆନନ୍ଦ ୩-୧ରେ ସୁଫିଆନ ତାଜି, ଜିଜ୍ଞାସୁ ୩-୧ରେ ଆୟାନ ମୁସ୍ତାକ ଏବଂ ଅର୍ଚ୍ଚିତ ୩-୧ରେ ରାକେଶ ରାଉତଙ୍କୁ ପରାସ୍ତ କରିଛନ୍ତି।

## ୟୁନିକ-ରାମେଶ୍ୱର ଫାଇନାଲରେ ଭେଟ

**ଭଣ୍ଡାରିପୋଖରୀ, ୨୫।୧ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ରଘୁନାଥପୁର ଖେଳପଡ଼ିଆରେ ଚାଲିଥିବା ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଅନୁଷ୍ଠିତ ମ୍ୟାଚରେ ଇଲେଭେନ ଷ୍ଟାର ଯାଜପୁରକୁ ହରାଇ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ରାମେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୧୯ ରନ କରିଥିଲା। ଦଳ ପକ୍ଷରୁ ଗିରିଜା ମିଶ୍ର ସର୍ବାଧିକ ୬୮ ରନ କରିଥିଲେ। ଜବାବ ରେ ଇଲେଭେନ ଷ୍ଟାର ୧୪୩ ରନ କରି ଅଲ ଆଉଟ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ମ୍ୟାଚରେ ୟୁନିକ କ୍ରିକେଟ ଏକାଡେମୀ ଭଦ୍ରକ ଇଷ୍ଟ କୋଷ୍ଟ ରେଲୱେକ ପରାସ୍ତ କରିଥିଲା। ୟୁନିକ ଏକାଡେମୀ ୧୮ ଓଭର ରେ ୯ ଉଇକେଟ ହରାଇ ୧୮୪ ରନ କରିଥିଲା। ଦଳର କ୍ଷମା ସାଗର ବଳ ୯ ଛକା ଓ ୭ ଚୌକା ସହାୟତାରେ ୮୭ ରନ କରିଥିଲେ। ଜବାବରେ ଇଷ୍ଟ କୋଷ୍ଟ ୧୭୧ ରନ କରି ଅଲ ଆଉଟ ହୋଇଥିଲା। ଜୋତି ରଞ୍ଜନ ବେହେରା ସର୍ବାଧିକ ୫୮ ରନ କରିଥିଲେ। ଲଲାଟ କେଶରୀ ନନ୍ଦ, ଶରତ ଚନ୍ଦ୍ର ଜେନା ଅମ୍ପାୟର, ଜୟନ୍ତ ନାୟକ, ଚିନ୍ମୟ ରାଉତରାୟ ସ୍କୋରର, ପ୍ରଦୀପ୍ତ ନାୟକ, ବିଷ୍ଣୁ ବୋଇତାଇ ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ୟୁନିକ ଏକାଡେମୀର କ୍ଷମା ସାଗର ବଳଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଜ୍ୟ ଟାଏକୋଣ୍ଡୋ ସେମିନାରରେ ୧୫୦ ଭାଗନେଲେ



କୃତୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

**ଭୁବନେଶ୍ୱର, ୨୫।୧(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଟାଏକୋଣ୍ଡୋର ସେମିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଜିଲାରୁ ୧୫୦ ଖେଳାଳି ଓ ପ୍ରଶିକ୍ଷକ ଅଂଶଗ୍ରହଣ କରିଥିଲେ। ୩ ଦିନଧରି ଚାଲିଥିବା ଏହି ସେମିନାରରେ ରାଜ୍ୟ ରେଫରି, ପ୍ରଶିକ୍ଷକ ଏବଂ ବ୍ଲାକ୍‌ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଅନ୍ତର୍ଜାତୀୟ ରେଫରି ସୁନ୍ଦରମଣି ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପରୀକ୍ଷା ହୋଇଥିଲା। ଏଥିରେ ସମ୍ପାଦକ ଚିନ୍ମୟ ବେହେରା, ଢେଙ୍କାନାଳ ଜିଲା ସଭାପତି ସାହିର ମହମ୍ମଦ, ସମ୍ପାଦକ ସନ୍ଦୀପ କୁମାର ସାହୁ ଏବଂ ପ୍ରଭାତ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଓଡ଼ିଶା କରାଟେ, ରାଇଫଲ ଏବଂ ପାୱାରଲିଫ୍ଟିଂ ଆସୋସିଏଶନ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ଟାଏକୋଣ୍ଡୋ ଖେଳରେ ଗୋଡ଼ର ଫିଟ୍‌ନେସ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଟିପ୍ସ ପ୍ରଦାନ କରିଥିଲେ। ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଚନ୍ଦ୍ରଶେଖର ପତି ଅନ୍ୟତମ ଅତିଥିଭାବେ ଯୋଗଦେଇ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ରେଫରି ବିକାଶ କୋର୍ସର ଦ୍ୱିତୀୟ ପର୍ଯ୍ୟାୟ ଶେଷ

**ଭୁବନେଶ୍ୱର, ୨୫।୧(କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଆଇଏଫ୍‌ଏଫ୍), ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ଚାଲିଥିବା କ୍ୟାଟେଗୋରି-୫ ରେଫରି ବିକାଶ କୋର୍ସର ଦ୍ୱିତୀୟ ପର୍ଯ୍ୟାୟ ସୋମବାର ଶେଷ ହୋଇଛି। ଏଥିରେ ୭ ମହିଳାଙ୍କୁ ମିଶାଇ ମୋଟ ୩୦ ଜଣ ଅଂଶଗ୍ରହଣ କରିଥିଲେ। କର୍ନାଟକର ଜି. ମୂର୍ତ୍ତି, ପଶ୍ଚିମବଙ୍ଗର ପିଜୁସ ବିଶ୍ୱାସ ଇନ୍‌ଷ୍ଟ୍ରକ୍ଟର ଦାୟିତ୍ୱ ତୁଲାଇଥିବାବେଳେ ଫାଓର ରେଫରି ବିଭାଗ ମୁଖ୍ୟ ଦୁର୍ଗା ମାଧବ ନାଏକ ସଂଯୋଜକ ଦାୟିତ୍ୱ ନିର୍ବାହ କରିଥିଲେ। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସଚିବ ତଥା କଳିଙ୍ଗ ଷ୍ଟାଡିୟମ ପ୍ରଶାସନିକ ଅଧିକାରୀ ମଧୁସୂଦନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିନିୟର କୋଚ୍ ତଥା ଟେକ୍ନିକାଲ ସେଲ୍ ସଦସ୍ୟ ରାଜେନ୍ଦ୍ର ପ୍ରସାଦ ପାଣି, ହୃଦୟ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ରେଫ୍‌ରି ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଭାଗ ନେଇଥିବା ବ୍ୟକ୍ତିମାନେ ଅତିଥିଙ୍କ ସହ।

## ଫିଟ୍‌ନେସ୍ ଟେଷ୍ଟ ଦେବେ ୧୪୭ ଖେଳାଳି


ପ୍ରଭଞ୍ଜନ ମଲିକ

**ଭୁବନେଶ୍ୱର, ୨୫।୧(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଆଗାମୀ ଟୁର୍ନାମେଣ୍ଟଗୁଡ଼ିକୁ ଦୃଷ୍ଟିରେ ରଖି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସମ୍ପର୍କରେ ଓସିଏ ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମୋଟ ୧୪୭ ଖେଳାଳିଙ୍କୁ ଫିଟ୍‌ନେସ ଟେଷ୍ଟ ପାଇଁ ଡକାଯିବ। କ୍ୟାମ୍ପ ଅବସରରେ ଚଳିତମାସ ୨୮ ତାରିଖରୁ ଫିଟ୍‌ନେସ ଟେଷ୍ଟ ଏବଂ ଫେବୃୟାରୀ ୧ରୁ ଟ୍ରାଏଲ ମ୍ୟାଚ ଆରମ୍ଭ ହେବ। ଏଥିରେ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଖେଳିଥିବା ୨୦ ଖେଳାଳି, ଓସିଏଲ ଟି୨୦ରେ ଭାଗ ନେଇଥିବା ୯୬ ଖେଳାଳି, ବିସିସିଆଇ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟ ହୋଇଥିବା ୧୯ ବର୍ଷରୁ କମ୍ ୧୩ ଖେଳାଳି, ଆହତ କାରଣରୁ ଆନ୍ତଃଜିଲା ଟି୨୦ରେ ସାମିଲ ହୋଇପାରି ନ ଥିବା ୨ ଖେଳାଳି, ଓସିଏଲରେ ଖେଳି ନ ଥିଲେ ହେଁ ଆନ୍ତଃଜିଲା ଟି୨୦ରେ ପ୍ରଭାବିତ କରିଥିବା ୧୬ ଖେଳାଳି ଏଥିରେ ସାମିଲ ହେବେ ବୋଲି ପ୍ରଭଞ୍ଜନ କହିଛନ୍ତି।

## ଏସ୍‌ଆର ଚେସ୍: ତନ୍ମୟ ଚାମ୍ପିୟନ

**ଭୁବନେଶ୍ୱର, ୨୫।୧(କ୍ରୀଡ଼ା ପ୍ରତିନିଧି)**

ଏସ୍‌ଆର ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ୨୬ତମ ଅନ୍‌ଲାଇନ୍ ଚେସ୍ ଚାମ୍ପିୟନଶିପ୍‌ରେ ତନ୍ମୟ ତ୍ରିପାଠୀ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଭୁବନେଶ୍ୱର ଷ୍ଟୁଆର୍ଟ ସ୍କୁଲର ତନ୍ମୟ ୪.୫ ପଏଣ୍ଟ ପାଇ ତୃତୀୟ ଥର ପାଇଁ ଏହି ଗୌରବ ଅର୍ଜନ କରିଛନ୍ତି। ଡିପିଏସ କଳିଙ୍ଗାର ପ୍ରତୀକ ଚୌରାସିଆ ୪ ପଏଣ୍ଟ ସହ ରନର୍ସଅପ୍ ହୋଇଛନ୍ତି। ଆସାମର ଜ୍ୟୋତ୍ସବ ତାଲିକଦାର (୪) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗରେ ଦକ୍ଷିଣ ଆଫ୍ରିକାର ଡେଭିନ ଡ୍ୱାଲ୍ (୩.୫), ଧୀର ଚାୱାଲ (୨.୫), ପଞ୍ଜାବର ସାର୍ଥକ ସିଙ୍ଘଲ(୩), ହାଇଦ୍ରାବାଦର ଶିବାଂଶ ମିଶ୍ର (୩), ଆଦିତ୍ୟ ବିକ୍ରମ ମିଶ୍ର (୨.୫) ଶ୍ରେଷ୍ଠ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ଏସ୍‌ଆର୍ ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ପରିଚାଳନାରେ ଡ. ମାନସ ରଞ୍ଜନ ମିଶ୍ର ଓ ସତ୍ୟଜିତ ପଟ୍ଟନାୟକ ସହାୟତା କରିଥିଲେ। ଏଥିରେ ବିଭିନ୍ନ ଦେଶ ଓ ରାଜ୍ୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।


ତନ୍ମୟ ତ୍ରିପାଠୀ

## ମୌମାଙ୍କ ସମେତ ୬ଜଣଙ୍କୁ ପଦ୍ମଶ୍ରୀ

**ନୂଆଦିଲ୍ଲୀ, ୨୫।୧(ପି.ଟି.)**

ଦେଶର ୭୨ତମ ସାଧାରଣତନ୍ତ୍ର ଦିବସ ଅବସରରେ ଭେଟେରାନ ଟେବୁଲ ଟେନିସ ଖେଳାଳି ମୌମା ଦାସଙ୍କ ସମେତ ୬ ଜଣ ପଦ୍ମଶ୍ରୀ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ମୌମାଙ୍କ ବ୍ୟତୀତ, ପି. ଅନିତା, ମାଧବନ ନାମ୍ବିଆର, ସୁଦ୍ଧା ହରିନାରାୟଣ ସିଂ, ବୀରେନ୍ଦର ସିଂ ଏବଂ କେ.ୱାଇ. ଭେଙ୍କଟେଶଙ୍କୁ ମଧ୍ୟ ଚଳିତ ବର୍ଷ କ୍ରୀଡ଼ା କାଟେଗୋରୀରେ ଏହି ସମ୍ମାନଜନକ ପୁରସ୍କାର ପାଇବେ। ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଥାଏ। ରାଷ୍ଟ୍ରପତିଙ୍କ ଦ୍ୱାରା ସେମାନେ ସମ୍ମାନିତ ହୋଇଥାନ୍ତି।

## ଭୁବନେଶ୍ୱର 'ବି' ୧୮୧ ରନରେ ବିଜୟୀ

**ଓସିଏ ଆନ୍ତଃଜିଲା ୧୯ ବର୍ଷରୁ କମ୍ କ୍ରିକେଟ**
- ସୋହେଲଙ୍କ ଶତକ
- ସୁନୀଲ ବେହେରା, ହରଜିତ ସିଂଙ୍କୁ ୫ ଉଇକେଟ

**ଭୁବନେଶ୍ୱର, ୨୫।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଅନୁଷ୍ଠିତ ମ୍ୟାଚରେ ଯାଜପୁର, ଭଦ୍ରକ, ପୁରୀ, ବରଗଡ଼, ଭୁବନେଶ୍ୱର ଓ ବାଲେଶ୍ୱର ଦଳ ବିଜୟ ହାସଲ କରିଛନ୍ତି।

ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚରେ ଯାଜପୁର ୧୭୭ ରନରେ ନବରଙ୍ଗପୁରକୁ ହରାଇ ଦେଇଛି। ଯାଜପୁର ୪୮ ଓଭରରେ ୨୮୦ ରନରେ ଅଲ୍‌ଆଉଟ ହୋଇଥିଲା। ଶତକ ହାସଲକାରୀ ମହମ୍ମଦ ସୋହେଲ (୧୨୪ ରନ, ୧୨୭ ବଲ, ୧୩ ଚୌକା, ୧ ଛକା) ଟପ୍ ସ୍କୋରର ଥିଲେ। ଅତିରିକ୍ତ ଭାବେ ପ୍ରତିପକ୍ଷ ବୋଲର ୩୯ ରନ ବ୍ୟୟ କରିଥିଲେ। ଅମୃତ ମହାପାତ୍ର ୪ଟି ଏବଂ ଦୀନେଶ ଶ୍ରୀବାସ୍ତବ ୩ଟି ଉଇକେଟ ନେଇଥିଲେ। ୨୮୧ ରନ ବିଜୟ ଲକ୍ଷ୍ୟରେ ନବରଙ୍ଗପୁର ୨୩.୩ ଓଭରରେ ୧୦୩ ରନକରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ସୁନୀଲ ବେହେରା ୩୭ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିବାବେଳେ ବିଭୂତି ଚମତ୍କାର ବୋଲିଂ କରି ୩ଟି ଉଇକେଟ ଅକ୍ତିଆର କରିଥିଲେ। ନିମପୁର ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଭଦ୍ରକ ୭ ଉଇକେଟରେ ଗଜପତିକୁ ହରାଇ ଦେଇଛି। ଗଜପତି ୪୩ ଓଭରରେ ୧୩୬ ରନକରି ଅଲଆଉଟ ହୋଇଥିଲା। ବିପକ୍ଷ ଦଳର ବୋଲରମାନେ ସର୍ବାଧିକ ୩୬ ରନ ଅତିରିକ୍ତଭାବେ ବ୍ୟୟ କରିଥିଲେ। ମୀର କାଫିରୁଦ୍ଦିନ ୩ଟି ଓ କୁମାର କେ. ସାହୁ ୨ଟି ଉଇକେଟ ନେଇଥିଲେ। ୧୩୭ ରନ ବିଜୟ ଲକ୍ଷ୍ୟକୁ ଭଦ୍ରକ ୨୩ ଓଭରରେ ମାତ୍ର ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଧିନାୟକ ସୂର୍ଯ୍ୟ ମହାପାତ୍ର ୫୬(୪୯ ବଲ, ୭ ଚୌକା, ୧ ଛକା) ରନ କରି ଆଉଟ ହୋଇଥିବାବେଳେ ଆକାଶ ମହାପାତ୍ର ୫୩ ରନରେ ଅପରାଜିତ ରହିଥିଲେ। ରେଭେନ୍‌ଶା-୧ ଗ୍ରାଉଣ୍ଡରେ ପୁରୀ ୭୪ ରନରେ କନ୍ଧମାଳକୁ ହରାଇଛି। ପୁରୀ ୪୪.୫ ଓଭରରେ ୨୦୬ ରନରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ନିଶାନ୍ତ ନାୟକ ସର୍ବାଧିକ ୫୨(୫୨ ବଲ, ୯ ଚୌକା) ରନ କରିଥିଲେ। ବିପକ୍ଷ ବୋଲର ଅତିରିକ୍ତ ୩୯ ରନ ବ୍ୟୟ କରିଥିଲେ। ଯୋସେଫ ବେହେରା ୪ଟି ଏବଂ ଶୁଭାଶିଷ ପାଲୋ ୩ଟି ଉଇକେଟ ନେଇଥିଲେ। ଜବାବରେ କନ୍ଧମାଳ ୪୭.୨ ଓଭରରେ ମାତ୍ର ୧୩୨ ରନରେ ଅଲଆଉଟ ହୋଇ ଯାଇଥିଲା। ବିପକ୍ଷ ଦଳର ଅଭୟ ପଟ୍ଟନାୟକ ଓ ସୁମିତ ସାହୁ ୩ଟି ଲେଖାଏ ଏବଂ ନିଶାନ ଦାସ ୨ଟି ଉଇକେଟ ନେଇଥିଲେ।

ଡ୍ରିମ୍ସ ଗ୍ରାଉଣ୍ଡରେ ଆୟୋଜିତ ମ୍ୟାଚରେ ବରଗଡ଼ ୮ ଉଇକେଟରେ କଳାହାଣ୍ଡିକୁ ହରାଇଛି। କଳାହାଣ୍ଡି ଇନିଂସ ୩୩.୧ ଓଭରରେ ମାତ୍ର ୯୧ ରନରେ ସୀମିତ ରହିଥିଲା। ବିପକ୍ଷ ବୋଲରଙ୍କ ମଧ୍ୟରେ ହରଜିତ ସିଂ ୫ଟି ଏବଂ ରାକେଶ କିଶନ ଓ ଅଭିଷେକ ମହାରଣା ୨ଟି ଲେଖାଏ ଉଇକେଟ ପାଇଥିଲେ। ଜବାବରେ ବରଗଡ଼ ୧୬.୩ ଓଭରରେ ମାତ୍ର ୨ ଉଇକେଟ ହରାଇ ୯୪ ରନ ସଂଗ୍ରହ କରି ନେଇଥିଲା। ଅଧିନାୟକ ଆର୍ଯ୍ୟମନ ମିଶ୍ର ୪୯ ବଲ୍‌ରୁ ୯ ଚୌକା ସହାୟତାରେ ୫୮ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ଦେଇଥିଲେ। ବିଓଏସ୍‌ଇ ପଡ଼ିଆରେ ଭୁବନେଶ୍ୱର-ବି ୧୮୧ ରନରେ କୋରାପୁଟକୁ ହରାଇଛି। ଭୁବନେଶ୍ୱର ଦଳ ୫୦ ଓଭରରେ ୮ ଉଇକେଟ ହରାଇ ୨୫୬ ରନ କରିଥିଲା। ପଙ୍କଜ ସାହୁ ସର୍ବାଧିକ ୬୦ ରନ କରିଥିଲେ। ପ୍ରତିପକ୍ଷ ଦଳର ନିରଞ୍ଜନ ଗୌଡ଼, ୱାଇ.ଯୁବରାଜ ଓ ଆରାସାଦା କିରନ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୫୭ ରନ ବିଜୟ ଲକ୍ଷ୍ୟରେ କୋରାପୁଟ ୨୫ ଓଭରରେ ୭୫ ରନ କରି ଅଲ୍‌ଆଉଟ ହୋଇଥିଲା। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ସୁଶୀଲ ବାରିକ ୪ଟି, ବିକାଶ ନାୟକ ୩ଟି ଉଇକେଟ ନେଇଥିଲେ। ବିଡ଼ାନାସୀ ଗ୍ରାଉଣ୍ଡରେ ବାଲେଶ୍ୱର ୬ ଉଇକେଟରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ଜଗତ୍‌ସିଂହପୁର ୨୮.୩ ଓଭରରେ ୧୩୨ ରନକରି ଅଲଆଉଟ ହୋଇଥିଲା। ରାଜୀବ ସାହୁ ଓ ଶୁଭ ବାରିକ ୪ଟି ଲେଖାଏ ଏବଂ ସେକ୍ ଅସଲାମ ୨ଟି ଉଇକେଟ ନେଇଥିଲେ। ବାଲେଶ୍ୱର ୧୫.୫ ଓଭରରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ରାଜୀବ ସାହୁ (୬୩ ରନ, ୪୩ ବଲ, ୧୦ ଚୌକା, ୧ ଛକା) ଓ ସୁମନ ଓଝା ୫୭*ରନ, ୭ ଚୌକା, ୨ ଛକା) ଅର୍ଦ୍ଧଶତକ ହାସଲ କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।


ହରଜିତ ସିଂ


ସୁନୀଲ ବେହେରା


ମହମ୍ମଦ ସୋହେଲ ଖାଁ

# ଖାଇବା ତେଲ କମ୍ପାନୀରେ ଚଢ଼ାଉ

ଗୋପାଳପୁର/ବ୍ରହ୍ମପୁର ଅଫିସ,୨୫।୧

ବ୍ରହ୍ମପୁର ସହର ନକଲି ଓ ଭେଜାଲ ସାମଗ୍ରୀର ପେଣ୍ଠସ୍ଥଳୀ ପାଲଟିଛି। ଖାଦ୍ୟରେ ଭେଜାଲ ସାମଗ୍ରୀ ମିଶାଇ ମାଲାମାଲ ହେଉଛନ୍ତି ଅସାଧୁ ବ୍ୟବସାୟୀ। କିଛିଦିନ ତଳେ ନକଲି ହଳଦୀ, ମସଲା, ମରିଚଗୁଣ୍ଡ, ଗୁଟ୍‌ଖା, ଚା ଗୁଣ୍ଡ ଓ ପାଣି ବୋତଲ ଧରା ପଡ଼ିବା ପରେ ସୋମବାର ଗୋପାଳପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ସୁଦୂରୁ ସାହିରେ ଥିବା ଗ୍ଲୋବାଲ ଆଗ୍ରୋଟେକ୍ ନାମକ ଏକ ଖାଇବା ତେଲ କମ୍ପାନୀ ଉପରେ ଚଢାଉ କରାଯାଇଛି। ମାଲିକଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ଚଢାଉ ସମୟରେ ମାଲିକ ଲାଇସେନ୍ସ ଆବେଦନ କରିଥିବା ଏକ ରସିଦ୍ ପୋଲିସର ହସ୍ତଗତ ହୋଇଛି ଯାହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି।

ଭେଜାଲ ତେଲ(ପାମୋଲିନ୍) ବିକ୍ରି କରୁଥିବା ନେଇ ପୋଲିସ୍ ଖବର ପାଇ ବ୍ରହ୍ମପୁର ସଦର ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର ଓ ଗୋପାଳପୁର ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ଓ ଅନ୍ୟ କର୍ମଚାରୀ ମିଳିତ ଭାବେ ଚଢାଉ କରିଥିଲେ। ସନ୍ଧ୍ୟା ୬ଟାରେ ଗୋପାଳପୁର ଥାନା ପୋଲିସ ଓ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ମିଳିତ ଭାବେ ଚଢାଉ କରିଥିଲେ। ଏହି ସମୟରେ କମ୍ପାନୀ ଭିତର ସଫା ନ ଥିବା ଏବଂ ତେଲ ରହିଥିବା ଷ୍ଟକ ସ୍ଥାନରେ କଳଙ୍କି ଓ ପୋକ ଥିବା ଦେଖିବାକୁ ପାଇଥିଲେ। ଯାହାକୁ ନେଇ ଖାଦ୍ୟ ସୁରକ୍ଷା। ଅଧିକାରୀ ଚିନ୍ମୟ ପାଢୀ ସମ୍ପୃକ୍ତ କମ୍ପାନୀ ମାଲିକଙ୍କୁ ତାଗିଦ କରିଥିଲେ। ଯେଉଁ ମେଶିନଗୁଡିକ ଅଛି ସେଗୁଡ଼ିକ ପାଇଁ ସ୍ୱତନ୍ତ୍ର ଘର କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମ୍ପାନୀ ଲାଇସେନ୍ସ ମାର୍ଚ୍ଚ ୨୦୨୧ ଯାଏ ସ୍ୱୀକୃତି ରହିଥିବା ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି। ସାମ୍ପୁଲ ନେଇଛୁ, ଭୁବନେଶ୍ୱର ଲାବ୍‌କୁ ପଠାଯିବ। ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାଢୀ ସୂଚନା ଦେଇଛନ୍ତି। ଅନ୍ୟପଟେ କମ୍ପାନୀ ମାଲିକ କାଳୀଚରଣ ସାହୁ କହିଛନ୍ତି, ଖାଦ୍ୟ ଲାଇସେନ୍ସ ଓ କାଗଜ ପତ୍ର ଠିକ୍ ରହିଛି। ଗୋପାଳପୁର ଥାନା ପୋଲିସ୍ ପକ୍ଷରୁ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପ୍ୟାକେଟ ଜରି ପାଉଚ୍, ଷ୍ଟକ ଥିବା ୨୦୦ ଲିଟର ତେଲ ଜବତ କରାଯାଇ କମ୍ପାନୀରେ ତାଲା ପକାଯାଇଛି। ପାରାଦୀପର ଏକ କମ୍ପାନୀରୁ ତେଲ ଆମଦାନୀ ହୋଇ ଆସୁଥିଲା। ଏଠାରେ ତାକୁ ବିଶୋଧନ କରାଯାଇ ପ୍ୟୁୟର ଗୋଲ୍ଡ ଓ ଫାଷ୍ଟ ଡ୍ରପ୍ ବ୍ରାଣ୍ଡ ନାମରେ ପ୍ୟାକିଂ କରାଯାଇ ବଜାରରେ ବିକ୍ରି କରାଯାଉଥିବା ଥାନାଧିକାରୀ ମହନ୍ତ ସୂଚନା ଦେଇଛନ୍ତି। ଲାବ୍ ରିପୋର୍ଟ ଆସିବା ପରେ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣାସ୍ଥଳରୁ ଏକ ପିକ୍ ଅପ୍ (ଓଡ଼ି୦୭ଏସି୨୬୦୯) ଜବତ ହୋଇଛି। ସୂଚନାଯୋଗ୍ୟ, ଗତ ଏକ ସପ୍ତାହ ଧରି ପୋଲିସ୍ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ନକଲି ସାମଗ୍ରୀ ଠାବ ଜାରି ରଖିଛି।


ପୋଲିସ୍ ଓ ଖାଦ୍ୟ ଅଧିକାରୀଙ୍କ ପକ୍ଷରୁ ଚଢାଉ।


ଜବତ ହୋଇଥିବା ତେଲ।

- ମାଲିକ ଅଟକ, ଲାଇସେନ୍ସକୁ ନେଇ ଦ୍ୱନ୍ଦ୍ୱ
- କମ୍ପାନୀରେ ତାଲା, ଲାବ୍ ରିପୋର୍ଟକୁ ଅପେକ୍ଷା

# ବଢ଼ିଲେ ୧୧, ସଂଖ୍ୟା ପହଞ୍ଚିଲା ୧୭୬୮ରେ

## ଭିତରକନିକାରେ ବଉଳା କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି

ରାଜନଗର, ୨୫।୧(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବନାଞ୍ଚଳ ଅଧୀନ ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତବର୍ଷ ବଉଳା କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗତବର୍ଷ ଭିତରକନିକା ଓ ବାହାରେ ଥିବା ନଦୀ, ନାଳରେ ୧୭୫୭ଟି ବଉଳା କୁମ୍ଭୀର ଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୧୭୬୮କୁ ବୃଦ୍ଧି ପାଇଛି। ଚଳିତବର୍ଷ ୧୧ କୁମ୍ଭୀର ଅଧିକ ଥିବା ଗଣନା ରିପୋର୍ଟରୁ ଜଣାପଡିଛି। ପଟ୍ଟାପାରିଆ, ଶୁଆଯୋର ଓ ଅଜଗରପାଟିଆ, ଥାନପତି ନିକଟରେ ୨୦ ଫୁଟରୁ ଊର୍ଦ୍ଧ୍ୱ ୫ଟି କୁମ୍ଭୀର ଠାବ କରାଯାଇଛି ବୋଲି ସୋମବାର ବନ ବିଭାଗ ସୂତ୍ରରୁ ଜଣାପଡିଛି।

ଚଳିତମାସ ୧୫ରୁ ୨୩ ତାରିଖଯାଏ କୁମ୍ଭୀର ଗଣନା କରାଯାଇଥିଲା। ବରିଷ୍ଠ ଜୀବ ବିଜ୍ଞାନୀ, କୁମ୍ଭୀର ବିଶାରଦ ଡ.ସୁଧାକର କରଙ୍କ ନେତୃତ୍ୱରେ ୨୨ଟି ଟିମ୍ ବଉଳା କୁମ୍ଭୀର ଗଣନା କରିଥିଲେ। ଗଣନା ସମୟରେ ୫୯୩ଟି କୁମ୍ଭୀର ଶାବକ (ଛୁଆ) ଅର୍ଥାତ୍ ୨ ଫୁଟରୁ କମ୍ ଲମ୍ବର, ୩୬୭ଟି ବର୍ଷିକିଆ ଛୁଆ ଅର୍ଥାତ୍ ୨ରୁ ୩ ଫୁଟିଆ କୁମ୍ଭୀର, ୩୨୦ଟି ଦୁଇବର୍ଷିଆ ଅର୍ଥାତ୍ ୩ ରୁ ୬ ଫୁଟିଆ କୁମ୍ଭୀର, ୧୫୨ଟି ୪ରୁ ୫ ବର୍ଷର ଅର୍ଥାତ୍ ୬ ରୁ ୮ ଫୁଟ ଲମ୍ବର କୁମ୍ଭୀର ଦେଖିବାକୁ ମିଳିଥିଲା। ଏଥିସହ ବଡ଼ କୁମ୍ଭୀର ଅର୍ଥାତ୍ ୮ ଫୁଟରୁ ଅଧିକ ଲମ୍ବର ୩୩୬ଟି ଗଣନାବେଳେ ଠାବ କରାଯାଇଛି ବୋଲି ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଭିତରକନିକା ବାହାରେ ଥିବା ନଦୀ, ନାଳରେ ଚଳିତବର୍ଷ ପ୍ରାୟ ୧୨୦ କୁମ୍ଭୀର ଅଛନ୍ତି। ଗଣନା ସମୟରେ କନିକା ରେଞ୍ଜ ଅଞ୍ଚଳରେ ୧୩୯୭, ରାଜନଗର ରେଞ୍ଜରେ ୨୬୩, ମହାକାଳପଡା ରେଞ୍ଜରେ ୭୬ ଓ ଗହୀରମଥା ରେଞ୍ଜ ଅଞ୍ଚଳରେ ୩୨ଟି ବଉଳା କୁମ୍ଭୀର ରହିଛନ୍ତି। ସକାଳେ ଓ ସନ୍ଧ୍ୟାରେ କୁମ୍ଭୀର ଗଣନା କରାଯାଇଥିଲା। ସକାଳେ କୁମ୍ଭୀରମାନେ ଖରା ପୋଇଁବା ଅବସ୍ଥାରେ ଓ ସନ୍ଧ୍ୟାରେ ସ୍ପଟ୍‌ଲାଇଟ୍ ମାଧ୍ୟମରେ ଗଣନା କରାଯାଇଥିଲା। ୧୯୭୬ଠାରୁ ଭିତରକନିକାରେ କୁମ୍ଭୀର ଗଣନା ହୁଳିଡଙ୍ଗା ସାହାଯ୍ୟରେ କରାଯାଉଛି।

ସୂଚନାଯୋଗ୍ୟ, ୧୯୭୦ ମଧ୍ୟଭାଗରେ କରାଯାଇଥିବା ଏକ ସର୍ଭେରେ ଭାରତ ବର୍ଷରେ କୁମ୍ଭୀରଙ୍କ ସଂଖ୍ୟା ନଗଣ୍ୟ ବୋଲି ଜଣାପଡିଥିଲା। ପରେ କୁମ୍ଭୀରଙ୍କର ବଂଶ ବୃଦ୍ଧି ଓ ବାସସ୍ଥଳର ସ୍ଥିତି ବଜାୟ ରଖିବାକୁ କେନ୍ଦ୍ର ସରକାର, ମିଳିତ ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥାର ସହାୟତାରେ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଯୋଜନା ଅନୁଯାୟୀ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାମୁଦ୍ରିକ ପ୍ରାଣୀ ବିଶେଷଜ୍ଞ ଡ. ଏଚ୍. ଆର୍. ବଷ୍ଟାର୍ଡ ଓଡ଼ିଶା ସମୁଦ୍ର ଉପକୂଳ ପରିଦର୍ଶନ କରି ଭିତରକନିକା କୁମ୍ଭୀର ବଂଶବୃଦ୍ଧି ପାଇଁ ଅନୁକୂଳ ପରିବେଶ ବୋଲି ଚିହ୍ନଟ କରିଥିଲେ। ୧୯୭୫ରେ ୩୪ଟି ପରିପକ୍ୱ କୁମ୍ଭୀରଙ୍କ ସହ ୯୬ ଟି କୁମ୍ଭୀରଙ୍କୁ ନେଇ ଏହି ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ସଂଖ୍ୟା ୧୭୬୮ରେ ପହଞ୍ଚିଛି। କୁମ୍ଭୀର ସଂଖ୍ୟା ବୃଦ୍ଧି ଯୋଗୁ ପରିବେଶପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।



# ଯୁବକଙ୍କ ଆତ୍ମହତ୍ୟା ଭିଡିଓ ଭାଇରାଲ

ଢେଙ୍କାନାଳ ଅଫିସ,୨୫।୧

- ବିଷପାନର କାରଣ ସମ୍ପର୍କରେ ଜଣାଇଲେ
- ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ
- ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସର ତଦନ୍ତ

ଢେଙ୍କାନାଳ ଜିଲା ସଦର ଥାନା ତରଭା ଫାଣ୍ଡି ଅଞ୍ଚଳର ଜଣେ ଯୁବକ ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ତେବେ କେଉଁ କାରଣରୁ ଏପରି ଚରମ ନିଷ୍ପତ୍ତି ନେଲେ ତାହାର ଏକ ଭିଡିଓ ପ୍ରସ୍ତୁତ କରି ସେ ସୋସିଆଲ ମିଡିଆରେ ଛାଡ଼ିଥିବାରୁ ତାହା ସୋମବାର ଭାଇରାଲ ହୋଇଛି। ପରିବାର ପକ୍ଷରୁ ଏ ନେଇ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ନିଜଆଡୁ ତଦନ୍ତ ଆରମ୍ଭ କରିଛି।

ଭିଡିଓରେ ଯୁବକ ଜଣକ କହିଛନ୍ତି, ସେ ମୋବାଇଲ ଟାୱାର ମେକାନିକ ଭାବେ କାର୍ଯ୍ୟ କରୁଥିଲେ। ପରିବାରର ଜଣେ ମହିଳା ସଦସ୍ୟଙ୍କ ସହ ଅନ୍ୟ କେତେଜଣ ମାସେ ଦୁଇମାସ ଧରି ନିର୍ଯାତନା ଦେଉଥିଲେ। ଜବ୍‌ରେ ବ୍ଲାକମେଲିଂ କରୁଥିଲେ। ତାଙ୍କୁ ସକାଳୁ ଖାଇବାକୁ ଦିଆଯାଇ ନ ଥିଲା। ଏହାସହ ସେ ବିଷ ପିଉଦେଉଥିବା ଦୃଶ୍ୟ ଉକ୍ତ ଭିଡିଓରେ ରହିଛି। ସୋସିଆଲ ମିଡିଆରେ ଏପରି ଭିଡିଓ ଯୁବକଜଣକ ଅପଲୋଡ୍ କରିଥିବା ଖବରପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସନ୍ଧ୍ୟାରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶେଷକୃତ୍ୟ କରାଯାଇଥିଲା। ଏ ସମ୍ପର୍କରେ ଅଭିଯୋଗ ହୋଇ ନ ଥିବା ବେଳେ ସଦର ଥାନା ଓ ତରଭା ଫାଣ୍ଡି ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସଦର ଥାନା ଅଧିକାରୀ ସନ୍ଧ୍ୟାରାଣୀ ବେଉରିଆ କହିଛନ୍ତି, ଭିଡିଓ ସମ୍ପର୍କରେ ଜାଣିବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଅଭିଯୋଗ ମିଳିନାହିଁ।

# ଜାତୀୟ ମତଦାତା ଦିବସ: ଶପଥ ନେଲେ ନୂଆ, ଯୁବ ଭୋଟର

**ଭୁବନେଶ୍ୱର,୨୫।୧(ବ୍ୟୁରୋ):** ରାଜ୍ୟସ୍ତରୀୟ ଜାତୀୟ ମତଦାତା ଦିବସ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନ୍‌ଲାଇନ ଜରିଆରେ ପାଳନ କରାଯାଇଛି । ଏହି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ ଓ ଯୁବ ଭୋଟରଙ୍କୁ ଶପଥପାଠ କରାଇବା ସହ ନିର୍ବାଚନରେ ଅଂଶଗ୍ରହଣ ନିମନ୍ତେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆମନ୍ତ୍ରିତ ହୋଇ ଆସିଥିବା ୧୨ ନୂଆ (ପ୍ରଥମ ଥର) ଭୋଟର ନାଜନୀନ୍ ସୁଲତାନା, ପୁଣ୍ୟତୋୟା ମଲ୍ଲିକ, ଦେବବର୍ଣ୍ଣା ମହାପାତ୍ର, ଦିବ୍ୟଶ୍ଲୋକ ପଣ୍ଡା, ଦ୍ୱାରିକାନାଥ କର, ସ୍ୱାତିସୁଲଗ୍ନା, ପ୍ରିୟାଂଶୁ ବର୍ଦ୍ଧନ, ଅନୁଶ୍ରିୟା ଜେନା, ପିଙ୍କି କର, ପ୍ରୀତିଦ୍ୱୀପା ରଣା, ସ୍ୱାଗତିକା ପାଲ୍ ଓ ପ୍ରତୀକ୍ଷା ଷଡ଼ଙ୍ଗୀଙ୍କୁ ଲୋହାନୀ ଫଟୋ ପରିଚୟ ପତ୍ର ବଣ୍ଟନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଭବାନୀ ପ୍ରସାଦ ରାୟ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ସଂଘମିତ୍ରା ଶତପଥୀ ଓ ଶତ୍ରୁଘ୍ନ କର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।







# ଝୁଲନ୍ତା ଅବସ୍ଥାରେ ଯୁବକ ଉଦ୍ଧାର

ଆନନ୍ଦପୁର,୨୫।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବୈତରଣୀ ସେତୁ ବାଡ଼ାରୁ ସୋମବାର ଜଣେ ଯୁବକଙ୍କୁ ଝୁଲନ୍ତା ଅବସ୍ଥାରେ ଅଗ୍ନିଶମ ବାହିନୀ ଜୀବନ୍ତ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ, ବୈତରଣୀ ସେତୁ ବାଡ଼ାରେ ଯୁବକ ଜଣଙ୍କ ତାରରେ ଝୁଲି ବସି ରହିଥିଲେ। ନଦୀ ବାଲିପଠାକୁ ବୁଲିବାକୁ ଯାଇଥିବା କେତେଜଣ ଯୁବକ ତାଙ୍କୁ ଦେଖି ଘଟଣା ସମ୍ପର୍କରେ ଆନନ୍ଦପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ପ୍ରତାପ ସିଂହଙ୍କ ନେତୃତ୍ୱରେ ଏକ ଅଗ୍ନିଶମ ଦଳ ସେଠାରେ ପହଞ୍ଚି ଦୀର୍ଘ ସମୟର ଉଦ୍ୟମ ପରେ ଯୁବକଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଯୁବକଙ୍କ ପରିଚୟ ମିଳି ନ ଥିବାବେଳେ ତାଙ୍କ ବେଶଭୁଷାରୁ ସାମାନ୍ୟ ମାନସିକ ବିକାରଗ୍ରସ୍ତ ଥିବା ସନ୍ଦେହ କରାଯାଉଛି। ଯୁବକ ଝୁଲିଥିବା ସ୍ଥାନରୁ ଉପରିଭାଗ ପର୍ଯ୍ୟନ୍ତ ୭ ଫୁଟ ଦୂରତା ରହିଥିବାବେଳେ ତଳପାର୍ଶ୍ୱକୁ ଆନୁମାନିକ ୮୦ ଫୁଟ ରହିଥିଲା। ତେବେ ସେ ସେଠାରେ କିଭଳି ପହଞ୍ଚିଲେ ସେନେଇ ସ୍ପଷ୍ଟ ହୋଇନାହିଁ।

































**ସୁନାଖଣିରୁ ୧୦ ମୃତଦେହ ଜବତ**

**ବେଜିଂ:** ଚାଇନାର ଶାନ୍‌ଡଙ୍ଗ ଜିଲାରେ ଥିବା ସୁନାଖଣିରୁ ୧୦ ଶ୍ରମିକଙ୍କ ମୃତଦେହ ଜବତ କରାଯାଇଛି। ଜାନୁୟାରୀ ୧୦ରେ ଖଣିରେ ବିସ୍ଫୋରଣ ପରେ ୨୨ ଜଣ ସେଠାରେ ଫସି ରହିଥିଲେ। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଥିବାବେଳେ ଆଉ ୧୦ ଜଣଙ୍କ ପତ୍ତା ମିଳି ନ ଥିଲା। ଏବେ ସୁଦ୍ଧା ଆଉ ଜଣେ ଶ୍ରମିକଙ୍କ ନିଖୋଜ ଅଛନ୍ତି।

## ସଂଖ୍ୟାଲଘୁଙ୍କ ଅଧିକାର ଛଡ଼ାଇନେଇଛି ପାକିସ୍ତାନ

**ଇସଲାମାବାଦ, ୨୫।୧:** ସଂଖ୍ୟାଲଘୁଙ୍କ ଅଧିକାରକୁ ନେଇ ଜାତିସଂଘର ସାଧାରଣ ସଭା(ୟୁଏନ୍‌ଜିଏ)ରେ ଆଗତ ସଂକଳ୍ପ ଉପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତୀବ୍ର ବିତର୍କ ହୋଇଛି। ଭାରତ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଧାର୍ମିକ ଅନୁଷ୍ଠାନ ଭାଙ୍ଗିବା ସୋମନଙ୍କ ଧାର୍ମିକ ଭାବନାକୁ ଆଘାତ ଦେଇଥିବା ପାକିସ୍ତାନ ପ୍ରତିନିଧି ବୈଠକରେ କହିଥିଲେ। ତେବେ ଭାରତ ଏହାର

**ଜାତିସଂଘରେ ଭାରତ-ପାକ୍ ବିତର୍କ**

ଜବାବ ରଖିଥିଲା। ନିକଟରେ ପାକିସ୍ତାନର ଖାଇବର ପୁଖତନଖ୍ୱା କରକ ଜିଲାରେ ହିନ୍ଦୁ ମନ୍ଦିର ଧ୍ୱଂସ ସହ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ଉପରେ ଅତ୍ୟାଚାର କରାଯାଉଥିବା ଏବଂ ସେମାନଙ୍କ ଅଧିକାରୀ ଛଡ଼ାଇ ନିଆଯାଇଥିବା ଭାରତ ପ୍ରତିନିଧି କହିଥିଲେ। ଏଥିସହ ଭାରତ ସରକାରଙ୍କ ନାଗରିକତା ସଂଶୋଧନ ଆଇନ(ସିଏଏ), ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆର୍‌ସି)କୁ ମଧ୍ୟ ପାକିସ୍ତାନ ପକ୍ଷରୁ ବିରୋଧ କରାଯାଇଥିଲା। ସାଉଦି ଆରବ ପକ୍ଷରୁ ପ୍ରାୟୋଜିତ ଏହି ସଂକଳ୍ପକୁ ଇରାକ, ଜୋର୍ଡାନ, ଇଜିପ୍ଟ, ୟେମେନ, ବାହାରିନ, ସୁଦାନ, ଓମାନ, ୟୁଏଇ, ପାଲେଷ୍ଟାଇନ, ବାଂଲାଦେଶ ଆଦି ଦେଶଗୁଡ଼ିକ ସହପ୍ରାୟୋଜକ ଥିଲେ।

## ମଣ୍ଡିରୁ ଧାନ ନ ଉଠିବା ପ୍ରସଙ୍ଗରେ ସରକାରଙ୍କୁ ଭାଜପାର ଟାର୍ଗେଟ

ଭୁବନେଶ୍ୱର,୨୫।୧(ବ୍ୟୁରୋ)

ଓଡ଼ିଶାର ଲକ୍ଷାଧିକ ଚାଷୀ ଧାନ ଧରି ରାସ୍ତାରେ ବସିଛନ୍ତି, କିନ୍ତୁ ସରକାର ସେମାନଙ୍କ ଧାନ ଉଠାଉନାହାନ୍ତି। କେନ୍ଦ୍ର ସରକାର ଧାନମଣ୍ଡିଗୁଡ଼ିକରେ ଭିତ୍ତିଭୂମି, ପାନୀୟ ଜଳ, ଧାନ ଅଖା, ସୁତୁଲି ଏବଂ ଯିବା ଆସିବା ଖର୍ଚ୍ଚ ପାଇଁ ପର୍ଯ୍ୟାପ୍ତ ଅର୍ଥ ଦେଉଥିବାବେଳେ ବିଭିନ୍ନ ଆର୍‌ଏମ୍‌ସି, ପ୍ୟାକ୍ସ, ଲ୍ୟାମ୍ପ୍‌ସ ପାଖରେ କୋଟି କୋଟି ଟଙ୍କା ପଡିରହିଛି । ମାତ୍ର ଏହି ଟଙ୍କା ଚାଷୀ ପାଉନାହାନ୍ତି। ଏହା କାହା ପକେଟକୁ ଗରମ କରୁଛି ସରକାର ସ୍ପଷ୍ଟ କରନ୍ତୁ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଦାବି କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ରାଜ୍ୟର ବିଭିନ୍ନ ମଣ୍ଡିରେ ବର୍ତ୍ତମାନ ଚାଷୀ କାନ୍ଦୁଛନ୍ତି। ରାଜ୍ୟର ଧାନ କିଏ କିଣୁଛି, ଯୋଗାଣ ବିଭାଗ ନା ମିଲର ଏହାର ଉତ୍ତର ସରକାର ଦିଅନ୍ତୁ ବୋଲି ଚାଷୀ ପଚାରୁଛନ୍ତି। ଲାଭଖୋର ମିଲରମାନେ ଧାନ କିଣାର ସବୁ ନିୟମକାନୁନ ଭାଙ୍ଗି ଚାଷୀଙ୍କୁ ଶୋଷଣ କରୁଛନ୍ତି। ସମୀର ରାଜ୍ୟ ସରକାରଙ୍କୁ ୫ଟି ପ୍ରଶ୍ନ ପଚାରିଛନ୍ତି । ସେଗୁଡିକ ହେଲା, ନିର୍ବାଚନ ପୂର୍ବରୁ କାଳିଆ ଯୋଜନା ଆରମ୍ଭ ହୋଇଥିବା ବେଳେ କେତେଜଣ ଚାଷୀ ଏଥିରେ ପ୍ରଥମ କିସ୍ତି ଅର୍ଥ ପାଇଥିଲେ। ଏହି ସଂଖ୍ୟା ବର୍ତ୍ତମାନ କେତେରେ ପହଞ୍ଚିଛି। ଚାଷୀ ସ୍ୱାର୍ଥ ପାଇଁ କାଳିଆ ଯୋଜନା ଖର୍ଚ୍ଚ କଣ୍ଟିଜେନ୍ସି ଫଣ୍ଡରୁ ହୋଇଥିଲା । ଏବେ ମଣ୍ଡିରେ ପଡିଥିବା ଧାନ ଏହି ପାଣ୍ଠିର ଅର୍ଥ ଜରିଆରେ କିଣିବାକୁ ସରକାର ବ୍ୟବସ୍ଥା କରିବେ କି ବୋଲି ସେ ପଚାରିଛନ୍ତି। ରାଜ୍ୟର ପ୍ରତି ବ୍ଲକକୁ ସର୍ବନିମ୍ନ ୩୫ ପ୍ରତିଶତ ଜଳସେଚନ କରିବା ସରକାରଙ୍କ ପ୍ରତିଶ୍ରୁତି ଥିଲା। ସରକାର ଏଥିରେ ବିଫଳ କାହିଁକି ହୋଇଛନ୍ତି। ଆଳୁ ପିଆଜ ମିଶନ ଏବଂ ରାଜ୍ୟରେ ପରିବାଚାଷ ବିଫଳ ହେବା ପଛରେ ଶୀତଳ ଭଣ୍ଡାରରେ ବଡ ସମସ୍ୟା ରହିଛି। ୨୦୦୦ ମସିହାରେ ରାଜ୍ୟରେ ଯେତିକି ଶୀତଳ ଭଣ୍ଡାର ଥିଲା ଏବେ ବି ରାଜ୍ୟରେ ସେତିକି ସଂଖ୍ୟାରେ ସୀମିତ କାହିଁକି। ପ୍ରତି ବ୍ଲକରେ ଶୀତଳ ଭଣ୍ଡାରର ପ୍ରତିଶ୍ରୁତି କାହିଁକି ପାଣିର ଗାର ହୋଇଛି ବୋଲି ସମୀର ପ୍ରଶ୍ନ କରିଛନ୍ତି। ସରକାର ଏସବୁ ପ୍ରଶ୍ନର ଉତ୍ତର ରାଜ୍ୟବାସୀଙ୍କ ଆଗରେ ତଥ୍ୟ ସହ ରଖନ୍ତୁ ବୋଲି ସମୀର ଦାବି କରିଛନ୍ତି।


DADLS-74

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ- ୨୦୨୧

ସ୍ଥାନ : ମହାତ୍ମାଗାନ୍ଧୀ ମାର୍ଗ, ଭୁବନେଶ୍ୱର

ସମୟ : ପୂର୍ବାହ୍ନ ଘ.୮.୩୦ମି.

ଓଡ଼ିଶାର ମାନ୍ୟବର ରାଜ୍ୟପାଳ

ପ୍ରଫେସର ଗଣେଶୀ ଲାଲ

ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବେ ।

ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ସମ୍ମାନିତ ଅତିଥି ଭାବେ ଯୋଗ ଦେବେ ।

ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ । ଜନସାଧାରଣ ବୈଦ୍ୟୁତିକ ଗଣମାଧ୍ୟମରେ ଏହାର ସିଧା ପ୍ରସାରଣ ଦେଖିପାରିବେ ।

ନିର୍ଦ୍ଦେଶକ

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0119/2021







# ଓଡ଼ିଶା ରେଡ୍‌ର ପ୍ରଥମ ବିଜୟ

**ଭୁବନେଶ୍ୱର, ୨୫।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କିଟ୍ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ମହିଳା ଟି୨୦ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ରେଡ୍ ୮ ଉଇକେଟରେ ୟେଲୋକୁ ପରାସ୍ତ କରିଛି। ପୂର୍ବରୁ ୨ଟି ମ୍ୟାଚରେ ହାରିଥିବା ରେଡ୍‌ର ୩ ମ୍ୟାଚରୁ ଏହା ପ୍ରଥମ ବିଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୟେଲୋ

## ଏମ୍‌ଜିଏମ୍ ମହିଳା ଟି୨୦ ଲିଗ୍



ମାଧୁରୀ ମେହେଟା ପୁରସ୍କାର ଗ୍ରହଣ କରୁଛନ୍ତି।

୨୦ ଓଭରରେ ୭ ଉଇକେଟ ହରାଇ ୯୭ ରନ କରି ପାରିଥିଲା। ଦଳ ପକ୍ଷରୁ ସଙ୍ଗୀତା ଖାଡ଼ିଆ ସର୍ବାଧିକ ୩୧ ଓ କୁସୁମ ତିରିୟା ୨୮ ରନ କରିଥିଲେ। ପ୍ରତିପକ୍ଷ ଦଳର ସୋନାଲି ହେମ୍ବ୍ରମ, ସ୍ୱର୍ଣ୍ଣଲତା ନାୟକ, ଏସ୍.ବି.ଲରେନ୍ସ, ପ୍ରୀତି ପ୍ରିୟଦର୍ଶିନୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୩ ଜଣ ବ୍ୟାଟ୍ସମ୍ୟାନ ରନ୍‌ଆଉଟ ହୋଇଥିଲେ। ୯୮ ରନର ବିଜୟ ଲକ୍ଷ୍ୟକୁ ରେଡ୍ ୧୭.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଧିନାୟିକା ମାଧୁରୀ ମେହେଟା ୩୮ ବଲ୍‌ରୁ ୪୨(୪ ଚୌକା) ରନ କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। କାଜଲ ଜେନା ୩୫ ରନ କରିଥିଲେ। ପରାଜିତ ଦଳର ବୋଲରଙ୍କ ମଧ୍ୟରେ ଲକ୍ଷ୍ମୀପ୍ରିୟା ନାଏକ ଓ ସଙ୍ଗୀତା ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ମ୍ୟାଚ ବିଜୟୀ ଇନିଂସ ପାଇଁ ମାଧୁରୀ ଓମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଓସିଏର ଆପେକ୍ସ କାଉନ୍‌ସିଲ ସଦସ୍ୟ ରଶ୍ମିତା ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ପର୍ପଲ ୪ ଉଇକେଟରେ ଭାଓଲେଟ୍‌କୁ ପରାସ୍ତ କରିଛି। ଭାଓଲେଟ୍ ୨୦ ଓଭରରେ ୨ ଉଇକେଟ ହରାଇ ୧୧୨ ରନ୍ କରିଥିବା ବେଳେ ପର୍ପଲ ୬ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା।

# ବିମାନ ଦୁର୍ଘଟଣା: ୪ ଫୁଟ୍‌ବଲର ମୃତ

**ରିଓ ଡି'ଜେନିରୋ, ୨୫।୧ (ଏପି):** ବ୍ରାଜିଲିଆନ କ୍ଲବ ପାମାସର ୪ଜଣ ଫୁଟବଲର ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। କୋଭିଡ୍ ଟେଷ୍ଟରେ ପଜିଟିଭ ପରେ ଏହି ଖେଳାଳିମାନେ ଏକ ପୃଥକ୍ ବିମାନରେ ଯାତ୍ରା କରୁଥିଲେ। ରନ୍‌ୱେର ଶେଷ ଭାଗରେ ବିମାନଟି ଉପରକୁ ଉଠୁଥିବା ବେଳେ ହଠାତ୍ ତଳକୁ ଖସି ପଡ଼ିଥିଲା। ବିମାନର ସମସ୍ତ ଯାତ୍ରୀ ପ୍ରାଣ ହରାଇଛନ୍ତି। କ୍ଲବର ସଭାପତି ଓ ପାଇଲଟଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଖେଳାଳିମାନେ ଦେଶର କେନ୍ଦ୍ରାଞ୍ଚଳରେ ଅବସ୍ଥିତ ଗୁଏନାକୁ ଯାଉଥିଲେ, ଯେଉଁଠାରେ ଭିଲା ନୋଭା ବିପକ୍ଷରେ ଏକ ମ୍ୟାଚର କାର୍ଯ୍ୟକ୍ରମ ରହିଥିଲା। କୋଭିଡ୍ ପଜିଟିଭ ଯୋଗୁ ଖେଳାଳିମାନେ ଅଲଗା ବିମାନରେ ଯାତ୍ରା କରୁଥିଲେ। ରବିବାର ଏହି ଖେଳାଳିମାନଙ୍କର ଅନ୍ତିମ ଆଇସୋଲେଶନ ଦିବସ ଥିଲା। ମୃତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ କ୍ଲବ ସଭାପତି ଲୁକାସ ମିଏରା, ଲୁକାସ ପ୍ରକ୍ସେଡେସ୍ ଗୁଇଲରମି ନୋଏ, ରାନୁଲେ ଓ ମାର୍କସ ମୋଇଲିନାରି।




# କେଉଁଠିନା କେଉଁଠି ତ୍ରୁଟି

**ବାଇଚୁଙ୍ଗ ଭୁଟିଆ**

ଚଳିତ ହିରୋ ଇଣ୍ଡିଆନ ସୁପର ଲିଗ୍‌ରେ କୋଡୋଟି ମ୍ୟାଚ ବେଶ୍ ଆକର୍ଷଣୀୟ ହୋଇଛି। ସେ ସବୁର ବିଶ୍ଳେଷଣ କରିବା ଆହୁରି ମଜାଦାର। ସବୁବେଳେ ପ୍ରାଧାନ୍ୟ ବିସ୍ତାର କରି ଖେଳୁଥିବା ଦଳ ସପକ୍ଷରେ ଫଳାଫଳ ଯିବ ବୋଲି ତାହା ଜୋରଦେଇ କହିହେବ ନାହିଁ। ଉଦାହରଣ ସ୍ୱରୂପ ଇଷ୍ଟବେଙ୍ଗଲ ପାସିଂ ଖେଳ ଉଚ୍ଚକୋଟୀର। ମିଡ୍‌ଫିଲ୍ଡରେ ଏହାର ଆଧିପତ୍ୟ ପରିଲକ୍ଷିତ ହୋଇଥାଏ। ବର୍ତ୍ତମାନ ଟେବୁଲ ଟପ୍ପର ମୁମ୍ବାଇ ସିଟି ଏଫ୍‌ସିକୁ ଭେଟିବା ପୂର୍ବରୁ ଦଳ ଏହାର ଗତ ୭ଟି ମ୍ୟାଚରେ ଅପରାଜେୟ ରହିଥିଲା। ଦଳ ଏହି ମ୍ୟାଚରେ ଭଲ ଖେଳିଥିଲା। ଦ୍ୱିତୀୟାର୍ଦ୍ଧ ଖେଳରେ ପ୍ରାଧାନ୍ୟ ବିସ୍ତାର କରିଥିଲା ମଧ୍ୟ। ଏହା ସତ୍ତ୍ୱେ ୦-୧ରେ ପରାଜିତ ହୋଇଥିଲା। ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି ଯେ, ଭଲ ଖେଳୁଥିବା ଦଳଠାରୁ ସବୁବେଳେ ଭଲ ଫଳାଫଳ ଆଶା କରାଯାଇ ପାରିବ ନାହିଁ। ଇଷ୍ଟବେଙ୍ଗଲ ଯେପରି ଖେଳୁଛି ସେଥିରେ ମୁଁ ବହୁତ ଖୁସି। ଦଳର କେଉଁଠିନା କେଉଁଠି ସାମାନ୍ୟ ତ୍ରୁଟି ରହିଯାଉଛି। ଏହା ମଧ୍ୟ ବୁଝିବାକୁ ହେବ ଯେ, ସିଜନ ପୂର୍ବରୁ ଏହି ଦଳ ଅଭ୍ୟାସ ପାଇଁ ଯଥେଷ୍ଟ ସମୟ ପାଇ ନାହିଁ। ମୋ ବିଚାରରେ ବର୍ତ୍ତମାନ ପଏଣ୍ଟ ଟେବୁଲରେ କେତୋଟି ଦଳ ଉପରେ ରହିଛନ୍ତି, ଯେଉଁମାନଙ୍କ ତୁଳନାରେ ଇଷ୍ଟବେଙ୍ଗଲ ଏକ ଉନ୍ନତ ଦଳ। କୋଚ୍ ରୋବି ଫ୍ଲାୱାର ଦର୍ଶାଇଛନ୍ତି କେତେଜଣ ଭାରତୀୟ ଖେଳାଳି ରହିଛନ୍ତି, ଯେଉଁମାନେ ବାଲ୍ୟକାଳରୁ କୌଣସି କୋଚିଂ ନେଇନାହାନ୍ତି। କେବଳ ନିଷ୍ଠା ଓ ମନପ୍ରାଣ ଦେଇ ଖେଳିବା ଦ୍ୱାରା ସେମାନେ ଯାହା ଅଗ୍ରଗତି କରିପାରିଛନ୍ତି। ସେମାନଙ୍କ ନିକଟରେ ସାଧାରଣଜ୍ଞାନ ଓ ମୌଳିକତାର ଅଭାବ ରହିଛି। ଫଳରେ ସେମାନେ ଛୋଟମୋଟ ତ୍ରୁଟି କରିବସିଥାନ୍ତି। ଜେଏସ୍‌ଡବ୍ଲ୍ୟୁ ବେଙ୍ଗାଲୁରୁ ଏଫ୍‌ସିର ପ୍ରଦର୍ଶନ ସବୁଠାରୁ ନୈରାଶ୍ୟଜନ। ଦଳରେ ସୁନୀଲ ଛେତ୍ରୀ, କ୍ଲିଟନ ସିଲ୍‌ଭା ଓ ଏରିକ୍ ପାଟାଲୁଙ୍କ ଭଳି ଖେଳାଳି ଥାଇ ସୁଦ୍ଧା ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇପାରୁ ନାହାନ୍ତି। ଇଷ୍ଟବେଙ୍ଗଲ ଭଳି ଏହି ଦଳର ଖେଳାଳିମାନେ କିଛି ବର୍ଷ ହେଲା ଏକତ୍ର ଅଭ୍ୟାସ କରିନାହାନ୍ତି। ଏଟିକେ ମୋହନବାଗାନର ପ୍ରଦର୍ଶନ ମୋତେ ସେତେଟା ପ୍ରଭାବିତ କରିନାହିଁ। ଦଳର କୋଚ୍ ଆଣ୍ଟୋନିଓ ହାବାସ ସର୍ବଦା ଫଳାଫଳ ଚାହିଁଥାନ୍ତି। ଏହି ଦଳ କୌଣସିମତେ ଗତ ମ୍ୟାଚରେ ୩ ପଏଣ୍ଟ ଅର୍ଜନ କରିପାରିଛି। ଦଳ ଏହାର ପରବର୍ତ୍ତୀ ମ୍ୟାଚ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସି(ଏନ୍‌ୟୁଏଫ୍‌ସି) ବିପକ୍ଷରେ ଖେଳିବ, ଯେଉଁ ଦଳର ପ୍ରଦର୍ଶନରେ ଅସ୍ଥିରତା ଦେଖିବାକୁ ମିଳୁଛି। ଏଟିକେ ବିପକ୍ଷରେ ଭଲ ଫଳ ଆଶା କରିବାକୁ ହେଲେ ଏହି ଦଳକୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ।

-(ଗେମ୍‌ପ୍ଲାନ)






**ଫାଇନାଲରେ ବଜରଙ୍ଗବାଲୀ ସ୍ପୋର୍ଟିଂ**

ବୋଲଗଡ : ବୋଲଗଡ଼ ବ୍ଲକ ଦେଉଳି ତୁଳସୀବେରେଣା ଖେଳପଡ଼ିଆରେ ଚାଲିଥିବା ଆଞ୍ଚଳିକ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସୋମବାର କଟକ ଡିଷ୍ଟ୍ରିକ୍ଟ ଆଥଲେଟିକ ଆସୋସିଏଶନକୁ ହରାଇ ଭୁବନେଶ୍ୱର ଘାଟିକିଆ ବଜରଙ୍ଗବାଲୀ ସ୍ପୋର୍ଟିଂ ବିଜୟୀ ହେବା ସହ ଫାଇନାଲକୁ ପ୍ରବେଶ କରିଛି। ବଜରଙ୍ଗବାଲୀ ସ୍ପୋର୍ଟିଂ ଗୋଟିଏ ଗୋଲ ଦେଇ ବିଜୟୀ ହୋଇଥିଲା। ଅଶୋକ କୁମାର କର୍ଅଁର ମ୍ୟାଚ ପରିଚାଳନା କରିଥିବା ବେଳେ ଏମ୍.ଏସ.ବେଗ ଏବଂ ବିଦେଶୀ ନାୟକ ଲାଇନ୍ସରେ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ପ୍ରଫୁଲ୍ଲ ବେହେରା ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ଅଧକ୍ଷ ବଟକୃଷ୍ଣ ସାହୁ ଯୋଗଦେଇଥିଲେ। ବୁଧବାର ଫାଇନାଲ ମ୍ୟାଚ ବଜରଙ୍ଗବାଲୀ ସ୍ପୋର୍ଟିଂ ଏବଂ ସୁଜିତ ଏଫସି ଟିମ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ପ୍ରକାଶ ଚନ୍ଦ୍ର ସାହୁ କହିଛନ୍ତି।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

**ନିରାକାରପୁର,୨୫।୧(ଡି.ଏନ୍.ଏ.):** ଟାଙ୍ଗୀ ବନାଞ୍ଚଳ ଅଧୀନ ଡ଼ମଣଭୂମି ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ସୁଦର୍ଶନ ଭୋଳ। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଦୀର୍ଘଦିନ ହେବ ଡ଼ମଣଭୂମି ଅଞ୍ଚଳରେ ହାତୀପଲ ରହିଥିବା ବେଳେ ବ୍ୟାପକ କ୍ଷତି କରୁଛନ୍ତି। ରବିବାର ସୁଦର୍ଶନ ଘରେ ଶୋଇଥିବାବେଳେ ତାଙ୍କ ବାରିପଟେ ଥିବା ଏକ ଚାଳ ଘରକୁ ଭାଙ୍ଗିଥିଲା। ଏଥିସହ ସୁଦର୍ଶନ ଶୋଇଥିବା ଘରର ପଛପାଖ ଗ୍ରୀଲ ଭାଙ୍ଗିବା ପାଇଁ ଉଦ୍ୟମ କରିଥିଲା। ଏହି ସମୟରେ ସୁଦର୍ଶନ ଆଗପଟ କବାଟ ଖୋଲି ଗ୍ରାମବାସୀଙ୍କୁ ଡାକୁ ଥିବା ବେଳେ ହଠାତ୍ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ମେଡିକାଲ ପରେ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

### ୨୮ରେ ପିଏନ୍ କଲେଜ ସାମ୍ବତ୍ସରିକ ଉତ୍ସବ

#### ସଞ୍ଜୟଙ୍କୁ ଆଲୁମ୍ନି ଆୱାର୍ଡ

**ଖୋର୍ଦ୍ଧା ଅଫିସ,୨୫।୧:** ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୨ତମ ସାମ୍ବତ୍ସରିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହେବ। ଜାତୀୟସ୍ତରରେ ସମାଜସେବା ପାଇଁ ଲାଗି ଖ୍ୟାତି ଅର୍ଜନ କରିଥିବା ଭଗବାନ ପ୍ରକାଶଙ୍କୁ ଚଳିତବର୍ଷ କଲେଜର ମର୍ଯ୍ୟାଦା ଜନକ 'ପ୍ରାଣନାଥ ସମ୍ମାନ' ଦିଆଯିବ। ସେହିପରି ଯୁବ ସାମାଜିକକର୍ମୀ ସଞ୍ଜୟ ପଟ୍ଟନାୟକ ଆଲୁମ୍ନି ଆୱାର୍ଡ-୨୦୨୧ ପାଇବେ। ଲେଖିକା ଓ ସାହିତ୍ୟିକା ବନଜା ଦେବୀଙ୍କୁ ମଞ୍ଜରୀ ସାହିତ୍ୟ ସମ୍ମାନ ଏବଂ ସଙ୍ଗୀତଜ୍ଞ ପ୍ରେମାନନ୍ଦଙ୍କୁ ପ୍ରାଣନାଥ ସଙ୍ଗୀତ ସମ୍ମାନ ପ୍ରଦାନ କରାଯିବ ବୋଲି କଲେଜ ଅଧକ୍ଷା ରଞ୍ଜିତା ସେଠୀ ସୂଚନା ଦେଇଛନ୍ତି।

# ସାର୍ଟିଫିକେଟ ପାଇଁ ମାଟି ବୋହିଲେ ଛାତ୍ରୀ

- ଜିଲା ପ୍ରଶାସନ, ଅଭିନେତ୍ରୀ ରାନୀ ପଣ୍ଡା ଦେଲେ ସହାୟତା
- ମିଳିଲା ନିଯୁକ୍ତି ପ୍ରତିଶ୍ରୁତି

**ଡେଲାଙ୍ଗ,୨୫।୧(ଡି.ଏନ.ଏ)**

କେନ୍ଦ୍ର ଓ ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଅନେକ ଯୋଜନା କରୁଥିବା ବେଳେ ସେଥିରୁ ବଞ୍ଚିତ ହୋଇଛନ୍ତି ଜଣେ ଡିପ୍ଲୋମା ଛାତ୍ରୀ। ଗରିବ ଶ୍ରେଣୀର ହୋଇ ମଧ୍ୟ ଝିଅକୁ ଉଚ୍ଚଶିକ୍ଷିତ କରିବା ପାଇଁ ବହୁ ଅଭାବ, ଅସୁବିଧା ସତ୍ତ୍ୱେ ପରିବାର ଲୋକ ଡିପ୍ଲୋମା ପଢ଼ାଇଥିଲେ। ହେଲେ କଲେଜ ସାରି ସାର୍ଟିଫିକେଟ ଆଣିବା ପାଇଁ ଯିବାବେଳେ କୋର୍ସ ଫି ବାକି ଟଙ୍କା ଦିଆଯାଇ ନ ଥିବା କହି କଲେଜ କର୍ତ୍ତୃପକ୍ଷ ଦେଇ ନ ଥିଲେ। ଶେଷରେ ନିରୁପାୟ ହୋଇ ଛାତ୍ରୀ ଜଣକ ସାର୍ଟିଫିକେଟ ପାଇବା ପାଇଁ ଶ୍ରମିକ ସାଜି ମାଟି ବୋହିବା କାର୍ଯ୍ୟ କରିଥିଲେ। ଏଭଳି ଦୁଃଖଦାୟକ ଘଟଣା ପୁରୀ ଜିଲା ଡେଲାଙ୍ଗ ବ୍ଲକ ଚାଇଁପୁର ପଞ୍ଚାୟତର ଗୋରଡାପିଡିଗ୍ରାମର ଲୋକନାଥ ବେହେରାଙ୍କ ଝିଅ ରୋଜି(୨୨)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି ଘଟଣା ପ୍ରଚାର ହେବା ପରେ ଲୋଜିଙ୍କୁ ସହାୟତା କରିବା ପାଇଁ ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ କର୍ମୀ ଆଗେଇ ଆସିଛନ୍ତି। ସୂଚନା ଅନୁଯାୟୀ, ରୋଜିଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାବେଳେ ଝିଅକୁ ଉଚ୍ଚ ଶିକ୍ଷିତ କରିବା ପାଇଁ ପ୍ରାଣପଣେ ଚେଷ୍ଟା କରି ପାଠ ପଢ଼ାଇଥିଲେ। ଗତ ୨୦୧୬ରୁ ୨୦୧୯ ମଧ୍ୟରେ ଖୋର୍ଦ୍ଧାସ୍ଥିତ ବରୁଣେଇ ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକନୋଲୋଜିରେ ରୋଜି ଡିପ୍ଲୋମା ସିଭିଲ ଇଞ୍ଜିନିୟରିଂ କରି ଉତ୍ତୀର୍ଣ୍ଣ ହୋଇଥିଲେ। କୋର୍ସ ଫି ୪୪ ହଜାର ହୋଇଥିବା ବେଳେ ରୋଜି ୨୦ହଜାର ଟଙ୍କା ଦେଇଥିଲେ। ଅବଶିଷ୍ଟ ଟଙ୍କା ଦେଇ ପାରି ନ ଥିବାରୁ କର୍ତ୍ତୃପକ୍ଷ ସାର୍ଟିଫିକେଟ ଦେଇ ନ ଥିଲେ। ଯାହା ଫଳରେ ରୋଜି ବିଟେକ ପଢ଼ିବାରୁ ବଞ୍ଚିତ ହୋଇଥିଲେ। ଏହି ସାର୍ଟିଫିକେଟକୁ ଆଣିବା ପାଇଁ ପରିବାର ଲୋକେ ଅନେକ ଚେଷ୍ଟା କରିଥିଲେ ମଧ୍ୟ



ସମ୍ଭବ ହୋଇପାରି ନ ଥିଲା। ଏହି ସମୟରେ ନିଜ ପଞ୍ଚାୟତର ସରପଞ୍ଚ ପ୍ରଦ୍ୟୁମ୍ନ ପରିଡ଼ା ଏମ୍ଜିଏନ୍ଆରଇଜିଏସ୍ ଯୋଜନାରେ ୩ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେଉଥିବା କଥା ରୋଜି ଶୁଣିଥିଲେ। ଶେଷରେ ବାଧ ହୋଇ ଏହି କାର୍ଯ୍ୟରେ ବାପା, ମା ଓ ରୋଜି ମିଶି ଶ୍ରମିକ ଭାବେ କାର୍ଯ୍ୟ କରି ମାଟି ବୋହୁଥିଲେ। ତେବେ ଏହି କଥା କିଛିଦିନ ମଧ୍ୟରେ ପ୍ରଚାର ହୋଇଯାଇଥିଲା। ଖବରପାଇ ସୋମବାର ମୋ ଓଡ଼ିଶା ମୋ ପରିବାର ପକ୍ଷରୁ ସମୀର ପ୍ରଧାନ, ବିଜେଡି ରାଜ୍ୟ ସଭାପତି ଟ୍ରେଲିନ ପରିଜା ରୋଜିଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସାକ୍ଷାତ କରି ପରିବାରର ଅଭାବ ପରିସ୍ଥିତିକୁ ଅନୁଧ୍ୟାନ କରିବା ସହ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏପରି କି ମୋ ପରିବାର ପକ୍ଷରୁ ଆସିଥିବା ଅତିରିକ୍ତ ସଚିବ ରୋଜି ଏବଂ ତାଙ୍କ ମା ବାପାଙ୍କୁ ନିଯୁକ୍ତି ଦେବା ପାଇଁ ସାଙ୍ଗରେ ନେଇଥିଲେ। ତାଙ୍କ ସହିତ ଡେଲାଙ୍ଗ ବିଡିଓ କ୍ଷୀରୋଦ୍ର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ସରପଞ୍ଚ ପ୍ରଦ୍ୟୁମ୍ନ ପରିଡା ଓ ଜିଲା ପ୍ରଶାସନ ପକ୍ଷରୁ ଡେଲାଙ୍ଗ ତହସିଲଦାର ରାଜେନ୍ଦ୍ର କୁମାର ଆଚାରିଆ ୩୦ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ସେହିଭଳି ଅଭିନେତ୍ରୀ ରାନୀ ପଣ୍ଡା ରୋଜିଙ୍କ ଗ୍ରାମରେ ପହଞ୍ଚି ତାଙ୍କୁ ୨୫ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ।

# ଭୋଟର ଦିବସରେ ସଚେତନତା ଶୋଭାଯାତ୍ରା



**ଖୋର୍ଦ୍ଧା ଅଫିସ,୨୫।୧**

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ୧୧ତମ ଜାତୀୟ ଭୋଟର ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଂସ୍କୃତି ଭବନ ଠାରୁ ସଚେତନତା ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲାପାଳ ସନତ ମହାନ୍ତି, ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଉପଜିଲାପାଳ ଅଶୋକ ବେହୁରିଆ, ଡେପୁଟି କଲେକ୍ଟର(ଇଲେକ୍ସନ) କୁମୁଦିନୀ ସୁବୁଦ୍ଧି, ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳଙ୍କ ସମ୍ମିଳନୀ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମହାନ୍ତି ଭୋଟର ଦିବସ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମତଦାତା ସଙ୍କଳ୍ପ ପାଠ କରିଥିଲେ। ନୂତନ ଭୋଟରଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ ଅଫିସର ଅକ୍ଷୟ କୁମାର ରାଉତ, ସରୋଜ କୁମାର ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ବୁଥ ଲେବଲ ଅଧିକାରୀ ଓ ସୁପରଭାଇଜରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

## ପିଲାଚୋର ସନ୍ଦେହରେ ବୃଦ୍ଧଙ୍କୁ ଧରିଲେ

**ଖୋର୍ଦ୍ଧା ଅଫିସ,୨୫।୧:**

ନୟାଗଡର ପରୀ ଅପହରଣ ଓ ହତ୍ୟା ଘଟଣା ମନରୁ ନ ଲିଭୁଣୁ ଖୋର୍ଦ୍ଧାରେ ଶିଶୁ ଅପହରଣ ଅଭିଯୋଗ ଆସିଛି। ଜଣେ ବୃଦ୍ଧ ଦୁଇ ଜଣ ଶିଶୁଙ୍କୁ ନେଇଯାଉଥିବା ବେଳେ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ଏଭଳି ଘଟଣା ଘଟିଛି ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ପାନବରଜ ଗ୍ରାମରେ। ସୂଚନା ମୁତାବକ, ପାନବରଜ ଗ୍ରାମରେ ଜଣେ ଅଜଣା ବୃଦ୍ଧ ବୁଲୁଥିଲେ। ମଧ୍ୟାହ୍ନରେ ଗ୍ରାମର ଦୁଇ ଶିଶୁଙ୍କୁ ଧରି ନେଇଯାଉଥିବା ବେଳେ କେତେଜଣ ଯୁବକ ଦେଖି ତାଙ୍କୁ ସନ୍ଦେହରେ ଧରିଥିଲେ। ଖବରପାଇ ପୋଲିସ ପହଞ୍ଚିବା ପରେ ସ୍ଥାନୀୟ ଲୋକେ ବୃଦ୍ଧଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ। ପଚରାଉଚରା ପରେ ପୋଲିସ ବୃଦ୍ଧଙ୍କୁ ଛାଡି ଦେଇଥିବା ଜଣାପଡିଛି।

# ଏକାଠି କାର୍ଯ୍ୟ କରିବାକୁ କର୍ମୀଙ୍କୁ ଆହ୍ୱାନ

**ବୋଲଗଡ଼,୨୫।୧(ଡି.ଏନ୍.ଏ.):**

ବୋଲଗଡ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ କଂଗ୍ରେସ କର୍ମୀଙ୍କ ଏକ ବୈଠକ ରବିବାର ଘୋରଡିଆସ୍ଥିତ ମା' ଡାକଦେବୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରସ ନେତା ବିଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କର୍ମୀମାନେ ଏକତ୍ରିତ ହୋଇ କାର୍ଯ୍ୟ କରିବା ସହ ନୂତନ ଭୋଟରଙ୍କୁ ଦଳରେ ସାମିଲ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଖଙ୍ଗୁରିଆ ଗ୍ରାମର ବରିଷ୍ଠ କଂଗ୍ରେସ ନେତା ବାସୁଦେବ ପଟ୍ଟନାୟକଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। ଏହି ଅବସରରେ ୭ଜଣ କଂଗ୍ରେସ ନେତା ଗୁଣନିଧି ହୋତା, ହୋସେନ ଖାଁ, ନାରାୟଣ ପଣ୍ଡା, ତ୍ରିଲୋଚନ ସାହୁ, ଧରଣୀ ମହାପାତ୍ର, ପ୍ରଭାତ ପରିଡା, ସୀମାଞ୍ଚଳ ଖଣ୍ଡାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିଲୀପ ସୁବୁଦ୍ଧି, ଛବି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନବକିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ବୈଠକ

**ଜଟଣୀ,୨୫।୧(ଡି.ଏନ୍.ଏ.)**

ହରିରାଜପୁର(ବଙ୍ଗ)ସ୍ଥିତ ପଶ୍ଚିମଶମ୍ଭୁ ସୋମନାଥ ମହାଦେବଙ୍କ ପ୍ରାଙ୍ଗଣରେ ସୋମବାର ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି, ଖୋର୍ଦ୍ଧାର ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ରାଜ୍ୟ ସଙ୍ଗଠନ ସମ୍ପାଦକ ମନୋରଞ୍ଜନ ମହାରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ହରିରାଜପୁରର ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ ଯୋଗଦେଇଥିଲେ। ଆଗାମୀ ଦିନରେ ହେବାକୁ ଥିବା ଜିଲା ସମ୍ମିଳନୀକୁ ସୁଚାରୁ ଭାବେ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। କମିଟିରେ ଆବାହକ ଭାବେ ଦେବରାଜ ମହାରଣା ଓ ଅଧିବେଶନର ପରିଚାଳନା ଅଧ୍ୟକ୍ଷଭାବେ ସୁବଳ ମହାରଣାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ବିଶ୍ୱକର୍ମା ଏବଂ ସେମାନଙ୍କ ପରିବାରର ଉନ୍ନତି ସହିତ ବିଭିନ୍ନ ସରକାରୀ ଯୋଜନାରେ ସମସ୍ତଙ୍କୁ ସାମିଲ କରାଯିବ ସେ ନେଇ ସମିତି କାର୍ଯ୍ୟ କରିବ ବୋଲି ସମସ୍ତ ସଦସ୍ୟ ଶପଥ ନେଇଥିଲେ।

# ଫୁଟ୍‌ବଲ: ଯଦୁମଣି ସ୍ପୋର୍ଟିଂ କ୍ଲବ ବିଜୟୀ

**ନିରାକାରପୁର,୨୫।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଛଣଗିରି ଖେଳପଡିଆଠାରେ ମା' ଭଗବତୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ସୋମବାର ପୁରୀର ନୀଳଚକ୍ର ସୋର୍ଟିଂ କ୍ଲବକୁ ହରାଇ ନୟାଗଡ଼ ଇଟାମାଟିର ଯଦୁମଣି ସ୍ପୋର୍ଟିଂ କ୍ଲବ ବିଜୟୀ ହୋଇଛି। ମ୍ୟାଚରେ ଯଦୁମଣି ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ସୁକାନ୍ତ ପ୍ରଧାନ ଗୋଟିଏ ଗୋଲ ଦେଇଥିବା ବେଳେ ନୀଳଚକ୍ର ସ୍ପୋର୍ଟିଂ କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଏହି ମ୍ୟାଚକୁ ଶରତ ଚନ୍ଦ୍ର ଛୋଟରାୟ, ସୁକାନ୍ତ ପ୍ରଧାନ, ଚିତ୍ତରଞ୍ଜନ ପରିଡା ପରିଚାଳନା କରିଥିଲେ। ବ୍ୟବସାୟୀ ପୁଷ୍ପରଞ୍ଜନ ସାହୁ ,ଅନୁଷ୍ଠାନ ସଭାପତି ମାନସ ଦାସ, ସମ୍ପାଦକ ସୁକାନ୍ତ ଗଜେନ୍ଦ୍ର, ଚନ୍ଦନ ମିଶ୍ର, ଏସ୍. କେ ସ୍ୱାଇଲ, ଅଜୟ କୁମାର ଚୌହାନ, ସେକ୍ ଗୁଲାମ ରସୁଲ, ରମାକାନ୍ତ ପଟ୍ଟନାୟକ, ନୃସିଂହ ଚରଣ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମଙ୍ଗଳବାର ବଜରଙ୍ଗୀ ସ୍ପୋର୍ଟିଂ କବ ଘାଟିକିଆ ଏବଂ ନୀଳମାଧବ କ୍ଲବ ଚନ୍ଦ୍ରଶେଖରପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

DADLS-75

## ଓଡ଼ିଶା : ବିକାଶର ନୂଆ ପରିଭାଷା

ଓଡ଼ିଶା ସରକାର



- ରାଜ୍ୟରେ କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମ ପାଇଁ ରାଜ୍ୟସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ପ୍ରସ୍ତୁତି । ଟିକାକରଣରେ ଅପାର ସଫଳତା ।
- ସମସ୍ତ ରାଜ୍ୟବାସୀଙ୍କୁ ସାମଗ୍ରିକ, ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ "ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା" ମିଶନ ।
- ଲୋକାଭିମୁଖୀ ଲୋକସେବା ପାଇଁ ୧୦ଟି ବିଭାଗରେ ୧୦୦ଟି ଅନ୍‌ଲାଇନ୍ ଜନସେବା ଆରମ୍ଭ । ସରକାରୀ କାର୍ଯ୍ୟାଳୟକୁ ନଯାଇ ଘରେ ବସି ଜନସାଧାରଣ ବିଭିନ୍ନ ସରକାରୀ ସେବା ପାଇବା ପାଇଁ ସୁଯୋଗ ।
- ସଂପ୍ରତି ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ଏକ ନମ୍ବର ରାଜ୍ୟ । କୋଭିଡ୍ ସମୟରେ ମଧ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ । ରପ୍ତାନି କ୍ଷେତ୍ରରେ ମଧ ୫୫ ପ୍ରତିଶତ ଅଭିବୃଦ୍ଧି ।
- ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଦେଶର ୧୦ଟି ରାଜ୍ୟ ଯେତିକି ଚାଉଳ ଯୋଗାଉଛନ୍ତି, ଆଜି ଆମ କଳାହାଣ୍ଡି ଜିଲ୍ଲା ଏକୁଟିଆ ସେତିକି ଚାଉଳ ଯୋଗାଇ ଦେଉଛି ।
- ମିଶନ ଶକ୍ତିରେ ସାମିଲ ରାଜ୍ୟର ୮୦ ଲକ୍ଷ ମହିଳା ଆଜି ବିଭିନ୍ନ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରୁଛନ୍ତି । ଆମେରିକା, ୟୁରୋପର ଡିପାର୍ଟମେଣ୍ଟାଲ ଷ୍ଟୋରରେ ଏଣିକି ବିକ୍ରି ହେବ ଓଡ଼ିଶା ସ୍ୱୟଂ ସହାୟକ ଗୋଷ୍ଠି ଉତ୍ପାଦିତ ସାମଗ୍ରୀ ।
- ପୁରୀକୁ ବିଶ୍ୱ ଐତିହ୍ୟ ନଗରୀରେ ପରିବର୍ତ୍ତିତ କରିବା ପାଇଁ 'ଶ୍ରୀଜଗନ୍ନାଥ ଐତିହ୍ୟ କରିଡର' ଓ 'ଅବଢ଼ା' ଯୋଜନା ।
- ୫'ଟି' କାର୍ଯ୍ୟକ୍ରମ ଅଧୀନରେ ଶ୍ରୀ ଲିଙ୍ଗରାଜ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ପାଇଁ ଏକାମ୍ର ଯୋଜନା । ଖୁବ୍ ଶୀଘ୍ର ସମ୍ବଲପୁରର ପ୍ରସିଦ୍ଧ ମା' ସମଲେଶ୍ୱରୀ ପୀଠର ବିକାଶ କାର୍ଯ୍ୟ ଆରମ୍ଭ ।
- ରାଜ୍ୟରେ ଅଧିକ ସଂଖ୍ୟକ ମେଡିକାଲ କଲେଜ ସ୍ଥାପନ ସହ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହେବ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ।
- ହକିର ଏନ୍ତୁଡ଼ିଶାଳ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାଠାରେ ନିର୍ମାଣ ହେବ ଦେଶର ସର୍ବବୃହତ୍ ହକି ଷ୍ଟାଡ଼ିୟମ୍ । ସୁନ୍ଦରଗଡ଼ ଜିଲ୍ଲାର ପ୍ରତି ବ୍ଲକ୍‌ରେ ଆଷ୍ଟ୍ରୋଟର୍ଫ୍ ହକି ଖେଳ ପଡ଼ିଆ ।
- କେନ୍ଦୁପତ୍ର ତୋଳାଳୀ ଓ ଏଥିରେ ନିୟୋଜିତ ଅନ୍ୟାନ୍ୟ କର୍ମଚାରୀଙ୍କ କଲ୍ୟାଣାର୍ଥେ ୯୨.୩୭ କୋଟି ଟଙ୍କାର ବୋନସ୍ ଓ ଅନ୍ୟାନ୍ୟ ସହାୟତା ଘୋଷଣା ।
- 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ଭାବେ ଘୋଷଣା । ସ୍କୁଲ ପାଠ୍ୟକ୍ରମରେ ସ୍ଥାନିତ ହେବ 'ବନ୍ଦେ ଉତ୍କଳ ଜନନୀ' ।
- ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷା ନିମନ୍ତେ ପରୀକ୍ଷା ଫି' ଛାଡ । ଉପକୃତ ହେବେ ୬ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ।





କରୋନା କଟକଣା ମାନି ଚଳୁଥିବା, ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ରଖୁଥିବା, ତେବେ ଆମେ ନିଜେ ସୁରକ୍ଷିତ ରହିବା ସହ ଆମ ରାଜ୍ୟ ତଥା ଦେଶକୁ କରୋନାମୁକ୍ତ ରଖିପାରିବା ।

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0120/2021

**ଲଙ୍କାଗୁଣ୍ଡ ପକାଇ ଲୁଟ୍ ଘଟଣା, ୨ ଜେଲ ଗଲେ**

ଗୋପ, (ଡି.ଏନ୍.ଏ.): ଗୋପ ବ୍ଲକ ଛକ ନିକଟରେ ରବିବାର ଜଣେ ମହିଳାଙ୍କଠାରୁ ଲଙ୍କାଗୁଣ୍ଡ ପକାଇ ଲୁଟ ଘଟଣାରେ ଧରାପଡ଼ିଥିବା ୨ ଅଭିଯୁକ୍ତଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋପ ଥାନା ଅଧୀନ ଗଡସିଠା ଗ୍ରାମର ରବି ଦାସ ଓ ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲ ମହଲା ଗ୍ରାମର ଶେଖ ନାର୍ସି। କୋର୍ଟ ୨ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ କରି ଜେଲ ହାଜତକୁ ପଠାଇ ଦେଇଥିବା ତଦନ୍ତକାରୀ ଅଧିକାରୀ ଗଙ୍ଗାଧର ନାୟକ କହିଛନ୍ତି। ରବିବାର ନିମାପଡ଼ା ଅଞ୍ଚଳର ଜଣେ ମହିଳା ତାଙ୍କ ଭାଇ ସହ କୋଣାର୍କରୁ ଫେରୁଥିଲେ। ଏହି ୨ ଅଭିଯୁକ୍ତ ସେମାନଙ୍କ ପିଛା କରି ଗୋପ ବ୍ଲକ ଛକରେ ଲଙ୍କାଗୁଣ୍ଡ ପକାଇ ସୁନା ଅଳଙ୍କାର ଲୁଟ ଉଦ୍ୟମ କରିଥିଲେ।

## ସଂକ୍ଷେପରେ

### ୱେବ୍ ପୋର୍ଟାଲ 'ଦୁର୍ନୀତି ଲାଇଭ୍' ମାଲିକ ଗିରଫ

**ଭୁବନେଶ୍ୱର,୨୫।୧(ବ୍ୟୁରୋ):** ୱେବ୍ ପୋର୍ଟାଲ ମାଲିକ ଫୋନ୍ କରି ବ୍ଲାକ୍ ମେଲିଂ କରିବା ସହ ଟଙ୍କା ମାଗୁଥିଲେ। ଟଙ୍କା ନ ମିଳିଲେ ତାଙ୍କ ବିରୋଧରେ ଖରାପ ଖବର ପରିବେଷଣ କରି ବଦନାମ କରୁଥିଲେ। ବିଲ୍ଡର, ରାଜନେତା ଓ ବସ୍ ମାଲିକଙ୍କୁ ଟାର୍ଗେଟ କରୁଥିଲେ। ଏଭଳି ଅଭିଯୋଗକ୍ରମେ ଖଣ୍ଡଗିରି ଥାନା ପୋଲିସ ସୋମବାର ୱେବ୍ ପୋର୍ଟାଲ 'ଦୁର୍ନୀତି ଲାଇଭ୍'ର ମାଲିକଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ହରିପୁରର ସୌମ୍ୟରଞ୍ଜନ ସାମନ୍ତରାୟ। ସୌମ୍ୟରଞ୍ଜନ ପୁରୀ ତାଳବଣିଆ ଅଞ୍ଚଳରେ ଥିବା ଏକ ଆଶ୍ରମରେ ଆତ୍ମଗୋପନ କରିଥିବାବେଳେ ଖଣ୍ଡଗିରି ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ତାଙ୍କ ନାମରେ ରାଜ୍ୟର ୫ରୁ ଊର୍ଦ୍ଧ୍ୱ ଥାନାରେ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ସେ ଖୋର୍ଦ୍ଧା ଜିଲାର ୩ଜଣ ସାମ୍ବାଦିକଙ୍କୁ ଠକିଥିବାବେଳେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ୱେବ୍ ପୋର୍ଟାଲ କରାଇଦେବାକୁ କହି ୨.୫ ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ବରମୁଣ୍ଡାର ଜଣେ ବସ୍ ମାଲିକଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ତାଙ୍କୁ ଗିରଫ କରିଛି। ପରେ ସୌମ୍ୟରଞ୍ଜନଙ୍କ ଏସବୁ କେଳେଙ୍କାରୀ ସାମ୍ନାକୁ ଆସିଛି। ତାଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି।

### ବ୍ରାଉନସୁଗାର ଜବତ, ବେପାରୀ ଗିରଫ

**ନିମାପଡ଼ା,୨୫।୧(ଡି.ଏନ୍.ଏ.):** ନିମାପଡ଼ା ଥାନା ଓ ଚାରିଛକ ଫାଣ୍ଡି ପୋଲିସ ସୋମବାର ସକାଳେ ତୁଳସୀପୁର ଛକଠାରେ ଅଚାନକ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ଏହି ଫାଣ୍ଡି ଅନ୍ତର୍ଗତ ଆମ୍ଭୋରୋ ବେଲସାହି ଗ୍ରାମର ପବିତ୍ର ସ୍ୱାଇଁ। କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ଜେଲକୁ ପଠାଇ ଦେଇଛନ୍ତି। ପୋଲିସ ତାଙ୍କଠାରୁ ୬ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୭୦ହଜାର ଟଙ୍କା ହେବ। ଏ ନେଇ ପୋଲିସ ଏକ ମାମଲା( ନଂ. ୩୮/୨୧) ରୁଜୁ କରି ଘଟଣା ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ତୁଳସୀପୁର ଛକରେ ବ୍ରାଉନସୁଗାର କାରବାର ଚାଲୁଥିବା ନେଇ ଏକ ବିଶେଷ ସୂତ୍ରରୁ ପୋଲିସ ଖବର ପାଇଥିଲା। ପରେ ଥାନା ଆଇଆଇସି ଜନାର୍ଦ୍ଦନ ପାଢ଼ୀ, ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସେଠୀଙ୍କ ସମେତ ଏକ ଟିମ ସୋମବାର ଚଢ଼ାଉ କରି ପବିତ୍ରଙ୍କୁ ଧରିଥିଲେ।

### ଛାତ୍ରୀଙ୍କୁ ଦୁର୍ବ୍ୟବହାର, ଯୁବକ ଗିରଫ

**ନିମାପଡ଼ା,୨୫।୧(ଡି.ଏନ୍.ଏ.):** ନିମାପଡ଼ା ଏନ୍ଏସି ଅନ୍ତର୍ଗତ ମହାବୀର କଲୋନୀର ଜଣେ କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ନିମାପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବିଷ୍ଣୁପୁର ଗ୍ରାମର ସରୋଜ ଭୋଇ। କୋର୍ଟ ତାଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ଜେଲ ହାଜତକୁ ପଠାଇ ଦେଇଛନ୍ତି। ଛାତ୍ରୀ ଜଣକ ରବିବାର ରାତିରେ ସ୍ଥାନୀୟ ବଜାରରୁ ଘରକୁ ଫେରୁଥିଲେ। ଏହି ସମୟରେ ରାସ୍ତାରେ ଏକୁଟିଆ ଦେଖି ସରୋଜ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଛାତ୍ରୀ ଘରକୁ ଯାଇ ପରିବାରଲୋକଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ଏପରିକି ପୂର୍ବରୁ ମଧ ସରୋଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗପର୍ଦ୍ଦରେ ଦର୍ଶାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୩୭/୨୧) ରୁଜୁ କରିଛି।

# ତରବରିଆ ପରୀକ୍ଷାକୁ ନେଇ ଚିନ୍ତା

**ଏସ୍‌ସିଏସ୍ ମହାବିଦ୍ୟାଳୟ**

- ଦିନକରେ ହେବ ୫ ପେପର ଇଣ୍ଟରନାଲ ପରୀକ୍ଷା
- ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

**ପୁରୀ ଅଫିସ,୨୫।୧**

ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଶେଷବର୍ଷ ଛାତ୍ରୀଛାତ୍ରଙ୍କ ଇଣ୍ଟରନାଲ ପରୀକ୍ଷା ଫେବୃୟାରୀ ୧୦ରୁ ଆରମ୍ଭ ହେବ। ତେବେ କରୋନା ଯୋଗୁ ଶିକ୍ଷାବର୍ଷ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଏଥର ସମସ୍ତ ବିଷୟର ପରୀକ୍ଷାକୁ ଏକକାଳୀନ ଭାବେ ୨ଘଣ୍ଟାରେ ସାରିବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏକକାଳୀନ ସବୁ ବିଷୟରେ ପରୀକ୍ଷା ଦେବାକୁ ନେଇ ସେମାନେ ଚିନ୍ତାରେ ପଡ଼ିଛନ୍ତି। କଲେଜ ଖୋଲିବାର ଅଳ୍ପ କେଇଦିନ ଭିତରେ ପରୀକ୍ଷା ହେବାକୁ ଯାଉଛି। ତେଣୁ ଅତିକମ୍‌ରେ ପିଲାଙ୍କୁ ଗୋଟିଏ ଦିନରେ ଗୋଟିଏ କିମ୍ବା ଦୁଇଟି ପରୀକ୍ଷା ଦେବାକୁ ଅନୁମତି ମିଳିବା ସପକ୍ଷରେ ଛାତ୍ରୀଛାତ୍ର ଯୁକ୍ତି ବାଢ଼ିଛନ୍ତି।

ସ୍ୱାଭାବିକ ଶିକ୍ଷାବର୍ଷରେ ୨୦ ମାର୍କର ଇଣ୍ଟରନାଲ୍ ପରୀକ୍ଷା ପାଇଁ ୧ ଘଣ୍ଟା ମିଳେ। ଅର୍ଥାତ୍ ୪ଟି ବିଷୟ ପାଇଁ ଭିନ୍ନ ଭିନ୍ନ ଦିନରେ ପିଲାଙ୍କୁ ୪ ଘଣ୍ଟା ସମୟ ମିଳିଥାଏ। ବର୍ତ୍ତମାନ କିନ୍ତୁ ତରବରିଆ ସ୍ଥିତିରେ ପରୀକ୍ଷା କରିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ପିଲାଙ୍କ ଚିନ୍ତା ବଢ଼ାଇଛି। ମାନସିକ ସ୍ତରରେ ଗୋଟିଏ ଦିନରେ ଛାତ୍ରୀଛାତ୍ରମାନେ କିଭଳି ଭାବେ ୪ଟି ବିଷୟର ପରୀକ୍ଷା ଦେବେ ତାହା ବଡ଼ ପ୍ରଶ୍ନ ହୋଇଛି। ଛାତ୍ରୀଛାତ୍ରମାନେ ଏହି ସମସ୍ୟା ନେଇ ବିଭାଗୀୟ ମୁଖ୍ୟମାନଙ୍କୁ ଭେଟିଥିଲେ ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ବିଏଡ୍ ଶେଷ ବର୍ଷର ଛାତ୍ରୀ ଶ୍ୱେତା ସ୍ୱାଇଁ କହିଛନ୍ତି, କରୋନା ମହାମାରୀ ଯୋଗୁ ପଠାପଢ଼ା ବିଳମ୍ବରେ ଆରମ୍ଭ ହୋଇଛି। ଅନଲାଇନ୍ କ୍ଲାସ ଯୋଗେ ସବୁ ପିଲା ପଢ଼ିବାର ସୁଯୋଗ ପାଇନାହାନ୍ତି। ସେହିପରି ଅନ୍‌ଲାଇନ୍ କ୍ଲାସ ହେଲାବେଳେ ୟୁନିଟ୍ ୧ର ପାଠପଢ଼ା ହେଉଥିଲା। ମାତ୍ର ଇଣ୍ଟରନାଲ୍‌ରେ ୟୁନିଟ୍ ୨ର ପାଠ୍ୟକ୍ରମ ରହିଛି। କଲେଜ ଖୋଲିବା ପରେ ତରବରିଆ ଭାବେ ୟୁନିଟ୍ ୨ ଶେଷ କରିବାକୁ ପ୍ରୟାସ ଚାଲିଛି। ତରବରିଆ ଭାବେ ପଢ଼ାଯିବା ଏକ ସମସ୍ୟା ନୁହେଁ। କାରଣ ଶିକ୍ଷାବର୍ଷ ସଙ୍କୁଚିତ ହେବା ପରେ ପାଠପଢ଼ା ତରବରିଆ ଭାବେ ହେବା ସ୍ୱାଭାବିକ କଥା। ମାତ୍ର ଗୋଟିଏ ଦିନରେ ସମସ୍ତ ପେପର ପରୀକ୍ଷା ଦେବା ଆଦୌ ସହଜ ନୁହେଁ। ଉଲ୍ଲେଖଯୋଗ୍ୟ, ବିଏଡ୍ ଛାତ୍ରୀଛାତ୍ର ଗୋଟିଏ ଦିନରେ ୫ଟି ପେପରର ପରୀକ୍ଷା ଦେବେ। ଏଥିପାଇଁ ସେମାନଙ୍କୁ ଅଢ଼େଇ ଘଣ୍ଟାର ସମୟ ମିଳିବ। ସେହିପରି ପିଜି ପିଲା ମଧ୍ୟ ୫ଟି ପେପରର ପରୀକ୍ଷା ଦେବେ। ପ୍ରତି ପେପର ପରୀକ୍ଷା ୩୦ ମାର୍କର ହେବ। ମାତ୍ର ସମୟ ସୀମା ୨୦ ମାର୍କ ପେପର ଭଳି ଅଧଘଣ୍ଟା ହିଁ ମିଳିବ। ଅନ୍ୟପକ୍ଷରେ ଅଧ୍ୟକ୍ଷା ସୁଜାତା ମିଶ୍ର କହିଛନ୍ତି, ମାର୍ଚ୍ଚରେ ସେମିଷ୍ଟର ପରୀକ୍ଷା କରାଯିବାର ଅଛି। ତେଣୁ ଇଣ୍ଟରନାଲ୍ ପରୀକ୍ଷାକୁ ଅଧିକ ସମୟ ଦେବା ସମ୍ଭବ ନୁହେଁ। ଗୋଟିଏ ଦିନରେ ପରୀକ୍ଷା ଶେଷ କରି ଶିକ୍ଷାବର୍ଷର ପାଠ୍ୟକ୍ରମ ଉପରେ ଧ୍ୟାନ ଦେବାକୁ ଚାହୁଁଛୁ। ଯାହାଦ୍ୱାରା ଧାର୍ଯ୍ୟ ସମୟରେ ପରୀକ୍ଷା ଶେଷ କରିହେବ। ସେହିଭଳି ପିଲାଙ୍କୁ ଦିଆଯାଇଥିବା ସମୟ ଆଦୌ କମ୍ ନୁହେଁ। ପ୍ରଶ୍ନକୁ ସଂକ୍ଷିପ୍ତ ଉତ୍ତର ବିଶିଷ୍ଟ କରାଯାଇଛି। ଯାହାଫଳରେ ଗୋଟିଏ ପେପରକୁ ଅଧଘଣ୍ଟାରେ ସାରିବା ସମ୍ଭବ ହୋଇପାରିବ।





ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ସୋମବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା।

## ୨୦ ପୋଲିସଙ୍କୁ ମିଳିବ ରାଜ୍ୟପାଳ ପଦକ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ସାଧାରଣତନ୍ତ୍ର ଦିବସ ଅବସରରେ ସୋମବାର ରାଜ୍ୟ ଗୃହ ବିଭାଗ ପକ୍ଷରୁ ୨୦୨୦ ବର୍ଷ ପାଇଁ ରାଜ୍ୟପାଳ ପଦକ ଘୋଷଣା କରାଯାଇଛି। ରାଜ୍ୟ ପୋଲିସ ବିଭାଗର ୭ଟି ବର୍ଗର ୨୦ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ପଦକ ପ୍ରଦାନ କରାଯିବାକୁ ଘୋଷଣା ହୋଇଛି। ସେମାନେ ହେଲେ ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜ, ଏସ୍ଆଇଡବ୍ଲ୍ୟୁ ଡିଆଇଜି ଅନିରୁଦ୍ଧ କୁମାର ସିଂ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ, କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର, ଭିଜିଲାନ୍ସ ନିର୍ଦ୍ଦେଶାଳୟର ଅତିରିକ୍ତ ଏସ୍‌ପି ଅଶ୍ୱିନୀ କୁମାର ପଟ୍ଟନାୟକ, ଭିଜିଲାନ୍ସ ସମ୍ବଲପୁର ଡିଭିଜନର ଇନ୍ସପେକ୍ଟର ସଦାନନ୍ଦ ପାଣି, ଭିଜିଲାନ୍ସ କଟକ ଡିଭିଜନର ଏଏସ୍ଆଇ ଭାରତ ଭୂଷଣ ପଟ୍ଟନାୟକ, ଅନୁଗୋଳ ଏସ୍‌ଡିପିଓ(ଇନ୍‌ଚାର୍ଜ) ଅଶ୍ୱିନୀ କୁମାର ସାହୁ, ଏସ୍ଆଇଡବ୍ଲ୍ୟୁ ଇନ୍ସପେକ୍ଟର ସନ୍ତୋଷ କୁମାର ସାହୁ। ସେହିପରି ଝାରସୁଗୁଡ଼ା ବାଟାଲିଅନ-୨ର ସୁବେଦାର ଦିଲ୍ ବାହାଦୁର ଛେତ୍ରି, ରାଉରକେଲା ବାଟାଲିଅନ-୪ର ଡେପୁଟି ସୁବେଦାର ତୀର୍ଥରାଜ ସାହୁ, କଟକର ଡ୍ରିଲ୍ ସବ୍‌ଇନ୍ସପେକ୍ଟର ଏମ୍.ଡି. ସବିର୍, ନୂଆପଡ଼ା ଏସ୍ଆଇ ବିନୋଦ ବିହାରୀ ସେଠୀ, ମାଲକାନଗିରି ହାବିଲଦାର ପବିତ୍ର ମୋହନ ନାୟକ, ହାବିଲଦାର ଶିବଶଙ୍କର ନାୟକ, ଏସ୍‌ଟିଏଫ୍ ସିପାହୀ ପୀତବାସ ମିଶ୍ର, ଏସ୍ଆଇଡବ୍ଲ୍ୟୁ କନ୍‌ଷ୍ଟେବଳ ମନ୍ମଥନାଥ ବରଦା, କନ୍‌ଷ୍ଟେବଳ ସୁନୀଲ ତ୍ରିପାଠୀ, ମାଲକାନଗିରି କନ୍‌ଷ୍ଟେବଳ ଦୁକା ଦେବୀ କୁମାର, ଭିଜିଲାନ୍ସ ନିର୍ଦ୍ଦେଶାଳୟର କନ୍‌ଷ୍ଟେବଳ ମଞ୍ଜୁଲତା ମିଶ୍ର ରାଜ୍ୟପାଳ ପଦକପାଇବାକୁମନୋନୀତହୋଇଛନ୍ତି।

## ମତଦାତା ଦିବସରେ ନୂଆ ଭୋଟର ସମ୍ବର୍ଦ୍ଧିତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ପୁରୀ ଅଫିସ,୨୫।୧**

ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ସୋମବାର ପୁରୀ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ମତଦାନ କରି ନିଜ ଅଧିକାର ସାବ୍ୟସ୍ତ କରିବା ପ୍ରତ୍ୟେକ ଭୋଟରଙ୍କ ଅଧିକାର। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନମତ ହିଁ ସର୍ବଶ୍ରେଷ୍ଠ। ଏଣୁ ଦେଶରେ ଶତ ପ୍ରତିଶତ ମତଦାନ ହିଁ ମତଦାତାଙ୍କ ଜାଗ୍ରତ ମନୋଭାବକୁ ସ୍ପଷ୍ଟ କରିବ। ଏହି ଅବସରରେ ନୂତନ ଭୋଟରମାନଙ୍କୁ ଶପଥ ପାଠ କରାଯିବା ସହ ସେମାନଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ଭୋଟର ପରିଚୟପତ୍ର ନେଇ ନାମ ପଞ୍ଜୀକରଣ ଦାୟିତ୍ୱରେ ଥିବା ବିଏଲ୍‌ଓମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି। ଭୋଟର ତାଲିକା ସଂଶୋଧନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉପଜିଲାପାଳ ଭବତାରଣ ସାହୁଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳଙ୍କ ସମେତ ଡେପୁଟି କଲେକ୍ଟର ସୁମନ୍ତ କୁମାର କର, ତହସିଲଦାର ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଖବରଦାତା ସମାଜର ଜାଗ୍ରତ ପ୍ରହରୀ

**କୋଣାର୍କ,୨୫।୧(ଡି.ଏନ୍.ଏ.)**

କୋଣାର୍କର ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ଉତ୍କଳ ସାମ୍ବାଦିକ ସଂଘର ୭୬ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ସଂଘର ସଭାପତି ବିଭୂତିଭୂଷଣ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ରାଜ୍ୟ ସୂଚନା କମିଶନର ଦିଲୀପ ବିଶୋୟୀ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ସଂଘର କାର୍ଯ୍ୟକାରୀ ସଭାପତି ହାରାଧନା ବାନାର୍ଜୀ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସାଧୀନ ନାୟକ, କର୍ମଜୀବୀ ସାମ୍ବାଦିକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ପୀତବାସ ମିଶ୍ର ପ୍ରମୁଖ ଯୋଗଦେଇ ଖବରଦାତାମାନେ ସମାଜର ଜାଗ୍ରତ ପ୍ରହରୀ ସଦୃଶ। ସମାଜର ବିକାଶ ଦିଗରେ ସେମାନେ ନିରବଚ୍ଛିନ୍ନ କାର୍ଯ୍ୟ କରି ବହୁବିଧ ଉନ୍ନତି ଆଣିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂଘର ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିବା ସହ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ୨ଲକ୍ଷରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଆଦି ଦାବିଗୁଡିକ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ କହିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୟ ପତି, ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ବିଶ୍ୱଜିତ ପଟ୍ଟନାୟକ, ଦୁଃଶାସନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ୟାମସୁନ୍ଦର ତିଆଡ଼ିଙ୍କ ପରଲୋକ

**ପୁରୀ ଅଫିସ,୨୫।୧**

କୋଠଭୋଗ ବଡୁସୁଆର ନିଯୋଗର ପୂର୍ବତନ ସଭାପତି ଶ୍ୟାମସୁନ୍ଦର ତିଆଡ଼ିଙ୍କର ସୋମବାର ପରଲୋକ ଘଟିଛି। ସକାଳ ୬ଟା ୪୫ ମିନିଟ୍‌ରେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପୁରୀ ସହରସ୍ଥ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।


ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପୁରୀର ସୂର୍ଯ୍ୟକାନ୍ତ ଦାସ ଖବରକାଗଜରେ ତିଆରି କରିଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିକୃତି।

## ସହର ଖବର

### ପରେଡ ଅଭିବାଦନ ଗ୍ରହଣ କରିବେ ମନ୍ତ୍ରୀ ବିକ୍ରମ ଆରୁଖ

**ପୁରୀ ଅଫିସ,୨୫।୧:** ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାର ୭୨ତମ ପୁରୀ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ ହେବ। ସକାଳ ୫ଟାରେ ରାମଧୂନ, ୮ଟା ୩୦ରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ପରେଡ୍ ଅଭିବାଦନ ଗ୍ରହଣ କରିବେ। ଏହାପରେ ଉତ୍କଳ ବାଳାଶ୍ରମରେ ମିଷ୍ଟାନ୍ନ ଓ ପୁରସ୍କାର ବଣ୍ଟନ କରାଯିବ। ୯ଟା ୪୫ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯିବ। ପରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଆୟୋଜନ ହେବ।

### 'ଗଣତନ୍ତ୍ରରେ ଭୋଟ ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ'

**ପୁରୀ ଅଫିସ,୨୫।୧:** ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସୋମବାର ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍ନାତକୋତ୍ତର ବିଭାଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାଗୁଡ଼ିକୁ ସାହିତ୍ୟ ବିଭାଗ ମୁଖ୍ୟ ବସନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ। ଆୟୋଜିତ ସଭାରେ ଜାତୀୟ ସେବା ଯୋଜନା ଅଧିକାରୀ ଦେବାଶିଷ ତ୍ରିପାଠୀ ଯୋଗଦେଇ କହିଥିଲେ, ଗଣତନ୍ତ୍ରରେ ଭୋଟ ସବୁଠୁ ଅଧିକ ଗୁରୁତ୍ୱ ବହନ କରେ। ଜନପ୍ରତିନିଧିମାନେ ଭୋଟରଙ୍କ ଆସ୍ଥାଭାଜନ ହୋଇ ସରକାରକୁ ଆସନ୍ତି। ତେଣୁ ଭୋଟଦାନ ନେଇ ଉତ୍ସାହ ରହିବା ଆବଶ୍ୟକ। ସ୍ନାତକୋତ୍ତର ବିଭାଗ ଅଧ୍ୟକ୍ଷ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଅଜୟ କୁମାର ବିଶ୍ୱାଳ, ଲକ୍ଷ୍ମୀଧର ପଣ୍ଡା, ଶ୍ରଦ୍ଧାଞ୍ଜଳି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷାବିତ୍ ଯୋଗୀନାଥ ମହାନ୍ତିଙ୍କ ସ୍ମୃତିସଭା

**ପୁରୀ ଅଫିସ,୨୫।୧:** ପୁରୀ ଜିଲା ସ୍କୁଲ ପରିସରରେ ସୋମବାର ପ୍ରାକ୍ତନ ଶିକ୍ଷକ ଯୋଗୀନାଥ ମହାନ୍ତିଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ସଂସଦ ସଭାପତି ରାଜକିଶୋର ପାତ୍ର ସଭାପତିତ୍ୱ କରିଥିଲେ। ପୂର୍ବତନ ଛାତ୍ର ସୁରେନ୍ଦ୍ର କୁମାର ଜେନା କହିଥିଲେ, ଯୋଗୀନାଥ ଜଣେ ନିଷ୍ଠାପର ଓ କର୍ମଜୀବୀ ମଣିଷ ଭାବେ ପରିଚିତ ଥିଲେ। ତାଙ୍କଠାରୁ ଶିକ୍ଷା ଗ୍ରହଣ କରି ଅନେକ ଛାତ୍ରୀଛାତ୍ର ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ତାଙ୍କ ବିୟୋଗ ଶିକ୍ଷା ଜଗତକୁ ଏକ ଶକ୍ତ ଧକ୍କା। ଛାତ୍ରୀଛାତ୍ରଙ୍କ ହୃଦୟରେ ସେ ସର୍ବଦା ଜୀବିତ ରହିବେ ବୋଲି ଜେନା ପ୍ରକାଶ କରିଥିଲେ। ଏହି ସଭାରେ ଦେବାଶିଷ ରଥ, ଦିବାକର ହାତୀ, ଗଦାଧର ସାହୁ ଓ ବିଶ୍ୱଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଆଇସ୍‌କ୍ରିମ୍ କାଠିରେ ପୁରୀର ବିଶ୍ୱଜିତ ନାୟକ ନିର୍ମାଣ କରିଥିବା କଳାକୃତି।

## ପୁରୀ ଏସ୍‌ପିଙ୍କ ନାଁରେ ଫେକ୍ ଫେସବୁକ୍ ଆକାଉଣ୍ଟ

**ପୁରୀ ଅଫିସ,୨୫।୧**

ପୁରୀ ଏସ୍‌ପି କନୱର ବିଶାଲ ସିଂଙ୍କ ନାମରେ ଏକ ଫେକ୍ ଫେସବୁକ୍ ଆକାଉଣ୍ଟ ଦେଖିବାକୁ ମିଳିଛି। ଫେସବୁକ ଆକାଉଣ୍ଟ ମାଧ୍ୟମରେ କୌଣସି ପ୍ରକାର ଠକେଇ ନେଇ ଏଯାବତ୍ ଅଭିଯୋଗ ନ ଥିଲେ ମଧ୍ୟ ପୋଲିସ ପ୍ରଶାସନ ଏହି ଆକାଉଣ୍ଟ ଖୋଲିଥିବା ବ୍ୟକ୍ତିଙ୍କୁ ଖୋଜାଖୋଜି ଆରମ୍ଭ କରିଛି। ଆକାଉଣ୍ଟ ଡିପିରେ ରହିଥିବା ଫଟୋରେ ଏସ୍‌ପି କନୱର ବିଶାଲ ସିଂ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂଙ୍କ ସହ ଦେଖିବାକୁ ମିଳୁଛନ୍ତି। ତେବେ ଏହି ଫେକ୍ ଆକାଉଣ୍ଟର ଅପବ୍ୟବହାର କରି ଠକେଇ ପାଇଁ ଉଦ୍ୟମ ହେଉଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଏଥିଯୋଗୁ ସତର୍କ ରହିବା ପାଇଁ ଜନସାଧାରଣଙ୍କୁ ଏସ୍‌ପି ସିଂ ପରାମର୍ଶ ଦେଇଛନ୍ତି।


ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସୋମବାର ମାର୍କଣ୍ଡେୟ ସ୍ମୃତି ସଂସଦ ପକ୍ଷରୁ ଏ. ମହେଶ୍ୱର ରାଓ ଏବଂ ଗୁରୁ ନିମକାନ୍ତ ରାଉତରାୟଙ୍କୁ ସମ୍ମାନିତ କରାଯାଉଛି।


ଶ୍ରୀମନ୍ଦିର ହେରିଟେଜ୍ କରିଡର ପାଇଁ ପୁରୀ ଲକ୍ଷ୍ମୀବଜାରରୁ ଉଚ୍ଛେଦ ହୋଇଥିବା ବ୍ୟବସାୟୀମାନେ ଥଇଥାନ ଦାବିରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।



ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପୁରୀ ଶ୍ରୀକ୍ଷେତ୍ର କଲୋନୀରେ ଶିଳ୍ପୀ ଶ୍ରୀଧର ଦାସଙ୍କ ସ୍ୟାଣ୍ଡ ଆନିମେଶନ।